# ଧରିତ୍ରୀ
DHARITRI

ସମ୍ବଲପୁର, ଶୁକ୍ରବାର, ମେ ୩୧/୨୦୧୯ (୧୬ ପୃଷ୍ଠା) Sambalpur, Friday, May 31/ 2019 ★★

୧୫ଶ ଭାଗ ୧୬୩ ସଂଖ୍ୟା www.orissakhabar.com/www.dharitri.com | Printed at Bhubaneswar, Sambalpur, Angul and Rayagada ମୂଲ୍ୟ ₹ ୫/-




**‘ଭାରତ’ ପାଇଁ ବ୍ୟସ୍ତ କ୍ୟାଟ୍ରିନା**

ବଲିଉଡ୍ ନାୟିକା କ୍ୟାଟ୍ରିନା କୈଫ୍ ତାଙ୍କର ଅପ୍‌କମିଙ୍ଗ୍ ଫିଲ୍ମ ‘ଭାରତ’ ପାଇଁ ଏବେ ଖୁବ୍ ବ୍ୟସ୍ତ ରହୁଛନ୍ତି।

୦୫ ୧୫

**ଇମ୍ରାନ ତାହିରଙ୍କ ରେକର୍ଡ**

ବିଶ୍ୱକପ୍ ଇତିହାସରେ ପ୍ରଥମ ଓଭରରେ ବୋଲିଂ କରିବାରେ ଦକ୍ଷିଣ ଆଫ୍ରିକାର ଇମ୍ରାନ ତାହିର ପ୍ରଥମ ସ୍ପିନର।



# ଦ୍ୱିତୀୟ ଥର ମୋଦି ସରକାର

## ଶପଥ ନେଲେ ୨୪ କ୍ୟାବିନେଟ, ୯ ସ୍ୱାଧୀନ, ୨୪ ରାଷ୍ଟ୍ରମନ୍ତ୍ରୀ

**ନୂଆଦିଲ୍ଲୀ,୩୦।୫**

ଭାଜପା ନେତୃତ୍ୱାଧୀନ ଜାତୀୟ ଗଣତାନ୍ତ୍ରିକ ମେଣ୍ଟ (ଏନ୍‌ଡିଏ)ର ବିପୁଳ ବିଜୟ ପରେ ଗୁରୁବାର ମୋଦି ସରକାରଙ୍କ ମନ୍ତ୍ରିମଣ୍ଡଳର ଶପଥଗ୍ରହଣ ଉତ୍ସବ ରାଷ୍ଟ୍ରପତି ଭବନ ପରିସରରେ ଅନୁଷ୍ଠିତ ହୋଇଛି। ଏହାସହ ବିଧିବଦ୍ଧ ଭାବେ କେନ୍ଦ୍ରରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଦ୍ୱିତୀୟ ପାଳି ଆରମ୍ଭ କରିଛନ୍ତି। ରାଷ୍ଟ୍ରପତି ରାମନାଥ କୋବିନ୍ଦ ମୋଦିଙ୍କ ସମେତ ୫୭ ମନ୍ତ୍ରୀଙ୍କୁ ପଦ ଓ ଗୋପନୀୟତାର ଶପଥପାଠ କରାଇଛନ୍ତି। ସେମାନଙ୍କ ମଧ୍ୟରେ ୨୪ କ୍ୟାବିନେଟ, ୯ ରାଷ୍ଟ୍ରମନ୍ତ୍ରୀ (ସ୍ୱାଧୀନ) ଓ ୨୪ ରାଷ୍ଟ୍ରମନ୍ତ୍ରୀ ଅଛନ୍ତି। କ୍ୟାବିନେଟରେ ୧୧ ନୂଆମୁହଁ ସ୍ଥାନ ପାଇଥିବାବେଳେ ସୁଷମା ସ୍ୱରାଜ, ଅରୁଣ ଜେଟ୍‌ଲୀ ଏବଂ ଜେ.ପି. ନଡ୍ଡା ସାମିଲ ହୋଇନାହାନ୍ତି। ଜୟନ୍ତ ସିହ୍ନା, ରାଜ୍ୟବର୍ଦ୍ଧନ ସିଂ ରାଠୋଡ, ରାଧାମୋହନ ସିଂ, ମାନେକା ଗାନ୍ଧୀ ଏବଂ ସୁରେଶ ପ୍ରଭୁଙ୍କ ଭଳି ଅନେକ ପୁରୁଖା ନେତାଙ୍କୁ ବାଦ୍ ଦିଆଯାଇଛି। ଏନ୍‌ଡିଏର ସହଯୋଗୀ ଦଳଗୁଡ଼ିକ ଭାଗରେ ଗୋଟିଏ ଲେଖାଏ ମନ୍ତ୍ରୀ ପଦ ପଡ଼ିଥିବାବେଳେ ବିହାର ମୁଖ୍ୟମନ୍ତ୍ରୀ ନୀତୀଶ କୁମାର ଏହାକୁ ନେଇ ଅସନ୍ତୋଷ ବ୍ୟକ୍ତ କରିଛନ୍ତି। ଏହାସହ ତାଙ୍କ ନେତୃତ୍ୱାଧୀନ ସଂଯୁକ୍ତ ଜନତା ଦଳ (ଜେଡିୟୁ) ମନ୍ତ୍ରିମଣ୍ଡଳରେ ସାମିଲ ହୋଇନାହିଁ।



ରାଷ୍ଟ୍ରପତି ଭବନ ପରିସରରେ ଗୁରୁବାର ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କୁ ଶପଥ ପାଠ କରାଉଛନ୍ତି ରାଷ୍ଟ୍ରପତି ରାମନାଥ କୋବିନ୍ଦ।

ମୋଦି କ୍ୟାବିନେଟରେ କିଏ ସ୍ଥାନ ପାଇବେ ଓ କିଏ ବାଦ୍ ପଡ଼ିବେ ତାକୁ ନେଇ ଦୁଇଦିନ ଧରି ନାନା କଳ୍ପନାଜଳ୍ପନା ପ୍ରକାଶ ପାଇଥିଲା। କିଏ ପ୍ରଧାନମନ୍ତ୍ରୀଙ୍କ କାର୍ଯ୍ୟାଳୟ (ପିଏମ୍‌ଓ)ର ଡାକରାକୁ ଅପେକ୍ଷା କରିଥିଲେ ତ ପୁଣି କିଏ ଭାଜପା ରାଷ୍ଟ୍ରୀୟ ଅଧ୍ୟକ୍ଷ ଅମିତ୍ ଶାହଙ୍କ ଫୋନ୍ କଲ୍‌କୁ ଅନେଇ ବସିଥିଲେ। ସମ୍ଭାବ୍ୟ ମନ୍ତ୍ରୀଙ୍କ ମଧ୍ୟରେ ଉତ୍ସୁକତା ଲାଗିରହିଥିବାବେଳେ ସନ୍ଧ୍ୟା ୫ଟାରେ ମନ୍ତ୍ରିମଣ୍ଡଳରେ ସ୍ଥାନ ପାଇବାକୁ ଥିବା ନେତାଙ୍କ ଭିଡ଼ ଲାଗିଥିଲା। ଟି ପାର୍ଟି ପରେ ରାଷ୍ଟ୍ରପତି ଭବନକୁ ଜଣ ଜଣ କରି ମନ୍ତ୍ରିମଣ୍ଡଳର ସମ୍ଭାବ୍ୟ ସଦସ୍ୟମାନେ ପହଞ୍ଚିବାରେ ଲାଗିଲେ। କଡ଼ା ସୁରକ୍ଷା ବନ୍ଦୋବସ୍ତ ମଧ୍ୟରେ ୮,୦୦୦ରୁ ଊର୍ଦ୍ଧ୍ୱ ଭିଆଇପି ଅତିଥି ଶପଥଗ୍ରହଣ ଉତ୍ସବରେ ଉପସ୍ଥିତ ଥିଲେ। ସେମାନଙ୍କ ମଧ୍ୟରେ ବାଂଲାଦେଶ, ମ୍ୟାନ୍‌ମାର, ଶ୍ରୀଲଙ୍କା, ଥାଇଲାଣ୍ଡ, ନେପାଳ, ଭୁଟାନ, ଆମେରିକା, ଅଷ୍ଟ୍ରେଲିଆ, ଜର୍ମାନୀ ଓ ବ୍ରିଟେନର ରାଷ୍ଟ୍ରମୁଖ୍ୟ ଓ ପ୍ରତିନିଧି ସାମିଲ ଥିଲେ। ରାତି ୭ଟାରେ ଶପଥଗ୍ରହଣ ଉତ୍ସବ ଆରମ୍ଭ ହେଲା। ରାଷ୍ଟ୍ରପତି ପ୍ରଥମେ ନରେନ୍ଦ୍ର ଦାମୋଦରଦାସ ମୋଦିଙ୍କୁ ପ୍ରଧାନମନ୍ତ୍ରୀ ଭାବେ ପଦ ଓ ଗୋପନୀୟତାର ଶପଥପାଠ କରାଇଥିଲେ। ଧଳା କୁର୍ତ୍ତା ପାଇଜାମା ପରିହିତ ମୋଦି ହିନ୍ଦୀରେ ଶପଥ ନେଇଥିଲେ। ତାଙ୍କ ପରେ ଅମିତ୍ ଶାହ ଓ ରାଜନାଥ ସିଂଙ୍କ ଶପଥ ନେବାର ପାଳି ପଡ଼ିଥିଲା। ଗାନ୍ଧୀନଗର ଆସନରୁ ପ୍ରଥମଥର ପାଇଁ ଲୋକ ସଭାକୁ ନିର୍ବାଚିତ ହୋଇଥିବା ଶାହଙ୍କୁ ଅର୍ଥ ଓ ଲକ୍ଷ୍ନୌ ଏମ୍‌ପି ରାଜନାଥଙ୍କୁ ପୁଣି ସ୍ୱରାଷ୍ଟ୍ର ମନ୍ତ୍ରଣାଳୟ ମିଳିପାରେ ବୋଲି ଆଲୋଚନା ହେଉଛି। ସେହିପରି ନାଗପୁର ଏମ୍‌ପି ନୀତୀନ ଜୟରାମ ଗଡ଼କରୀ ଏବଂ ବେଙ୍ଗାଲୁରୁ ନର୍ଥ ଆସନରୁ ବିଜୟୀ ହୋଇଥିବା ଡି.ଭି. ସଦାନନ୍ଦ ଗୌଡ଼ାଙ୍କୁ ପୁଣିଥରେ ମୋଦି କ୍ୟାବିନେଟରେ ସାମିଲ କରାଯାଇଛି। ପ୍ରତିରକ୍ଷାମନ୍ତ୍ରୀ ଥିବା ରାଜ୍ୟ ସଭା ସଦସ୍ୟ ନିର୍ମଳା ସୀତାରାମନ ପୁଣିଥରେ କ୍ୟାବିନେଟକୁ ଫେରିଛନ୍ତି। ଲୋକ ଜନଶକ୍ତି ପାର୍ଟି (ଏଲ୍‌ଜେପି) ଅଧ୍ୟକ୍ଷ ତଥା ରାଜ୍ୟ ସଭା ସଦସ୍ୟ ରାମବିଳାସ ପାଶ୍ୱାନ, ମେରେନା ଏମ୍‌ପି ନରେନ୍ଦ୍ର ସିଂ ତୋମର, ପାଟନା ସାହିବରୁ ପ୍ରଥମଥର ପାଇଁ ଲୋକ ସଭାରେ ପ୍ରତିନିଧିତ୍ୱ କରିବାକୁ ଥିବା ରବିଶଙ୍କର ପ୍ରସାଦ୍, ଶିରୋମଣି ଅକାଳୀ ଦଳ (ଏସ୍‌ଏଡି)ର ହର୍‌ସିମରତ୍ କୌର ବାଦଲ, ଦଳିତ ଚେହେରା ଥାୱରଚନ୍ଦ୍ ଗେହଲଟ କ୍ୟାବିନେଟ ମନ୍ତ୍ରୀ ଭାବେ ଶପଥ ନେଇଛନ୍ତି। ସମସ୍ତଙ୍କୁ ବିସ୍ମିତ କରିଦେବା ଭଳି ଖବର ହେଉଛି ଡକ୍ଟର ସୁବ୍ରମଣ୍ୟମ୍ ଜୟଶଙ୍କରଙ୍କୁ କ୍ୟାବିନେଟରେ ସାମିଲ କରାଯିବା। ଜୟଶଙ୍କର ପୂର୍ବରୁ ବହିର୍ବ୍ୟାପାର ସଚିବ ଥିବାବେଳେ କାର୍ଯ୍ୟଦକ୍ଷତାର ପ୍ରମାଣ ଦେଇଥିବାରୁ ତାଙ୍କୁ ପୁରସ୍କୃତ କରାଯାଇଥିବା କୁହାଯାଉଛି। ସେହିପରି କଂଗ୍ରେସ ଅଧ୍ୟକ୍ଷ ରାହୁଲ ଗାନ୍ଧୀଙ୍କୁ ତାଙ୍କ ପାରମ୍ପରିକ ଆସନ ଅମେଠିରେ ପରାଜିତ କରିଥିବା ସ୍ମୃତି ଜୁବିନ ଇରାନୀ, ମାନବ ସମ୍ବଳ ବିକାଶ ମନ୍ତ୍ରୀ ପ୍ରକାଶ କେଶବ ଜାଭଡେକର ଓ ଅର୍ଥମନ୍ତ୍ରୀ ଥିବା ପୀୟୁଷ ବେଦପ୍ରକାଶ ଗୋୟଲ ମୋଦି କ୍ୟାବିନେଟକୁ ପୁଣି ଫେରିଛନ୍ତି। ରାଜ୍ୟ ସଭା ସଦସ୍ୟ ଧର୍ମେନ୍ଦ୍ର ପ୍ରଧାନଙ୍କ ସମେତ ଚାନ୍ଦନୀଚୌକ ଏମ୍‌ପି ଡାକ୍ତର ହର୍ଷବର୍ଦ୍ଧନ, ଝାଡ଼ଖଣ୍ଡର ପୂର୍ବତନ ମୁଖ୍ୟମନ୍ତ୍ରୀ ଅର୍ଜୁନ ମୁଣ୍ଡା, ହରିଦ୍ୱାର ଏମ୍‌ପି ରମେଶ ପୋଖରିୟାଲ, ବେଗୁସରାଇରୁ ବିଜୟୀ ହୋଇଥିବା ଗିରିରାଜ ସିଂ, ଶିବସେନାର ଅରବିନ୍ଦ ସାୱନ୍ତଙ୍କୁ ମଧ୍ୟ ମନ୍ତ୍ରିମଣ୍ଡଳରେ ସ୍ଥାନ ମିଳିଛି। ଅନ୍ୟପକ୍ଷରେ ବରେଲି ଏମ୍‌ପି ସନ୍ତୋଷ ଗଙ୍ଗୱାର, ☞ପୃଷ୍ଠା–୪

### ଏନ୍‌ଡିଏ-୨

- କ୍ୟାବିନେଟରେ ଶାହ, ରାଜନାଥ, ଗଡ଼କରୀ
- ପୂର୍ବତନ ବହିର୍ବ୍ୟାପାର ସଚିବ ଏସ୍. ଜୟଶଙ୍କର ସାମିଲ
- ବାଦ୍ ପଡ଼ିଲେ ଅନେକ ପୁରୁଖା ନେତା
- ମନ୍ତ୍ରିମଣ୍ଡଳରେ ପ୍ରତାପଙ୍କ ସମେତ ୧୧ ନୂଆମୁହଁ
- ସହଯୋଗୀ ଦଳଙ୍କୁ ମିଳିଲା ଗୋଟିଏ ଲେଖାଏ ମନ୍ତ୍ରୀପଦ
- ସରକାରରେ ସାମିଲ ହେଲାନି ଅସନ୍ତୁଷ୍ଟ ଜେଡିୟୁ

### ପ୍ରଧାନମନ୍ତ୍ରୀ

ନରେନ୍ଦ୍ର ଦାମୋଦରଦାସ ମୋଦି

### କ୍ୟାବିନେଟ ମନ୍ତ୍ରୀ

୧– ରାଜନାଥ ସିଂ
୨– ଅମିତ୍ ଶାହ
୩– ନୀତୀନ୍ ଗଡ଼କରୀ
୪– ଡି.ଭି. ସଦାନନ୍ଦ ଗୌଡ଼ା
୫– ନିର୍ମଳା ସୀତାରାମନ୍
୬– ରାମବିଳାସ ପାଶ୍ୱାନ
୭– ନରେନ୍ଦ୍ର ସିଂ ତୋମାର
୮– ରବିଶଙ୍କର ପ୍ରସାଦ
୯– ହରସିମ୍ରତ୍ କୌର
୧୦–ଥାୱାର ଚାନ୍ଦ୍ ଗେହଲଟ
୧୧– ଏସ୍. ଜୟଶଙ୍କର
୧୨– ରମେଶ ପୋଖରିୟାଲ ‘ନିଶଙ୍କ’
୧୩– ଅର୍ଜୁନ ମୁଣ୍ଡା
୧୪– ସ୍ମୃତି ଜୁବିନ୍ ଇରାନୀ
୧୫– ଡ. ହର୍ଷବର୍ଦ୍ଧନ
୧୬– ପ୍ରକାଶ ଜାଭଡେକର
୧୭– ପୀୟୁଷ ଗୋୟଲ
୧୮– ଧର୍ମେନ୍ଦ୍ର ପ୍ରଧାନ
୧୯– ମୁଖ୍‌ତାର ଅବାସ ନକ୍‌ଭି
୨୦– ପ୍ରହ୍ଲାଦ ଜୋଷୀ
୨୧– ମହେନ୍ଦ୍ର ନାଥ ପାଣ୍ଡେ
୨୨– ଅରବିନ୍ଦ ସାୱନ୍ତ
୨୩– ଗିରିରାଜ ସିଂ
୨୪– ଗଜେନ୍ଦ୍ର ସିଂ ଶେଖାୱତ୍

### ରାଷ୍ଟ୍ରମନ୍ତ୍ରୀ(ସ୍ୱାଧୀନ)

୧– ସନ୍ତୋଷ କୁମାର ଗଙ୍ଗୱାର
୨– ରାଓ ଇନ୍ଦରଜିତ୍ ସିଂ
୩– ଶ୍ରୀପଦ ନାୟକ
୪– ଡ. ଜିତେନ୍ଦ୍ର ସିଂ
୫– କିରେନ୍ ରିଜିଜୁ
୬– ପ୍ରହ୍ଲାଦ ପଟେଲ୍
୭– ଆର୍.କେ. ସିଂ
୮– ହରଦୀପ ପୁରୀ
୯– ମନ୍‌ସୁଖ ମାଣ୍ଡବୀୟ

### ରାଷ୍ଟ୍ର ପାହ୍ୟା

୧– ଫଗନ ସିଂ କୁଲସ୍ତେ
୨– ଅଶ୍ୱିନୀ ଚୌବେ
୩– ଅର୍ଜୁନ ରାମ୍ ମେଘୱାଲ
୪– ଭି.କେ. ସିଂ
୫– କିଶନ ପାଲ୍ ଗୁଜ୍ଜର
୬– ରାଓସାହାବ ଧାନ୍‌ବେ
୭– ଜି. କିଷନ ରେଡ୍ଡୀ
୮– ପୁରୁଷୋତ୍ତମ ରୁପାଲା
୯– ରାମଦାସ ଅଠାୱାଲେ
୧୦– ସାଧ୍ୱୀ ନିରଞ୍ଜନ ଜ୍ୟୋତି
୧୧– ବାବୁଲ୍ ସୁପ୍ରିୟୋ
୧୨– ସଞ୍ଜୀବ କୁମାର ବାଲ୍ୟାନ
୧୩– ସଞ୍ଜୟ ଶାମରାଓ ଧୋତ୍ରେ
୧୪– ଅନୁରାଗ ଠାକୁର
୧୫– ସୁରେଶ ଅଙ୍ଗାଡି
୧୬–ରତନ୍ ଲାଲ୍ କଟାରିଆ
୧୭– ନିତ୍ୟାନନ୍ଦ ରାୟ
୧୮– ଭି. ମୁରଲୀଧରନ୍
୧୯– ରେଣୁକା ସିଂ ସାରୁତା
୨୦– ସୋମ୍ ପ୍ରକାଶ
୨୧– ରାମେଶ୍ୱର ତେଲି
୨୨–ପ୍ରତାପ ଚନ୍ଦ୍ର ଷଡ଼ଙ୍ଗୀ
୨୩–କୈଳାସ ଚୌଧରୀ
୨୪–ଦେବଶ୍ରୀ ଚୌଧୁରୀ

# ଓଡ଼ିଶାରୁ ଧର୍ମେନ୍ଦ୍ର, ପ୍ରତାପ

**ଭୁବନେଶ୍ୱର, ୩୦।୫(ବ୍ୟୁରୋ)**

ଦ୍ୱିତୀୟ ଥର ପାଇଁ ନରେନ୍ଦ୍ର ମୋଦି ଗୁରୁବାର ପ୍ରଧାନମନ୍ତ୍ରୀ ଭାବେ ଶପଥ ଗ୍ରହଣ କରିଛନ୍ତି। ମୋଦିଙ୍କ ସମେତ ତାଙ୍କ ମନ୍ତ୍ରିମଣ୍ଡଳରେ ୨୪ଜଣ କ୍ୟାବିନେଟ୍ ମନ୍ତ୍ରୀ, ୨୪ ରାଷ୍ଟ୍ରମନ୍ତ୍ରୀ ଏବଂ ୯ଜଣ ରାଷ୍ଟ୍ରମନ୍ତ୍ରୀ (ସ୍ୱାଧୀନ) ଶପଥ ନେଇଛନ୍ତି। ଏନ୍‌ଡିଏର ନୂଆ ମନ୍ତ୍ରିମଣ୍ଡଳରେ ଧର୍ମେନ୍ଦ୍ର ପ୍ରଧାନ ପୁଣିଥରେ ନିଜ ସ୍ଥାନ ବଜାୟ ରଖିବାରେ ସଫଳ ହୋଇଛନ୍ତି।

**ବାଦ୍ ପଡିଲେ ଜୁଏଲ**

ହେଲେ ପୂର୍ବ ମନ୍ତ୍ରିମଣ୍ଡଳରେ କ୍ୟାବିନେଟ୍ ମନ୍ତ୍ରୀ ଥିବା ଜୁଏଲ ଓରାମଙ୍କୁ ନିରାଶ ହେବାକୁ ପଡିଛି। ତାଙ୍କୁ ଏଥର ମନ୍ତ୍ରୀପଦ ମିଳିନାହିଁ। ଏଥର ନିର୍ବାଚନରେ ସୁନ୍ଦରଗଡ ଲୋକ ସଭା ଆସନରୁ ଜୁଏଲ ବିପୁଳ ଭୋଟରେ ବିଜୟୀ ହୋଇଛନ୍ତି। ତାଙ୍କୁ ମନ୍ତ୍ରୀପଦ ମିଳିବ ବୋଲି ରାଜ୍ୟରେ ଜୋର୍‌ଦାର ଚର୍ଚ୍ଚା ହେଉଥିଲା। ଜୁଏଲଙ୍କୁ ମନ୍ତ୍ରୀପଦ ନ ମିଳିବା ପରେ ସାଧାରଣରେ ଏକ ଭିନ୍ନ ଧରଣର ଚର୍ଚ୍ଚା ଆରମ୍ଭ ହୋଇଛି। ମନ୍ତ୍ରୀ ଭାବେ ସେତେଟା ଉତ୍ତମ ପ୍ରଦର୍ଶନ କରିପାରି ନ ଥିବା ଯୋଗୁ ଜୁଏଲଙ୍କୁ ତାଲିକାରୁ ବାଦ୍ ଦିଆଯାଇଥିବା କୁହାଯାଉଛି। ତାଙ୍କ ସ୍ଥାନ ଭରିବା ପାଇଁ ମୋଦି କ୍ୟାବିନେଟ୍ ପାହ୍ୟା ବଦଳରେ ଆଉ ଏକ ରାଷ୍ଟ୍ରପାହ୍ୟା ମନ୍ତ୍ରୀ ପଦବୀ ଦେଇ ☞ପୃଷ୍ଠା–୪



ଧର୍ମେନ୍ଦ୍ର ପ୍ରଧାନ



ପ୍ରତାପ ଷଡଙ୍ଗୀ

# ବିଶ୍ୱକପ ଶୁଭାରମ୍ଭ କଲେ ପ୍ରିନ୍ସ ହ୍ୟାରି

**ଲଣ୍ଡନ,୩୦।୫(ପି.ଟି.)**

ଅନ୍ତର୍ଜାତୀୟ କ୍ରିକେଟ କାଉନସିଲ (ଆଇସିସି) ବିଶ୍ୱକପ୍‌ର ଦ୍ୱାଦଶ ସଂସ୍କରଣ ଗୁରୁବାର ଆରମ୍ଭ ହୋଇଛି। ବ୍ରିଟେନ ପ୍ରିନ୍ସ ହ୍ୟାରୀ ଆନୁଷ୍ଠାନିକ ଭାବେ ଟୁର୍ନାମେଣ୍ଟ ଶୁଭାରମ୍ଭ ହେଲା ବୋଲି ଘୋଷଣା କରିବା ପରେ ଉଦ୍‌ଘାଟନୀ ମ୍ୟାଚ୍‌ରେ ଆୟୋଜକ ଇଂଲଣ୍ଡ ଓ ଦକ୍ଷିଣ ଆଫ୍ରିକା ପରସ୍ପରକୁ ଭେଟିଥିଲେ। ଏଥିରେ ୧୦୪ ରନରେ ବିଜୟ ସହ ଇଂଲଣ୍ଡ ଏହାର ଅଭିଯାନ ଆରମ୍ଭ କରିଛି। ସ୍ଥାନୀୟ କେନିଂଟନ ଓଭାଲ ଗ୍ରାଉଣ୍ଡରେ ନିଜର ସଂକ୍ଷିପ୍ତ ବକ୍ତବ୍ୟରେ ହ୍ୟାରୀ ଇଂଲଣ୍ଡର ସାଂସ୍କୃତିକ ବିବିଧତାକୁ ପ୍ରଶଂସା କରିଥିଲେ। ଦୀର୍ଘ ବର୍ଷ ପରେ ଇଂଲଣ୍ଡ ପୁଣିଥରେ ଏହି ମେଗା ଇଭେଣ୍ଟ ଆୟୋଜନ କରିଥିବାରୁ ଏହା ଦେଶ ପାଇଁ ଆନନ୍ଦର ବିଷୟ ବୋଲି ସେ ନିଜ ବକ୍ତବ୍ୟରେ କହିଥିଲେ। ଚଳିତ ମାସ ହ୍ୟାରୀ ପ୍ରଥମଥର ପାଇଁ ପିତା ହେବାର ଗୌରବ ଅର୍ଜନ କରିଥିଲେ। ଇଂଲଣ୍ଡ ଓ ୱେଲ୍ସର ସହରଗୁଡ଼ିକ ବିଶ୍ୱକପ୍ କାରଣରୁ ଆଗାମୀ ୬ ସପ୍ତାହ ପାଇଁ ଚଳଚଞ୍ଚଳ ହେବ। ସବୁ ଦଳ ଓ ଖେଳାଳି ଦମ୍‌ଦାର ପ୍ରଦର୍ଶନ କରି ବିଶ୍ୱବ୍ୟାପୀ ଦର୍ଶକଙ୍କ ମନୋରଞ୍ଜନ କରିବେ ବୋଲି ସେ କହିଥିଲେ। ଏହାକୁ ମିଶାଇ ଇଂଲଣ୍ଡ ପଞ୍ଚମଥର ପାଇଁ ବିଶ୍ୱକପ୍ ଆୟୋଜନ କରିବାର ସୁଯୋଗ ହାସଲ କରିଛି। ଶେଷଥର ପାଇଁ ୧୯୯୯ରେ ଇଂଲଣ୍ଡ ବିଶ୍ୱକପ୍ ଆୟୋଜନ କରିଥିଲା।




# ପୋଲିସ ହେପାଜତରୁ ନାବାଳକ ଫେରାର

**ସମ୍ବଲପୁର/ଧମା,୩୦।୫(ବ୍ୟୁରୋ/ ଡି.ଏନ.ଏ.)**

ସମ୍ବଲପୁର ଜିଲା ଧମା ଥାନା ଅଧୀନ ଗୁଣ୍ଡେରପୁର ଫାଣ୍ଡି ପୋଲିସ ହେପାଜତରୁ ଗୁରୁବାର ସକାଳେ ଜଣେ ନାବାଳକ ଫେରାର ହୋଇଯାଇଛନ୍ତି। ମୋବାଇଲ ଚୋରି ଅଭିଯୋଗରେ ଗୁଣ୍ଡେରପୁର ଫାଣ୍ଡି ପୋଲିସ ବୁଧବାର ତାଙ୍କୁ ଧରି ଥାନାକୁ ଆଣିଥିଲା। କୋର୍ଟରେ ହାଜର କରିବା ପରେ ତାଙ୍କୁ ଫାଣ୍ଡିକୁ ଅଣାଯାଇଥିଲା। ଗୁରୁବାର ତାଙ୍କୁ ରାଉରକେଲା ବାଳ ସୁଧାରଗୃହକୁ ପଠାଯାଇଥାନ୍ତା। ହେଲେ ଗୁରୁବାର ସକାଳେ ସେ ପରିସ୍ରା ଯିବାକୁ କହି ଫେରାର ହୋଇଯାଇଥିଲେ। ପୋଲିସର ଏକ ଟିମ୍ ବିଭିନ୍ନ ସ୍ଥାନରେ ଚଢାଉ ଜାରି ରଖିଛି। ଏହି ରିପୋର୍ଟ ଲେଖାହେବା ପର୍ଯ୍ୟନ୍ତ ତାଙ୍କୁ ପୋଲିସ ଧରିପାରିନାହିଁ। ସୂଚନାଯୋଗ୍ୟ, ବଡଟିକ୍ରା ଛକରେ ଥିବା ଏକ ଦୋକାନରୁ ମେ ୧୦ ତାରିଖରେ ୭୮ଟି ମୋବାଇଲ ଫୋନ ଚୋରି ହୋଇଯାଇଥିଲା। ଏନେଇ ଦୋକାନ ମାଲିକ ଅରବିନ୍ଦ ବିଶ୍ୱାଳ ଗୁଣ୍ଡେରପୁର ଫାଣ୍ଡିରେ ଅଭିଯୋଗ କରିଥିଲେ। ପୋଲିସ ଏକ ମାମଲା(ନଂ୭୫/୧୯) ରୁଜୁ କରି ତଦନ୍ତ ଆରମ୍ଭ କରିଥିଲା। ପୋଲିସ ଏହି ଘଟଣାରେ ସଂପୃକ୍ତ ନାବାଳକଙ୍କ ସହ ବରଗଡ ଜିଲାର ଟାଉନଥାନା ଷ୍ଟେଶନପଡ଼ାର ତାରା ସାହୁ ନାମକ ଜଣେ ମହିଳାଙ୍କୁ ଗିରଫ କରଥିଲା।

### ଆଜିର ସମ୍ପାଦକୀୟ

**ବର୍ତ୍ତମାନର ଆବଶ୍ୟକତା**

### ଆଜିର ମନ୍ତବ୍ୟ

“ ଭାଜପା ପଶ୍ଚିମବଙ୍ଗ, କର୍ଣ୍ଣାଟକ ଏବଂ ମଧ୍ୟପ୍ରଦେଶରେ ଥିବା ବିରୋଧୀ ଦଳ ସରକାରରେ ଅସ୍ଥିରତା ସୃଷ୍ଟି ଲାଗି ଉଦ୍ୟମ କରୁଛି। –ଅଶୋକ ଗେହଲଟ, ରାଜସ୍ଥାନ ମୁଖ୍ୟମନ୍ତ୍ରୀ











30.05.2019

| Dist | Farm Gate/Kg | With Skin/Kg | Skinless /Kg |
|---|---|---|---|
| BBSR | 89 | 144 | 154 |
| CTC | 89 | 144 | 154 |
| DKL | 87 | 141 | 151 |
| BDK | 87 | 141 | 151 |
| BLS | 87 | 141 | 151 |
| ANG | 87 | 141 | 151 |

*Conditions Apply

Eggs Retail Price- 39/-Dozen
Issued in the Interest of Consumers



ଗଣତନ୍ତ୍ର ଆପଣମାନଙ୍କୁ ପ୍ରଶ୍ନ ପଚାରିବାର ଅଧିକାର ଦେଇଛି।

- ଅନୁରାଗ କଶ୍ୟପ, ଚଳଚ୍ଚିତ୍ର ପ୍ରଯୋଜକ



## ■ କେନ୍ଦ୍ର ମନ୍ତ୍ରିମଣ୍ଡଳରେ ୧୧ ନୂଆ ମୁହଁ

# ବାଦ୍ ପଡ଼ିଲେ ୧୧ ମନ୍ତ୍ରୀ

ନୂଆଦିଲ୍ଲୀ,୩୦।୫

ନରେନ୍ଦ୍ର ମୋଦିଙ୍କ ପୂର୍ବ ସରକାରରେ ମନ୍ତ୍ରୀ ଥିବା କେତେଜଣ ନେତା ଏଥର ମନ୍ତ୍ରିମଣ୍ଡଳରୁ ବାଦ୍ ପଡିଛନ୍ତି। ଏଥିସହିତ କେତେଜଣ ନୂଆ ମୁହଁଙ୍କୁ ଦ୍ୱିତୀୟ ପାଳି ସରକାରରେ ସାମିଲ କରାଯାଇଛି। ବାଦ୍ ପଡିଥିବା ୧୦ ଜଣ ପୂର୍ବତନ ମନ୍ତ୍ରୀଙ୍କ ମଧ୍ୟରେ ଅଛନ୍ତି ଅରୁଣ ଜେଟ୍ଲୀ, ସୁଷମା ସ୍ୱରାଜ, ସୁରେଶ ପ୍ରଭୁ, ରାଧାମୋହନ ସିଂ, ଜୁଏଲ ଓରାମ ମହେଶ ଶର୍ମା, ଜୟନ୍ତ ସିହ୍ନା, ମାନେକା ଗାନ୍ଧୀ, ଉମା ଭାରତୀ, ଅନୁପ୍ରିୟା ପଟେଲ ଏବଂ ରାଜ୍ୟବର୍ଦ୍ଧନ ସିଂ ରାଠୋର। ନୂଆ ମନ୍ତ୍ରୀମାନଙ୍କ ପାଇଁ ଉଦ୍ଦିଷ୍ଟ ମଞ୍ଚରେ ଏମାନେ ଉପସ୍ଥିତ ନ ଥିଲେ। ଅନ୍ୟପକ୍ଷରେ ପୂର୍ବତନ ବହିର୍ବ୍ୟାପାର ସଚିବ ଏସ୍. ଜୟଶଙ୍କର ନୂଆ ମନ୍ତ୍ରିମଣ୍ଡଳରେ ସ୍ଥାନ ପାଇଛନ୍ତି। ଏହା ବ୍ୟତୀତ ଭାଜପା ରାଷ୍ଟ୍ରୀୟ ଅଧ୍ୟକ୍ଷ ଅମିତ ଶାହ ପ୍ରଥମ ଥର ଲାଗି କେନ୍ଦ୍ର ମନ୍ତ୍ରିମଣ୍ଡଳରେ ସାମିଲ ହୋଇଛନ୍ତି। ଅନ୍ୟମାନଙ୍କ ମଧ୍ୟରେ ଅର୍ଜୁନ ମୁଣ୍ଡା, ରତନଲାଲ କଟାରିଆ, ରମେଶ ପୋଖରିୟାଲ ନିଶଙ୍କ, ପ୍ରହଲ୍ଲାଦ ଜୋଷୀ, ଅଙ୍ଗଦି ସୁରେଶ ଚାନ୍ନବସପ୍ପା, ରାମେଶ୍ୱର ତେଲି, କୈଳାସ ଚୌଧରୀ, ଦେବୋଶ୍ରୀ ଚୌଧରୀ, ପ୍ରତାପ ଷଡଙ୍ଗୀ ପ୍ରମୁଖ କେତେଜଣ ନୂଆ ମୁହଁଙ୍କୁ ମନ୍ତ୍ରିମଣ୍ଡଳରେ ଦେଖିବାକୁ ମିଳିଛି।

### ସ୍ୱାସ୍ଥ୍ୟଗତ କାରଣରୁ ଜେଟ୍ଲୀ ମନ୍ତ୍ରୀ ହେଲେନି

### ସୁଷମା ମନ୍ତ୍ରିମଣ୍ଡଳରେ ସାମିଲ ନ ହେବା କାରଣ ଅସ୍ପଷ୍ଟ

୬୭ ବର୍ଷୀୟ ସୁଷମା ଦୀର୍ଘବର୍ଷ ଧରି ଦଳରେ ପ୍ରମୁଖ ଭୂମିକା ନିଭାଇବା ସହ ସରକାରରେ ଗୁରୁତ୍ୱପୂର୍ଣ୍ଣ ବହିର୍ବ୍ୟାପାର ମନ୍ତ୍ରଣାଳୟ ଦାୟିତ୍ୱରେ ଥିଲେ। ଏଥର ତାଙ୍କୁ ମନ୍ତ୍ରିମଣ୍ଡଳରେ ସାମିଲ କରାଯାଇନାହିଁ। କ'ଣ ପାଇଁ ତାଙ୍କୁ ମନ୍ତ୍ରିମଣ୍ଡଳରେ ସାମିଲ କରାଗଲା ନାହିଁ ତାହା ସ୍ପଷ୍ଟ ହୋଇ ନ ଥିବାବେଳେ ସ୍ୱାସ୍ଥ୍ୟଗତ କାରଣରୁ ତାଙ୍କୁ ବାଦ୍ ଦିଆଯାଇଥାଇପାରେ ବୋଲି କୁହାଯାଉଛି। ସ୍ୱାସ୍ଥ୍ୟଗତ କାରଣରୁ ସେ ଏଥର ନିର୍ବାଚନ ଲଢ଼ି ନ ଥିଲେ କି ପ୍ରଚାରରେ ମଧ୍ୟ ସାମିଲ ହୋଇ ନ ଥିଲେ। ୨୦୦୪-୨୦୧୪ ଭାଜପା ବିରୋଧୀ ଦଳରେ ଥିଲାବେଳେ ସୁଷମା ଲୋକସଭାରେ ବିରୋଧି ଦଳ ନେତ୍ରୀ ଥିଲେ। ସେହିପରି ସୁରେଶ ପ୍ରଭୁ ମଧ୍ୟ ପୂର୍ବ ସରକାରରେ ଗୁରୁତ୍ୱପୂର୍ଣ୍ଣ ରେଲୱେ ଏବଂ ପରେ ବାଣିଜ୍ୟ, ଶିଳ୍ପ ଓ ବେସାମରିକ ବିମାନ ଚଳାଚଳ ମନ୍ତ୍ରଣାଳୟ ଦାୟିତ୍ୱରେ ଥିଲେ। ସେହିପରି ପୂର୍ବ ସରକାରରେ ସ୍ୱାସ୍ଥ୍ୟମନ୍ତ୍ରୀ ଥିବା ନଡ୍ଡା ଏଥର ମନ୍ତ୍ରିମଣ୍ଡଳରେ ସ୍ଥାନ ପାଇନାହାନ୍ତି। ପୂର୍ବତନ ଅଲିମ୍ପିଆନ ତଥା କ୍ରୀଡା, ସୂଚନା ଓ ପ୍ରସାରଣ ମନ୍ତ୍ରୀ ଥିବା ରାଠୋରଙ୍କୁ ମଧ୍ୟ ଏଥର ମନ୍ତ୍ରିମଣ୍ଡଳରେ ସ୍ଥାନ ମିଳିନାହିଁ। ପୂର୍ବତନ ପର୍ଯ୍ୟଟନ ଓ ସଂସ୍କୃତି ମନ୍ତ୍ରୀ ମହେଶ ଶର୍ମା, ଅର୍ଥ ରାଷ୍ଟ୍ରମନ୍ତ୍ରୀ ଜୟନ୍ତ ସିହ୍ନାଙ୍କୁ ନୂଆ ମନ୍ତ୍ରିମଣ୍ଡଳରେ ନିଆଯାଇନାହିଁ।


ଅରୁଣ ଜେଟ୍ଲୀ


ସୁଷମା ସ୍ୱରାଜ


ଉମା ଭାରତୀ


ସୁରେଶ ପ୍ରଭୁ


ମହେଶ ଶର୍ମା


ଜୟନ୍ତ ସିହ୍ନା


ଜୁଏଲ ଓରାମ


ମାନେକା ଗାନ୍ଧୀ


ରାଜ୍ୟବର୍ଦ୍ଧନ ସିଂ ରାଠୋର


ରାଧାମୋହନ ସିଂ


ଅନୁପ୍ରିୟା ପଟେଲ

## ଶପଥ ଗ୍ରହଣ ଉତ୍ସବରେ ସିନେ ଷ୍ଟାର୍‌ଙ୍କ ଭିଡ଼



ନୂଆଦିଲ୍ଲୀ, ୩୦।୫

ରାଷ୍ଟ୍ରପତି ଭବନରେ ଅନୁଷ୍ଠିତ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଓ ତାଙ୍କ ମନ୍ତ୍ରିମଣ୍ଡଳର ଶପଥ ଗ୍ରହଣ ଉତ୍ସବରେ ସିନେ ଷ୍ଟାର୍‌ଙ୍କ ଭିଡ଼ ଦେଖିବାକୁ ମିଳିଛି। ବଲିଉଡ୍‌ରୁ କରଣ ଜୋହର୍, ରଜନୀକାନ୍ତ, ବୋନି କପୁର୍, କଙ୍ଗନା ରାଣାୱତ୍ ପ୍ରମୁଖ ଏଥିରେ ଯୋଗଦେଇଛନ୍ତି। ଫିଲ୍ମ ଆଣ୍ଡ୍ ଟିଭି ପ୍ରଡ୍ୟୁସର୍ସ ଗିଲ୍ଡ ଅଫ୍ ଇଣ୍ଡିଆ ସଭାପତି ସିଦ୍ଧାର୍ଥ ରୟ କପୁର୍, ଅଭିନେତା ଶାହିଦ୍ କପୁର୍, ଶାହରୁଖ୍ ଖାନ୍, ସଲମାନ୍ ଖାନ୍, ଆମିର୍ ଖାନ୍, ଅକ୍ଷୟ କୁମାର, ବିବେକ୍ ଓବରଏ, କୈଳାସ ଖେର୍, ରାଜୁ ଶ୍ରୀବାସ୍ତବ, ଅନୁପମ୍ ଖେର୍, ଜାଭେଦ୍ ଅଖ୍‌ତର, ସଲିମ୍ ଖାନ୍, ଭିକି କୌଶଲ୍ ପ୍ରମୁଖ ଉପସ୍ଥିତ ଥିଲେ। ଏଥିସହ ସିନେ ଷ୍ଟାର ତଥା ଭାଜପା ପ୍ରାର୍ଥୀଭାବେ ନିର୍ବାଚିତ ହୋଇଥିବା ସନି ଦେଓଲ୍, ମନୋଜ ତିୱାରୀ, ରବି କିଷନ୍ ପ୍ରମୁଖ ମଧ୍ୟ ଉପସ୍ଥିତ ଥିଲେ। ସିନେ ଷ୍ଟାର୍‌ଙ୍କ ବ୍ୟତିତ ବହୁ ସ୍ପୋର୍ଟ୍ସ ଷ୍ଟାର୍, ବିଶ୍ୱସ୍ତରୀୟ ନେତା ଓ ସାଧାରଣ ନାଗରିକ ଏହି ମେଗା ଇଭେଣ୍ଟରେ ଉପସ୍ଥିତ ଥିଲେ। ପ୍ରକାଶଥାଉ କି, ଗତବର୍ଷ ମୋଦି ବଲିଉଡ୍ ପ୍ରତିନିଧିଙ୍କୁ ଭେଟି ଦେଶ ଗଠନରେ ଭାଗୀଦାର ହେବାକୁ ପରାମର୍ଶ ଦେଇଥିଲେ।

## ଟିଭିରେ ଦେଖିଲେ ମୋଦିଙ୍କ ମା'

ଅହମଦାବାଦ,୩୦।୫

ନରେନ୍ଦ୍ର ମୋଦି ଦ୍ୱିତୀୟ ଥର ଲାଗି ପ୍ରଧାନମନ୍ତ୍ରୀ ଭାବେ ଶପଥ ଗ୍ରହଣ କରିଥିବାବେଳେ ତାଙ୍କ ମା' ହୀରାବେନ୍ ନୂଆଦିଲ୍ଲୀରୁ ୯୦୦ କିଲୋମିଟର ଦୂର ଅହମଦାବାଦର ରାଇସାନ୍‌ସ୍ଥିତ ଘରେ ବସି ଟିଭିରୁ ଶପଥ ଗ୍ରହଣ ଉତ୍ସବ ଦେଖିଥିଲେ। ଲୋକ ସଭା ନିର୍ବାଚନରେ ଭାଜପାର ବିଶାଳ ବିଜୟ ପରେ ମୋଦି ନିଜ ରାଜ୍ୟ ଗୁଜରାଟକୁ ଦୁଇ ଦିନିଆ ଗସ୍ତରେ ଯାଇଥିବାବେଳେ ମା'ଙ୍କୁ ଭେଟି ଆଶୀର୍ବାଦ ନେଇଥିଲେ। ପ୍ରଧାନମନ୍ତ୍ରୀ ସାନ ଭାଇଙ୍କ ପାଖରେ ତାଙ୍କ ମା' ରହୁଛନ୍ତି। ଜବାହରଲାଲ୍ ନେହେରୁ ଏବଂ ଇନ୍ଦିରା ଗାନ୍ଧୀଙ୍କ ପରେ ମୋଦି ହେଉଛନ୍ତି ତୃତୀୟ ପ୍ରଧାନମନ୍ତ୍ରୀ ଯିଏ ପୂର୍ଣ୍ଣ ସଂଖ୍ୟାଗରିଷ୍ଠତାର ସହ କ୍ରମାଗତ ଦ୍ୱିତୀୟ ଥର ଲାଗି କ୍ଷମତାକୁ ଫେରିଛନ୍ତି।



## ଶୋଭା ବଢ଼ାଇଲେ ବିମ୍‌ଷ୍ଟେକ୍ ନେତା

ନୂଆଦିଲ୍ଲୀ,୩୦।୫:(ପି.ଟି.)

ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ଶପଥ ଗ୍ରହଣ ଉତ୍ସବରେ ବିମ୍‌ଷ୍ଟେକ୍‌ର ନେତାମାନେ ଯୋଗ ଦେଇଛନ୍ତି। ବାଂଲାଦେଶ ରାଷ୍ଟ୍ରପତି ଅବଦୁଲ୍ ହମିଦ ବୁଧବାର ରାତିରୁ ନୂଆଦିଲ୍ଲୀରେ ପହଞ୍ଚିଥିବାବେଳେ ଶ୍ରୀଲଙ୍କା ରାଷ୍ଟ୍ରପତି ମୈତ୍ରିପାଲ ସିରିସେନା, ଭୁଟାନ ପ୍ରଧାନମନ୍ତ୍ରୀ ଡ. ଲୋଟେ ଶେରିଙ୍ଗ ଗୁରୁବାର ଏଠାରେ ପହଞ୍ଚିଥିଲେ। ମରିସସ୍ ପ୍ରଧାନମନ୍ତ୍ରୀ ପ୍ରବୀନ୍ଦ ଜଗନ୍ନାଥ, ନେପାଳ ପ୍ରଧାନମନ୍ତ୍ରୀ କେ.ପି. ଶର୍ମା ଓଲି, କିର୍‌ଗିଜ୍ ରିପବ୍ଲିକ୍ ରାଷ୍ଟ୍ରପତି ସୁରୋନବେ ଜନାବେକୋଭ୍, ମ୍ୟାନ୍‌ମାର ରାଷ୍ଟ୍ରପତି ୟୁ ୱିନ ମିଣ୍ଟ୍, ଥାଇଲାଣ୍ଡର ସ୍ୱତନ୍ତ୍ର ଦୂତ ଗ୍ରସାଡା ବୁନ୍‌ରାଚ୍ ଶପଥ ଗ୍ରହଣ ଉତ୍ସବରେ ଯୋଗ ଦେଇଥିଲେ। ସୂଚନାଯୋଗ୍ୟ ୨୦୧୪ରେ ମୋଦିଙ୍କ ଶପଥ ଗ୍ରହଣ ଉତ୍ସବରେ ସାର୍କ (ଦକ୍ଷିଣ ଏସିଆ ଆଞ୍ଚଳିକ ସହଯୋଗ ସଂଘ)ରାଷ୍ଟ୍ରର ମୁଖ୍ୟମାନେ ଯୋଗଦେଇଥିଲେ।

## ■ ଭାଜପା ପ୍ରସ୍ତାବକୁ ନୀତୀଶଙ୍କ ପ୍ରତ୍ୟାଖ୍ୟାନ

## ସରକାରରେ ସାମିଲ ହେଲାନି ଜେଡିୟୁ

ନୂଆଦିଲ୍ଲୀ, ୩୦।୫ : କେନ୍ଦ୍ର ସରକାରରେ ସାମିଲ ହେବା ପ୍ରସ୍ତାବକୁ ଜେଡିୟୁ ନେତା ନୀତୀଶ କୁମାର ପ୍ରତ୍ୟାଖ୍ୟାନ କରିଛନ୍ତି। ଏଥର ନରେନ୍ଦ୍ର ମୋଦି ନେତୃତ୍ୱାଧୀନ ମନ୍ତ୍ରିମଣ୍ଡଳରେ ଦଳର କୌଣସି ନେତା ସାମିଲ ହେଉ ନ ଥିବା ସେ ପ୍ରକାଶ କରିଛନ୍ତି। ତେବେ ଦଳ ପୂର୍ବଭଳି ଏନ୍‌ଡିଏର ଅଂଶୀଦାର ହୋଇ ରହିବ ବୋଲି ନୀତୀଶ କୁମାର ପ୍ରକାଶ କରିଛନ୍ତି। ମିଳିଥିବା ସୂଚନା ଅନୁଯାୟୀ ଜେଡିୟୁକୁ ଗୋଟିଏ କ୍ୟାବିନେଟ ମନ୍ତ୍ରୀ



ପଦ ଦେବାକୁ ପ୍ରସ୍ତାବ ମିଳିଥିଲା। ଏହା ଦଳ ପାଇଁ ଯଥେଷ୍ଟ ନ ହେବାରୁ ଜେଡିୟୁ ମୋଦି ମନ୍ତ୍ରିମଣ୍ଡଳରୁ ଓହରି ଯିବାକୁ ନିଷ୍ପତ୍ତି ନେଲା ବୋଲି କୁହାଯାଉଛି। ପ୍ରକାଶଥାଉ କି, ବିହାରରେ ଭାଜପା ଓ ଜେଡିୟୁ ମେଣ୍ଟକରି ପ୍ରତ୍ୟେକ ୧୭ଟି ଆସନରେ ନିର୍ବାଚନ ଲଢ଼ିଥିବାବେଳେ ଜେଡିୟୁକୁ ୧୬ ଆସନ ମିଳିଥିଲା।

ଇତିହାସର ଆଇନାରେ

### ମେ ୩୧ର ପ୍ରମୁଖ ଘଟଣା

୧୯୮୯ ମେ ୩୧ରେ ପେରୁଭିଆନ୍ ଗେରିଲା ଗୋଷ୍ଠୀ ଆକ୍ରମଣରେ ୮ଜଣ କିନ୍ନର ପ୍ରାଣ ହରାଇଥିଲେ। ପେରୁଭିଆନ୍ ମାର୍କସିଷ୍ଟ ଗେରିଲା ଗୋଷ୍ଠୀ ଦ୍ୱାରା ଟୁପାକ୍ ଆମାରୁ ରିଭୋଲ୍ୟୁଶନାରି ମୁଭ୍‌ମେଣ୍ଟ କରାଯାଇଥିଲା। ୧୯୮୦ରେ ଆରମ୍ଭ ହୋଇଥିବା ଏହି ଆନ୍ଦୋଳନର ନେତୃତ୍ୱ ନେଇଥିଲେ ଭିକ୍ଟର ପୋଲେ କ୍ୟାମ୍ପସ୍। ୧୯୯୨ରେ ତାଙ୍କୁ ୩୨ବର୍ଷ କାରାଦଣ୍ଡାଦେଶ ହୋଇଥିଲା। ୧୯୯୭ରେ ତାଙ୍କର ମୃତ୍ୟୁ ଘଟିଥିଲା।

୨୦୧୭ ମେ ୩୧ରେ କାବୁଲସ୍ଥିତ ଜର୍ମାନ୍ ଦୂତାବାସ ନିକଟରେ କାର୍‌ବୋମା ବିସ୍ଫୋରଣ ଯୋଗୁ ୯୦ଜଣଙ୍କ ମୃତ୍ୟୁ ଘଟିଥିବାବେଳେ ୪୬୩ ଆହତ ହୋଇଥିଲେ। କାବୁଲ ହେଉଛି ଆଫଗାନିସ୍ତାନର ରାଜଧାନୀ ତଥା ବୃହତ୍ ସହର। ଏହା ଦେଶର ପୂର୍ବପ୍ରାନ୍ତରେ ଅବସ୍ଥିତ। ୨୦୧୯ ସୁଦ୍ଧା ଏହାର ଲୋକସଂଖ୍ୟା ୫୨.୭୬ ଲକ୍ଷ।

## ୧୦% ସଂରକ୍ଷଣ ମହାରାଷ୍ଟ୍ରର ପିଜି ମେଡିକାଲ ପାଠ୍ୟକ୍ରମରେ ଲାଗୁ ହୋଇପାରିବନି

ନୂଆଦିଲ୍ଲୀ,୩୦।୫:(ପି.ଟି.)

ସାଧାରଣ ବର୍ଗ ଗରିବ (ଇଡବ୍ଲ୍ୟୁଏସ୍)ଙ୍କ ଲାଗି ଉଦ୍ଦିଷ୍ଟ ୧୦ ପ୍ରତିଶତ ସ୍ଥାନ ସଂରକ୍ଷଣ ସୁବିଧା ୨୦୧୯-୨୦ ଶିକ୍ଷାବର୍ଷ ଲାଗି ମହାରାଷ୍ଟ୍ରରେ ପିଜି ମେଡିକାଲ ପାଠ୍ୟକ୍ରମରେ ଲାଗୁ ହୋଇପାରିବ ନାହିଁ ବୋଲି ସୁପ୍ରିମକୋର୍ଟ ଗୁରୁବାର କହିଛି। କାରଣ କୋଟା ବ୍ୟବସ୍ଥା କାର୍ଯ୍ୟକାରୀ ହେବାର ବହୁ ପୂର୍ବରୁ ମହାରାଷ୍ଟ୍ରରେ ପିଜି ମେଡିକାଲ ପାଠ୍ୟକ୍ରମରେ ନାମଲେଖା ଲାଗି ପ୍ରକ୍ରିୟା ଆରମ୍ଭ ହୋଇସାରିଥିଲା। ଭାରତର ମେଡିକାଲ କାଉନ୍‌ସିଲ୍ ଅତିରିକ୍ତ ସିଟ୍ ସୃଷ୍ଟି ନ କରିବା ପର୍ଯ୍ୟନ୍ତ ୧୦ ପ୍ରତିଶତ ଇଡବ୍ଲ୍ୟୁଏସ୍ କୋଟା ଲାଗୁ କରିବା ସମ୍ଭବ ନୁହେଁ ବୋଲି ପ୍ରଧାନ ବିଚାରପତି ରଞ୍ଜନ ଗୋଗୋଇ ଏବଂ ବିଚାରପତି ଅନିରୁଦ୍ଧ ବୋଷଙ୍କୁ ନେଇ ଗଠିତ ଅବକାଶକାଳୀନ ଖଣ୍ଡପୀଠ କହିଛନ୍ତି।



ସୂଚନାଯୋଗ୍ୟ ଯେ ପିଜି ମେଡିକାଲ ପାଠ୍ୟକ୍ରମ ଲାଗି ନାମଲେଖା ପ୍ରକ୍ରିୟା ୨୦୧୮ ନଭେମ୍ବରରେ ଆରମ୍ଭ ହୋଇଥିବାବେଳେ ସାଧାରଣ ବର୍ଗ ଆର୍ଥିକ ଦୁର୍ବଳ ଶ୍ରେଣୀଙ୍କ ନିମନ୍ତେ ୧୦ ପ୍ରତିଶତ ସ୍ଥାନ ସଂରକ୍ଷଣ ଲାଗି ୧୦୩ତମ ସମ୍ବିଧାନ ସଂଶୋଧନ ବିଲ୍ ଚଳିତବର୍ଷ ଜାନୁୟାରୀରେ ଗୃହୀତ ହୋଇଥିଲା। ମହାରାଷ୍ଟ୍ର ସରକାର ପିଜି ମେଡିକାଲ ପାଠ୍ୟକ୍ରମରେ ଉକ୍ତ ସ୍ଥାନ ସଂରକ୍ଷଣ ବ୍ୟବସ୍ଥା ଗତ ମାର୍ଚ୍ଚ ମାସରେ ଲାଗୁ କରିଥିଲେ।

## ଆସାମ ଏନ୍‌ଆର୍‌ସି ସ୍ୱଚ୍ଛ ପ୍ରକ୍ରିୟାର ଗ୍ୟାରେଣ୍ଟି ଚାହିଁଲେ ସୁପ୍ରିମକୋର୍ଟ

ନୂଆଦିଲ୍ଲୀ,୩୦।୫(ପି.ଟି.)

ଜାତୀୟ ନାଗରିକ ପଞ୍ଜୀକରଣ (ଏନ୍‌ଆର୍‌ସି) ଚିଠାରେ ଜନସାଧାରଣଙ୍କ ନାଁ ସାମିଲ କରିବା କିମ୍ବା ବାଦ୍ ଦେବା ନେଇ ହେଉଥିବା ଦାବି ତଥା ଅଭିଯୋଗକୁ ସ୍ୱଚ୍ଛତାର ସହ କାର୍ଯ୍ୟାନ୍ୱୟନ କରାଯାଉଛି କି ନାହିଁ ତାହା ସୁନିଶ୍ଚିତ କରାଇବା ଲାଗି ସୁପ୍ରିମକୋର୍ଟ ଗୁରୁବାର ଆସାମ ରାଜ୍ୟ ଏନ୍‌ଆର୍‌ସି ସମନ୍ୱୟକାରୀଙ୍କୁ ନିର୍ଦ୍ଦେଶ ଦେଇଛନ୍ତି। ଜୁଲାଇ ୩୧ ଏନ୍‌ଆରସି ବୃତ୍ତାନ୍ତ ତାଲିକା ପ୍ରକାଶର ଶେଷ ତାରିଖ ହୋଇଥିବାବେଳେ ପ୍ରଧାନ ବିଚାରପତି ରଞ୍ଜନ ଗୋଗୋଇ ଏବଂ ବିଚାରପତି ଅନିରୁଦ୍ଧ ବୋଷଙ୍କୁ ନେଇ ଗଠିତ ଅବକାଶକାଳୀନ ଖଣ୍ଡପୀଠ ଏହାର ରାଜ୍ୟ ସମନ୍ୱୟକାରୀ ପ୍ରତୀକ୍ ହାଜେଲାଙ୍କୁ କହିଛନ୍ତି।

## ■ ଉତ୍ତରପ୍ରଦେଶରେ ପୁଣି ମଦମୃତ୍ୟୁ

## ୩ ଜଣଙ୍କ ମୁଣ୍ଡ ଗଡ଼ିଲା, ୪ ଗୁରୁତର

ଲକ୍ଷ୍ନୌ, ୩୦।୫

ଉତ୍ତର ପ୍ରଦେଶର ସୀତାପୁରରେ ବିଷାକ୍ତ ମଦ ପିଇ ୩ ଜଣ ବ୍ୟକ୍ତିଙ୍କ ପ୍ରାଣହାନି ଘଟିଥିବାବେଳେ ୪ ଗୁରୁତର ହୋଇ ଚିକିତ୍ସାଧୀନ ଥିବା ଜଣାପଡ଼ିଛି। ମହମୁଦାବାଦରେ ଗତ ରବିବାର ରାତିରେ ଏମାନେ ମଦ ପିଇବା ପରେ ବାନ୍ତି, ମୁଣ୍ଡବିନ୍ଧା ସହ ଆଖିର ଦୃଷ୍ଟିଶକ୍ତି କମିବା ଆରମ୍ଭ ହୋଇଥିଲା। ପରିବାର ଲୋକେ ସେମାନଙ୍କୁ ହସ୍ପିଟାଲରେ ଭର୍ତ୍ତି କରିଥିବାବେଳେ ୩ ଜଣଙ୍କ ପ୍ରାଣବାୟୁ ଉଡ଼ିଯାଇଥିଲା। ମଦ ଦୋକାନୀ କହ୍ନେୟାଲାଲ୍‌ଙ୍କୁ ଧରିବା ଲାଗି ପୋଲିସ ଉଦ୍ୟମ ଜାରି ରଖିଥିବା ଜଣାପଡ଼ିଛି। ପ୍ରକାଶଥାଉ କି, ଉତ୍ତର ପ୍ରଦେଶର ବାରାବାଙ୍କିରେ କିଛିଦିନ ତଳେ ଏଭଳି ମଦମୃତ୍ୟୁ ହୋଇଥିଲା। ଏହି ଘଟଣାରେ ୧୩ ଜଣ ବ୍ୟକ୍ତିଙ୍କ ମୃତ୍ୟୁ ଘଟିଥିବାବେଳେ ୪ ଅଭିଯୁକ୍ତଙ୍କୁ ଗିରଫ କରାଯାଇ ସାରିଛି।

## ୨ ଲଶ୍କର ଆତଙ୍କବାଦୀ ନିହତ

ଶ୍ରୀନଗର, ୩୦।୫

ଜମ୍ମୁ-କଶ୍ମୀରର ବାରମୁଲ୍ଲା ଜିଲାରେ ସୁରକ୍ଷା କର୍ମୀଙ୍କ ସହ ଗୁଳି ବିନିମୟରେ ୨ ଲଶ୍କର-ଇ-ତୋଇବା ଆତଙ୍କବାଦୀ ଗୁରୁବାର ନିହତ ହୋଇଛନ୍ତି। ସୋପୋର୍‌ର ଡାଙ୍ଗରପୋରା ଗ୍ରାମରେ ଏହି ଏନ୍‌କାଉଣ୍ଟର୍ ହୋଇଥିଲା। ଏବେ ଅନ୍ୟ ଆତଙ୍କବାଦୀଙ୍କୁ ଧରିବା ଲାଗି ସର୍ଚ୍ଚ ଅପରେଶନ ଜାରି ରହିଛି। ଲଶ୍କର ଆତଙ୍କବାଦୀମାନେ ଲୁଚିଥିବା ଖବର ପାଇ ରାଷ୍ଟ୍ରୀୟ ରାଇଫଲ୍ସ, ପୋଲିସର ସ୍ପେଶାଲ ଅପରେଶନ ଗ୍ରୁପ ଓ ସିଆର୍‌ପିଏଫ୍ ଯବାନମାନେ ମିଳିତ ଅପରେଶନ ଆରମ୍ଭ କରିଥିଲେ।

## ନେତାନ୍ୟାହୁ ବିଫଳ ଇସ୍ରାଏଲରେ ହେବ ସାନି ନିର୍ବାଚନ



ଜେରୁଜେଲମ୍,୩୦।୫:(ପି.ଟି.)

ପୁଣି ଇସ୍ରାଏଲରେ ଜାତୀୟ ନିର୍ବାଚନ ଅନୁଷ୍ଠିତ ହେବ। ପ୍ରଧାନମନ୍ତ୍ରୀ ନେତାନ୍ୟାହୁ ମିଳିତ ସରକାର ଗଠନ କରିବାରେ ବିଫଳ ହେବା ପରେ ଦେଶରେ ପ୍ରଥମଥର ଲାଗି ଏଭଳି ସ୍ଥିତି ଉପୁଜିଛି। ସମସ୍ତ ସାଂସଦଙ୍କ ମତ ନିଆଯାଇ ସଂସଦ ଭଙ୍ଗ କରାଯାଇଛି। ସେପ୍ଟେମ୍ବର ୧୭ରେ ପୁଣି ଏଠାରେ ନିର୍ବାଚନ କରାଯିବ ବୋଲି ଜଣାପଡ଼ିଛି। ପ୍ରକାଶଥାଉ କି, ଗତ ଏପ୍ରିଲରେ ହୋଇଥିବା ନିର୍ବାଚନରେ ନେତାନ୍ୟାହୁଙ୍କ ଲିକୁଡ଼ ପାର୍ଟି ମୋଟ ୧୨୦ ଆସନରୁ ୩୫ରେ ବିଜୟୀ ହୋଇଥିଲା।

## ମଣିପୁର: ୧୨ କଂଗ୍ରେସ ବିଧାୟକଙ୍କ ଇସ୍ତଫା

ଇମ୍ଫାଲ୍, ୩୦।୫

ଲୋକ ସଭା ନିର୍ବାଚନରେ କଂଗ୍ରେସର ପରାଜୟ ପରେ ମଣିପୁରରେ ଦଳର ୧୨ ଜଣ ବିଧାୟକ ନୈତିକତା ଦୃଷ୍ଟିରୁ ଇସ୍ତଫା ଦେଇଛନ୍ତି। ସେମାନେ ହେଲେ ଏନ୍. ଲୋକେନ୍, ଜୟକିଷାନ, ମହମ୍ମଦ ଅବଦୁଲ୍ ନାସିର୍, ଡି. ଡି. ଥାଇସି, ସି. ଏଲ୍. ଆମୋ, ଗୋବିନ୍ଦାସ୍ କୋଣ୍ଠୋଜାମ୍, କେ. ରଣଜିତ୍, ଆଲ୍‌ଫ୍ରେଡ୍ କଙ୍ଗନମ୍ ଆର୍ଥର୍, ଡି.କେ.କୋରୁଙ୍ଗଥାଙ୍ଗ୍, ଆର୍.କେ. ଇମୋ ସିଂ, କେ. ମେଘଚନ୍ଦ୍ର ଓ ଫଜୁର୍ ରହିମ୍। ଏମାନେ ବିଧାୟକ ପଦରୁ ଇସ୍ତଫା ଦେଇଥିଲେ ହେଁ କଂଗ୍ରେସରେ ରହି ତୃଣମୂଳ ସ୍ତରରେ କାର୍ଯ୍ୟକରି ଦଳର ସଙ୍ଗଠନକୁ ମଜଭୁତ କରିବା ଲାଗି କାର୍ଯ୍ୟ କରିବେ ବୋଲି କହିଛନ୍ତି। ପ୍ରଦେଶ କଂଗ୍ରେସରେ ଏହି ୧୨ ଜଣ ନେତା ପ୍ରମୁଖ୍ୟ ଭୂମିକା ଗ୍ରହଣ କରିଥିଲେ।



## ଆନ୍ଧ୍ର ମୁଖ୍ୟମନ୍ତ୍ରୀ ଭାବେ ଶପଥ ନେଲେ ଜଗନ୍‌ମୋହନ

ନୂଆଦିଲ୍ଲୀ,୩୦।୫:

ୱାଇଏସ୍‌ଆର୍ କଂଗ୍ରେସ ପାର୍ଟି ନେତା ୱାଇ.ଏସ୍. ଜଗନ୍‌ମୋହନ ରେଡ୍ଡୀ ଆନ୍ଧ୍ରପ୍ରଦେଶ ମୁଖ୍ୟମନ୍ତ୍ରୀ ଭାବେ ଗୁରୁବାର ଶପଥ ଗ୍ରହଣ କରିଛନ୍ତି। ମଧ୍ୟାହ୍ନ ୧୨ଟା ୨୩ ମିନିଟରେ ରାଜ୍ୟପାଳ ଇ.ଏସ୍.ଏଲ୍. ନରସିଂହନ୍ ୪୬ ବର୍ଷୀୟ ଜଗନ୍‌ଙ୍କୁ ପଦ ଓ ଗୋପନୀୟତାର ଶପଥପାଠ କରାଇଥିଲେ। ସେ ତେଲୁଗୁ ଭାଷାରେ ଶପଥ ନେଇଥିଲେ। ତାଙ୍କ ମନ୍ତ୍ରିମଣ୍ଡଳର ଅନ୍ୟ ସଦସ୍ୟମାନେ ଜୁନ୍ ୭ରେ ଶପଥ ନେବେ ବୋଲି ଆଶା କରାଯାଉଛି। ୧୭୫ ଆସନ ବିଶିଷ୍ଟ ଆନ୍ଧ୍ରପ୍ରଦେଶ ବିଧାନସଭାରେ ୱାଇଏସ୍‌ଆର୍ କଂଗ୍ରେସ ପାର୍ଟି ୧୫୧ ଆସନରେ ବିଜୟୀ ହୋଇ ନିରଙ୍କୁଶ ସଂଖ୍ୟାଗରିଷ୍ଠତା ହାସଲ କରିଥିଲା। ରାଜ୍ୟର ୧୫ ଲୋକ ସଭା ଆସନରୁ ଜଗନ୍‌ଙ୍କ ଦଳକୁ ୨୨ ଆସନ ମିଳିଛି। ବିଜୟୱାଡାର ଆଇଜିଏମ୍‌ସି ଷ୍ଟାଡିୟମରେ ଅନୁଷ୍ଠିତ ଶପଥଗ୍ରହଣ ଉତ୍ସବରେ ବହୁସଂଖ୍ୟାରେ ଦଳୀୟ ନେତା ଓ କର୍ମୀ ଯୋଗଦେଇଥିଲେ। ତେଲେଙ୍ଗାନା ମୁଖ୍ୟମନ୍ତ୍ରୀ କେ. ଚନ୍ଦ୍ରଶେଖର ରାଓ, ଡିଏମ୍‌କେ ଅଧ୍ୟକ୍ଷ ଏମ୍.କେ. ଷ୍ଟାଲିନ ଏବଂ ପୁଡୁଚେରୀର ସ୍ୱାସ୍ଥ୍ୟମନ୍ତ୍ରୀ ମାଲ୍ଲାଡି କ୍ରିଷ୍ଣା ରାଓ ସ୍ୱତନ୍ତ୍ର ଅତିଥି ଭାବେ ଶପଥ ଗ୍ରହଣ ଉତ୍ସବରେ ଉପସ୍ଥିତ ଥିଲେ। ଏହା ବ୍ୟତୀତ ତେଲେଙ୍ଗାନାର ଉପମୁଖ୍ୟମନ୍ତ୍ରୀ ମହମ୍ମଦ ଅଲି, ବିଧାନସଭା ବାଚସ୍ପତି ପୋଚାରାମ ଶ୍ରୀନିବାସ ରେଡ୍ଡୀ, ମନ୍ତ୍ରୀ ତାଲାସାନି ଶ୍ରୀନିବାସ ଯାଦବ ମଧ୍ୟ ଉତ୍ସବରେ ଯୋଗଦେଇଥିଲେ। ମଞ୍ଚରେ ଜଗନ୍‌ଙ୍କ ମାଆ ତଥା ୱାଇଏସ୍‌ଆର୍ କଂଗ୍ରେସର ଅଧ୍ୟକ୍ଷା ୱାଇ.ଏସ୍. ବିଜୟାମ୍ମା, ଜଗନ୍‌ଙ୍କ ସ୍ତ୍ରୀ ଭାରତୀ, ଭଉଣୀ ଶର୍ମିଳା ଓ ପରିବାରର ଅନ୍ୟ ସଦସ୍ୟମାନେ ଉପସ୍ଥିତ ଥିଲେ। ମୁଖ୍ୟମନ୍ତ୍ରୀ ଭାବେ ଜଗନ୍‌ଙ୍କ ଶପଥଗ୍ରହଣ ପରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଏବଂ କଂଗ୍ରେସ ଅଧ୍ୟକ୍ଷ ରାହୁଲ ଗାନ୍ଧୀ ତାଙ୍କୁ ଅଭିନନ୍ଦନ ଜଣାଇଛନ୍ତି।

ଆଗାମୀ ଅଗଷ୍ଟ ୧୫ରୁ ଆନ୍ଧ୍ରପ୍ରଦେଶର ଜନସାଧାରଣ ଦୁର୍ନୀତି, ପକ୍ଷପାତିତା ଏବଂ ସରକାରୀ ଯୋଜନାର ସୁବିଧା ନ ପାଇଲେ ସିଧାସଳଖ ମୁଖ୍ୟମନ୍ତ୍ରୀଙ୍କ କାର୍ଯ୍ୟାଳୟରେ ଅଭିଯୋଗ କରିପାରିବେ। ଏଥିପାଇଁ ମୁଖ୍ୟମନ୍ତ୍ରୀଙ୍କ କାର୍ଯ୍ୟାଳୟରେ ଏକ କଲ୍ ସେଣ୍ଟର ଖୋଲାଯିବା ନେଇ ମୁଖ୍ୟମନ୍ତ୍ରୀ ଜଗନ୍‌ମୋହନ ଗୁରୁବାର ଶପଥଗ୍ରହଣ ପରେ ଘୋଷଣା କରିଛନ୍ତି। ଏଥିସହିତ ଦୁର୍ନୀତି ଦୂରୀକରଣ ସମେତ ନିର୍ବାଚନ ବେଳେ ଦେଇଥିବା ସମସ୍ତ ପ୍ରତିଶ୍ରୁତି ପାଳନ କରିବେ ବୋଲି ଶପଥ ଗ୍ରହଣ ପରେ ସେ ଉଦ୍‌ବୋଧନ ଦେଇ କହିଛନ୍ତି।





ଯିଏ ଯାହା ମନରେ ଅଛି, ସେ ତା ଠାରୁ ଦୂରରେ ରହି ମଧ ଦୂରରେ ନ ଥାଏ କିନ୍ତୁ ଯିଏ ଯାହା ମନରେ ନାହିଁ, ସେ ତା ପାଖରେ ଥାଇ ମଧ ଦୂରରେ ଥାଏ।

- ଚାଣକ୍ୟ



## ସଂକ୍ଷେପରେ

### ଜାଗାବାଡ଼ି ବିବାଦରୁ ମାରପିଟ୍

**ଛେଣ୍ଡିପଦା, ୩୦।୫(ସ୍ୱ.ପ୍ର.):** ଅନୁଗୋଳ ଜିଲା ଛେଣ୍ଡିପଦା ଥାନା କୁମ୍ଭାରସାହିରେ ଦୁଇ ପରିବାର ମଧରେ ଜାଗାବାଡିକୁ ନେଇ ମାର୍‌ପିଟ ହୋଇଛି। ଏ ନେଇ ଉଭୟ ପକ୍ଷରୁ ଥାନାରେ ଅଭିଯୋଗ କରାଯାଇଛି। ଜାଗାର ସୀମା ଖୁଣ୍ଟ ପୋତାକୁ ନେଇ ସାହିର ବିଦ୍ୟୁଲତା ବେହେରା ଓ ଲକ୍ଷ୍ମୀଧର ବେହେରାଙ୍କ ପରିବାର ମଧରେ ବଚସା ହୋଇ ମାର୍‌ପିଟ୍ ହୋଇଥିଲା। ଏଥିରେ ବିଦ୍ୟୁଲତାଙ୍କ ମୁଣ୍ଡ ଫାଟି ଯାଇଥିଲା। ଛେଣ୍ଡିପଦା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଚିକିତ୍ସା ହେବା ପରେ ବିଦ୍ୟୁଲତା ଥାନାରେ ଅଭିଯୋଗ କରିଛନ୍ତି। ସେହିପରି ଅପରପକ୍ଷରୁ ମଧ ଥାନାରେ ପାଲଟା ଅଭିଯୋଗ ହୋଇଛି। ପୋଲିସ ନଂ. ୧୭୦ ଓ ୧୭୨ରେ ୨ଟି ମାମଲା ରୁଜୁ କରିଛି।




### ଅକ୍ସିଜେନ୍ ଲଗାଇଲେନି ନର୍ସ: ବୃଦ୍ଧାଙ୍କ ମୃତ୍ୟୁ

**ଜୟପୁର,୩୦।୫(ନି.ପ୍ର.)**

ଜଣେ ବୃଦ୍ଧାଙ୍କୁ ତୁରନ୍ତ ଅକ୍ସିଜେନ ଦେବା ପାଇଁ ଡାକ୍ତର କହିବା ପରେ ମଧ ଦାୟିତ୍ୱରେ ଥିବା ନର୍ସ ଠିକ ସମୟରେ ତାହା କଲେନାହିଁ। ଫଳରେ ବୃଦ୍ଧାଙ୍କ ମୃତ୍ୟୁ ହୋଇଥିବା ତାଙ୍କ ପରିବାର ଲୋକେ ଅଭିଯୋଗ କରିଛନ୍ତି । ବ୍ରହ୍ମପୁରର ରଙ୍ଗବତୀ ମଣ୍ଡଳ (୬୫) ତାଙ୍କ ଝିଅ ଘର ଜୟପୁର ବାଲିପେଟା ସାହି ଆସିଥିଲେ। ଗୁରୁବାର ଅପରାହ୍ନରେ ରଙ୍ଗବତୀ ହଠାତ୍ ଅସୁସ୍ଥ ହେବାରୁ ଝିଅ ଲକ୍ଷ୍ମୀ ନାୟକ ତାଙ୍କୁ ୧୦୮ ଆମ୍ବୁଲାନ୍ସ ଡକାଇ ଜିଲା ଚିକିତ୍ସାଳୟରେ ଭର୍ତ୍ତି କରିଥିଲେ। ଡାକ୍ତର ରଙ୍ଗବତୀଙ୍କ ସ୍ୱାସ୍ଥ୍ୟାବସ୍ଥା ଦେଖି ତୁରନ୍ତ ତାଙ୍କୁ ଆଡମିଟ୍ କରିବା ସହ ଅକ୍ସିଜେନ ଦେବା ପାଇଁ କହିଥିଲେ। ପରେ ରଙ୍ଗବତୀଙ୍କୁ ଦ୍ୱିତୀୟ ମହଲା ନିଆଯାଇଥିଲା। ସେଠାରେ କାର୍ଯ୍ୟରତ ନର୍ସ ଅକ୍ସିଜେନ ଠିକ୍ ସମୟରେ ନ ଲଗାଇବାରୁ ରଙ୍ଗବତୀଙ୍କ ମୃତ୍ୟୁ ହୋଇଥିଲା। ଏନେଇ ଚିକିତ୍ସାଳୟରେ ଉତ୍ତେଜନା ସୃଷ୍ଟି ହୋଇଥିଲା।

# ୧୩ ଜିଲାରେ ଝଡ଼ବର୍ଷା ସମ୍ଭାବନା

- ୪୧ ଡିଗ୍ରୀ ଉପରେ ୧୦ ସହର
- ଉପକୂଳରେ କମିଲା ତାତି

**ଭୁବନେଶ୍ୱର,୩୦।୫(ବ୍ୟୁରୋ)**

ରାଜ୍ୟରେ ତାତିର ପ୍ରକୋପ କିଛି ମାତ୍ରାରେ ହ୍ରାସ ପାଇଛି। ତଥାପି ପଶ୍ଚିମ ଓ ଆଭ୍ୟନ୍ତରୀଣ ଓଡିଶାର ୧୦ ସହରରେ ପାରଦ ୪୧ ଡିଗ୍ରୀ ସେଲସିୟସ ଉପରେ ରହିଛି। ପୂର୍ବ ଭଳି ଆଉ ଗ୍ରୀଷ୍ମ ପ୍ରବାହ ନାହିଁ। ଆଞ୍ଚଳିକ ପାଣିପାଗ କାର୍ଯ୍ୟାଳୟ ସୂତ୍ରରୁ ମିଳିଥିବା ସୂଚନା ଅନୁଯାୟୀ ଟିଟିଲାଗଡରେ ସର୍ବୋଚ୍ଚ ତାପମାତ୍ରା ୪୪ ଡିଗ୍ରୀ ସେଲସିୟସ ରେକର୍ଡ କରାଯାଇଥିବା ବେଳେ ବଲାଙ୍ଗୀର ୪୨.୫, ଝାରସୁଗୁଡା ୪୨.୨, ଭବାନୀପାଟନା ୪୨, ଅନୁଗୋଳ ୪୧.୭, ସମ୍ବଲପୁର ୪୧.୩, ହୀରାକୁଦ ୪୧.୧, ସୁନ୍ଦରଗଡ ୪୧ ଏବଂ ସୋନପୁରରେ ସର୍ବୋଚ୍ଚ ତାପମାତ୍ରା ୪୧ ଡିଗ୍ରୀ ସେଲସିୟସ ରେକର୍ଡ କରାଯାଇଛି। ଉପକୂଳ ଓଡିଶାରେ ତାତି ଓ ଗୁଳୁଗୁଳି ମଧ ସାମାନ୍ୟ ହ୍ରାସ ପାଇଛି। ଆସନ୍ତା ଜୁନ ୫ ତାରିଖ ଯାଏ ରାଜ୍ୟରେ ପାଗରେ ପରିବର୍ତ୍ତନ ହେବ। କେତେକ ସ୍ଥାନରେ ପ୍ରାକ୍ ମୌସୁମୀ ବର୍ଷା ହେବାର ସମ୍ଭାବନା ରହିଛି। ଆସନ୍ତା ୨୪ ଘଣ୍ଟା ମଧ୍ୟରେ ୧୩ଟି ଜିଲାରେ କାଳବୈଶାଖୀଜନିତ ଝଡବର୍ଷା ହେବ ବୋଲି ପାଣିପାଗ ବିଭାଗ ପକ୍ଷରୁ ସତର୍କ ସୂଚନା ଜାରି କରାଯାଇଛି। ସେହି ଜିଲାଗୁଡିକ ହେଲା କୋରାପୁଟ, ନବରଙ୍ଗପୁର, କଳାହାଣ୍ଡି, କନ୍ଧମାଳ, ଗଜପତି, ମୟୂରଭଞ୍ଜ, କେନ୍ଦୁଝର, ବଲାଙ୍ଗୀର, ଝାରସୁଗୁଡା, ସୁନ୍ଦରଗଡ, ଦେବଗଡ ଏବଂ ସମ୍ବଲପୁର। ସେହି ଜିଲାଗୁଡିକର କେତେକ ସ୍ଥାନରେ ଘଣ୍ଟାକୁ ୩୦ରୁ ୪୦ କିଲୋମିଟର ପବନ ବହିବା ସହ ଘଡଘଡି ଜନିତ ବର୍ଷା ହେବ ବୋଲି ପୂର୍ବାନୁମାନ କରାଯାଇଛି।

# ସମୀକ୍ଷା ବାହାନାରେ ସୁରକ୍ଷା

## ■ ରାଜ୍ୟ ନେତୃତ୍ୱ ଉପରେ ଦୋଷ ଲଦିଲେ ବରିଷ୍ଠ

**ଭୁବନେଶ୍ୱର, ୩୦।୫(ବ୍ୟୁରୋ)**

**କଂଗ୍ରେସ ବିପର୍ଯ୍ୟୟ**
- ବାପ-ପୁଅଙ୍କୁ ଟିକେଟ ମିଳିବା ନେଇ କ୍ଷୁବ୍ଧ
- ରାହୁଲଙ୍କୁ କଂଗ୍ରେସ ଅଧ୍ୟକ୍ଷ ରଖିବାକୁ ପ୍ରସ୍ତାବ ପାରିତ

ଗତ ନିର୍ବାଚନରେ ରାଜ୍ୟ କଂଗ୍ରେସର ଶୋଚନୀୟ ପରାଜୟ ହୋଇଛି। ତୃତୀୟ ସ୍ଥାନରୁ ଦ୍ୱିତୀୟକୁ ଖସିଛି ଦଳ । ଲୋକସଭା ଆସନରେ ଗୋଟିଏ ସିଟ୍‌ରେ ବିଜୟୀ ହୋଇଥିବା ବେଳେ ବିଧାନସଭାରେ କଂଗ୍ରେସ ଦୁଇ ଅଙ୍କ ଛୁଇଁ ପାରି ନାହିଁ। ଦଳର ଏଭଳି ବିପର୍ଯ୍ୟୟକୁ ରାଜ୍ୟର ବରିଷ୍ଠ ନେତାମାନେ ହଜମ କରି ପାରି ନାହାନ୍ତି। ନିର୍ବାଚନ ପରିଚାଳନା ଓ ଦଳୀୟ ନେତୃତ୍ୱର ବିଫଳତା ଯୋଗୁ କଂଗ୍ରେସକୁ ଏଭଳି ଦୁର୍ଦ୍ଦଶା ଭୋଗିବାକୁ ପଡିଲା ବୋଲି ରାଜ୍ୟ ନେତାମାନେ ଗୋଟିଏ ସ୍ୱରରେ କହିଛନ୍ତି। ୨୦୧୪ କଂଗ୍ରେସର ଭୋଟ ସେୟାର ୨୫.୭ ପ୍ରତିଶତ ଥିବା ବେଳେ ଏହି ନିର୍ବାଚନରେ ୧୬.୧୨ ପ୍ରତିଶତରେ ପହଞ୍ଚିଛି। ବିରୋଧୀ ଦଳ ମାନ୍ୟତା ମଧ ହାତରୁ ଖସି ଯାଇଛି। ମାତ୍ର ୯ଟି ବିଧାନସଭା ଆସନରେ କଂଗ୍ରେସକୁ ସନ୍ତୁଷ୍ଟ ହେବାକୁ ପଡିଛି। ରାଜ୍ୟ କଂଗ୍ରେସ ବିପର୍ଯ୍ୟୟର କାରଣ ଖୋଜିବାକୁ ଦଳ ପକ୍ଷରୁ ଗୁରୁବାର ପୂର୍ବାହ୍ନରେ ପିସିସି କାର୍ଯ୍ୟାଳୟରେ ଦଳର ଖରାପ ପ୍ରଦର୍ଶନ ନେଇ ଏକ ଗୁରୁତ୍ୱପୂର୍ଣ୍ଣ ବୈଠକ ଦୁଇଟି ପର୍ଯ୍ୟାୟରେ ଅନୁଷ୍ଠିତ ହୋଇଛି। ବୈଠକକୁ ଚଳିତ ନିର୍ବାଚନରେ ପ୍ରାର୍ଥୀ ହୋଇଥିବା ନେତାମାନଙ୍କୁ ଡକାଯାଇଥିଲା। କେଉଁ କାରଣରୁ ଦଳ ଖରାପ ପ୍ରଦର୍ଶନ କଲା ସେ ନେଇ ମାନସ ମନ୍ଥନ ହୋଇଛି । ଆଲୋଚନା ବେଳେ ବରିଷ୍ଠ ନେତାମାନେ ଦଳର ଏଭଳି ଦୁର୍ଦ୍ଦଶା ପାଇଁ କଂଗ୍ରୋସ ନେତୃତ୍ୱକୁ ଦାୟୀ କରିଥିଲେ।

ବୈଠକରେ ଦଳର ରାଜ୍ୟ ପ୍ରଭାରୀ ଜିତେନ୍ଦ୍ର ସିଂ, ଟି.ଏସ୍. ସିଂଦେଓ, ନିରଞ୍ଜନ ପଟ୍ଟନାୟକ, ତାରା ପ୍ରସାଦ ବାହିନୀପତି, ଭକ୍ତ ଚରଣ ଦାସ ପ୍ରମୁଖ ବରିଷ୍ଠ ନେତା ଉପସ୍ଥିତ ଥିଲେ। କେଉଁ କାରଣରୁ ନିଜ ନିଜ ଅଞ୍ଚଳରେ ପ୍ରାର୍ଥୀମାନେ ପରାଜିତ ହୋଇଛନ୍ତି ତା'ର କାରଣ ପଚରାଯାଇଥିଲା। ଜଣ ଜଣ କରି ନିଜର ମତ ଦେଇଥିଲେ। ତେବେ ଏହି ବୈଠକର ମୁଖ୍ୟ ଉଦ୍ଦେଶ୍ୟ ଥିଲା ରାହୁଲ ଗାନ୍ଧୀଙ୍କୁ ଏଆଇସିସି ଅଧ୍ୟକ୍ଷ ପଦରେ ରଖିବା ପାଇଁ ପ୍ରସ୍ତାବ ପାରିତ କରିବା। ଏହି ପ୍ରସ୍ତାବ ପାରିତ ହେବା ସମୟରେ ନିରଞ୍ଜନ ନିଜ ସମ୍ପର୍କରେ ଏକ ପ୍ରସ୍ତାବ ପାରିତ କରି ଏଆଇସିସି ନିକଟକୁ ପଠାଇବାକୁ ଚାହିଁଥିଲେ। ହେଲେ ଜିତେନ୍ଦ୍ର ସିଂ ଏକକାଳୀନ ଦୁଇଟି ଯାକ ପ୍ରସ୍ତାବ ପାରିତ କରିବାକୁ ବାରଣ କରିଥିଲେ। ।ପ୍ରଦେଶ କଂଗ୍ରେସ କମିଟି(ପିସିସି) ସଭାପତି ନିରଞ୍ଜନ ପଟ୍ଟନାୟକ ଦଳର ପ୍ରଦର୍ଶନ ଖରାପ ହେବା ଯୋଗୁ ନିଜ ପଦରୁ ଇସ୍ତଫା ଦେଇଥିଲେ। ହେଲେ ତାଙ୍କ ଇସ୍ତଫା ପତ୍ର ଏପର୍ଯ୍ୟନ୍ତ ଅଖିଳ ଭାରତ କଂଗ୍ରେସ କମିଟି(ଏଆଇସିସି) ପକ୍ଷରୁ ଗ୍ରହଣ କରାଯାଇନାହିଁ। ଅନ୍ୟପଟେ ନିରଞ୍ଜନ ମଧ ନିଜ ପଦରୁ ଇସ୍ତଫା ଦେବାକୁ ଚାହୁଁ ନ ଥିବା ଶୁଣିବାକୁ ମିଳିଛି। ନିଜ ଦୋଷ ତ୍ରୁଟିକୁ ଘୋଡାଇବା ସକାଶେ ନିରଞ୍ଜନ ଏଭଳି ବାହାନା କରିଥିବା ରାଜନୈତିକ ମହଲରେ ଚର୍ଚ୍ଚା ଜୋର୍ ଧରିଛି। ମୁଖ୍ୟତଃ ବିପର୍ଯ୍ୟୟ ସମୀକ୍ଷା ନାଁରେ ନିରଞ୍ଜନଙ୍କୁ ସୁରକ୍ଷା ପାଇଁ ବୈଠକରେ ସାମିଲ ହୋଇଥିବା କେନ୍ଦ୍ରୀୟ ନେତାମାନେ ଉଦ୍ୟମ କରିଥିବା ଦଳର କେତେଜଣ ନେତା ନିଜ ନାମ ଗୋପନ ରଖିବା ସର୍ତ୍ତରେ କହିଛନ୍ତି।

ଅପରାହ୍ନରେ ଦଳର ବହୁ ବରିଷ୍ଠ ନେତାଙ୍କୁ ନେଇ ଏକ ବୈଠକ ଅନୁଷ୍ଠିତ ହୋଇଥିଲା। ଦଳର ବିପର୍ଯ୍ୟୟ ପାଇଁ ଆଗଧାଡ଼ିର ନେତାମାନେ ତୀବ୍ର ପ୍ରତିକ୍ରିୟା ପ୍ରକାଶ କରିଥିଲେ। ଶରତ ରାଉତ, ଜଗନ୍ନାଥ ପଟ୍ଟନାୟକ, ଅମୀୟ ପଟ୍ଟନାୟକ ଏବଂ ରବି ସେଠୀ ପ୍ରମୁଖ ନେତାମାନେ ସିଧାସଳଖ ନିରଞ୍ଜନଙ୍କ ବିରୋଧରେ ଅଭିଯୋଗ ଆଣିଥିଲେ। ନିର୍ବାଚନ ପ୍ରଚାର କମିଟି ଗଠନ କରାଯାଇଥିଲେ ମଧ ତାହା କାର୍ଯ୍ୟକ୍ଷମ ହୋଇ ନ ଥିଲା। ଏଥି ସହ ଗୋଟିଏ ପରିବାର ପିଛା ଦୁଇଟି ଟିକେଟ ଦିଆଯିବାକୁ ନେଇ ଆପତ୍ତି ଉଠିଥିଲା । ଏହା ପରାଜୟର ଅନ୍ୟ ଏକ କାରଣ ବୋଲି ନେତାମାନେ ରାଜ୍ୟ ପ୍ରଭାରୀଙ୍କ ନିକଟରେ କହିଥିଲେ। ବାପ-ପୁଅ ଟିକେଟ ନେବା ପ୍ରସଙ୍ଗ ଜୟପୁର ବିଧାୟକ ତାରାପ୍ରସାଦ ବାହିନୀପତି ମଧ ଉଠାଇଥିଲେ। ଅନ୍ୟପଟେ ଜଗନ୍ନାଥ ପଟ୍ଟନାୟକ କହିଥିଲେ ନିର୍ବାଚନ ସମୟରେ ପ୍ରଚାର କମିଟି ଠିକ୍ ଢଙ୍ଗରେ କାର୍ଯ୍ୟ ନ କରିବା ଏବଂ ରାଜ୍ୟ ନେତୃତ୍ୱ ରାହୁଲଙ୍କ ନିର୍ଦ୍ଦେଶ ଠିକ୍‌ଭାବେ ପାଳନ କରି ନ କରିବାରୁ ଏଭଳି ବିପର୍ଯ୍ୟୟ ହେଲା। କଂଗ୍ରେସର ୨୧ ଜଣିଆ କମିଟିକୁ ନେଇ ରବି ସେଠୀ ଅସନ୍ତୋଷ ବ୍ୟକ୍ତ କରିଥିଲେ। ଯେଉଁମାନେ ଦଳର କ୍ଷତି ପାଇଁ ଦାୟୀ ସେମାନଙ୍କୁ ବିପର୍ଯ୍ୟୟ କାରଣ ଖୋଜିବାକୁ ଦାୟିତ୍ୱ ଦେବା କେତେଦୂର ଠିକ୍ ବୋଲି ସେ ନେଇ ଦଳୀୟ ମହଲରେ ପ୍ରଶ୍ନ ଉଠିଛି। ଆଗାମୀ ୬ମାସ ପର୍ଯ୍ୟନ୍ତ ଦଳ ପାଇଁ କାମ କରିବାକୁ ପ୍ରଭାରୀ ଜିତେନ୍ଦ୍ର ସିଂ ପରାମର୍ଶ ଦେଇଥିଲେ। ଦଳକୁ କିପରି ଅଧିକ ସଙ୍ଗଠିତ କରିହେବ ଏବଂ ପୌର ନିର୍ବାଚନରେ ଭଲ ଫଳ ମିଳିବ ତା' ଉପରେ ଗୁରୁତ୍ୱ ଦେବାକୁ ସେ କହିଥିଲେ। ବୈଠକରେ କୋରାପୁଟ ଲୋକସଭା ଆସନରୁ ନବ ନିର୍ବାଚିତ ଏମପି ସପ୍ତଗିରି ଉଲାକାଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା।

# ଶପଥ ନେଲେ ନୂଆ ବିଧାୟକ

## କାମଚଳା ବାଚସ୍ପତି ଶପଥପାଠ କରାଇଲେ

**ଭୁବନେଶ୍ୱର,୩୦।୫(ବ୍ୟୁରୋ)**

ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଓ ତାଙ୍କ ମନ୍ତ୍ରୀ ମଣ୍ଡଳର ସଦସ୍ୟମାନେ ବୁଧବାର ଶପଥ ନେବା ପରେ ଗୁରୁବାର ନବନିର୍ବାଚିତ ବିଧାୟକମାନେ ଶପଥ ନେଇଛନ୍ତି। କାମଚଳା ବାଚସ୍ପତି ଅମର ଶତପଥୀ ବିଧାନସଭାରେ ବିଧାୟକମାନଙ୍କୁ ଶପଥପାଠ କରାଇଛନ୍ତି। ଏହି ଶପଥପାଠ କାର୍ଯ୍ୟକ୍ରମ ଦୁଇ ଦିନ ଧରି ଚାଲିବ।

ଗୁରୁବାର ପୂର୍ବାହ୍ନ ୧୦ଟା ୫୧ ମିନିଟରେ ଶପଥ ଗ୍ରହଣ ଆରମ୍ଭ ହୋଇଥିଲା। ପ୍ରଥମେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କୁ କାମଚଳା ବାଚସ୍ପତି ଶପଥପାଠ କରାଇଥିଲେ। ଏହା ପରେ ବିଜେଡି ବିଧାୟକ ବିକ୍ରମ କେଶରୀ ଆରୁଖ, ଅରୁଣ ସାହୁ, ସୁଦାମ ମାର୍ଣ୍ଡି, ପ୍ରତାପ ଜେନା, ବଦ୍ରି ନାରାୟଣ ପାତ୍ର, ଅନନ୍ତ ଦାସ, ପ୍ରଫୁଲ୍ଲ ମଲ୍ଲିକ, ଭୂପିନ୍ଦର ସିଂ, ନିତ୍ୟାନନ୍ଦ ସାହୁ, ପୂର୍ଣ୍ଣ ଚନ୍ଦ୍ର ସ୍ୱାଇଁ, ଧ୍ରୁବ ଚରଣ ସାହୁ, ଶ୍ରୀକାନ୍ତ ସାହୁ, ଶଶିଭୂଷଣ ବେହେରା, ପ୍ରଣବ ପ୍ରକାଶ ଦାସ, ଭାଗୀରଥି ସେଠୀ, ପ୍ରଣବ ବଳବନ୍ତ ରାୟ, ରଘୁ ନନ୍ଦନ ଦାସ, ପ୍ରମିଳା ମଲ୍ଲିକଙ୍କ ସମେତ ପର୍ଯ୍ୟାୟକ୍ରମେ ଜଣକ ପରେ ଜଣେ ୧୦୬ ଜଣ ବିଧାୟକଙ୍କୁ କାମଚଳା ବାଚସ୍ପତି ଶପଥପାଠ କରାଇଛନ୍ତି। ସେଥିରେ ବିଜେଡିର ୯୩ ଜଣ, ଭାଜପାର ୬, କଂଗ୍ରେସର ୬ ଜଣ ଏବଂ ଜଣେ ସ୍ୱାଧୀନ ବିଧାୟକ ଶପଥ ନେଇଛନ୍ତି। କଂଗ୍ରେସର ବରିଷ୍ଠ ନେତାଙ୍କ ମଧ୍ୟରେ ନରସିଂହ ମିଶ୍ର, ସୁରେଶ କୁମାର ରାଉତରାୟ, ତାରା ପ୍ରସାଦ ବାହିନୀପତି, ଭାଜପାର ଜୟନାରାୟଣ ମିଶ୍ର, ମଦନମୋହନ ଦତ୍ତ, ସନାତନ ବିଜୁଳି, ଲଳିତେନ୍ଦୁ ବିଦ୍ୟାଧର ମହାପାତ୍ର, କେ. ନାରାୟଣ ରାଓ, ସୁକାନ୍ତ ନାଏକ, ସ୍ୱାଧୀନ ବିଧାୟକ ମକରନ୍ଦ ମୁଦୁଲି ପ୍ରମୁଖ ଶପଥ ନେଇଛନ୍ତି। ଅନ୍ୟମାନଙ୍କୁ ଶୁକ୍ରବାର କାମଚଳା ବାଚସ୍ପତି ଶପଥପାଠ କରାଇବେ।



ବିଧାନସଭାରେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କୁ କାମଚଳା ବାଚସ୍ପତି ଅମର ପ୍ରସାଦ ଶତପଥୀ ଶପଥପାଠ କରାଉଛନ୍ତି।

# ମହୁମାଛି ଆକ୍ରମଣରେ ବାଳକ ମୃତ, ୧୭ ଆହତ

**ରାୟଗଡା ଅଫିସ୍, ୩୦।୫**

ରାୟଗଡ଼ା ଜିଲାର ପୃଥକ୍ ସ୍ଥାନରେ ମହୁମାଛି ଆକ୍ରମଣରେ ଜଣେ ବାଳକଙ୍କ ମୃତ୍ୟୁ ଘଟିଥିବାବେଳେ ୧୭ଜଣ ଆହତ ହୋଇଛନ୍ତି। ମୃତକ ହେଲେ ସଙ୍ଗ ପାଲାକା (୯) । ଏହି ଘଟଣା ଅଞ୍ଚଳରେ ଶୋକର ଛାୟା ଖେଳାଇ ଦେଇଛି।

ଚାନ୍ଦିଲି ଥାନା କୋଲନରା ବ୍ଲକ୍ ଅନ୍ତର୍ଗତ ଭେଜା ଗ୍ରାମର ସଙ୍ଗ ପାଲାକା, ଜୟସିଂ କଣ୍ଡାଗରୀ, ମିନାରାଓ ପାଲାକା ପାହାଡ଼ ଉପରକୁ ଆମ୍ବ ତୋଳିବାକୁ ଯାଇଥିବାବେଳେ ମହୁମାଛି ଆକ୍ରମଣର ଶିକାର ହୋଇଥିଲେ। ଜୟସିଂ, ମିନାରାଓ ଦୌଡ଼ି ପଳାଇ ଯାଇଥିଲେ। ଗୁରୁତର ଅବସ୍ଥାରେ ସଙ୍ଗଙ୍କୁ ଉଦ୍ଧାର କରାଯାଇ ଡାକ୍ତରଖାନାରେ ଭର୍ତ୍ତି କରାଯାଇଥିଲା। ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ଅନ୍ୟ ୨ଜଣ ଚିକିତ୍ସିତ ହେଉଛନ୍ତି। ସେହିପରି ରିଭଲକଣା ଗ୍ରାମରେ ମହୁମାଛି ଆକ୍ରମଣରେ ୧୫ ଜଣ ଆହତ ହୋଇଛନ୍ତି। ମୃତଦେହ ସଂସ୍କାର କରିବାକୁ ଶ୍ମଶାନକୁ ଯାଇଥିବାବେଳେ ଏହି ଘଟଣା ଘଟିଛି। ସମସ୍ତଙ୍କୁ ଜିଲା ମୁଖ୍ୟ ଚିକିତ୍ସାଳୟରେ ଭର୍ତ୍ତି କରାଯାଇଛି।

# କାଠମାଣ୍ଡୁରେ ପହଞ୍ଚିଲା କଳ୍ପନାଙ୍କ ପାର୍ଥିବ ଶରୀର

- ବ୍ୟବଚ୍ଛେଦ ପ୍ରକ୍ରିୟା ଆରମ୍ଭ
- ଜନ୍ମମାଟିକୁ ଆସିବ ମୃତଦେହ

**ଢେଙ୍କାନାଳ ଅଫିସ, ୩୦।୫**

ଏଭରେଷ୍ଟ ବିଜୟିନୀ କଳ୍ପନା ଦାଶଙ୍କ ମୃତଦେହ ଉଦ୍ଧାର କାର୍ଯ୍ୟ ସଫଳ ହୋଇଛି। ଗୁରୁବାର ବେସ୍‌କ୍ୟାମ୍ପ-୪ରୁ ତାଙ୍କର ପାର୍ଥିବ ଶରୀର ହେଲିକପ୍ଟର ଯୋଗେ କାଠମାଣ୍ଡୁ ଅଣାଯାଇଛି। ଏହାପରେ ଆରମ୍ଭ ହୋଇଛି ବ୍ୟବଚ୍ଛେଦ ପ୍ରକ୍ରିୟା। ମରଶରୀର ପ୍ରଥମେ ଦିଲ୍ଲୀ ଏବଂ ସେଠାରୁ ଭୁବନେଶ୍ୱର ଅଣାଯିବ। ଏହାପରେ ଜନ୍ମମାଟି ଢେଙ୍କାନାଳକୁ ଅଣାଯାଇ ଅନ୍ତିମ ସଂସ୍କାର କରାଯିବ। ଏହି ସମସ୍ତ କାର୍ଯ୍ୟ ପାଇଁ ୨ଦିନ ଲାଗିବ ବୋଲି କଳ୍ପନାଙ୍କ ପୁତୁରା ଗୌରୀଶଙ୍କର ଦାଶ ଫୋନ୍‌ଯୋଗେ ସୂଚନା ଦେଇଛନ୍ତି।



କଳ୍ପନାଙ୍କ ମରଶରୀର ନିକଟରେ ଭାଇ ପ୍ରଦୀପ ଦାଶ।

କଳ୍ପନାଙ୍କ ମୃତଦେହ ଆଣିବାକୁ କାଠମାଣ୍ଡୁ ଯାଇଛନ୍ତି ତାଙ୍କ ଭାଇ ପ୍ରଦୀପ ଦାଶ। ପର୍ବତ ଆରୋହଣ ପୋଷାକରେ ଥିବା ଦୁଃସାହସୀ ଭଉଣୀଙ୍କ ମରଶରୀର ଦେଖି ସେ କୋହ ସମ୍ବରଣ କରିପାରି ନ ଥିଲେ। ଅନ୍ୟପଟେ କଳ୍ପନାଙ୍କ ମୃତଦେହ ଉଦ୍ଧାର ହୋଇଥିବା ଖବର ପହଞ୍ଚିବା ପରେ ମା' ଶୈଳବାଳା ଦାଶଙ୍କ ସମେତ ପରିବାରର ଅନ୍ୟ ସଦସ୍ୟ ଦୁଃଖରେ ମ୍ରିୟମାଣ ହୋଇପଡ଼ିଛନ୍ତି। ଶୋକସନ୍ତପ୍ତ ପରିବାରକୁ ସମବେଦନା ଜଣାଇବାକୁ ସମ୍ପର୍କୀୟ ଏବଂ ଅଞ୍ଚଳବାସୀଙ୍କ ଭିଡ଼ ଲାଗିରହିଛି।

ପିଲାଟି ଦିନରୁ ଏଭରେଷ୍ଟ ଶିଖର ଛୁଇଁବା ସ୍ୱପ୍ନ ଦେଖିଥିଲେ କଳ୍ପନା। ନିଜର ଏହି ଇଚ୍ଛା ପୂରଣ କରିବାକୁ ସେ ୨୦୦୪ ଏବଂ ୨୦୦୬ରେ ଅଭିଯାନ ଆରମ୍ଭ କରିଥିଲେ। ହେଲେ ପ୍ରତିକୂଳ ପାଗ ତାଙ୍କୁ ସାଥ୍ ଦେଇ ନ ଥିଲା। ତେବେ ୨୦୦୮ରେ ଦୃଢ଼ ଇଚ୍ଛାଶକ୍ତି ତାଙ୍କୁ ଏଭରେଷ୍ଟ ଶୀର୍ଷରେ ପହଞ୍ଚାଇଥିଲା। ଏହାପରେ ଓଡ଼ିଶାର ଦୁଃସାହସିକ କ୍ରୀଡ଼ା ଇତିହାସରେ ଯୋଡ଼ି ହୋଇଥିଲା ନୂତନ ଫର୍ଦ୍ଦ। ଦୀର୍ଘ ୧୧ ବର୍ଷ ପରେ ଗତ ଏପ୍ରିଲରେ ୫୨ବର୍ଷୀୟା ଦୃଢ଼ମନା କଳ୍ପନା ପୁଣିଥରେ ଏଭରେଷ୍ଟ ଚୂଡ଼ାରେ ପାଦ ରଖିବାକୁ ଆରମ୍ଭ କରିଥିଲେ ଅଭିଯାନ। ହେଲେ ଅମ୍ଳଜାନ ଅଭାବରୁ ମେ ୨୩ରେ ଏଭରେଷ୍ଟର ବାଲ୍‌କୋନୀ ଏରିଆରେ ମୃତ୍ୟୁମୁଖରେ ପଡ଼ିଥିଲେ। ଏହାପରେ ମୃତଦେହ ଉଦ୍ଧାର କରି ଢେଙ୍କାନାଳ ଆଣିବାକୁ ରାଜ୍ୟ ସରକାର, ଜିଲା ପ୍ରଶାସନ ପକ୍ଷରୁ ଉଦ୍ୟମ ଜାରି ରହିଛି।



## ଜନ୍ମଦିନର ଶୁଭେଚ୍ଛା

ନାମ: ....................................

ବୟସ:....................................

ଜନ୍ମ ତାରିଖ: ..............................


ନନ୍ଦିନୀ
ପରିବାରବର୍ଗ


ଆୟୁ
ପରିବାରବର୍ଗ

ଏଠାରେ ୨ X ୨ ସେ.ମି. ଫଟୋ ଲଗାନ୍ତୁ

ସର୍ତ୍ତାବଳୀ: ଏହି କୁପନ ବ୍ୟବହାର କରି ସମ୍ପୂର୍ଣ୍ଣ ମାଗଣାରେ ଜନ୍ମଦିନର ଶୁଭେଚ୍ଛା ଜଣାନ୍ତୁ। ଫଟୋଗ୍ରାଫ ସହିତ କୁପନଟି ପ୍ରକାଶନ ତାରିଖର ୭ ଦିନ ପୂର୍ବରୁ ଜନ୍ମଦିନ ଶୁଭେଚ୍ଛା, ଧରିତ୍ରୀ, ବି-୨୬, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର-୧୦ ଠିକଣାରେ ପହଞ୍ଚିବା ଆବଶ୍ୟକ।

## କିଛି ତଥ୍ୟ

ଚଳିତ ବର୍ଷ ଏପ୍ରିଲରେ ଦେଶରେ ଇସ୍ପାତ ବ୍ୟବହାର ୬.୪% ବଢ଼ିଥିବା ବେଳେ ମୋଟ ବାର୍ଷିକ ବ୍ୟବହାର ୭.୫ ନିୟୁତ ଟନ୍ ରହିଛି।

– ଇସ୍ପାତ ମନ୍ତ୍ରଣାଳୟ

## ମଦ ବିରୋଧରେ ତାତିଲେ ମହିଳା

**ଧାମନଗର, ୩୦।୫ (ଡି.ଏନ.ଏ.):** ଭଦ୍ରକ ଜିଲା ଧାମନଗର ବ୍ଲକ ଆନନ୍ଦପୁର ପଞ୍ଚାୟତ ଅଧୀନ ଉତେଇପୁର ଗ୍ରାମରେ ଜଣେ ମଦ ବ୍ୟବସାୟୀ ବେଆଇନ ଭାବେ ଦେଶୀ ଏବଂ ବିଦେଶୀ ମଦ ବିକ୍ରି କରିବାକୁ ମହିଳାମାନେ ବିରୋଧ କରିଛନ୍ତି। ଗୁରୁବାର ଶତାଧିକ ମହିଳା ଉକ୍ତ ମଦ ବେପାରୀଙ୍କ ଘରେ ପଶି ଭଙ୍ଗାରୁଜା କରିଛନ୍ତି। ମଦ କାରବାର ସମ୍ପୂର୍ଣ୍ଣ ବନ୍ଦ ନ ହେଲେ ମହିଳାମାନେ ରାଜରାସ୍ତାକୁ ଓହ୍ଲାଇବେ ବୋଲି ଚେତାବନୀ ଦେଇଛନ୍ତି।

## ସେଲ୍ଫି କର୍ଣ୍ଣର


@ ଶିଶୁପାଳ


@ ଜୀବନ


@ ରାକେଶ

ସେଲ୍ଫି ଉଠାନ୍ତୁ, ଆମକୁ ପଠାନ୍ତୁ smbselfie@gmail.com (ମନୋନୀତ ସେଲ୍ଫି ପ୍ରକାଶ ପାଇବ)

## ପ୍ରଥମ ପୃଷ୍ଠାରୁ...

### ଓଡିଶାରୁ ଧର୍ମେନ୍ଦ୍ର,...

ରାଜ୍ୟବାସୀଙ୍କୁ ସନ୍ତୁଷ୍ଟ କରିବାକୁ ପ୍ରୟାସ କରିଛନ୍ତି। ବାଲେଶ୍ୱର ଲୋକ ସଭା ଆସନରୁ

ପ୍ରଥମଥର ଏମ୍‌ପି ହୋଇଥିବା ପ୍ରତାପ ଷଡଙ୍ଗୀଙ୍କୁ ରାଷ୍ଟ୍ରମନ୍ତ୍ରୀ ଭାବେ ଦାୟିତ୍ୱ ଦିଆଯାଇଛି। ବିଗତଦିନରେ ରାଜ୍ୟରେ ୩ ନମ୍ବର ସ୍ଥାନରେ ଭାଜପା ରହି ଆସୁଥିଲା। ଚଳିତ ନିର୍ବାଚନରେ ରାଜ୍ୟବାସୀ ଭାଜପାକୁ ଦ୍ୱିତୀୟ ସ୍ଥାନକୁ ଆଣିଛନ୍ତି। ୨୦୧୪ରେ ରାଜ୍ୟରୁ ଭାଜପା ଗୋଟିଏ ଲୋକ ସଭା ଆସନ ପାଇଥିଲା। ଏଥର ଆଉ ୭ଟି ଅଧିକ ଆସନରେ ବିଜୟୀ ହୋଇଛି। ଏହାସତ୍ତ୍ୱେ ଓଡିଶାକୁ ଗୋଟିଏ କ୍ୟାବିନେଟ୍ ପାହ୍ୟା ଏବଂ ଗୋଟିଏ ରାଷ୍ଟ୍ରପାହ୍ୟା ମନ୍ତ୍ରୀପଦ ମିଳିବାକୁ ନେଇ ସାଧାରଣରେ ଭୃକୁଞ୍ଚନ ସୃଷ୍ଟି ହୋଇଛି।

୨୦୧୪ରେ ଜୁଏଲ ସୁନ୍ଦରଗଡ ଆସନରୁ ଜିତି କ୍ୟାବିନେଟ୍ ମନ୍ତ୍ରୀ ହୋଇଥିଲେ। ଧର୍ମେନ୍ଦ୍ର ବିହାରରୁ ରାଜ୍ୟସଭା ଯାଇ ମୋଦିଙ୍କ ପ୍ରଥମ ମନ୍ତ୍ରିମଣ୍ଡଳରେ କେନ୍ଦ୍ର ରାଷ୍ଟ୍ରମନ୍ତ୍ରୀ ଭାବେ ଦାୟିତ୍ୱ ନେଇଥିଲେ। ପରବର୍ତ୍ତୀ ସମୟରେ ମନ୍ତ୍ରିମଣ୍ଡଳ ଅଦଳବଦଳ ହେବାପରେ ଧର୍ମେନ୍ଦ୍ରଙ୍କୁ କ୍ୟାବିନେଟ୍ ପାହ୍ୟା ମିଳିଥିଲା। ଫଳରେ ସେହି ସ୍ଥାନକୁ ବଜାୟ ରଖିବାରେ ସେ ସକ୍ଷମ ହୋଇଛନ୍ତି। ଏଥର ମୋଦିଙ୍କ ମନ୍ତ୍ରିମଣ୍ଡଳରେ ଝାଡଖଣ୍ଡର ପୂର୍ବତନ ମୁଖ୍ୟମନ୍ତ୍ରୀ ଅର୍ଜୁନ ମୁଣ୍ଡାଙ୍କୁ ସ୍ଥାନ ମିଳିଛି। ଅର୍ଜୁନଙ୍କୁ ଦଳ ଜୁଏଲଙ୍କ ବିଭାଗ ଦେଇପାରେ ବୋଲି ଚର୍ଚ୍ଚା ହେଉଛି। ଆଗକୁ ଝାଡଖଣ୍ଡରେ ନିର୍ବାଚନ ଥିବାରୁ ଓଡିଶା ହାତରୁ କ୍ୟାବିନେଟ୍ ପାହ୍ୟା ଛଡାଇ ଅର୍ଜୁନ ମୁଣ୍ଡାଙ୍କୁ ସେହି ପଦବୀରେ ଅବସ୍ଥାପିତ କରିବାକୁ ମୋଦି ଯୋଜନା କରୁଥିବା ନେଇ ଆଲୋଚନା ହେଉଛି।

ଭାଜପା ମୁଖପାତ୍ର ଗୋଲକ ମହାପାତ୍ର କହିଛନ୍ତି, ଯେତେବେଳେ ଭାଜପା ରାଜ୍ୟରେ ଗୋଟିଏ ଲୋକ ସଭା ଆସନ ପାଇଥିଲା, ସେତେବେଳେ ୨ଜଣଙ୍କୁ କେନ୍ଦ୍ରମନ୍ତ୍ରୀ ଦାୟିତ୍ୱ ମିଳିଥିଲା। ଏବେ ୮ଟି ଆସନ ମିଳିଥିବା ବେଳେ ୨ଜଣଙ୍କୁ କେନ୍ଦ୍ରମନ୍ତ୍ରୀ ପଦ ମିଳିଛି। ଯେହେତୁ ଦେଶର ବହୁ ରାଜ୍ୟରୁ ଅଧିକାଂଶ ଏମ୍‌ପି ଜିତିଛନ୍ତି। ପଶ୍ଚିମବଙ୍ଗ ଭଳି ରାଜ୍ୟରେ ମଧ୍ୟ ସଫଳତା ମିଳିଛି, ତେଣୁ ସମସ୍ତଙ୍କୁ ସମାନଭାବେ ମନ୍ତ୍ରିମଣ୍ଡଳରେ ସାମିଲ କରିବା ପ୍ରଧାନମନ୍ତ୍ରୀଙ୍କ ଦାୟିତ୍ୱ। ଓଡିଶା ପ୍ରତି ପ୍ରଧାନମନ୍ତ୍ରୀଙ୍କ ଭଲ ପାଇବା ଅଛି ସେକଥା କାହାକୁ ଅଛପା ନାହିଁ ବୋଲି ଗୋଲକ କହିଛନ୍ତି।

### ଦ୍ୱିତୀୟ ଥର...

ଉତ୍ତର ଗୋଆରୁ ବିଜୟୀ ହୋଇଥିବା ଶ୍ରୀପଦ ୟାଶୁ ନାଏକ, ଡକ୍ଟର ଜିତେନ୍ଦ୍ର ସିଂ (ଉଧମପୁର) ଓ କିରେନ୍ ରିଜିଜୁ (ଅରୁଣାଚଳ ୱେଷ୍ଟ)ଙ୍କ ସମେତ ୯ ଜଣଙ୍କୁ ରାଷ୍ଟ୍ରମନ୍ତ୍ରୀ (ସ୍ୱାଧୀନ) ପାହ୍ୟା ମିଳିଛି। ପ୍ରତାପ ଚନ୍ଦ୍ର ଷଡ଼ଙ୍ଗୀ, ଫଗନ ସିଂ କୁଲସ୍ତେ, ଅଶ୍ୱିନୀ କୁମାର ଚୌବେ, ଅର୍ଜୁନରାମ ମେଘୱାଲ, ଜେନେରାଲ (ଅବସରପ୍ରାପ୍ତ) ବିଜୟ କୁମାର ସିଂ, ଗଙ୍ଗା କିଷନ ରେଡ୍ଡୀ, ପୁରୁଷୋତ୍ତମ ରୁପାଲା (ରାଜ୍ୟ ସଭା), ଆର୍‌ପିଆଇ ମୁଖ୍ୟ ରାମଦାସ ଅଠାୱଲେ, ସାଧ୍ୱୀ ନିରଞ୍ଜନ ଜ୍ୟୋତି, ବାବୁଲ ସୁପ୍ରିୟୋ, ସଞ୍ଜୀବ ବାଲ୍ୟାନ, ଅନୁରାଗ ଠାକୁର, ସୁରେଶ ଅଙ୍ଗାଡି, ରାଓସାହେବ ଧୋତ୍ରେଙ୍କ ସମେତ ୨୪ ଜଣଙ୍କୁ ରାଷ୍ଟ୍ରମନ୍ତ୍ରୀ ଭାବେ ରାଷ୍ଟ୍ରପତି ଶପଥପାଠ କରାଇଛନ୍ତି। ମୋଦିଙ୍କ ନୂଆ ମନ୍ତ୍ରିମଣ୍ଡଳରେ ଧର୍ମେନ୍ଦ୍ର ପ୍ରଧାନଙ୍କୁ ପୁଣିଥରେ ସୁଯୋଗ ମିଳିଥିବାବେଳେ ବାଲେଶ୍ୱର ଏମ୍‌ପି ପ୍ରତାପ ଷଡ଼ଙ୍ଗୀଙ୍କୁ ପ୍ରଥମଥର ପାଇଁ ସାମିଲ କରାଯାଇଛି। ହେଲେ ଏନ୍‌ଡିଏ-୧ରେ ଆଦିବାସୀ ବ୍ୟାପାର ମନ୍ତ୍ରୀ ଥିବା ଜୁଏଲ୍ ଓରାମଙ୍କୁ ଏଥିରୁ ବାଦ୍ ଦିଆଯାଇଛି। ଓଡ଼ିଶାରୁ ଭାଜପାର ୮ ଏମ୍‌ପି ନିର୍ବାଚିତ ହୋଇଥିବାରୁ ମୋଦି କ୍ୟାବିନେଟରେ ଅଧିକ ସଂଖ୍ୟକ ପ୍ରତିନିଧିତ୍ୱ ମିଳିବ ବୋଲି ଚର୍ଚ୍ଚା ହେଉଥିଲା। ଶପଥଗ୍ରହଣ ପରେ ଏଥିରେ ବିରାମ ଲାଗିବା ସହ ଆଶାୟୀଙ୍କୁ ନିରାଶ ହେବାକୁ ପଡ଼ିଛି।

ଶପଥଗ୍ରହଣ ପୂର୍ବରୁ ମୋଦି ପୂର୍ବାହ୍ନରେ ପୂର୍ବତନ ପ୍ରଧାନମନ୍ତ୍ରୀ ଅଟଳ ବିହାରୀ ବାଜପେୟୀ ଓ ମହାତ୍ମା ଗାନ୍ଧୀଙ୍କ ସ୍ମାରକୀରେ ଶ୍ରଦ୍ଧାଞ୍ଜଳି ଦେବା ସହ ଇଣ୍ଡିଆ ଗେଟ୍ ନିକଟସ୍ଥ ଜାତୀୟ ଯୁଦ୍ଧ ସ୍ମାରକୀରେ ପୁଷ୍ପମାଲ୍ୟ ଅର୍ପଣ କରି ଶହୀଦ ଯବାନଙ୍କୁ ସ୍ମରଣ କରିଥିଲେ।

## ଜାଳକଣା ଗ୍ରାମରେ ଭୟାବହ ଅଗ୍ନିକାଣ୍ଡ

# ୩୪ ପରିବାର ସର୍ବସ୍ୱାନ୍ତ

**ମହାକାଳପଡ଼ା, ୩୦।୫ (ଡି.ଏନ୍.ଏ.)**

କେନ୍ଦ୍ରାପଡ଼ା ଜିଲା ମହାକାଳପଡ଼ା ତହସିଲ ଅଧୀନ ଜାଳକଣା ଗ୍ରାମରେ ଗୁରୁବାର ଅପରାହ୍ନରେ ଭୟାବହ ଅଗ୍ନିକାଣ୍ଡ ଘଟିଛି। ଏଥିରେ ୩୪ ପରିବାରର ୬୦ବଖରା ସମ୍ପୂର୍ଣ୍ଣ ଜଳିଯାଇଛି। ଅଗ୍ନିକାଣ୍ଡରେ ୨ ନାବାଳକ ଗୁରୁତର ହୋଇଥିବା ବେଳେ ଉଭୟଙ୍କୁ କଟକ ବଡ଼ ମେଡିକାଲରେ ଭର୍ତ୍ତି କରାଯାଇଛି। ଗୁରୁତର ଶିଶୁ ଦ୍ୱୟ ହେଲେ ଗ୍ରାମର ଅମର ପ୍ରଧାନଙ୍କ ପୁଅ ଦେବପ୍ରସାଦ(୯) ଓ ଶିବପ୍ରସାଦ(୬)। ମହାକାଳପଡ଼ା, ମାର୍ଶାଘାଇ ଓ କେନ୍ଦ୍ରାପଡ଼ାର ୪ଟି ଅଗ୍ନିଶମ ସେବା ସଂସ୍ଥାର ୨୦ଜଣ କର୍ମଚାରୀ ନିଆଁକୁ ଆୟତ୍ତ କରିଥିଲେ। ରିପୋର୍ଟ ଲେଖାଯିବା ପର୍ଯ୍ୟନ୍ତ ଅଗ୍ନିକାଣ୍ଡର କାରଣ ଜଣାପଡ଼ିନାହିଁ। ବିପନ୍ନ ପରିବାର ଖୋଲା ଆକାଶ ତଳେ ପଡ଼ି ରହିଛନ୍ତି।

ସୂଚନା ମୁତାବକ, ଗ୍ରାମର ଅଜୟ ପ୍ରଧାନଙ୍କ ବାଡ଼ିରେ ଥିବା ଏକ ନଡ଼ା ଗଦାରେ କୌଣସି କାରଣରୁ ନିଆଁ ଲାଗିଯିବା ପରେ ଏହା ଧୀରେ ଧୀରେ ଆଖପାଖ ଘରଗୁଡ଼ିକୁ ବ୍ୟାପିଯାଇଥିଲା। ନିଆଁର ସଂସ୍ପର୍ଶରେ ଆସି କେତେକ ରନ୍ଧନ ଗ୍ୟାସ୍ ଟାଙ୍କି ଫାଟି ଯିବାରୁ ଏହାର ପ୍ରକୋପ ବଢ଼ିଯାଇଥିଲା। ଏହି ଅଗ୍ନିକାଣ୍ଡରେ ୩ଟି ବାଇକ୍, ୧୦ ସାଇକେଲ ଓ ଗୋଟିଏ ପାୱାର ଟିଲର ଜଳିଯାଇଛି। ଗ୍ରାମର ବିଜୟ ପ୍ରଧାନଙ୍କ ୨ଟି ବାଛୁରୀ ଜୀବନ୍ତ ଦଗ୍ଧ ହୋଇଥିବା ବେଳେ ୩୪ ପରିବାରର ବର୍ଷକର ଚାଉଳ, ମୁଗ, ବିରି ଆଦି ଖାଦ୍ୟ ସାମଗ୍ରୀ ପୋଡ଼ିଯାଇଛି। ଏଥିସହ ଉପରୋକ୍ତ ପରିବାର ସଦସ୍ୟଙ୍କ ସୁନା ଓ ରୁପା ଅଳଙ୍କାର ସହିତ ଘରର ସମସ୍ତ ଆସବାବପତ୍ର ସମ୍ପୂର୍ଣ୍ଣ ଜଳିଯାଇଛି। ଖବରପାଇ ପ୍ରଥମେ ମହାକାଳପଡ଼ାର ୨ଟି ଅଗ୍ନିଶମ ସେବା ସଂସ୍ଥା କର୍ମଚାରୀ ନିଆଁ ଲିଭାଇବାକୁ ଚେଷ୍ଟା କରିଥିଲେ। ହେଲେ ପ୍ରବଳ ଖରା ସାଙ୍ଗକୁ ନିଆଁର ପ୍ରକୋପ ଅଧିକ ଥିବାରୁ ନିଆଁକୁ ଆୟତ୍ତ କରିବା ସମ୍ଭବ ହୋଇ ନ ଥିଲା। ପରେ ମାର୍ଶାଘାଇ ଓ କେନ୍ଦ୍ରାପଡ଼ାର ୨ ଅଗ୍ନିଶମ ସେବା ସଂସ୍ଥା କର୍ମଚାରୀ ଅଗ୍ନିକାଣ୍ଡ ସ୍ଥଳରେ ପହଞ୍ଚି ନିଆଁ ଲିଭାଇଥିଲେ। ନିଆଁ ଲିଭାଇବାକୁ ପ୍ରାୟ ୪ ଘଣ୍ଟାରୁ ଊର୍ଦ୍ଧ୍ୱ ସମୟ ଲାଗିଥିଲା। କେବଳ ପିନ୍ଧାବସ୍ତ୍ର ଛଡ଼ା ଅନ୍ୟ କୌଣସି ସାମଗ୍ରୀ ଉଦ୍ଧାର କରାଯାଇପାରି ନ ଥିବା ଜଣାପଡ଼ିଛି। ଘରେ ନିଆଁ ଲାଗିଯିବା ପରେ ଭୟରେ ଅମର ପ୍ରଧାନଙ୍କ ପୁଅ ଦେବପ୍ରସାଦ ଓ ଶିବପ୍ରସାଦ ଠାକୁର ଘର ଭିତରେ ପଶି ଯାଇଥିଲେ। କିଛି ସମୟ ପରେ ପରିବାର ଲୋକେ ସେମାନଙ୍କୁ ଉକ୍ତ ଘରୁ ଗୁରୁତର ଅବସ୍ଥାରେ ଉଦ୍ଧାର କରିଥିଲେ।

# ନାବାଳିକାଙ୍କୁ ଅପହରଣ ପରେ ବଳାତ୍କାର

**ରାଇରଙ୍ଗପୁର,୩୦।୫(ଡି.ଏନ.ଏ)**

ମୟୂରଭଞ୍ଜ ଜିଲା ରାଇରଙ୍ଗପୁର ଗ୍ରାମାଞ୍ଚଳ ଥାନା ଅଞ୍ଚଳର ଜଣେ ନାବାଳିକାଙ୍କୁ ଅପହରଣ ପରେ ବଳାତ୍କାର କରିଥିବା ଅଭିଯୋଗରେ ପୋଲିସ ୨ ଅଭିଯୁକ୍ତଙ୍କୁ ଗିରଫ କରି ଗୁରବାର କୋର୍ଟ ଚାଲାଣ କରିଛି। ଗିରଫ ଅଭିଯୁକ୍ତ ଦ୍ୱୟ ବିଶୋଇ ଥାନା ମଝିଗାଁ ଗ୍ରାମର ପ୍ରଶାନ୍ତ ଗିରି(୨୩) ଓ ତାଙ୍କ ସହଯୋଗୀ ରାଇରଙ୍ଗପୁର ଗ୍ରାମାଞ୍ଚଳ ଥାନା ଅଞ୍ଚଳର ରାଜେଶ କୁମାର ବାରିକ(୨୦) ବୋଲି ଜଣାପଡିଛି।

ଗତ ମାର୍ଚ୍ଚ ୬ ତାରିଖ ଦିନ ଅଭିଯୁକ୍ତ ଦ୍ୱୟ ନାବାଳିକାଙ୍କୁ ଅପହରଣ କରି ନେଇଥିଲେ। ନାବାଳିକାଙ୍କ ପରିବାର ଲୋକ ଏଥିନେଇ ଥାନାରେ ଅଭିଯୋଗ କରିଥିଲେ। ପୋଲିସ ଏକ ମାମଲା(ନଂ.୧୯/୨୦୧୯) ରୁଜୁ କରି ଘଟଣାର ତଦନ୍ତ ଚଳାଇଥିଲା। ଅପହୃତା ନାବାଳିକା ଓ ଦୁଇ ଅପହରଣକାରୀଙ୍କୁ ପୋଲିସ ଯଶିପୁର ଥାନା ଅନ୍ତର୍ଗତ ତୁଳସୀବଣି ଗ୍ରାମରୁ ଉଦ୍ଧାର କରିଛି। ଅଭିଯୁକ୍ତ ଦ୍ୱୟଙ୍କୁ ରାଇରଙ୍ଗପୁର କୋର୍ଟ ଚାଲାଣ କରାଯାଇଥିବା ବେଳେ କୋର୍ଟରେ ନାବାଳିକାଙ୍କ ବୟାନ ରେକର୍ଡ କରାଯାଇଛି।

## ଆଜିର ରାଶିଫଳ

ଜ୍ୟୋତିର୍ବିଦ୍ୟା ବିଶାରଦ ପ୍ରସନ୍ନ କୁମାର ମହାପାତ୍ର
ମଙ୍ଗରାଜପୁର ଶାସନ, କାଦୁଆ, ଗଞ୍ଜାମ

**ମେଷ** ଆଜିର ଶୁକ୍ର ଓ ଚନ୍ଦ୍ରଙ୍କ ସମ୍ବନ୍ଧରୁ ସାମଗ୍ରିକ ଦିଗରୁ ସୁଖ, ସୌଭାଗ୍ୟ ଲାଭ କରିପାରିବେ। ଖର୍ଚ୍ଚଭାରର ଆଧିକ୍ୟ, ପୂର୍ବ ଶତ୍ରୁତାକୁ ନେଇ ଚିନ୍ତିତ ରହିପାରନ୍ତି। ଭାଇ, ପଡ଼ୋଶୀ କିମ୍ବା ନିକଟ ସମ୍ପର୍କୀୟମାନେ ନିଆଁରେ ଘିଅ ଢାଳିଲା ପରି କଟୁ କଥା କହି ମାନସିକ ଆଘାତ ଦେଇପାରନ୍ତି। ଯାତ୍ରା, ପରିବହନ, ବ୍ୟବସାୟିକ ସ୍ଥିତି, କର୍ମକ୍ଷେତ୍ର ପ୍ରାୟତଃ ହାଲୁକା ରହିବ।

**ବୃଷ** ଯେଉଁ କାମରେ ମୁଣ୍ଡ ପୂରାଇଛନ୍ତି, ସେଥିରେ ବନ୍ଧୁବର୍ଗ ଓ ଆତ୍ମୀୟସ୍ୱଜନଙ୍କ ସାହାଯ୍ୟ ପୂର୍ଣ୍ଣମାତ୍ରାରେ ରହିବ। ଫଳରେ ଆପଣ ଯେମିତି, ଯାହା ଚାହୁଁଛନ୍ତି ତାହା ତ ନିଶ୍ଚିତ ଭାବରେ ପାଇପାରିବେ। ମାତ୍ର ଯେକୌଣସି ଆଲୋଚନାରେ ତର୍କ, ବିବାଦୀୟ କଥା ଓ ପିଲାଙ୍କ ସମସ୍ୟା ନେଇ ବ୍ୟସ୍ତତା ବଢ଼ିପାରେ। ସଭାସମିତି, ନୂତନ କାର୍ଯ୍ୟାରମ୍ଭରୁ ଖୁସି ରହିବେ।

**ମିଥୁନ** ପାପଗ୍ରହ ପ୍ରଭାବରୁ ଆପଣଙ୍କ ଭଲ କାମର ପ୍ରଶଂସା ବଦଳରେ ନିନ୍ଦୁକ ଗୋଷ୍ଠୀ ଓ ଈର୍ଷାପରାୟଣ ବ୍ୟକ୍ତିମାନେ ନିନ୍ଦା ଗାଇ ବୁଲିବେ। ବାକି ରଖିଥିବା ଲୋକଟିକୁ ବକେୟା ମାଗିବା କାରଣରୁ ପରିସ୍ଥିତି ଉତ୍ତେଜନା ମୂଳକ ହୋଇପାରେ। ବାଣିଜ୍ୟ, ବ୍ୟବସାୟ ଓ ପରିବହନରେ କିଛିଟା ସମସ୍ୟା ଦେଖା ଦେଇପାରେ।

**କର୍କଟ** ଆଜି କର୍ମଭାବରେ ଚନ୍ଦ୍ର ବିଳାସକାରକ ଗ୍ରହଯୁକ୍ତ ହେତୁ କର୍ମକ୍ଷେତ୍ର ଓ ପାରିବାରିକ ସ୍ଥିତି ବହୁତ ଭଲ ରହିବ। ମାତ୍ର ଅଫିସରେ ଅଶ୍ଲେଷା ନକ୍ଷତ୍ର ଅନ୍ୟମାନଙ୍କ ବେଖାତିର ମନୋଭାବ ହେତୁ ଟିକିଏ ଟିକିଏ କଥାରେ ରାଗିପାରନ୍ତି। ଜମା ପଟୁ ନ ଥିବା ପ୍ରତିଦ୍ୱନ୍ଦ୍ୱୀ, ଦୋଷାରୋପ କରି ସମସ୍ୟାକୁ ବଢ଼ାଇ ଦେବାର ସୂଚନା ରହିଛି।

**ସିଂହ** କଥାବାର୍ତ୍ତାରେ ସଂଯମତା ଅଭାବରୁ ବର୍ତ୍ତମାନ ପରିସ୍ଥିତିରେ ଅନ୍ୟମାନଙ୍କ ସହ ଆକସ୍ମିକ ଶତ୍ରୁତା ସୃଷ୍ଟି ହୋଇପାରେ। ହଜି ଯାଇଥିବା ଟଙ୍କା କିମ୍ବା ଦରକାରୀ କାଗଜପତ୍ର କୌଣସି ଅଲଗା ସ୍ଥାନରେ ରଖି ଚିନ୍ତିତ ଓ ବିରକ୍ତ ହୋଇ ପାରନ୍ତି। ଅନ୍ୟମାନଙ୍କ ଦ୍ୱାରା ପ୍ରଭାବିତ ହୋଇ ବିଦେଶ ଯାତ୍ରାକୁ ମନ ବଳାଇବେ।

**କନ୍ୟା** ଅଧିକାଂଶ ସମୟରେ ନିଜର ଭୁଲ୍ ବୁଝାମଣା ଜନିତ ବିଶୃଙ୍ଖଳିତ କାର୍ଯ୍ୟ ସମସ୍ୟା ସୃଷ୍ଟିର ମୂଳ କାରଣ ହେବାର ସୂଚନା ରହିଛି। ଈର୍ଷା ଓ ଅସୂୟା ମନୋଭାବ ପୋଷଣ କରି ନିଜ ଲୋକମାନେ ଶତ୍ରୁତା ଆଚରଣ କରି ପାରନ୍ତି। ନିଜ ପରିସରରେ କୌଣସି ସ୍ୱର୍ଣ୍ଣକାତର କଥାରେ ଚିହ୍ନା ପଡ଼ନ୍ତୁ ନାହିଁ। ଅସାବଧାନତା କାରଣରୁ ସୁନା, ଅଳଙ୍କାର ହଜି ଯାଇପାରେ।

**ତୁଳା** ଅତି ନିକଟରେ ରହି ଶତ୍ରୁତା କରୁଥିବା ଲୋକଟି ପ୍ରତି ସତର୍କ ରୁହନ୍ତୁ, ନତୁବା ଅସୁବିଧାରେ ପଡ଼ିପାରନ୍ତି। ଅନ୍ୟ ଦ୍ୱାରା ପ୍ରଭାବିତ ହୋଇ ଭଲ ପାଉଥିବା ବନ୍ଧୁ କିମ୍ବା ପଡ଼ୋଶୀ ଭୁଲ୍ ଧାରଣା ପୋଷଣ କରିପାରନ୍ତି। ସତର୍କତା ଅଭାବରୁ ଟଙ୍କା, ସୁନା, ଚୋରି ହୋଇ ଯାଇପାରେ। କର୍ମକ୍ଷେତ୍ର, ପାରିବାରିକ ସ୍ଥିତି, ଆନୁଷ୍ଠାନିକ କାର୍ଯ୍ୟ ପାଇଁ କୌଣସି ଅସୁବିଧା ହେବନାହିଁ।

**ବିଛା** ନୂତନ କାମରେ ହାତ ଦେଇ ଏକ ପ୍ରକାର ମାନସିକ ପରିତୃପ୍ତି ଲାଭ କରିପାରନ୍ତି। ପ୍ରତ୍ୟେକ ଦିଗରୁ ଖର୍ଚ୍ଚ କମାଇବା ପାଇଁ ଚେଷ୍ଟା କଲେ ଉପକୃତ ହେବେ। ସାମୟିକ ଭାବରେ ଶାରୀରିକ ଅସୁସ୍ଥି ଅନୁଭବ କରିପାରନ୍ତି। ସାମାଜିକ ସ୍ତରରେ ଭାବିଚିନ୍ତି କାମ ନ କଲେ ଅଡୁଆ ପରିସ୍ଥିତି ସୃଷ୍ଟି ହୋଇପାରେ।

**ଧନୁ** କର୍ମକ୍ଷେତ୍ରରେ ସହକର୍ମୀମାନଙ୍କ କେବଳ ଉପଦେଶ ଶୁଣି ଶୁଣି ମନରେ ବିରକ୍ତି ଆସିପାରେ। ଶିଳ୍ପ, ବ୍ୟବସାୟରେ ଅର୍ଥ ସମ୍ପର୍କୀୟ ଟଣାଓଟରା ଲାଗିବାର ଆଶଙ୍କା ରହିଛି। ପାରିବାରିକ ସ୍ତରରେ ମନ ଭୁଲାଣିଆ କଥା କହି ପରିସ୍ଥିତିକୁ ସମ୍ଭାଳି ନେବେ। ଉପରିସ୍ଥଙ୍କ ସମ୍ମୁଖରେ ମନର ଭାବକୁ ପ୍ରକାଶ କରିବା କ୍ଷେତ୍ରରେ ପଛେଇ ଯାଇପାରନ୍ତି।

**ମକର** ଉଚ୍ଚ ଚିନ୍ତା ଓ ସଂଯମିତ ଚିନ୍ତାଧାରା ପ୍ରଭାବରେ ପ୍ରତ୍ୟେକ ପରିସ୍ଥିତିକୁ ସୁଧାରି ନେଇପାରିବେ। କାର୍ଯ୍ୟସିଦ୍ଧି ସାଙ୍ଗକୁ ଅର୍ଥ ଲାଭ ଓ ବନ୍ଧୁମିଳନରୁ ମଧ୍ୟ ମନ ଖୁସି ରହିବ। କର୍ମ କ୍ଷେତ୍ରରେ ଖଳ ଲୋକମାନଙ୍କ କୃତ ଅପମାନଜନକ ସ୍ଥିତିରୁ ସହସା ରକ୍ଷା ପାଇପାରନ୍ତି। କିନ୍ତୁ ପୂର୍ବାଷାଢ଼ା ନକ୍ଷତ୍ର ଅନ୍ୟମନସ୍କ ହେତୁକ କୌଣସି ଭୁଲ୍ କାମ କରି ଅନୁତପ୍ତ ହେବେ।

**କୁମ୍ଭ** ପାରିବାରିକ ଅବସ୍ଥାରେ ବିଶେଷ ଉନ୍ନତି ଦେଖା ନ ଦେଲେ ମଧ୍ୟ ପରିସ୍ଥିତି ଶାନ୍ତ ରହିବ। କୌଣସି କ୍ଷେତ୍ରରେ ଅଧୈର୍ଯ୍ୟ ହୁଅନ୍ତୁ ନାହିଁ, ବନ୍ଧୁଙ୍କ ସହାନୁଭୂତି ନିଶ୍ଚୟ ଲାଭ କରିବେ। ଈର୍ଷାପରାୟଣ ବ୍ୟକ୍ତିମାନେ ପ୍ରତିଷ୍ଠା ଓ ପ୍ରଶଂସାକୁ ସହି ନ ପାରି ମନକୁ ଦୁଃଖ ଦେବା ଭଳି ମନ୍ତବ୍ୟ ଦେଇପାରନ୍ତି। ଅର୍ଥ ସଂକଟ ପରିସ୍ଥିତିକୁ ବଦଳାଇ ଦେବାର ଆଶଙ୍କା ରହିଛି।

**ମୀନ** କର୍ମକ୍ଷେତ୍ରରେ ଫାଇଲ୍ କାମ ବୃଦ୍ଧି ପାଇବା କାରଣରୁ ଘରକଥା ବୁଝିବା ପାଇଁ ସମୟ ପାଇବେ ନାହିଁ। ବନ୍ଧୁ କିମ୍ବା ଗୁରୁଜନଙ୍କ ପ୍ରେରଣାରେ ନୂତନ କାର୍ଯ୍ୟରେ ହାତ ଦେବାକୁ ସ୍ଥିର କରି ସଫଳତା ହାସଲ କରିପାରିବେ। ପରିବାରର ଖର୍ଚ୍ଚ ପରିମାଣ ବୃଦ୍ଧି ଚିନ୍ତାଜନକ ସ୍ଥିତି ସୃଷ୍ଟି କରିବ। ଦିନଟିରେ କିଛି ଭଲ ଓ କିଛି ମନ୍ଦର ମିଶ୍ରିତ ଫଳ ଆଜି ଅନୁଭବ କରିବେ।

ଆଜି ଜ୍ୟେଷ୍ଠ କୃଷ୍ଣ ଦ୍ୱାଦଶୀ ଶୁକ୍ରବାର, ମେ ୩୧ ତାରିଖ, ବିଶ୍ୱତମାଖୁ ନିରୋଧୀ ଦିବସ,ରାଶି ନକ୍ଷତ୍ର-ଅଶ୍ୱିନୀ/ମେଷ, ମେଷ ରାଶିର ଘାତଚନ୍ଦ୍ର, ଦ୍ୱାଦଶୀର ଏକୋଦ୍ଦିଷ୍ଟ ଓ ପାର୍ବଣ ଶ୍ରାଦ୍ଧ, ଅଦ୍ୟ ବ୍ରତୋପନୟନ, ବିବାହ ପାଣିଗ୍ରହଣ, ଗୃହପ୍ରବେଶ, ବୃକ୍ଷରୋପଣ ଓ ବିଦ୍ୟାରମ୍ଭ ପାଇଁ ଶୁଭ। ସକାଳ ଘ୬।୪୬ମି. ମଧ୍ୟେ ଘ୪।୪୦ମି. ଗତେ, ଘ୬।୧୭ମି. ମଧ୍ୟେ ଅମୃତ ବେଳା। ଦିବା ଘ୬।୪୬ମି. ଗତେ ଘ୮।୨୩ମି. ମଧ୍ୟେ, ଘ୧୧।୪୧ମି. ଗତେ ଘ୧।୧୮ମି. ମଧ୍ୟେ ମାହେନ୍ଦ୍ର ବେଳା।


# classifieds Everyday

0674-2580101, 2549302



**SALE**

Kateni chaka ନିକଟରେ ଘରବାରି plot. 1500 sqft.କୁ 9,00,000/- ପାଚେରି ସହ ବିକ୍ରିହେବ: 7978617023. D-12719

Bhubaneswar Patrapada Market HDFC Bankରୁ 500 mtr. କଲୋନୀ ଭିତରେ BDA yellowzone ସ୍ଥିତିବାନ plot କିଣି ତୁରନ୍ତ ଘର କରନ୍ତୁ: 6370292040. D-66396

ମଙ୍ଗୁଳି ଫାର୍ମା କଲେଜ ରୋଡ଼ରୁ 3.5 କିଲୋମିଟର ମାର୍କେଟ କମ୍ପ୍ଲେକ୍ସ ପାଖରେ ୧୨୦୦ ସ୍କୋୟାରଫୁଟ ପ୍ଲଟ ୩୫୦୦୦୦ ରେ ମିଳୁଛି। ଯୋଗାଯୋଗ 8908492594. D-12707

2400 sqft. developed gharabari housing plot Dhauli square-30,00,000/- 9348012510. D-66393

ଫୁଲନଖରା ନିକଟବର୍ତ୍ତି ଅନନ୍ତପୁର ମୌଜାରେ ପିଚୁରାସ୍ତାକୁ ଲାଗି ଘରବାରି boundary plot ସୁଲଭ ମୂଲ୍ୟରେ କିଣନ୍ତୁ ଏବଂ ଗୃହ ନିର୍ମାଣ କରନ୍ତୁ। 8339826767. D-66388

ତମାଣ୍ଡ ବଜାର ପଛପଟେ ୩୦' ରାସ୍ତାଥାଇ ଘରବାରି Boundary plot ବିକ୍ରିହେବ: 9778556265. D-66392

Canal road side gharabari plot with boundary wall mouja Balianta 4km. from Hanspal. Contact: 9437277532. D-12715

**Fully furnished commercial property/office space for sale 2929 sqft. super buildup area plus 495 sqft. terrace at "Forum Mart", Big Bazar building 5th floor, Unit-III, Kharvel Nagar, Bhubaneswar, Odisha (Near Ram Mandir square) price per sqft. 5,200/- negotiable. Contact point: 7008729138.** D-66399

କଟକ-ଭୁବନେଶ୍ୱର Twincity ମଧ୍ୟଭାଗରେ ନବନିର୍ମିତ Grand bazar ସମ୍ମୁଖରେ NH ଠାରୁ 800 ମିଟର ଦୂରତାରେ ଘରବାରି ପ୍ଲଟ ଶସ୍ତାରେ କିଣନ୍ତୁ: 8144647993. D-66389



2BHK at ground floor near DAV School, Unit-8. Contact: 9840375016. D-12731

Now Matrimonial ads. only on Wednesday & Sunday Book 1 Get 1 FREE



Monalisa club full body massage with hiprofile smart lady air - condition rooms available hurry up ! 9708545108. D-12721

**ପାଠକଙ୍କ ପାଇଁ ସୂଚନା:** କ୍ଲାସିଫାଏଡରେ ପ୍ରକାଶିତ କେତେକ ବିଜ୍ଞାପନକୁ ଭିତ୍ତିକରି କିଛି ପାଠକ ଠକାମିର ଶିକାର ହେଉଥିବା ଆମର ଦୃଷ୍ଟିଗୋଚର ହେଉଛି। ବିଜ୍ଞାପନ ଦେଉଥିବା ସଂସ୍ଥାମାନଙ୍କ ସହ କାରବାର କରିବା ପୂର୍ବରୁ ସବିଶେଷ ତଥ୍ୟ ଓ ନିଜର ବିବେକ ଖଟାଇ କାରବାର କରନ୍ତୁ। ଏଥିପାଇଁ ଧରିତ୍ରୀ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ।

**AFFIDAVIT**

By virtue of an affidavit, I Gadadhar Nayak, S/o- Haluri Nayak, At- Kaithapali, Post- Sikharpur, Ps- Khandapada, Dist- Nayagarh, solemnly affirm and state that my name has been mentioned in Bhubaneswar Nayak in one lic policy. Gadadhar Nayak and Bhubaneswar Nayak are one and same person. Henceforth I shall be known as Gadadhar Nayak for all purposes. D-12733



ଭଲ ବହି ପଢ଼ି ଭଲ କାମ କଲେ ଖରାପ ଲୋକଟି ମଧ୍ୟ ଧୀରେ ଧୀରେ ଭଲ ହୋଇଯାଏ।
-ଆରିଷ୍ଟଟଲ୍

DSPL - 16
ଜଳବାହିତ ରୋଗକୁ ପ୍ରତିରୋଧ କରନ୍ତୁ
ଦୂଷିତ ପାଣି ଏବଂ ପରିବେଶ ଯୋଗୁଁ ଜଳବାହିତ ରୋଗ ଯଥା - ତରଳ ଝାଡ଼ା, ଜଣ୍ଡିସ୍, ଟାଇଫଏଡ୍ ଆଦି ହେବାର ଆଶଙ୍କା ବଢ଼ିଯାଇଥାଏ । ଏହି ସବୁ ରୋଗରୁ ନିଜକୁ ସୁରକ୍ଷିତ ରଖିବା ପାଇଁ ବିଶୋଧିତ ପାଣି ପିଇବା ନିତ୍ୟାନ୍ତ ଆବଶ୍ୟକ ।
ପାଣିକୁ ବିଶୋଧନ କରିବା ପାଇଁ : ଗୋଟିଏ କ୍ଲୋରିନ୍ ବଟିକା (୭୫ ମି.ଗ୍ରା.) ୨୦-୨୫ ଲିଟର (୧ ମାଠିଆ / ବାଲଟି) ସଫା ପାଣିରେ ମିଶାନ୍ତୁ ଓ ମିଶାଇବାର ୧ ଘଣ୍ଟା ପରେ ପିଅନ୍ତୁ ।


- କ୍ଲୋରିନ୍ ବଟିକା ଆଶା / ସ୍ୱାସ୍ଥ୍ୟକର୍ମୀଙ୍କ ନିକଟରେ ଉପଲବ୍ଧ ।
- ପିଇବା ପାଣିର ଉତ୍ସ (କୂଅ, ନଳକୂଅ ଇତ୍ୟାଦି) ଚାରିପାଖ ପରିଷ୍କାର ରଖନ୍ତୁ ।
- ଖାଇବା ପୂର୍ବରୁ ଓ ଶୌଚ ପରେ ହାତକୁ ସାବୁନ୍‌ରେ ଭଲଭାବରେ ଧୁଅନ୍ତୁ ।
ସରକାରୀ ଡ଼ାକ୍ତରଖାନା ମାନଙ୍କରେ ଜଳବାହିତ ରୋଗୀଙ୍କ ପାଇଁ ଚିକିତ୍ସାର ସୁବିଧା କରାଯାଇଛି ।
ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ବିଭାଗ ଓଡ଼ିଶା ସରକାର
NATIONAL HEALTH MISSION
10003/13/0016/1920
facebook.com/HFWOdisha http://www.health.odisha.gov.in/ @HFWOdisha

# ମୁଖ୍ୟମନ୍ତ୍ରୀଙ୍କ ଫୋକସ୍‌ରେ ବିଜେପୁର

- ୩୪ ହଜାର ପକ୍କାଘର ହେବ
- ୨ ବର୍ଷ ମଧ୍ୟରେ ପ୍ରତିଘରକୁ ପାଇପ ଯୋଗେ ପାଣି
- ୨ ମାସ ବ୍ୟବଧାନରେ ଅଗ୍ରଗତି ନେଇ ସମୀକ୍ଷା

ଭୁବନେଶ୍ୱର,୩୦।୫(ବ୍ୟୁରୋ)

ବରଗଡ ଜିଲା ବିଜେପୁର ବିଧାନସଭା କ୍ଷେତ୍ର ମଧ୍ୟରେ ରହିଥିବା ୩୪,୦୦୦ କଚ୍ଚାଘରକୁ ପକ୍କାଘରରେ ପରିଣତ କରାଯିବ ବୋଲି ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ସଚିବାଳୟରେ ଗୁରୁବାର ଏହି ଘୋଷଣା କରିଛନ୍ତି। ସେହିପରି ବରଗଡ ଜିଲାରେ ୧୧୨୦ କୋଟି ବ୍ୟୟରେ ୨ଟି ମେଗା ପାଇପ ଜଳ ଯୋଗାଣ ଯୋଜନା କାର୍ଯ୍ୟକାରୀ କରାଯିବ। ଏହା ଦ୍ୱାରା ସେହି ଜିଲାର ୫୦୫ ଗାଁର ୮ ଲକ୍ଷ ଜନସାଧାରଣ ଉପକୃତ ହେବେ। ଆଗାମୀ ୨ ବର୍ଷ ମଧ୍ୟରେ ବିଜେପୁରର ପ୍ରତି ଘରକୁ ପାଇପ ଯୋଗେ ପାଣି ଯୋଗାଇ ଦିଆଯିବ। ଗାଇସିଲଟ୍ ବ୍ଲକ ଅନ୍ତର୍ଗତ ବୁରୋମୁଣ୍ଡା ଗ୍ରାମପଞ୍ଚାୟତରେ ଏକ ନୂତନ ବହୁମୁଖୀ ଉଠାଜଳସେଚନ ପ୍ରକଳ୍ପ ହାତକୁ ନିଆଯାଇଛି। ପାର୍ବତୀଗିରି ବହୁମୁଖୀ ଉଠାଜଳସେଚନ ଯୋଜନା ଅଧୀନରେ ଉକ୍ତ ପ୍ରକଳ୍ପ କାର୍ଯ୍ୟକାରୀ ହେବ। ୪୮ କୋଟି ଟଙ୍କା ବ୍ୟୟ ଅଟକଳରେ ନିର୍ମିତ ହେବାକୁ ଥିବା ଏହି ପ୍ରକଳ୍ପ ଦ୍ୱାରା ୩୦୦୦ ଏକର ଚାଷ ଜମି ଜଳସେଚିତ ହୋଇ ପାରିବ ବୋଲି କୁହାଯାଇଛି। ପ୍ରତି ୨ ମାସରେ ଘୋଷିତ ପ୍ରକଳ୍ପର ସମୀକ୍ଷା ମୁଖ୍ୟମନ୍ତ୍ରୀ କରିବେ ବୋଲି କହିଛନ୍ତି।

୨୯ଟି ନଦୀ ଜଳ ଉଠା ପ୍ରକଳ୍ପ ସହ ୩୦୦୦ ବୋରୱେଲ ଜଳସେଚନ ୟୁନିଟ୍ କରାଯିବାର ଯୋଜନା କରାଯାଇଛି। ଜଳସେଚନ ପ୍ରକଳ୍ପ ସମେତ ଅନ୍ୟାନ୍ୟ ଭିତ୍ତିଭୂମି ଉନ୍ନୟନ କାର୍ଯ୍ୟକ୍ରମକୁ ମଧ୍ୟ ଗୁରୁତ୍ୱ ଦିଆଯାଇଛି। ଷ୍ଟ୍ରିଟ୍ ଲାଇଟ୍ , ପାନୀୟ ଜଳ ଯୋଗାଣ, ଡ୍ରେନେଜ୍ , ଟାଉନ ହଲ୍ , ଗୋଷ୍ଠୀ କେନ୍ଦ୍ର, କଲ୍ୟାଣ ମଣ୍ଡପ, ଷ୍ଟାଡିୟମ୍, ମାର୍କେଟ କମ୍ପ୍ଲେକ୍ସ, ପାର୍କ, ଅଫିସ ବିଲ୍ଡିଂ ଇତ୍ୟାଦି ବରପାଲି ଏନ୍ଏସି ଏବଂ ବିଜେପୁର ଅଞ୍ଚଳରେ କରାଯିବ। ଏହି ସବୁ ଭିତ୍ତିଭୂମି ଉନ୍ନତୀକରଣ ପାଇଁ ୨ ବର୍ଷରେ ପ୍ରାୟ ୪୦ କୋଟି ଟଙ୍କା ଖର୍ଚ୍ଚ କରାଯିବାକୁ ଲକ୍ଷ୍ୟ ରଖାଯାଇଥିବା ମୁଖ୍ୟମନ୍ତ୍ରୀଙ୍କ କାର୍ଯ୍ୟାଳୟ(ସିଏମ୍ଓ) ପକ୍ଷରୁ କୁହାଯାଇଛି। କୃଷକମାନଙ୍କୁ ସ୍ୱତନ୍ତ୍ରଭାବେ ବିଦ୍ୟୁତ୍ ଶକ୍ତି ଯୋଗାଇ ଦେବା ପାଇଁ ୬୦ କି.ମି ମଧ୍ୟରେ ୩୩ କେ.ଭି ଲାଇନ୍ ଏବଂ ୧୨୫ କି.ମି ମଧ୍ୟରେ ୧୧ କେ.ଭି ଲାଇନ୍ ସଂଯୋଗ କରାଯିବ। ଏହାକୁ ବାଦ୍ ଦେଲେ ବିଜେପୁରର ବିଭିନ୍ନ ଅଞ୍ଚଳରେ ୫୦ଟି ବିତରଣ ଟ୍ରାନ୍ସଫର୍ମର ବସାଯିବ। ଏହା ଦ୍ୱାରା ଗ୍ରାମାଞ୍ଚଳର ଲୋ-ଭୋଲଟେଜ୍ ସମସ୍ୟା ସମାଧାନ ହେବ ବୋଲି କୁହାଯାଉଛି। ଗାଇସିଲଟ୍ ତହସିଲ ଅଧୀନରେ ଥିବା ଗୁଡେରପାଲି, ତଲପାଲି ଏବଂ ଡଙ୍ଗାବାହାଲ ଅଞ୍ଚଳରେ ସ୍ୱତନ୍ତ୍ର ଆରଆଇ ସର୍କଲ କରାଯିବ। ସେହିପରି ବିଜେପୁର ବ୍ଲକ ତାଳପଦରଠାରେ ଏକ ନୂତନ ଜନସ୍ୱାସ୍ଥ୍ୟ ସମିତି(ପିଏଚ୍‌ସି) ପ୍ରତିଷ୍ଠା ସହ ଅନ୍ୟ ସ୍ୱାସ୍ଥ୍ୟାନୁଷ୍ଠାନରେ ଆବଶ୍ୟକ ସଂଖ୍ୟକ ଡାକ୍ତର ନିଯୁକ୍ତି କରାଯିବାର ନିଷ୍ପତ୍ତି କରାଯାଇଛି। ବିଜେପୁର ଅଞ୍ଚଳରେ ଏକ ସରକାରୀ ଆଇଟିଆଇ ସହ ଗାଇସିଲଟ୍ ଏବଂ ବରପାଲିରେ ଦକ୍ଷତା ବିକାଶ କେନ୍ଦ୍ର ପ୍ରତିଷ୍ଠା କରାଯିବ। ସେହିପରି ୮୨ କୋଟି ଟଙ୍କା ଖର୍ଚ୍ଚରେ ୮୦ କି.ମିର ୪ଟି ନୂଆ ସଡକ ପ୍ରକଳ୍ପ କରାଯିବ। ଖୁବ୍‌ଶୀଘ୍ର ଅନ୍ୟ ସହାୟତା ଏବଂ ପ୍ରକଳ୍ପ ଘୋଷଣା କରାଯିବ ବୋଲି ସିଏମ୍ଓ ପକ୍ଷରୁ ସୂଚନା ଦିଆଯାଇଛି। ଚଳିତ ନିର୍ବାଚନରେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ହିଞ୍ଜିଳି ଓ ବିଜେପୁର ବିଧାନସଭା କ୍ଷେତ୍ରରୁ ବିଜୟୀ ହୋଇଛନ୍ତି। ଆଗାମୀ ଦିନରେ ସେ ହିଞ୍ଜିଳି ଆସନ ରଖି ବିଜେପୁର ସିଟ୍ ଛାଡିବେ ବୋଲି ରାଜନୈତିକ ମହଲରେ ଆଲୋଚନା ହେଉଛି। ତେଣୁ ବିଜେପୁର ଭୋଟରଙ୍କ ମନ ଜିଣିବା ପାଇଁ ମୁଖ୍ୟମନ୍ତ୍ରୀ ସେହି ଅଞ୍ଚଳ ପାଇଁ ସ୍ୱତନ୍ତ୍ର ପ୍ୟାକେଜ ଘୋଷଣା କରୁଥିବା କୁହାଯାଉଛି।

# ଷ୍ଟାର୍ଟ ଅପ୍ ପାଇଁ ଓଡ଼ିଶାକୁ ଶ୍ରେଷ୍ଠ ରାଜ୍ୟର ମାନ୍ୟତା

- ସହରରେ ଷ୍ଟାର୍ଟ ହବ୍ ସ୍ଥାପନ ପାଇଁ ମୁଖ୍ୟ ଶାସନ ସଚିବଙ୍କ ନିର୍ଦ୍ଦେଶ

ଭୁବନେଶ୍ୱର,୩୦।୫(ବ୍ୟୁରୋ)

ଷ୍ଟାର୍ଟ ଅପ୍ କ୍ଷେତ୍ରରେ ଓଡ଼ିଶାକୁ ସମଗ୍ର ଦେଶରେ ଶ୍ରେଷ୍ଠ ରାଜ୍ୟର ମାନ୍ୟତା ମିଳିଛି। ୩୮ ପାରାମିଟର ଆଧାରରେ ରାଜ୍ୟକୁ ଏହି ମାନ୍ୟତା ପ୍ରଦାନ କରାଯାଇଛି । ଗୁରୁବାର ସଚିବାଳୟଠାରେ ମୁଖ୍ୟ ଶାସନ ସଚିବ ଆଦିତ୍ୟ ପ୍ରସାଦ ପାଢ଼ୀଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏକ ଉଚ୍ଚସ୍ତରୀୟ ବୈଠକରେ ସୂକ୍ଷ୍ମ, କ୍ଷୁଦ୍ର ଓ ମଧ୍ୟମ ଉଦ୍ୟୋଗ ବିଭାଗ ସଚିବ ଲକ୍ଷ୍ମୀନାରାୟଣ ଗୁପ୍ତା ଏହି ସୂଚନା ଦେଇଛନ୍ତି। ଷ୍ଟାର୍ଟ ଅପ୍ ନୀତିକୁ କାର୍ଯ୍ୟକାରୀ କରିବା, ଉଦ୍ୟୋଗୀମାନଙ୍କୁ ସହଯୋଗ କରିବା, ପୁଞ୍ଜି ଯୋଗାଡ , ନିୟମ କୋହଳ କରିବା ଆଦି ବିଭିନ୍ନ ବିଷୟ ଯୋଗୁ ରାଜ୍ୟରେ ଷ୍ଟାର୍ଟ ଅପ୍ କ୍ଷେତ୍ରରେ ଅଗ୍ରଗତି ହୋଇଛି। ୨୭ଟି ରାଜ୍ୟ ଓ ୩ଟି କେନ୍ଦ୍ର ଶାସିତ ଅଞ୍ଚଳ ମଧ୍ୟରେ ହୋଇଥିବା ପ୍ରତିଯୋଗିତାରେ ଓଡ଼ିଶା ଶ୍ରେଷ୍ଠ ସ୍ଥାନ ହାସଲ କରିଥିବା ବୈଠକରେ ସୂଚନା ଦିଆଯାଇଛି। ଏହାକୁ ଆହୁରି କ୍ରିୟାଶୀଳ କରିବା ପାଇଁ ରାଜ୍ୟର ବଡ ବଡ ସହରରେ ଷ୍ଟାର୍ଟ ଅପ୍ ହବ୍ ସ୍ଥାପନ କରିବାକୁ ମୁଖ୍ୟ ଶାସନ ସଚିବ ନିର୍ଦ୍ଦେଶ ଦେଇଛନ୍ତି। ଓଡିଶା ଷ୍ଟାର୍ଟ ଅପ୍ ପୋର୍ଟାଲ ମାଧ୍ୟମରେ ୫୯୨ ଷ୍ଟାର୍ଟ ଅପ୍ ଭେଞ୍ଚର ପଞ୍ଜୀକୃତ ହୋଇଛି। ସେମାନଙ୍କ ମଧ୍ୟରୁ ୪୨୩କୁ ଷ୍ଟାର୍ଟ ଅପ୍ କାଉନସିଲ ଅନୁମୋଦନ ଦେଇଛି। ଏଥିରେ ୧୩୮ଟି ମହିଳା ଷ୍ଟାର୍ଟ ଅପ୍ ରହିଛି। ୭୩ଟି ଷ୍ଟାର୍ଟ ଅପ୍‌କୁ ଆର୍ଥିକ ସହାୟତା ପାଇଁ ସୁଯୋଗ ଦିଆଯାଇଛି। ଉକ୍ତ ଷ୍ଟାର୍ଟ ଅପ୍‌ଗୁଡିକ ମଧ୍ୟରୁ ୧୮ ପ୍ରତିଶତ ସୂଚନା ପ୍ରଯୁକ୍ତି ବିଦ୍ୟା, ୯ ପ୍ରତିଶତ ସ୍ୱାସ୍ଥ୍ୟ କ୍ଷେତ୍ର, ୯ ପ୍ରତିଶତ ଗ୍ରୀନ ଟେକ୍ନୋଲୋଜି, ୬ ପ୍ରତିଶତ କୃଷି, ୬ ପ୍ରତିଶତ ଖାଦ୍ୟ ପ୍ରକ୍ରିୟାକରଣ, ୫ ପ୍ରତିଶତ ଶିକ୍ଷା, ୩ ପ୍ରତିଶତ ପର୍ଯ୍ୟଟନ ଏବଂ ୩୮ ପ୍ରତିଶତ ଅନ୍ୟାନ୍ୟ କ୍ଷେତ୍ରରୁ ଆସିଥିବା ସୂଚନା ଦିଆଯାଇଥିଲା। ବୈଠକରେ ଅର୍ଥ ସଚିବ ଅଶୋକ କୁମାର ମୀନା, ସୂଚନା ପ୍ରଯୁକ୍ତିବିଦ୍ୟା ସ୍ୱତନ୍ତ୍ର ସଚିବ ରୁଦ୍ର ନାରାୟଣ ପଲାଇ ଏବଂ ଏସଟିପିଆଇ, ବିପିୟୁଟିର ବରିଷ୍ଠ ଅଧିକାରୀମାନେ ଯୋଗ ଦେଇଥିଲେ।

# ୪ ଲ୍ୟାଣ୍ଡମାଇନ ଉଦ୍ଧାର

- ଯବାନଙ୍କୁ ଟାର୍ଗେଟ କରି ପୋତିଥିଲେ ମାଓବାଦୀ

**ମାଲକାନଗିରି, ୩୦।୫(ଡି.ଏନ୍.ଏ.):** ଓଡ଼ିଶା-ଆନ୍ଧ୍ର ସୀମାନ୍ତରେ ଯବାନଙ୍କୁ ଟାର୍ଗେଟକରି ମାଓବାଦୀମାନେ ପୋତିଥିବା ଚାରିଟି ଲ୍ୟାଣ୍ଡମାଇନ ଗୁରୁବାର ଉଦ୍ଧାର ହୋଇଛି ବୋଲି ବିଶାଖାପାଟଣା ଗ୍ରାମାଞ୍ଚଳ ଏସ୍‌ପି ଏ. ବାବୁଜୀ ସୂଚନା ଦେଇଛନ୍ତି। ଓଡ଼ିଶା-ଆନ୍ଧ୍ର ସୀମାରେ ମାଓବାଦୀଙ୍କ ଦମନ ପାଇଁ ନିୟୋଜିତ ଗ୍ରେ-ହାଉଣ୍ଡ ଯବାନ କୋମ୍ବିଂ ଅପରେଶନ ଚଳାଇଛନ୍ତି। ତେଣୁ ମାଲକାନଗିରି-ବିଶାଖାପାଟଣା ରାସ୍ତା ଜି.ମାଡାଗୁଲୁ, ନୁରମଟିରେ ମାଓବାଦୀମାନେ ସେମାନଙ୍କୁ ଟାର୍ଗେଟ କରି ଲ୍ୟାଣ୍ଡମାଇନ ଖଞ୍ଜିଥିଲେ। ତେବେ କୋମ୍ବିଂ ସମୟରେ ମେଟାଲ ଡିଟେକ୍ଟର ସାହାଯ୍ୟରେ ଏହି ରାସ୍ତାରେ ବୋମା ଥିବା ଜଣାପଡିଥିଲା। ବିଶାଖାପାଟଣା ପୋଲିସ ମୁଖ୍ୟାଳୟକୁ ଏହି ଖବର ଦିଆଯିବା ପରେ ବୋମା ନିଷ୍କ୍ରିୟକାରୀ ଦଳକୁ ସେଠାକୁ ପଠାଯାଇଥିଲା। ପରେ ସେଠାରେ ଥିବା ୪ ଲ୍ୟାଣ୍ଡମାଇନକୁ ଉଦ୍ଧାର କରାଯାଇ ସେଗୁଡିକୁ ନିଷ୍କ୍ରିୟ କରାଯାଇଥିଲା ବୋଲି ଗ୍ରାମାଞ୍ଚଳ ଏସ୍‌ପି ସୂଚନା ଦେଇଛନ୍ତି।

୭ମଜନ୍ମଦିନ ଶୁଭେଚ୍ଛା

(ନନ୍ଦିନୀ)
ଶୁଭଲକ୍ଷ୍ମୀ ଦାସ
ଘାସୁଆ, ଗାରିଆ, ଜଗତସିଂହପୁର
ଆଜି ତୋର ସପ୍ତମ ଜନ୍ମବାର୍ଷିକ ଅବସରରେ ଶ୍ରୀଜଗନ୍ନାଥଙ୍କ ପାଖରେ ଆମ୍ଭେ ପ୍ରାର୍ଥନା କରୁଛୁ କି ତୋର ଭବିଷ୍ୟତ ଉଜ୍ଜ୍ୱଳମୟ ଓ ଦୀର୍ଘାୟୁ କରନ୍ତୁ ଏବଂ ସର୍ବଦା ବିଦ୍ୟା ବୁଦ୍ଧି ପ୍ରଦାନ କରନ୍ତୁ।
ଶୁଭେଚ୍ଛା ସହ: ଜେଜେବାପା, ଜେଜେମା, ଅଜା, ଆଇ, ଦାଦା, ଖୁଡ଼ୀ, ମାମୁ, ବିଶାଳ, ଅଙ୍କିତ, ବାବା, ମାମା, ଏବଂ ବନ୍ଧୁ ପରିବାରବର୍ଗ।
ଧ-୧୨୬୭୧

1st Birthday Wish

Shreeved (AAYU)
Kuha, Kantilo
Sundarapada
ପ୍ରଥମ ଜନ୍ମଦିନରେ ପ୍ରଭୁ ଶ୍ରୀଜଗନ୍ନାଥ ତୋତେ ଦୀର୍ଘାୟୁ କରନ୍ତୁ ଓ ସର୍ବଦା ତୋତେ ସହାୟ ହୁଅନ୍ତୁ।
ଶୁଭେଚ୍ଛା ସହ:
ବାପା, ମା, ବନ୍ଧୁ ଓ ପରିବାରବର୍ଗ।
ଧ-୧୨୭୩୬

BADRIPRASAD Group of Institutions
ADMISSION OPEN
DIPLOMA ENGINEERING
BCA BBA BA B.Sc. B.Com
100% Placement Assistance
At: Debaipali, Majhipali Chowk, P.O.- Sason, Dist.- Sambalpur, PIN- 768200
Contact: 7008920803, 7008757504, 8327725282, 7008483493
Web.: www.bitsambalpur.in
E-mail: bitechsbp@gmail.com, bcctsbp@gmail.com / bdcsbp@gmail.com

CLASSIFIED DISPLAY

Life Care Emporium
Upto 50% OFF
AN EXCLUSIVE SHOWROOM OF HOSPITAL ITEMS & BODY FITNESS MATERIALS
Plot No.48, Ground Floor, Narayani Complex, Ashok Nagar, Bhubaneswar-751009, E-mail: lifecareemporium@gmail.com, www.lifecareemporium.com
9861067341, 0674-2597841

ଅଲ୍ ଇଣ୍ଡିଆ ଖୋଲା ଚ୍ୟାଲେଞ୍ଜ
2 ଘଣ୍ଟାରେ 100% ଗ୍ୟାରେଣ୍ଟିଡ୍ ସମାଧାନ
A to Z ସମସ୍ୟାର ସମାଧାନ ଘରେ ବସି।
ବାବା କମାଲ ଖାନ୍
9810599425 9971793786

## ଆଜି କ'ଣ କେଉଁଠି

**ସମ୍ବଲପୁର**
- ବିଶ୍ୱ ତମାଖୁ ବର୍ଜନ ଦିବସ ସଚେତନତା ରାଲି, ଜିଲା ସ୍କୁଲ ଛକ, ସକାଳ ସାଢ଼େ ୫ଟା।
- ଗ୍ରୀଷ୍ମକାଳୀନ ମାର୍ଶଲ ଆର୍ଟ ପ୍ରଶିକ୍ଷଣ ଶିବିରର ଉଦ୍‌ଯାପନୀ ଉତ୍ସବ, ବିନାଖଣ୍ଡୀ, ସକାଳ ସାଢ଼େ ୮ଟା।
- ସମ୍ବଲପୁରୀ ନୃତ୍ୟ ପ୍ରଶିକ୍ଷଣ ଶିବିର, ସମ୍ବଲପୁର ଟ୍ରାଇବାଲ ଆଣ୍ଡ ଫୋକ୍ ଆର୍ଟ ସେଣ୍ଟର, ସାଢ଼େ ୫ଟା।

**ବିଜେପୁର**
- ଷୋହଳ ପ୍ରହର ନାମଯଜ୍ଞ ପୂର୍ଣ୍ଣାହୁତି, କେ.ଗଣ୍ଡାପାଲି, ଅପରାହ୍ନ ୪ଟା।

**ବୌଦ୍ଧ**
- ରଥଯାତ୍ରା ପାଳନ ପ୍ରସ୍ତୁତି ବୈଠକ, ଜିଲାପାଳଙ୍କ ସଦ୍‌ଭାବନା ସଭାଗୃହ, ଅପରାହ୍ନ ସାଢେ ୪ଟା।

**ନୂଆପଡ଼ା**
- ଉଦନ୍ତୀ ମହୋତ୍ସବ ଉଦ୍‌ଯାପନୀ ଉତ୍ସବ, ସିନାପାଲି ହାଇସ୍କୁଲ ଖେଳପଡିଆ, ସନ୍ଧ୍ୟା ୭ଟା
- ବିଶ୍ୱ ଟବାକୋ ବର୍ଜନ ଦିବସ, ନୂଆପଡ଼ା ଜିଲା ମୁଖ୍ୟ ଚିକିତ୍ସାଳୟ, ପୂର୍ବାହ୍ନ ୧୦ଟା।

**ସୁବର୍ଣ୍ଣପୁର**
- ଜିଲାସ୍ତରୀୟ ବିଶ୍ୱ ତମାଖୁମୁକ୍ତ ଦିବସ ପାଳନ, ଜିଲା ମୁଖ୍ୟ ସ୍ୱାସ୍ଥ୍ୟକେନ୍ଦ୍ର ପ୍ରଶିକ୍ଷଣ କକ୍ଷ, ପୂର୍ବାହ୍ନ ୧୦ଟା ।

# ଜୁନ୍ ୫ରେ 'ଭାରତ' ରିଲିଜ୍



ମୁମ୍ବାଇ: ବଲିଉଡ୍ ନାୟିକା କ୍ୟାଟ୍ରିନା କୈଫ୍ ତାଙ୍କର ଅପ୍‌କମିଙ୍ଗ୍ ଫିଲ୍ମ 'ଭାରତ' ପାଇଁ ଏବେ ଖୁବ୍ ବ୍ୟସ୍ତ ରହୁଛନ୍ତି। ନିକଟରେ ସେ ମୁମ୍ବାଇରେ ଏକ ପ୍ରମୋଶନ ଇଭେଣ୍ଟରେ ଯୋଗ ଦେଇଥିବା ସମୟର ଫଟୋ ସୋସିଆଲ ମିଡିଆରେ ଭାଇରାଲ ହେବାରେ ଲାଗିଛି। ରେଡ୍ ଓ ବେବି ପିଙ୍କ୍ କଲର ଡ୍ରେସରେ ସେ ଲାଗୁଥିଲେ ଖୁବ୍ ସୁନ୍ଦର। ତେବେ ତାଙ୍କର ଏହି ଗ୍ଲାମର୍ସ ଲୁକ୍ ଏବେ ପାଗଳ କରିଛି ତରୁଣ ପିଢ଼ିଙ୍କୁ। ଆସନ୍ତା ଜୁନ୍ ୫ରେ 'ଭାରତ' ରିଲିଜ ହେଉଥିବା ବେଳେ ଏଥିରେ ମୁଖ୍ୟ ଭୂମିକାରେ ଅଛନ୍ତି କ୍ୟାଟ୍ରିନାଙ୍କ ସହ ବଲିଉଡ୍ ଭାଇଜାନ୍ ସଲମାନ୍ ଖାନ୍। ଏହି ଇଂଲିଶ ଅଭିନେତ୍ରୀ ଜଣକ ହିନ୍ଦୀ ଫିଲ୍ମରେ କିଛିଦିନ ହେଲା କାମ କରି ଲୋକପ୍ରିୟତା ହାସଲ କରିଆସୁଛନ୍ତି। ସମାଲୋଚକଙ୍କଠାରୁ ମିଶ୍ରିତ ପ୍ରତିକ୍ରିୟା ମିଳିବା ସତ୍ତ୍ୱେ ସେ ନିଜର ଅଭିନୟ ନିପୁଣତା ପାଇଁ ବଲିଉଡରେ ନିଜକୁ ପ୍ରତିଷ୍ଠା କରିପାରିଛନ୍ତି। ସେ ମଧ୍ୟ ସବୁଠୁ ଅଧିକ ପ୍ରାପ୍ୟ ନେଉଥିବା ଅଭିନେତ୍ରୀଙ୍କ ମଧ୍ୟରେ ଅନ୍ୟତମ। ୩୫ ବର୍ଷୀୟା ଏହି ଅଭିନେତ୍ରୀଙ୍କର ଅନ୍ୟତମ ଆଗାମୀ ଫିଲ୍ମ ହେଉଛି 'ସୂର୍ଯ୍ୟବଂଶୀ'।


ବିଶ୍ୱ ତମାଖୁ ବର୍ଜନ ଦିବସ
୩୧ ମଇ ୨୦୧୯
ମାନ୍ୟବର ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ମନ୍ତ୍ରୀଙ୍କ ବାର୍ତ୍ତା
DSPL-21
ସମଗ୍ର ବିଶ୍ୱରେ ତମାଖୁ ସେବନ ଜନିତ ଅସୁସ୍ଥତା ହେଉଛି ଏକ ମାନବକୃତ ମହାମାରୀ, ଯାହା ରୋଗ ଓ ମୃତ୍ୟୁର ସବୁଠାରୁ ଦ୍ୱିତୀୟ ବଡ କାରଣ । ପ୍ରତି ବର୍ଷ ୬୦ ଲକ୍ଷରୁ ଅଧିକ ଲୋକ ତମାଖୁ ସେବନ ଜନିତ ରୋଗରେ ଆକ୍ରାନ୍ତ ହୋଇ ମୃତ୍ୟୁବରଣ କରୁଥିବା ବେଳେ ଆମ ଦେଶରେ ପ୍ରାୟ ୧୦ ଲକ୍ଷରୁ ଉର୍ଦ୍ଧ୍ୱ ଲୋକ ମୃତ୍ୟୁବରଣ କରୁଛନ୍ତି । ତମାଖୁ ବ୍ୟବହାରର ଦ୍ରୁତ ବୃଦ୍ଧି ଜନସ୍ୱାସ୍ଥ୍ୟ ପ୍ରତି ଏକ ବିରାଟ ଆହ୍ୱାନ ରୂପେ ଉଭା ହୋଇଛି । ବିଶ୍ୱ ସ୍ୱାସ୍ଥ୍ୟ ସଂଗଠନର ତଥ୍ୟ ଅନୁସାରେ ଯଦି ଏହି ଧାରା ଅପରିବର୍ତ୍ତିତ ରହେ, ତେବେ ଆସନ୍ତା ୨୦୨୦ ମସିହା ସୁଦ୍ଧା ବର୍ଷକୁ ପ୍ରାୟ ଏକ କୋଟିରୁ ଉର୍ଦ୍ଧ୍ୱ ଲୋକ ତମାଖୁ ଜନିତ ରୋଗରେ ଆକ୍ରାନ୍ତ ହୋଇ ମୃତ୍ୟୁମୁଖରେ ପଡିବେ ।
ଆଜି ମଇ ୩୧ ତାରିଖରେ ସାରା ବିଶ୍ୱରେ ତମାଖୁ ବର୍ଜନ ଦିବସ ପାଳନ କରାଯାଉଥିବା ବେଳେ ଆମ ରାଜ୍ୟରେ ବି ଏହା ପାଳନ କରାଯାଉଛି । ଏହି ଦିବସ ପାଳନ କରିବାର ଉଦ୍ଦେଶ୍ୟ ହେଉଛି, ତମାଖୁ ସେବନରୁ ଦୂରେଇ ରହିବା ନିମନ୍ତେ ଜନସାଧାରଣଙ୍କ ମଧ୍ୟରେ ସଚେତନତା ସୃଷ୍ଟି କରିବା ।
ଜନସାଧାରଣଙ୍କୁ ମୋର ନିବେଦନ, ତମାଖୁ ସେବନରୁ ନିବୃତ୍ତ ରହିବା ପାଇଁ ପ୍ରତ୍ୟେକ ସ୍ତରରେ ପ୍ରଚେଷ୍ଟା ଜାରିରଖି ସୁସ୍ଥ ଜୀବନ ଯାପନ କରନ୍ତୁ ।
ନବ କିଶୋର ଦାସ
(ନବକିଶୋର ଦାସ)
10003/13/0017/1920

ମଣିଷ ଯାହାକୁ ପାପ ବୋଲି କହେ- ତାକୁ ତୁମେ ପାପ ବୋଲି ଭାବନାହିଁ। କେବଳ ଭଗବାନ ଯାହାକୁ ପ୍ରତ୍ୟାଖ୍ୟାନ କରନ୍ତି- ତୁମେ ବି ତାକୁ ପ୍ରତ୍ୟାଖ୍ୟାନ କର। ପୁଣି ମଣିଷ ଯାହାକୁ ଶ୍ରେୟ ବୋଲି କହେ- ତୁମେ ତାକୁ ଶ୍ରେୟ ମନେକର ନାହିଁ। କେବଳ ଭଗବାନ ଯାହା ଗ୍ରହଣ କରନ୍ତି- ତୁମେ କେବଳ ତାକୁ ହିଁ ଗ୍ରହଣ କର।
-ଶ୍ରୀଅରବିନ୍ଦ



# ବର୍ତ୍ତମାନର ଆବଶ୍ୟକତା

ନବୀନ ପଟ୍ଟନାୟକ ଓଡ଼ିଶାର ମୁଖ୍ୟମନ୍ତ୍ରୀଭାବେ ତାଙ୍କର ପଞ୍ଚମ ପାଳି ଆରମ୍ଭ କରିବାକୁ ଯାଉଥିବା ବେଳେ ସରକାର ଏବେ ସାମନା କରୁଥିବା କେତେକ ଗୁରୁତ୍ୱପୂର୍ଣ୍ଣ ପ୍ରସଙ୍ଗ ଉପରେ ଦୃଷ୍ଟି ଦେବାର ସମୟ ଆସିଛି। ଏହି ମାସ ଆରମ୍ଭରେ ପର୍ଯ୍ୟଟନ ସହର ପୁରୀ ଓ ରାଜଧାନୀ ସହର ଭୁବନେଶ୍ୱର ସମେତ ରାଜ୍ୟର ୧୪ଟି ଜିଲା ଭୟଙ୍କର ବାତ୍ୟା ଫନୀ ଦ୍ୱାରା ଧ୍ୱସ୍ତବିଧ୍ୱସ୍ତ ହୋଇଛି। ତେବେ ସରକାରଙ୍କୁ ଧନ୍ୟବାଦ ଦେବା କଥା ଯେ ସେମାନେ ବ୍ୟାପକ ସଂଖ୍ୟାରେ ଲୋକଙ୍କୁ ସ୍ଥାନାନ୍ତର କରିବା ଯୋଗୁ ଏହି ବାତ୍ୟାରେ ଲୋକଙ୍କ ମୃତ୍ୟୁସଂଖ୍ୟାକୁ ଯଥେଷ୍ଟ କମାଇ ଦିଆଯାଇପାରିଛି। କିନ୍ତୁ ଘରୋଇ ଓ ସରକାରୀ ସମ୍ପତ୍ତି ଓ ଭିତ୍ତିଭୂମି ବ୍ୟାପକ କ୍ଷତିଗ୍ରସ୍ତ ହୋଇଛି। ରାଜ୍ୟ ଭୂସଂସ୍ଥାନର ଅଧାଅଧି ତା'ର ସବୁଜିମା ହରାଇଛି। କେବଳ ପୁରୀ ଓ ଭୁବନେଶ୍ୱରରେ ପ୍ରାୟ ୨ ନିୟୁତରୁ ଅଧିକ ଗଛ ଭୂମିସାତ୍ ହୋଇଯାଇଛି। ଯଦି ଏହି କ୍ଷତି ଭରଣା ଲାଗି ବ୍ୟାପକ ବୃକ୍ଷରୋପଣର ପଦକ୍ଷେପ ନିଆ ନ ଯାଏ, ତେବେ ଲୋକମାନେ ଏହାର କୁପ୍ରଭାବ ଦ୍ୱାରା ବିଭିନ୍ନ ସମସ୍ୟାର ସମ୍ମୁଖୀନ ହେବେ।

ରାଜ୍ୟର ଅର୍ଥନୈତିକ ସ୍ୱାସ୍ଥ୍ୟ ବାତ୍ୟା ପୂର୍ବରୁ ମଧ୍ୟ ଭଲ ନ ଥିଲା। ରାଜ୍ୟ ଏକ ଲକ୍ଷ କୋଟି ଟଙ୍କାରୁ ଊର୍ଦ୍ଧ୍ୱ ଋଣଭାରରେ ବୁଡ଼ି ରହିଛି। ଗରିବ ଓ ଅର୍ଥନୈତିକ ଅନଗ୍ରସର ଲୋକମାନଙ୍କ ଲାଗି ଅବିଚାରିତଭାବେ ଅନେକ ମାଗଣା ଯୋଜନା କାର୍ଯ୍ୟକାରୀ କରିବା ଯୋଗୁ ଏହି ବାବଦରେ ସରକାରଙ୍କୁ ହଜାର ହଜାର କୋଟି ଟଙ୍କା ଖର୍ଚ୍ଚ କରିବାକୁ ପଡୁଛି, ଯାହାଫଳରେ ନୂତନ ପୁଞ୍ଜିଲଗାଣ ଲାଗି ସରକାରଙ୍କ ପାଖରେ ଅର୍ଥର ଅଭାବ ଦେଖାଦେଇଛି। ଓଡ଼ିଶା ଖଣିଜ ସମ୍ପଦରେ ଧନୀ ଏବଂ ଏହାର ବିଶାଳ ସାମୁଦ୍ରିକ ତଟରେଖା ରହିଛି। ଏହାର ପର୍ଯ୍ୟଟନ ସମ୍ଭାବ୍ୟତା ମଧ୍ୟ ଯଥେଷ୍ଟ ଅଧିକ। ତେବେ ଭିତ୍ତିଭୂମି ଦୃଷ୍ଟିରୁ ଓଡ଼ିଶା ବହୁତ ପଛରେ ଅଛି। ଏକ ସୁବିକଶିତ ଭିତ୍ତିଭୂମି ଅଭାବ ହେତୁ ରାଜ୍ୟ ଏହାର ପ୍ରାକୃତିକ ସମ୍ବଳ ବିନିଯୋଗରେ ବିଫଳ ହୋଇଛି। ଅଥଚ ସରକାର ରାଜ୍ୟର ସୀମିତ ସମ୍ବଳକୁ ଜନମଙ୍ଗଳ ଯୋଜନାଗୁଡ଼ିକରେ ବିନିଯୋଗ କରିବାରେ ଲାଗିଛନ୍ତି, ଯେଉଁଗୁଡ଼ିକ ମଧ୍ୟରୁ ଅଧିକାଂଶ ହେଉଛି ଲୋକଲୋଭାଣିଆ ବା ପପୁଲିଷ୍ଟ। ବର୍ତ୍ତମାନ ରାଜ୍ୟର ଜନସାଧାରଣ ବିଜେଡିକୁ ବହୁମତ ଦେଇ ପୁନଃକ୍ଷମତାସୀନ କରାଇଥିବାରୁ ସରକାର ଏବେ ଯେଉଁଥିରେ ରାଜ୍ୟର ଦୀର୍ଘକାଳୀନ ମଙ୍ଗଳ ହେବ, ତାହା ଉପରେ ଗୁରୁତ୍ୱ ଦେବା ଆବଶ୍ୟକ। ତେବେ ଯେଉଁ ଟଙ୍କା ମହିଳାମାନଙ୍କ ସଶକ୍ତୀକରଣ ପାଇଁ ସ୍ୱୟଂସହାୟକ ଗୋଷ୍ଠୀଗୁଡ଼ିକୁ ଅନୁଦାନ ଆକାରରେ ଦିଆଯାଉଛି ତାକୁ ବିବାଦ ଘେରକୁ ଆଣିବା ଠିକ୍ ନୁହେଁ। କିନ୍ତୁ ସେହି କାର୍ଯ୍ୟକୁ ଉପଯୁକ୍ତ ଯାଞ୍ଚ ପରିସରକୁ ଆଣି ସେଥିରେ ଯେପରି ସମ୍ପୂର୍ଣ୍ଣ ସ୍ୱଚ୍ଛତା ରକ୍ଷା ହୁଏ ତାହା ଉପରେ ଦୃଷ୍ଟି ଦେବା ଆବଶ୍ୟକ। ବର୍ତ୍ତମାନ ସ୍ୱୟଂ ସହାୟକ ଗୋଷ୍ଠୀଗୁଡ଼ିକୁ ଯେଉଁ ଟଙ୍କା ଦିଆଯାଉଛି ତାହାକୁ ଭିନ୍ନ କାର୍ଯ୍ୟରେ ଲଗାଯାଉଥିବାର ବହୁ ଅଭିଯୋଗ ଆସୁଛି।

## ଆଜିର ଅର୍ଥନୀତି

କୃଷକ ସମସ୍ୟା ସବୁବେଳେ ସ୍ଥାନୀୟ ଖବରକାଗଜଗୁଡ଼ିକର ପ୍ରମୁଖ ପୃଷ୍ଠାରେ ସ୍ଥାନ ପାଉଛି। ରାଜ୍ୟ ଜନସଂଖ୍ୟାର ୮୦ ପ୍ରତିଶତରୁ ଅଧିକ ଲୋକ କୃଷି ଉପରେ ନିର୍ଭର କରି ଜୀବିକା ନିର୍ବାହ କରୁଥିବାରୁ କୃଷକଙ୍କ ସ୍ୱାର୍ଥକୁ ଯେତେ ଗୁରୁତ୍ୱ ଦେଲେ ବି ତାକୁ ମାତ୍ରାଧିକ ବୋଲି କୁହାଯାଇପାରିବ ନାହିଁ। ରାଜ୍ୟ ସରକାର ଧାନର ସର୍ବନିମ୍ନ ସହାୟକ ମୂଲ୍ୟ ୨୯୦୦ ଟଙ୍କା ହେଉ ବୋଲି ଦାବି କରୁଛନ୍ତି। କେନ୍ଦ୍ର ସରକାର ଏହାକୁ ଗ୍ରହଣ କରୁନାହାନ୍ତି। ରାଜ୍ୟ ସରକାର କୃଷକମାନଙ୍କ ସ୍ୱାର୍ଥ ଦେଖିବା ଲାଗି କେବଳ କେନ୍ଦ୍ର ଉପରେ ନିର୍ଭର କରି ଚୁପ୍ ହୋଇ ବସିପାରିବେ ନାହିଁ। ସରକାର କୃଷକମାନଙ୍କ ଆୟ ସମର୍ଥନକାରୀ କାଳିଆ ଯୋଜନା ଲାଗୁ କରି ବ୍ୟାପକ ପ୍ରଶଂସାଭାଜନ ହୋଇଥିବା ବେଳେ ଏହାକୁ ଚାଲୁ ରଖିବେ କାରଣ କୃଷକ ଓ ମହିଳା ହେଉଛନ୍ତି ବିଜେଡିର ପାରମ୍ପରିକ ଭୋଟ ବ୍ୟାଙ୍କ। ରାଜ୍ୟର ବ୍ୟାପକ କୃଷିଜମି ମୌସୁମୀ ବର୍ଷା ଉପରେ ନିର୍ଭରଶୀଳ। ଜଳସେଚନ ବ୍ୟବସ୍ଥା ଦୃଷ୍ଟିରୁ ଓଡ଼ିଶା ଅନେକ ପଛରେ ରହିଛି। ସରକାର ଅନେକ ବର୍ଷ ହେଲା ବଡ଼ ବଡ଼ ଦାବି କରି ଆସୁଥିଲେ ମଧ୍ୟ ଜଳସେଚନ ଭିତ୍ତିଭୂମିର ବିକାଶ ଲାଗି ବିଶେଷ କିଛି କରିନାହାନ୍ତି। ସରକାରଙ୍କ କାର୍ଯ୍ୟସୂଚୀର ଅଗ୍ରଭାଗରେ କୃଷି ସଂକ୍ରାନ୍ତ ସଂରଚନାତ୍ମକ ସଂସ୍କାର ରହିବା ଆବଶ୍ୟକ। ତା' ସହ ସରକାର ପୁଞ୍ଜିନିବେଶ ପରିବେଶକୁ ସୁହାଇଲା ଭଳି ନୀତି ନିର୍ଦ୍ଧାରଣ କରିବା ସହ ବିଭିନ୍ନ କ୍ଷେତ୍ରରେ ରହିଥିବା ତ୍ରୁଟିବିଚ୍ୟୁତି ଦୂର କରିବା ଉଚିତ। ପୂର୍ବ ପାଳିରେ ସରକାର ରାଜ୍ୟରେ ଆବଶ୍ୟକ ଥିବା କିଛି ଶୀତଳ ଭଣ୍ଡାର ନିର୍ମାଣ କରିବା ଓ 'ଆଳୁ ମିଶନ' ପ୍ରଭୃତି କେତେକ ପଦକ୍ଷେପ ନେଇଥିଲେ। କିନ୍ତୁ ସେହିସବୁ ଲକ୍ଷ୍ୟ ହାସଲରେ ବିଫଳ ହୋଇଥିଲେ। ରାଜ୍ୟର ଉଦ୍ୟାନକୃଷି ସମ୍ଭାବ୍ୟତା ବୃଦ୍ଧି ପାଉଥିବା ବେଳେ ଶୀତଳଭଣ୍ଡାର ନିର୍ମାଣ ଲାଗି ଅଧିକ ଗୁରୁତ୍ୱ ଦେବାର ଆବଶ୍ୟକତା ରହିଛି। ଖାଦ୍ୟ ପ୍ରକ୍ରିୟାକରଣ କ୍ଷେତ୍ରର ମଧ୍ୟ ବିକାଶ ହେବା ଦରକାର।

ସମ୍ବଳ ସୀମିତ ଥିବାରୁ ସବୁ କ୍ଷେତ୍ରର ବିକାଶ କରିବା ସରକାରଙ୍କ ଲାଗି ଏକ ଆହ୍ୱାନ। ଏଣୁ ସରକାର ନୀତିଗତ ପରିବର୍ତ୍ତନ କରି ସର୍ବାଧିକ ଗୁଣକ ପ୍ରଭାବଯୁକ୍ତ କ୍ଷେତ୍ରଗୁଡ଼ିକର ବିକାଶ ଲାଗି ଦୃଷ୍ଟିଦେବା ଆବଶ୍ୟକ। ବୃହଦାକାର ସଂରଚନାତ୍ମକ ସଂସ୍କାର ଅର୍ଥନୀତିକୁ ସମୃଦ୍ଧ କରିବାର ସମ୍ଭାବନା ରଖୁଥିବା ବେଳେ ବୃଦ୍ଧିଶୀଳ ନୀତିଗତ ପରିବର୍ତ୍ତନ ଠିକ୍‌ଭାବରେ ହେଲେ ସେଥିରୁ ଉଲ୍ଲେଖନୀୟ ସୁଫଳ ମିଳିପାରିବ। ଏଣୁ ରାଜ୍ୟ ସରକାର ଲୋକଲୋଭାଣିଆ (ପପୁଲିଷ୍ଟ) ପଦକ୍ଷେପଗୁଡ଼ିକୁ ଛାଡ଼ି ତା' ବଦଳରେ ସୁଚିନ୍ତିତ ଓ ଦୀର୍ଘକାଳୀନ ନୀତି ଗ୍ରହଣ କରିବା ହେଉଛି ବର୍ତ୍ତମାନ ସମୟର ଆବଶ୍ୟକତା।

## ୨୫ ବର୍ଷ ତଳର ଧରିତ୍ରୀ

**୩୧ ମେ ୧୯୯୪**

- ହଙ୍ଗେରୀ ପାର୍ଲାମେଣ୍ଟ ନିର୍ବାଚନରେ ସୋସାଲିଷ୍ଟ ପାର୍ଟି ନିରଙ୍କୁଶ ସଂଖ୍ୟାଗରିଷ୍ଠତା ହାସଲ କରି ବିଜୟୀ ହୋଇଛି।
- ଇରାକ୍ ରାଷ୍ଟ୍ରପତି ସଦ୍ଦାମ ହୁସେନ ଦେଶର ପ୍ରଧାନମନ୍ତ୍ରୀଙ୍କୁ ବରଖାସ୍ତ କରି ନିଜକୁ ମନ୍ତ୍ରିମଣ୍ଡଳର ମୁଖ୍ୟ ଭାବେ ଅବସ୍ଥାପିତ କରିଛନ୍ତି।

## su|do|ku ସୁ-ଡୋ-କୁ

| | | | | | | | | | | | | | | |
|---|---|---|---|---|---|---|---|---|---|---|---|---|---|---|
| | | 3 | | A | 9 | | | | | 6 | | | 5 | |
| | | | | | | 6 | | 0 | 2 | | 1 | | | |
| | 8 | 2 | | | | 3 | A | D | | 5 | | | 6 | |
| | | | | D | B | | 9 | 1 | 8 | | E | 0 | 4 | |
| | E | | C | 1 | | | | | A | 9 | | B | | |
| | | | | | | C | | | | | | 8 | | 3 |
| | | 6 | | 4 | | | E | | | C | | A | | |
| 8 | | 9 | 1 | | | 7 | | 3 | D | B | | | | |
| | | 5 | | 6 | C | | | | | | 8 | | 7 | |
| | | | 7 | | 0 | | 2 | | | | | | | |
| | 2 | | | 9 | | E | | 6 | | | | | | |
| | 6 | 4 | 8 | 0 | 1 | | | 5 | E | | | | | |
| | 0 | | | | | 9 | B | | 3 | A | | | | |
| | | | | 2 | | D | | | 4 | | | 7 | | 8 |
| | 1 | 8 | A | | | | | C | | | 7 | | | |

ଏହାର ଉତ୍ତର ଆସନ୍ତାକାଲି ପ୍ରକାଶ ପାଇବ

ଉପରେ ପ୍ରଦତ୍ତ ସୁଡୋକୁର ଏପରି ସମାଧାନ କରିବାକୁ ହେବ, ଯେପରି ପ୍ରତ୍ୟେକ ଧାଡି, ସ୍ତମ୍ଭ ଓ ଆୟତାକାର ବାକ୍ସ ଭିତରେ ୦ରୁ ୯ ପର୍ଯ୍ୟନ୍ତ ଅଙ୍କ ଓ Aରୁ E ପର୍ଯ୍ୟନ୍ତ ଇଂଲିଶ ଲିପି ରହିବ।

| | | | | | | | | | | | | | | |
|---|---|---|---|---|---|---|---|---|---|---|---|---|---|---|
| A | D | 2 | 0 | 9 | 8 | B | 5 | E | 6 | 7 | 1 | 3 | 4 | C |
| 0 | E | 6 | 4 | D | 1 | A | 3 | C | 9 | 8 | B | 2 | 7 | 5 |
| 7 | 4 | C | 5 | E | B | 6 | 9 | 2 | D | 3 | A | 0 | 8 | 1 |
| 9 | 8 | 5 | A | 3 | 7 | 0 | 1 | D | C | 4 | 2 | E | B | 6 |
| B | 1 | 3 | 2 | C | 6 | 4 | 7 | 8 | 5 | 0 | E | D | 9 | A |
| 5 | 9 | 8 | 7 | 2 | A | 1 | 0 | 4 | B | D | 6 | C | E | 3 |
| 4 | 6 | A | C | 1 | 0 | 2 | E | 7 | D | B | 3 | 8 | 5 | 9 |
| 2 | 3 | 8 | B | 0 | 5 | C | A | 9 | E | 1 | 4 | 7 | 6 | D |
| E | C | 0 | 3 | 8 | 9 | D | 6 | B | 2 | 5 | 7 | 1 | A | 4 |
| 1 | 7 | D | 6 | 4 | E | 3 | 8 | 5 | A | C | 9 | B | 0 | 2 |
| 6 | 5 | 7 | 9 | A | 2 | 8 | C | 0 | 3 | E | D | 4 | 1 | B |
| 3 | 2 | 4 | B | 5 | 0 | E | 8 | 6 | 1 | A | C | 9 | D | 7 |
| D | A | E | 1 | 7 | C | 9 | 4 | 5 | B | 2 | 0 | 6 | 3 | 8 |
| C | B | 1 | E | 6 | 3 | 7 | D | A | 4 | 9 | 8 | 5 | 2 | 0 |
| 8 | 0 | 9 | D | B | 4 | 3 | 2 | 1 | 7 | 6 | 5 | A | C | E |

ଗତକାଲିର ଉତ୍ତର

# ଓଡ଼ିଶା ରାଜନୀତିରେ ନାରୀଶକ୍ତି



ଶରତଚନ୍ଦ୍ର ମିଶ୍ର

ଏଥର ନିର୍ବାଚନ(୨୦୧୯)ରେ ବିଜେଡି ଓଡ଼ିଶାର ସମୁଦାୟ ଲୋକ ସଭା ସିଟ୍‌ର ତିନିଭାଗରୁ ଏକଭାଗ ମହିଳାଙ୍କୁ ପ୍ରଦାନ କରି ଏକ ସକାରାତ୍ମକ ଉଦାହରଣ ସୃଷ୍ଟି କରିଛି। ମହିଳାମାନଙ୍କ ନିମନ୍ତେ ପୌରସଭା ଓ ପଞ୍ଚାୟତିରାଜ ସଂସ୍ଥାଗୁଡ଼ିକରେ ୫୦ଭାଗ ଆସନ ସଂରକ୍ଷିତ ଅଛି। ଫଳତଃ ବର୍ତ୍ତମାନ ବହୁ ମହିଳା ରାଜନୀତିରେ ଅଂଶଗ୍ରହଣ କରିବାକୁ ସକ୍ଷମ ହୋଇଛନ୍ତି। ଇଂଲଣ୍ଡ ଆଦି ପାଶ୍ଚାତ୍ୟ ଦେଶରେ ମହିଳାମାନଙ୍କ ନିମନ୍ତେ ଏ ପ୍ରକାର ସୁବିଧା ନାହିଁ ଓ ଭୋଟ ଅଧିକାର ପ୍ରାପ୍ତ ହେବାକୁ ଇଂଲଣ୍ଡରେ ମହିଳାମାନଙ୍କୁ ଦୀର୍ଘବର୍ଷ ଧରି ଆନ୍ଦୋଳନ କରିବାକୁ ପଡିଥିଲା। ଭାରତବର୍ଷରେ ମହାତ୍ମା ଗାନ୍ଧୀ ମହିଳାମାନଙ୍କୁ ଗୃହାଙ୍ଗନରୁ ବାହାରକୁ ଆଣିଥିଲେ। ସରୋଜିନୀ ନାଇଡୁ, ବିଜୟଲକ୍ଷ୍ମୀ ପଣ୍ଡିତ ପ୍ରମୁଖଙ୍କୁ ଉଚ୍ଚ ପଦବୀରେ ଆସୀନ କରାଇ ମହିଳାମାନଙ୍କ ମନୋବଳ ବୃଦ୍ଧି କରାଇଥିଲେ। ବିଜୟଲକ୍ଷ୍ମୀ ୧୯୩୭ ମସିହାରେ ଉତ୍ତରପ୍ରଦେଶର ମନ୍ତ୍ରୀ ହେଲାବେଳେ ପଶ୍ଚିମ ଜଗତରେ କୌଣସି ମହିଳା ଏପରି ପଦପ୍ରାପ୍ତ ହୋଇ ନ ଥିଲେ।

ବିଂଶ ଶତାବ୍ଦୀର ଦ୍ୱିତୀୟ ଦଶକରେ ଶୈଳବାଳା ଦାସ ଓ ରମା ଦେବୀ ସାଧାରଣ ସମାଜ ଜୀବନରେ ପ୍ରବେଶ କଲେ। ରମା ଦେବୀ ସାରା ଜୀବନ ଦେଶସେବା କଲେ ମଧ୍ୟ ନିର୍ବାଚନ ରାଜନୀତିରେ ଆଗ୍ରହ ପ୍ରକାଶ କରିନାହାନ୍ତି। ମାଳତୀ ଦେବୀ ତାଙ୍କ ଦିଅର ନବକୃଷ୍ଣ ଚୌଧୁରୀଙ୍କ ସ୍ତ୍ରୀ। ସେ କଂଗ୍ରେସ ଆନ୍ଦୋଳନ ସହିତ ପ୍ରାରମ୍ଭରୁ ସଂଶ୍ଳିଷ୍ଟ ଓ କଂଗ୍ରେସରେ ଆନୁଷ୍ଠାନିକ ପଦ ପ୍ରାପ୍ତ ହୋଇଥିଲେ। ଜୀବନର ସାୟାହ୍ନରେ ୧୯୭୭ ମସିହାରେ ସ୍ୱାଧୀନ ପ୍ରାର୍ଥୀ ଭାବେ ଢେଙ୍କାନାଳ ବିଧାନସଭା ସଭ୍ୟ ପାଇଁ ପ୍ରାର୍ଥୀ ଭାବେ ନନ୍ଦିନୀ ଶତପଥୀଙ୍କ ସହିତ ପ୍ରତିଦ୍ୱନ୍ଦ୍ୱିତା କରି ଶୋଚନୀୟ ଭାବେ ପରାସ୍ତ ହୋଇଥିଲେ।

ଓଡ଼ିଶା ପ୍ରଦେଶ ଗଠନ ପରେ ୧୯୩୭ ମସିହା ନିର୍ବାଚନରେ ମହିଳାଙ୍କ ନିମନ୍ତେ ଦୁଇଟି ସ୍ଥାନ ସଂରକ୍ଷିତ ଥିଲା ଓ ସରଳା ଦେବୀଙ୍କୁ ଲଗାଇ ଦୁଇଜଣ ଏଥିପାଇଁ ନିର୍ବାଚିତ ହୋଇଥିଲେ। ପରବର୍ତ୍ତୀ ନିର୍ବାଚନ ହେଲା ୧୯୪୬ରେ। ଗଞ୍ଜାମର ଭି.ଭି. ଗିରିଙ୍କ ଭଉଣୀ ଲକ୍ଷ୍ମୀ ଆମ୍ମା ନିର୍ବାଚିତ ହୋଇ ୫ ବର୍ଷ ନିମନ୍ତେ ଉପବାଚସ୍ପତି ହୋଇଥିଲେ। କୌଣସି ନିର୍ବାଚିତ ପଦପଦବୀ ଅଧିକାର କରିବାରେ ସେ ଓଡ଼ିଶାରେ ପ୍ରଥମ। ତାଙ୍କର ମାତୃଭାଷା ତେଲୁଗୁ ଓ ସେ ବ୍ରହ୍ମପୁର ଅଧିବାସୀ। ତାଙ୍କ ବ୍ୟତୀତ ଓଡ଼ିଶା ରାଜନୀତିରେ ପ୍ରତିଷ୍ଠା ଲାଭ କରିଥିବା ଅନ୍ୟ ଅଣଓଡ଼ିଆମାନେ ହେଲେ ଶୈଳବାଳା ଦାସ, ମାଳତୀ ଚୌଧୁରୀ (ଉଭୟ ବଙ୍ଗଭାଷୀ), ସୁଜ୍ଞାନ କୁମାରୀ ଦେଓ (ତାମିଲ), ଅପରାଜିତା ଷଡଙ୍ଗୀ, ପ୍ରତ୍ୟୁଷା ଦେବୀ ଓ ସଙ୍ଗୀତା ସିଂହଦେଓ (ହିନ୍ଦୀଭାଷୀ)। ଏମାନେ ସମସ୍ତେ ଓଡ଼ିଶା ବାହାରର ଲୋକ ଓ ବୈବାହିକ ସୂତ୍ରରେ ଓଡ଼ିଶାର ବଧୂ। କେବଳ ଶୈଳବାଳା ହାଜରା ମଧୁବାବୁଙ୍କ ପାଳିତା କନ୍ୟା ହୋଇ ଶୈଳବାଳା ଦାସ ହୋଇଥିଲେ।

ସ୍ୱାଧୀନତା ପରେ ସାବାଳକ ଭୋଟପ୍ରଥା ପ୍ରଚଳନ ହୋଇ ୧୯୫୨ରେ ନିର୍ବାଚନ ହେଲା। ସେ ନିର୍ବାଚନରେ ପ୍ରଥମ କରି ରଜା, ଜମିଦାର ପରିବାରର ରାଜମାତା, ରାଣୀ ଓ ଯୁବରାଣୀ ଅଂଶଗ୍ରହଣ କରିବା ଆରମ୍ଭ କଲେ ଓ ନିର୍ବାଚନ ସଂଗ୍ରାମରେ ସଫଳ ହେଲେ। ସେ ଧାରା ଏବେ ମଧ୍ୟ ଅବ୍ୟାହତ ରହିଛି। ନିର୍ବାଚନରେ ଆଗ୍ରହୀ ଥିବା ରାଜବଂଶର ମହିଳାମାନଙ୍କ ମଧ୍ୟରେ ଢେଙ୍କାନାଳ, ରଣପୁର, ବଲାଙ୍ଗୀର, ଖଲ୍ଲିକୋଟ, ଆଳି, ଚିକିଟି ଓ ନୟାଗଡ ଅନ୍ତର୍ଭୁକ୍ତ। ରଣପୁରର ରାଜମାତା ସ୍ୱର୍ଗତ ବସନ୍ତ ମଞ୍ଜରୀ ଦେବୀ ୧୯୫୨ରେ ବିଧାନସଭାକୁ ନିର୍ବାଚିତ ହୋଇ ସ୍ୱାସ୍ଥ୍ୟମନ୍ତ୍ରୀ ପଦବୀ ମଣ୍ଡନ କରିଥିଲେ। ସେ ଓଡ଼ିଶାର ପ୍ରଥମ ମହିଳା ମନ୍ତ୍ରୀ। ସେଇବର୍ଷ (୧୯୫୨) ମଧୁବାବୁଙ୍କ ପାଳିତା କନ୍ୟା ଶୈଳବାଳା ଦାସ କଂଗ୍ରେସରେ ଯୋଗଦେଲେ ଓ ଦୁଇବର୍ଷ ନିମନ୍ତେ ରାଜ୍ୟ ସଭାକୁ ନିର୍ବାଚିତ ହେଲେ। ସେ ଓଡ଼ିଶାର ପ୍ରଥମ ମହିଳା ପାର୍ଲାମେଣ୍ଟ ସଦସ୍ୟା। ଲୋକ ସଭାକୁ ନିର୍ବାଚିତ ପ୍ରଥମ ଓଡ଼ିଆ ମହିଳା ସଦସ୍ୟା ହେଉଛନ୍ତି ଜୟନ୍ତୀ ପଟ୍ଟନାୟକ।

ପ୍ରଥମେ ପ୍ରଥମେ ରାଜ ପରିବାର ଓ ପ୍ରତିଷ୍ଠିତ ପରିବାରର ମହିଳାମାନେ ରାଜନୀତିରେ ପ୍ରବେଶ କରୁଥିଲେ। କାଳକ୍ରମେ ସାଧାରଣ ପରିବାର, ରାଜନୈତିକ ପରିବାର ଓ କୌଣସି ରାଜନୈତିକ ବ୍ୟକ୍ତିଙ୍କର ନିଧନ ହେଲେ, ତାଙ୍କ ବିଧବା ସ୍ତ୍ରୀ ରାଜନୀତିରେ ପ୍ରବେଶ କରିବା ପରିଦୃଷ୍ଟ ହେଲା। ମ୍ୟୁନିସିପାଲିଟି ଓ ପଞ୍ଚାୟତିରାଜ ଅନୁଷ୍ଠାନରେ ମହିଳାମାନଙ୍କ ନିମନ୍ତେ ବ୍ୟାପକ ସଂରକ୍ଷଣ ବ୍ୟବସ୍ଥା ହେବା ଫଳରେ ବହୁ ଅନୁସୂଚିତ ଜନଜାତି ଓ ଅନଗ୍ରସର ଶ୍ରେଣୀର ମହିଳା ନିର୍ବାଚିତ ହେଲେ ଓ ସେଥିରୁ କେତେକ ବିଶେଷ ଶିକ୍ଷାପ୍ରାପ୍ତ ହୋଇ ନ ଥିବାରୁ ସେମାନଙ୍କ କାମ ଅନ୍ତରାଳରେ ଥାଇ ତାଙ୍କ ପତିମାନେ ନିର୍ବାହ କଲେ। ଗ୍ରାମାଞ୍ଚଳରେ 'ସରପଞ୍ଚ ପତି' ନାମରେ ଏକ ଶ୍ରେଣୀ ସୃଷ୍ଟି ହେଲା। ଆଶା କରାଯାଏ, ମହିଳାମାନଙ୍କ ମଧ୍ୟରେ ଶିକ୍ଷାର ପ୍ରସାର ଘଟିଲେ ଏ ଶ୍ରେଣୀ ପ୍ରଭାବଶୂନ୍ୟ ହେବ। ଗତ ପଚାଶ ବର୍ଷ ମଧ୍ୟରେ ଓଡ଼ିଶାରେ ମହିଳାମାନେ ଯେଉଁ ପରିମାଣରେ ରାଜନୈତିକ କ୍ଷମତାପ୍ରାପ୍ତ ହୋଇଛନ୍ତି, ସେ ସ୍ତରକୁ ପହଞ୍ଚିବା ନିମନ୍ତେ ପାଶ୍ଚାତ୍ୟ ଦେଶଗୁଡ଼ିକୁ ୨୫୦ରୁ ୩୦୦ ବର୍ଷ ଲାଗିଥିଲା। କାରଣ ପାଶ୍ଚାତ୍ୟ ଦେଶରେ ମହିଳାମାନଙ୍କ ଶ୍ରେଷ୍ଠତ୍ୱକୁ ପୁରୁଷମାନେ ସହଜରେ ଗ୍ରହଣ କରନ୍ତି ନାହିଁ। ଭାରତରେ ତଥା ଓଡ଼ିଶାରେ ମହିଳାମାନଙ୍କ ଦ୍ୱାରା ଶାସିତ ହେବାରେ ପୁରୁଷମାନେ କୁଣ୍ଠା ପ୍ରକାଶ କରନ୍ତି ନାହିଁ। ଫଳତଃ ପାଶ୍ଚାତ୍ୟ ଦେଶରେ ମହିଳାମାନେ ରାଜନୈତିକ ଅଧିକାର ଆନ୍ଦୋଳନ କରି ପ୍ରାପ୍ତ ହୋଇଥିଲା ବେଳେ ଭାରତ ତଥା ଓଡ଼ିଶାରେ ଉଦାରବାଦୀ ପୁରୁଷ ନେତାଙ୍କ ଦୂରଦୃଷ୍ଟି ଦ୍ୱାରା ଏହା ସମ୍ଭବ ହୋଇପାରିଛି।

ଓଡ଼ିଶାରେ ସବୁଠାରୁ ସଫଳ ମହିଳା ରାଜନୀତିଜ୍ଞ ହେଉଛନ୍ତି ନନ୍ଦିନୀ ଶତପଥୀ। ଜଣେ ବାମପନ୍ଥୀ ଛାତ୍ରନେତ୍ରୀ ଭାବରେ ସେ ରାଜନୈତିକ ଜୀବନ ଆରମ୍ଭକରି ମାତ୍ର ୩୧ ବର୍ଷ ବୟସରେ କଂଗ୍ରେସ ପ୍ରାର୍ଥୀ ଭାବରେ ରାଜ୍ୟ ସଭା ସଭ୍ୟା ହେଲେ ଓ ଅଳ୍ପକାଳ ପରେ କେନ୍ଦ୍ରରେ ଉପମନ୍ତ୍ରୀ ହେଲେ ଏବଂ ୪୧ ବର୍ଷ ବୟସରେ ଓଡ଼ିଶାର ମୁଖ୍ୟମନ୍ତ୍ରୀ ହେଲେ। ସେ ଏକମାତ୍ର ଓଡ଼ିଆ ମହିଳା କେନ୍ଦ୍ରମନ୍ତ୍ରୀ ଓ ମୁଖ୍ୟମନ୍ତ୍ରୀ। ସେ ଜୀବନରେ ନିର୍ବାଚନ ମଣ୍ଡଳୀ ପରିବର୍ତ୍ତନ କରି ମଧ୍ୟ କେବେ ନିର୍ବାଚନରେ ପରାଜିତ ହୋଇନାହାନ୍ତି। ସେ ୧୯୭୨ରେ କଟକ ଉପନିର୍ବାଚନ ଓ ୧୯୭୬ରେ ଢେଙ୍କାନାଳ ବିଧାନସଭା ନିର୍ବାଚନରେ କଠିନ ବିରୋଧର ସମ୍ମୁଖୀନ ହୋଇ ମଧ୍ୟ ସଫଳ ହୋଇଥିଲେ। ଜଣେ ଦକ୍ଷ ପ୍ରଶାସକ ଭାବରେ ତାଙ୍କର ନାମ ଅଛି। ଅନ୍ୟ ଏକ ସଫଳ ରାଜନୀତିଜ୍ଞ ହେଉଛନ୍ତି ସୁଜ୍ଞାନ କୁମାରୀ ଦେଓ। ଲଗାତର ୯ ଥର ଏହି ତାମିଲ ମହିଳା ବିଧାନସଭାକୁ ନିର୍ବାଚିତ ହୋଇଛନ୍ତି। ସେ କେବେ ମନ୍ତ୍ରିପଦ ନିମନ୍ତେ ଆଶାୟୀ ନ ଥିଲେ। ତାଙ୍କର ପ୍ରଭାବ ଖଲ୍ଲିକୋଟ ଜମିଦାରି ଅଞ୍ଚଳ ମଧ୍ୟରେ ସୀମିତ ଓ ନବେ ଦଶକରେ ବ୍ରହ୍ମପୁର ପାର୍ଲାମେଣ୍ଟ ସଦସ୍ୟ ନିମନ୍ତେ ପ୍ରାର୍ଥୀ ହୋଇ ସେ ପରାଜିତ ହୋଇଥିଲେ। ନନ୍ଦିନୀ ଦେବୀଙ୍କ ଭଳି ରାଜନୈତିକ ଓ ଆନ୍ଦୋଳନାତ୍ମକ ପୃଷ୍ଠଭୂମି କିମ୍ବା ସୁଜ୍ଞାନ କୁମାରୀଙ୍କ ଭଳି ପାରିବାରିକ ପ୍ରତିପତ୍ତି ନ ଥାଇ ମଧ୍ୟ ଗରିବ ଆଦିବାସୀ ପରିବାରର ଦ୍ରୌପଦୀ ମୁର୍ମୁ ଜଣେ ସାଧାରଣ ସରକାରୀ କର୍ମଚାରୀରୁ ଉଠି ଓଡ଼ିଶାରେ ଏମ୍‌ଏଲ୍‌ଏ ଓ ମନ୍ତ୍ରୀ ହୋଇଛନ୍ତି। ବର୍ତ୍ତମାନ ସେ ଝାଡ଼ଖଣ୍ଡର ରାଜ୍ୟପାଳ ଅଛନ୍ତି। ତାଙ୍କର ରାଜନୈତିକ ସଫଳତା ପ୍ରଶଂସନୀୟ। ଢେଙ୍କାନାଳର ରାଣୀ ରତ୍ନପ୍ରଭା ଦେବୀ ୧୯୫୭ରେ ବିପୁଳ ଭୋଟରେ ନିର୍ବାଚିତ ହୋଇ ରାଜପରିବାରର ଦୁର୍ନାମରେ ସୁଧାର ଆଣିଥିଲେ। ୧୯୬୧ ମସିହାରେ ସେ ବିଜୁ ପଟ୍ଟନାୟକଙ୍କୁ ପରାସ୍ତ କରିଥିଲେ।

ନବୀନ ପଟ୍ଟନାୟକଙ୍କ ଶାସନ କାଳରେ ସ୍ୱାସ୍ଥ୍ୟମନ୍ତ୍ରୀ କମଳା ଦାସଙ୍କୁ ବିଶେଷ କିଛି ଗୁରୁତର ଅଭିଯୋଗ ନ ଥାଇ ମନ୍ତ୍ରିମଣ୍ଡଳରୁ ବରଖାସ୍ତ କରାଯିବା ଏକ ଅନାକାଙ୍କ୍ଷିତ ଘଟଣା। ନନ୍ଦିନୀ ଶତପଥୀଙ୍କ ପରବର୍ତ୍ତୀ କାଳରେ ଓଡ଼ିଶାରେ ମହିଳା ରାଜନୀତିଜ୍ଞମାନେ ଯେ ବିଶେଷ ପ୍ରଭାବ ବିସ୍ତାର କରିପାରି ନାହାନ୍ତି ଏହା ଧ୍ରୁବସତ୍ୟ। ମହିଳାମାନଙ୍କୁ ସ୍ଥାନୀୟ ସ୍ୱାୟତ୍ତଶାସନରେ ପ୍ରାଧାନ୍ୟ ଦିଆଗଲେ ମଧ୍ୟ ରାଜ୍ୟ ଶାସନରେ ସେମାନଙ୍କୁ ସମୁଚିତ ଭାଗ ନେବାକୁ ରାଜନୈତିକ ଦଳଗୁଡ଼ିକ ମାନସିକ ସ୍ତରରେ ଆଜି ବି ପ୍ରସ୍ତୁତ ଥିବା ହୃଦ୍‌ବୋଧ ହୁଏନାହିଁ।

ମୋ-୯୯୩୭୪୨୨୫୨୧

# ବିଦାୟ ପାହାଡ଼ରାଣୀ



ଡ. ଆଲୋକ ରଞ୍ଜନ ମିଶ୍ର

ଇତିହାସ ରଚିବାକୁ ଯାଇ ନିଜେ ଇତିହାସ ପାଲଟିଗଲ। ଭାରତୀୟ ସଂସ୍କୃତିର ପ୍ରତୀକ ଶାଢ଼ି ପରିଧାନ କରି ତୁମେ ଅଷ୍ଟ୍ରେଲିଆର ସର୍ବୋଚ୍ଚ ଗିରିଶୃଙ୍ଗ ମାଉଣ୍ଟ କୋସିଓୟୋକ (ଯାହାର ଉଚ୍ଚତା ୨,୨୨୮ ମିଟର)କୁ ସଫଳତାର ସହ ଆରୋହଣ କରି ଅଜସ୍ର ସମ୍ମାନର ଅଧିକାରିଣୀ ହେବା ସଙ୍ଗେ ସଙ୍ଗେ ଏକ ନୂତନ ରେକର୍ଡ଼ ସୃଷ୍ଟି କରିଥିଲ ଏବଂ ଭାରତ ତଥା ନିଜ ରାଜ୍ୟ ଓଡ଼ିଶାକୁ ଗୌରବାନ୍ୱିତ କରିଥିଲ। ମନରେ ଥିଲା ତୁମର ଅସୁମାରି ଇଚ୍ଛା ଓ ଦୃଢ଼ ମନୋବଳ ଆଉ ଏକ ନୂଆ ଇତିହାସ ସୃଷ୍ଟି କରିବାକୁ। ତେଣୁ ୨୦୧୯ ଏପ୍ରିଲ ୨୩ ତାରିଖରେ ତମେ ବିଶ୍ୱର ସର୍ବୋଚ୍ଚ ଗିରିଶୃଙ୍ଗ ମାଉଣ୍ଟ ଏଭରେଷ୍ଟ ଆରୋହଣ କରିଥିଲ ଏକ ୩ଜଣିଆ ମହିଳା ଦଳ ସହିତ। ଅନ୍ୟ ୨ ଜଣ ଥିଲେ ନେପାଳର କାଞ୍ଚିମାୟା ତମାଙ୍ଗ ଏବଂ ଚାଇନାର ଲିଆମୁ ମନଙ୍ଗ। ଏଥର ବି ଶାଢ଼ି ପିନ୍ଧି ୮,୮୪୮ମିଟର ଉଚ୍ଚ ମାଉଣ୍ଟ ଏଭରେଷ୍ଟର ଶିଖରରେ ପହଞ୍ଚିଥିଲ ୨୩ ମେ ୨୦୧୯ରେ। ପ୍ରାୟ ଏକ ମାସ ଶାଢ଼ି ପିନ୍ଧି ଯାତ୍ରାକରି ଏବଂ ଏଭରେଷ୍ଟ ଶୃଙ୍ଗରେ ଜାତୀୟ ପତାକା ଉଡ଼ାଇ ପୁଣି ଏକ ଇତିହାସ ସୃଷ୍ଟି କଲ ସମଗ୍ର ଦେଶ ପାଇଁ। ଏଭରେଷ୍ଟର ପାଦଦେଶରୁ ଶିଖର ପର୍ଯ୍ୟନ୍ତ ରହିଛି ୪ଟି ବେସ୍ କ୍ୟାମ୍ପ। ପ୍ରଥମଟିର ଉଚ୍ଚତା ପ୍ରାୟ ୬୦୦୦ ମିଟର, ଦ୍ୱିତୀୟଟିର ୬୪୦୦, ତୃତୀୟଟିର ୭୩୦୦ ଏବଂ ଚତୁର୍ଥଟିର ୮୦୦୦ମିଟର। ୮୦୦୦ରୁ ଆହୁରି ୮୪୦ମିଟର ଉପରକୁ ଗଲେ ଶିଖରରେ ପହଞ୍ଚିହେବ ଏବଂ ଏହା ସବୁଠୁ ବିପଦପୂର୍ଣ୍ଣ ଜୋନ୍ ବୋଲି କୁହାଯାଏ। ପ୍ରତ୍ୟେକ ବେସ୍ କ୍ୟାମ୍ପରେ ବିୟୁକ୍ତ ୪୦୦ ଡିଗ୍ରୀ ସେଲସିୟସକୁ ଖାପ ଖୁଆଇ ଚାଲିବା ପାଇଁ ସ୍ୱତନ୍ତ୍ର ପୋଷାକ ଓ ଜୋତା ଥିଲେ ମଧ୍ୟ ତମେ ଶାଢ଼ି ପିନ୍ଧି ଉପରକୁ ଉଠିଥିଲ ନିଜ ସଂସ୍କୃତିର ବାର୍ତ୍ତାବହ ହୋଇ ବିଶ୍ୱକୁ ଉଦ୍‌ବୁଦ୍ଧ କରିବା ଉଦ୍ଦେଶ୍ୟରେ।

ସେହିଦିନ ଅପରାହ୍ଣରେ ଫେରୁଥିବା ବାଟରେ ଅନ୍ୟ ଆରୋହଣକାରୀ ଦଳଗୁଡ଼ିକର ପ୍ରବଳ ଗହଳି ଯୋଗୁ ପାଖାପାଖି ୨ଘଣ୍ଟା ତୁମକୁ ଧାଡ଼ିରେ ରହିବାକୁ ପଡ଼ିଥିଲା ବିୟୁକ୍ତ ୪୦° ତାପମାତ୍ରାରେ। ସେଠୁ ଓହ୍ଲାଇବା ସମୟରେ ତୁମେ ଅସୁସ୍ଥତା ଅନୁଭବ କରି ପାଖାପାଖି ୮୩୦ମିଟରରେ ଥିବା ବାଲକୋନି କ୍ୟାମ୍ପରେ ପ୍ରାଣ ହରାଇଲ। ଇତିହାସ ପାଲଟିଗଲ ତୁମେ ଓଡ଼ିଶା ଢେଙ୍କାନାଳ ଜିଲା ସାରିଆପଡ଼ା ଗ୍ରାମର କଳ୍ପନା ଦାଶ। ତୁମ ଜନ୍ମ ୨୭ ଜୁଲାଇ ୧୯୬୬ ମସିହା। ବାପା ଥିଲେ ଜଣେ ପାହାଡ଼ ଚଢ଼ାଳି। ପିଲାଟି ଦିନରୁ ପାହାଡ଼ମାଳିନୀ ଢେଙ୍କାନାଳର ପ୍ରକୃତି ତୁମକୁ ବିଶେଷ ଭାବରେ ଆକୃଷ୍ଟ କରିଥିଲା ଏବଂ ସେଥିପାଇଁ ତୁମେ ଘୂରି ବୁଲୁଥିଲ ଏ ପାହାଡ଼ରୁ ସେ ପାହାଡ଼। ବୟସ ବଢ଼ିବାରୁ ଆସ୍ତେ ଆସ୍ତେ କପିଳାସ, ସପ୍ତଶଯ୍ୟା ଓ ବାଙ୍କମୁଣ୍ଡି ପାହାଡ଼ ଚଢ଼ି ସାରା ଜିଲାରେ 'ପାହାଡ଼ ରାଣୀ' ଭାବେ ନିଜର ପରିଚୟ ସୃଷ୍ଟି କରିଥିଲ।

ସେତିକିରେ ତୁମ ଜିଜ୍ଞାସା ପୂର୍ଣ୍ଣ ହୋଇ ନ ଥିଲା। ଚାହୁଁଥିଲ କିଛି ଦାନ କରିବା ପାଇଁ ସଂସାରକୁ ଏବଂ ନାରୀ ଦୁର୍ବଳ ନୁହେଁ, ସେ ଚାହିଁଲେ ସାରା ପୃଥିବୀ ଜୟ କରିପାରିବ, ଏହି ବାର୍ତ୍ତା ଦେବାକୁ। ନିଜର ସମସ୍ତ ପାହାଡ଼ ଚଢ଼ିବା କୌଶଳ ଓ ଶକ୍ତିକୁ ପାଥେୟକରି ୨୦୦୪ରେ ତୁମ ଅଭିଯାନ ଆରମ୍ଭ ହୋଇଥିଲା ବିଶ୍ୱର ସର୍ବୋଚ୍ଚ ଶୃଙ୍ଗ ମାଉଣ୍ଟ ଏଭରେଷ୍ଟ ଆରୋହଣ ପାଇଁ। ପ୍ରଥମଥର ଅକୃତକାର୍ଯ୍ୟ ହେବା ପରେ ପୁଣି ଚେଷ୍ଟା କରି ୨୦୦୬ରେ ଚଢ଼ିବା ଆରମ୍ଭ କରିଥିଲ। ମାତ୍ର ପାଗ ଖରାପ ଯୋଗୁ ଏଥର ବି ସମ୍ଭବପର ହୋଇ ନ ଥିଲା। ଶେଷରେ ୨୦୦୮ରେ ପ୍ରଭୁ ଶ୍ରୀଜଗନ୍ନାଥଙ୍କ ନେତ ନେଇ ତୁମେ ଆରୋହଣ ଆରମ୍ଭ କଲ ମାଉଣ୍ଟ ଏଭରେଷ୍ଟ ଏବଂ ତୁମର ଦକ୍ଷତା ଓ ଶ୍ରୀଜଗନ୍ନାଥଙ୍କ ଆଶୀର୍ବାଦ ତୁମକୁ ପହଞ୍ଚାଇଦେଲା ଏଭରେଷ୍ଟର ଶୀର୍ଷରେ। ଭାରତ ପାଇଁ ଏବଂ ନିଜ ରାଜ୍ୟର ପ୍ରଥମ ମହିଳା ମାଉଣ୍ଟ ଏଭରେଷ୍ଟ ଆରୋହଣକାରିଣୀ ଭାବେ ପରିଗଣିତ ହେଲ ତୁମେ। ତା'ପରେ ତୁମେ ପଛକୁ ଚାହିଁନାହିଁ। ଗୋଟିଏ ପରେ ଗୋଟିଏ ଗିରିଶୃଙ୍ଗ ଅତିକ୍ରମ କରିଚାଲିଲ। ୨୦୧୦ରେ ପୂର୍ବ ଆଫ୍ରିକାର ୫,୮୯୫ ମିଟର ଉଚ୍ଚତା ବିଶିଷ୍ଟ ମାଉଣ୍ଟ କିଲିମଞ୍ଜାରୋ, ୨୦୧୫ ଜାନୁୟାରୀ ୧୬ରେ ଦକ୍ଷିଣ ଆମେରିକାର ୬,୯୬୨ ମିଟର ଉଚ୍ଚତା ବିଶିଷ୍ଟ ଆକୋନ କାବୁଆ, ଜୁଲାଇ ୩୧,୨୦୧୫ରେ ୫,୬୪୨ ମିଟର ଉଚ୍ଚତା ବିଶିଷ୍ଟ ୟୁରୋପର 'ମାଉଣ୍ଟ ଏଲୋବ୍ରୋସ' ଏବଂ ୩ ଡିସେମ୍ବର ୨୦୧୫ରେ ଅଷ୍ଟ୍ରେଲିଆର ୨,୨୨୮ ମିଟର ଉଚ୍ଚ ପାହାଡ଼ 'କୋସିଓୟୋକ'କୁ ବିନା ଅମ୍ଳଜାନରେ ଆରୋହଣ କରି ଦେଶ ଓ ରାଜ୍ୟକୁ ଗୌରବାନ୍ୱିତ କରିଥିଲ। ତୁମର ଅବର୍ତ୍ତମାନ ସାରା ରାଜ୍ୟ ଓ ଦେଶ ପାଇଁ ଏକ ଅପୂରଣୀୟ କ୍ଷତି। ଦୁଃସାହସିକ କ୍ରୀଡ଼ାଜଗତରେ ତୁମେ ଥିଲ ଏକ ଉଜ୍ଜ୍ୱଳ ତାରକା ଏବଂ ବିଶେଷକରି କ୍ରୀଡ଼ାପ୍ରେମୀଙ୍କ ପାଇଁ ପ୍ରେରଣାର ଉତ୍ସ। ତୁମେ ଏ ରାଜ୍ୟର ବରପୁତ୍ରୀ। ତୁମର ଅତୁଳନୀୟ ଅବଦାନ ଆମ ସମସ୍ତଙ୍କ ପାଇଁ ସ୍ମୃତି ହୋଇ ରହିବ। କେବଳ ଏତିକି ନିବେଦନ, ତୁମର ରାଜ୍ୟ ପାଇଁ ଉତ୍ସର୍ଗୀକୃତ ଅବଦାନକୁ ଆମେ ଯଥାର୍ଥ ସମ୍ମାନ ଦେଇପାରିବୁ ଯଦି ତୁମ ଗ୍ରାମ ସାରିଆପଡ଼ା ଓ ଢେଙ୍କାନାଳ ଜିଲାରେ କୌଣସି ଶିକ୍ଷାନୁଷ୍ଠାନ, ଡାକ୍ତରଖାନା ଏବଂ ଏକ ପ୍ରମୁଖ ସଡ଼କକୁ ତୁମ ନାମରେ ନାମିତ କରାଇପାରିବୁ। ଦ୍ୱିତୀୟରେ ଦୁଃସାହସିକ କ୍ରୀଡ଼ା କ୍ଷେତ୍ରରେ ଏକ ପୁରସ୍କାର ତୁମ ନାମରେ ରହିବା ମଧ୍ୟ ଉଚିତ। ତୁମର ଏକ ପ୍ରତିମୂର୍ତ୍ତି ତୁମ ନିଜ ଜିଲାର ଏକ ଗୁରୁତ୍ୱପୂର୍ଣ୍ଣ ସ୍ଥାନରେ ସ୍ଥାପନ କରିବା ମଧ୍ୟ ବିଧେୟ। ସାମାନ୍ୟ ଏତିକି କିଛି ଆମେ କରିପାରିଲେ ହୁଏ ତ ତୁମର ଉଲ୍ଲେଖନୀୟ ଅବଦାନକୁ ଉପଯୁକ୍ତ ସମ୍ମାନ ଦେଇପାରିବୁ।

ଭୁବନେଶ୍ୱର, ମୋ-୯୮୬୧୧୨୬୮୦୦,
ଇ-ମେଲ୍: dr.alokaditya@gmail.com

## ଏଇ ଭାରତରେ

ଚୋରି କରିବା ଏକ ନିନ୍ଦନୀୟ କାର୍ଯ୍ୟ। ଚୋରି କରୁଥିବା ପୁରୁଷକୁ ବିବାହ ପାଇଁ କେହି ଝିଅ ଦେବାକୁ ରାଜି ହୁଅନ୍ତି ନାହିଁ। କିନ୍ତୁ ଛତିଶଗଡ଼ର କେତେକ ଜିଲାରେ ନଟ ସମ୍ପ୍ରଦାୟର ଯୁବକ ବାହାହେବା ପାଇଁ ଚୋରି କରିବାକୁ ବାଧ୍ୟ ହେଉଛନ୍ତି। ଏ କଥା ଆଶ୍ଚର୍ଯ୍ୟ ଲାଗିଲେ ମଧ୍ୟ ସତ୍ୟ। ସ୍ଥାନୀୟ ଆଦିବାସୀବହୁଳ ସରଗୁଜା, ଜଶପୁର ଆଦି ଜିଲାରେ ବାସକରୁଥିବା ନଟ ସମ୍ପ୍ରଦାୟରେ ଅବିବାହିତ ଯୁବକ ଚୋରିକରିବା ପରମ୍ପରା ରହିଛି। ଚୋରି ନ କଲେ ସେମାନଙ୍କର ବିବାହ ହୋଇପାରୁନାହିଁ। ଚୋରି କରୁ ନ ଥିବା ଯୁବକର କୌଣସି ଯୋଗ୍ୟତା ନାହିଁ ବୋଲି ସ୍ଥାନୀୟ ଲୋକେ କହିଥାଆନ୍ତି। ଚୋରି, ଅପହରଣ, ହତ୍ୟା କରିବା ଏହି ସମ୍ପ୍ରଦାୟର କୌଳିକ ବୃତ୍ତି। ବର୍ଷାଋତୁ ୪ ମାସ ଛାଡ଼ିଦେଲେ ଏହି ସମ୍ପ୍ରଦାୟ ବର୍ଷର ଅବଶିଷ୍ଟ ୮ ମାସ ଚୋରି କାମ କରନ୍ତି। ଚୋରି ଟଙ୍କାରେ ଏଠାରେ ନଟ ସମ୍ପ୍ରଦାୟ ଏକ ମନ୍ଦିର ନିର୍ମାଣ କରିଛି। ପୁରୁଷମାନେ ଚୋରି କରିବାକୁ ଯିବା ସମୟରେ ମହିଳାମାନେ ମନ୍ଦିରରେ ଭଜନ କରିଥାନ୍ତି। ଗାଁକୁ ପୋଲିସ ନ ଆସିବା ଏବଂ ଚୋରି କରି ଧରା ନ ପଡ଼ିବା ପାଇଁ ମହିଳାମାନେ ମାନସିକ କରନ୍ତି। ନଟ ସମ୍ପ୍ରଦାୟର ଏଭଳି କାର୍ଯ୍ୟ ନେଇ ସ୍ଥାନୀୟ ପ୍ରଶାସନ ପକ୍ଷରୁ ବିଭିନ୍ନ ବିକାଶମୂଳକ ପଦକ୍ଷେପ ଗ୍ରହଣ କରାଯାଇଛି। ଅଥଚ ଏହି ସମ୍ପ୍ରଦାୟ ନିଜର କୌଳିକ ବୃତ୍ତି ଏଯାଏ ଛାଡ଼ିପାରି ନାହାନ୍ତି।

## ଚିରନ୍ତନୀ

ଜଡ଼ତାର ଅବସାଦ ପ୍ରାଣର ପ୍ରେରଣାଘାତେ ଚୂର୍ଣ୍ଣ
ଭାରତର ପଥେ ଗ୍ରାମେ ଚଳ ଆହେ ବେଗବାନ ଘୂର୍ଣ୍ଣ
ତୁମରି ବିଗ୍ରହେ ଶତ ଶତାବ୍ଦୀର ସଞ୍ଚିତ ବିଦ୍ୟୁତ
ଚମକାଇ ଦେଉ ବିଶ୍ୱ ପୁଣି ଥରେ ହୋଇ କକ୍ଷଚ୍ୟୁତ।
ହେଲେ ହେଁ ପ୍ରାଚୀନତମ ତବ ସତ୍ୟ ହେଉ ପଛେ ଜୀର୍ଣ୍ଣ
ଆଣିଛି ସେ ଭୂମିକମ୍ପ ଧରଣୀକୁ କରିଛି ବିଦୀର୍ଣ୍ଣ
ଭାରତ ଗଗନପରେ ଶୁଭେ ସେହି ଅନାହତ ଧ୍ୱନି
ଶ୍ମଶାନର ଶବ କାନେ ଫୁଙ୍କିଦେଇ ମୃତ୍ୟୁ ସଞ୍ଜୀବନୀ।
(ଜାଗ ଜାଗ ଗାନ୍ଧି)
-କାଳିନ୍ଦୀ ଚରଣ ପାଣିଗ୍ରାହୀ

## ପାଠକ ଶ୍ରେଷ୍ଠ ବିଚାରକ

### ବିନା କାର୍ଡଧାରୀଙ୍କ ଦୁଃଖ

ମହାଶୟ,

ଯେଉଁ ଲୋକ କଳେବଳେ କୌଶଳେ ଖାଉଟି କାର୍ଡ ହାସଲ କରିଛି ତା'ର ସୁଖ କହିଲେ ନ ସରେ ଏବଂ ବିନା କାର୍ଡଧାରୀଙ୍କ ଦୁଃଖ ଅବର୍ଣ୍ଣନୀୟ। କୋଠାଘର ଓ ଚାରିଚକିଆ ଯାନ ଥିବା ବହୁ ବ୍ୟକ୍ତି କାର୍ଡ ପାଇଛନ୍ତି ଅଥଚ ଯିଏ ପାଇବା କଥା ବଞ୍ଚିତ ହୋଇଛି। ଫନୀ ବାତ୍ୟାରେ ସମସ୍ତେ କ୍ଷତିଗ୍ରସ୍ତ ହୋଇଛନ୍ତି ଅଥଚ କେବଳ କାର୍ଡଧାରୀ ୫୦ କି.ଗ୍ରା. ଚାଉଳ ଓ ଦୁଇହଜାର ଟଙ୍କା ପାଇ ଖୁସିରେ କୁରୁଳି ଉଠୁଛନ୍ତି। ଖାଦ୍ୟ ସୁରକ୍ଷା ଦିଗରେ ଏତେ ତାରତମ୍ୟ କାହିଁକି ?

ଦୁର୍ଗାପ୍ରସାଦ ତ୍ରିପାଠୀ, ସାହୁପଡା, ବ୍ରହ୍ମଗିରି, ପୁରୀ

### ସବୁଠି ଅଯୋଗ୍ୟଙ୍କ ଭିଡ଼

ଧରିତ୍ରୀ(୧୩।୫)ରେ ପ୍ରକାଶିତ ଅରୁଣ ପଣ୍ଡାଙ୍କ 'ସବୁଠି ଅଯୋଗ୍ୟଙ୍କ ଭିଡ଼' ଅଯୋଗ୍ୟମାନଙ୍କୁ ସତର୍କ ସୂଚନା। ଗତ ମାର୍ଚ୍ଚ ୭/୮ରେ ମୋ ସ୍ତ୍ରୀଙ୍କ ଜାତିଗତ ପ୍ରମାଣପତ୍ର ପାଇଁ ଅନ୍‌ଲାଇନରେ ଆବେଦନ କରିଥିଲି। ଆର୍‌ଆଇ ରିପୋର୍ଟ ନିଜେ ଆଣିବାକୁ ପଡ଼ିଲା। ସେଥିରେ ଲେଖା ହେଲା ସ୍ୱାମୀ ଦାଖଲ କଲେ। ଅଥଚ ୧୫ ଦିନ ପରେ ଜନସେବା କେନ୍ଦ୍ରରୁ ଫୋନ ଆସିଲା, ତହସିଲଦାର ଆର୍‌ଆଇ ପାଖକୁ ଲେଖିଛନ୍ତି ଦରଖାସ୍ତକାରୀ ବିବାହିତ କି ନୁହେଁ? ପୁଣି ଆର୍‌ଆଇ ପାଖରୁ ଲେଖିକରି ନେଲି। ୩ ମାସ ସରିବାକୁ ବସିଲାଣି, ସାର୍ଟିଫିକେଟର ଦେଖା ନାହିଁ। ଏହିପରି ଶହ ଶହ ଉଦାହରଣ ଅଯୋଗ୍ୟ ବ୍ୟକ୍ତିଙ୍କର ଅଛି।

ଅଦ୍ୱୈତ ପ୍ରସାଦ ବେହେରା, ଅରଣା, ଗଡ଼ମା, ଜଗତ୍‌ସିଂହପୁର

### ଗଛ ଲଗାଇବା

ଖରା, ବର୍ଷା, ଶୀତ କାକରରୁ ରକ୍ଷା କରୁଥିବା ଗଛ ସବୁ ବାତ୍ୟାରେ ଭାଙ୍ଗିଯାଇଛି। ବିରାଟ ବିରାଟ ଦ୍ରୁମ ଆଉ ଦେଖା ଯାଉନାହାନ୍ତି। ସବୁଜ ବଳୟ ଲାଗୁଛି ମରୁଭୂମି ପରି। ଜୀବନ ଦୁର୍ବିଷହ ହେବାକୁ ଯାଉଛି। ଏ ଯନ୍ତ୍ରଣାରୁ ମୁକ୍ତି ପାଇବା ପାଇଁ ସମସ୍ତେ ନିଜ ନିଜ ଜାଗାରେ ଗଛ ଲଗାଇବା ଆବଶ୍ୟକ। ସ୍ୱେଚ୍ଛାସେବୀ ଅନୁଷ୍ଠାନ ଏବଂ ସରକାର ମଧ୍ୟ ବୃକ୍ଷରୋପଣ କରିବା ଉଚିତ। ମୌସୁମୀ ଆସିବା ପରେ ପରେ ସରକାର ଚାରା ଯୋଗାଇ ଦିଅନ୍ତୁ। ରାସ୍ତା କଡରେ, ପଡିଆ ଜମିରେ ଗଛ ଲଗାଇ ପରିବେଶକୁ ସବୁଜ ସୁନ୍ଦର କରାଇପାରିଲେ ଆମେ ପ୍ରକୃତିର କୋପରୁ କିଛିମାତ୍ରାରେ ରକ୍ଷା ପାଇବା।

ସୁକାନ୍ତ କୁମାର ମିଶ୍ର, ଶ୍ରୀରାମଚନ୍ଦ୍ରପୁର, ସାକ୍ଷୀଗୋପାଳ, ପୁରୀ

### ଡିଭାଇଡର ଇଣ୍ଡିଆ

ପ୍ରଧାନମନ୍ତ୍ରୀ ମୋଦିଙ୍କୁ ଆମେରିକାର ଟାଇମ୍‌ସ ପତ୍ରିକା 'ଡିଭାଇଡର ଇଣ୍ଡିଆ' ବା ବିଭାଜନକାରୀ ବୋଲି ଆକ୍ଷେପ କରିଥିଲା। ଏବେ ସେହି ପତ୍ରିକା ୟୁ ଟର୍ନ ନେଇ ମୋଦି ବିଭାଜନକାରୀ ନୁହନ୍ତି ବୋଲି କହିଛି। ଏଥିରୁ ଜଣାପଡୁଛି ମୋଦି ବହୁ ସଂଖ୍ୟାରେ ଜିତିବା ପରେ ଏହି ପତ୍ରିକା ମତ ବଦଳାଇଛି।

ଅଜିତ ଚୌଧୁରୀ, ବାଲେଶ୍ୱର

ପାଠକ ଶ୍ରେଷ୍ଠ ବିଚାରକ ସ୍ତମ୍ଭକୁ ପତ୍ର ପଠାଇବାର ଠିକଣା: ସମ୍ପାଦକ, ଧରିତ୍ରୀ, ବି-୧୫, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର-୭୫୧୦୧୦
କେବଳ ସମ୍ପାଦକଙ୍କୁ ପତ୍ର, ଖବର ପାଇଁ ବ୍ୟବହାର କରନ୍ତୁ : E-mail:dharitripress@gmail.com (Use only for letters to Editor, news & news photos) କେବଳ ବିଜ୍ଞାପନ ପାଇଁ ବ୍ୟବହାର କରନ୍ତୁ: E-mail:advt@dharitri.com :miku11@yahoo.com (Use only for advertisements,commercial queries)



କୌଣସି ମହତ ବ୍ୟକ୍ତି ଅଭାବ ଓ ସୁଯୋଗ ନିମନ୍ତେ ଅଭିଯୋଗ କରେନାହିଁ।
- ଆର. ଡବ୍ଲୁ. ଇମରସନ



## ସଂକ୍ଷେପରେ

### ବାଇକ୍ ଧକ୍କାରେ ଯୁବକ ଗୁରୁତର

ଦେଓଗାଁ,୩୦।୫(ଡି.ଏନ.ଏ.): ଦେଓଗାଁ ଏଟିଏମ ଛକରେ ଗୁରୁବାର ସନ୍ଧ୍ୟାରେ ବାଇକ ଧକ୍କାରେ ଜଣେ ଯୁବକ ଗୁରୁତର ହୋଇଛନ୍ତି। ଅପରପକ୍ଷରେ ଆରୋହୀ ବି ଆହତ ହୋଇଛନ୍ତି। ଆହତଦ୍ୱୟ ହେଲେ ପର୍ଶୁପାଲିର କୁନୁ ଚନ୍ଦନ ଓ ଦେଓଗାଁର ଲକ୍ଷ୍ମଣ ଦଲାଇ। ସ୍ଥାନୀୟ ଅଗ୍ନିଶମ କେନ୍ଦ୍ର ଅଧିକାରୀ ଏଲୋଇସ ବାର୍ଲା ଆହତ କୁନୁଙ୍କୁ ବଲାଙ୍ଗୀର ଭୀମଭୋଇ ଡାକ୍ତରଖାନାକୁ ପଠାଇଛନ୍ତି। ଦେଓଗାଁ ପୋଲିସ ଦୁର୍ଘଟଣାଗ୍ରସ୍ତ ବାଇକକୁ ଜବତ କରିଛି। କୁତୁର୍ଲା ପର୍ଶୁପାଲିର କୁନୁ ବାଇକ (ନଂ ଓଆର୦୩ସି୧୮୭୬)ଯୋଗେ ଦେଓଗାଁ ଆସୁଥିବା ବେଳେ ଏଟିଏମ ଛକଦେଇ ଦେଓଗାଁର ଲକ୍ଷ୍ମଣ ଦଲାଇ ଜାତୀୟ ରାଜପଥ ପାରହୋଇ କନ୍ଧପାଲିକୁ ଯାଉଥିଲେ। ବାଇକ ଆରୋହୀ ଲକ୍ଷ୍ମଣଙ୍କୁ ଧକ୍କା ଦେଇଥିଲେ।

### ନାମଯଜ୍ଞ ଉପଲକ୍ଷେ ମହିଳାଙ୍କ କଳସ ଶୋଭାଯାତ୍ରା

ଟିକ୍ରାପଡା, ୩୦।୫(ଡି.ଏନ.ଏ.): ମୁରିବାହାଲ ବ୍ଲକ ଇଚ୍ଛାପଡା ପଞ୍ଚାୟତ ଅଧିନ ଅନ୍ତର୍ଲା ଗ୍ରାମରେ ଚବିଶି ପ୍ରହର ନାମଯଜ୍ଞ ଉପଲକ୍ଷେ ମହିଳାଙ୍କ କଳସ ଶୋଭାଯାତ୍ରା ଗୁରୁବାର ଅନୁଷ୍ଠିତ ହୋଇଯାଇଛି। ମହିଳାମାନେ ନିକଟସ୍ଥ ଜଳାଶୟରୁ କଳସରେ ଜଳ ଆଣି ପୂଜା ମଣ୍ଡପରେ ସ୍ଥାପନ କରିଥିଲେ।

ଉଠାଇ ହେଉନି ଜମାଟଙ୍କା

# ବ୍ୟାଙ୍କ ସମ୍ମୁଖରେ ଚାଷୀଙ୍କ ବିକ୍ଷୋଭ

ବିନିକା, ୩୦।୫(ଡି.ଏନ୍.ଏ.)

ଜମା ଟଙ୍କା ଉଠାଇବାରେ ସମସ୍ୟା ହେଉଛି। ବାରମ୍ବାର ବ୍ୟାଙ୍କକୁ ଯାଇ ନିରାଶ ହୋଇ ଫେରିବାକୁ ହେଉଛି। ବ୍ୟାଙ୍କରେ ଟଙ୍କା ନ ଥିବା କୁହାଯାଇ ସେମାନଙ୍କୁ ଗତ ତିନିଦିନ ହେଲାଣି ଫେରାଇ ଦିଆଯାଉଛି। ଏହିଭଳି ଅଭିଯୋଗ କରି ଗୁରୁବାର ଶତାଧିକ ଚାଷୀ ବଲାଙ୍ଗୀର ଜିଲା କେନ୍ଦ୍ର ସମବାୟ ବ୍ୟାଙ୍କ ଅଧୀନ ବିନିକା ଶାଖା ସମ୍ମୁଖରେ ବିକ୍ଷୋଭ ପ୍ରଦର୍ଶନ କରିଛନ୍ତି। ଉପସ୍ଥିତ ଚାଷୀ ନେତାମାନେ ଅଭିଯୋଗ କରିଥିଲେ ଯେ, ଗତବର୍ଷ ବ୍ୟାଙ୍କରୁ ଏକାଥରକେ ୪୯ହଜାର ଟଙ୍କା ଯାଏ ଉଠାଣ କରି ହେଉଥିଲା। ଚାଷୀମାନେ ନିଜ ଜମାଖାତାରୁ ୨/୩କିସ୍ତିରେ ଟଙ୍କା ଉଠାଇଥିଲେ। ଚଳିତ ବର୍ଷ ସୋନପୁର ଷ୍ଟେଟ୍ ବ୍ୟାଙ୍କକୁ ବିନିକା ସମବାୟ ବ୍ୟାଙ୍କ ଶାଖାକୁ ଟଙ୍କା ଯୋଗାଇ ଦେବାର ବ୍ୟବସ୍ଥା କରାଯାଇଛି । ହେଲେ ଅବସ୍ଥାରେ ସୁଧାର ଆସିବା ପରିବର୍ତ୍ତେ ଅଧିକ ସମସ୍ୟା ସୃଷ୍ଟି ହେଉଛି ବୋଲି ମୂରଲୀ ମେଶୁଆ, ନବୀନ ନାୟକ, ପ୍ରଦୀପ ଦଣ୍ଡସେନା, ବାସୁଦେବ ମିଶ୍ର, ସୁରଥ ଡାଙ୍ଗ, ପଦ୍ମନାଭ ମହାକୁର, ସଦଶିବ ପଣ୍ଡା, ପରଦେଶୀ ନାଏକ, ନିରାକାର କର୍ଣ୍ଣ ପ୍ରମୁଖ ଚାଷୀ ଅଭିଯୋଗ କରିଛନ୍ତି।



ଚାଷୀମାନେ ବିନିକା ସମବାୟ ବ୍ୟାଙ୍କ୍ ଶାଖା ସମ୍ମୁଖରେ ବିକ୍ଷୋଭ ପ୍ରଦର୍ଶନ କରୁଛନ୍ତି।

### ସମାଧାନ ପ୍ରତିଶ୍ରୁତି ଦେଲେ ଶାଖା ପରିଚାଳକ

ପରେ ବିନିକା ସମବାୟ ବ୍ୟାଙ୍କ୍ ଶାଖା ପରିଚାଳକ ପ୍ରଶାନ୍ତ ପଣ୍ଡା ଚାଷୀମାନଙ୍କ ସହ ଆଲୋଚନା କରି କହିଥିଲେ ଯେ, ଏହି ଶାଖାରେ ୬ହଜାରରୁ ଉର୍ଦ୍ଧ୍ୱ ଜମାକାରୀ ରହିଛନ୍ତି। ବର୍ତ୍ତମାନ ବିନିକା ଅଞ୍ଚଳର ପ୍ରାୟ ସମସ୍ତ ପ୍ୟାକ୍ସରେ ଚାଷୀଙ୍କ ଧାନକ୍ରୟ କାମ ଚାଲିଛି । ଧାନବିକ୍ରୀ ଟଙ୍କା ଚାଷୀଙ୍କ ବ୍ୟାଙ୍କ ଖାତାରେ ଦୈନିକ ଜମା ହେଉଛି । ଗତବର୍ଷ ଆମ ବ୍ୟାଙ୍କରୁ ଚାଷୀ ଦୈନିକ ନିଜ ଜମାଖାତାରୁ ୪୯ହଜାର ଟଙ୍କା ଉଠାଇ ପାରୁଥିଲେ। ପୂର୍ବରୁ ବଲାଙ୍ଗୀର ବିଡିସିସି ଶାଖାରୁ ଏକ୍ସିସ ବ୍ୟାଙ୍କ ନିୟୋଜିତ ଯାନରେ ବିନିକା ସମବାୟ ବ୍ୟାଙ୍କ୍ ଶାଖାକୁ ଆବଶ୍ୟକ ଟଙ୍କା ପହଞ୍ଚୁଥିଲା । ମାତ୍ର ବର୍ତ୍ତମାନର ବ୍ୟବସ୍ଥାରେ କ'ଣ ଅସୁବିଧା ହେଉଛି ତାହାର ପର୍ଯ୍ୟାଲୋଚନା ପରେ ସମସ୍ୟାର ସମାଧାନ କରାଯିବ ବୋଲି କହିଥିଲେ । ଏହା ପରେ ଚାଷୀମାନେ ବିକ୍ଷୋଭ ଆନ୍ଦୋଳନରୁ ଓହରିଥିଲେ।

# ଉଲୁଣ୍ଡାରେ ମୃତଦେହ ପୋତା ହୋଇଥିବା ନେଇ ଗୁଜବ

ଉଲୁଣ୍ଡା, ୩୦।୫(ଡି.ଏନ.ଏ.)

ସୁବର୍ଣ୍ଣପୁର ଜିଲା ଉଲୁଣ୍ଡା ଅଞ୍ଚଳରେ ବୁଧବାର ହତ୍ୟାପରେ ମାଟି ତଳେ ଏକ ମୃତଦେହ ପୋତା ହୋଇଥିବା ନେଇ ଗୁଜବ ପ୍ରକାଶ ପାଇଥିଲା। ଗୁରୁବାର ଏ ନେଇ କୁତମେଣ୍ଡା ଗ୍ରାମବାସୀ ଉଲୁଣ୍ଡା ଥାନାରେ ଅଭିଯୋଗ କରିଥିଲେ ଯେ, ସୋନପୁର-ସମ୍ବଲପୁର ମୁଖ୍ୟରାସ୍ତାର କୁତମେଣ୍ଡା ଛକ ସମଲେଇ ମନ୍ଦିର ନିକଟରେ ଏକ ମୃତଦେହ ପୋତା ଯାଇଛି। ଅଭିଯୋଗ ଆଧାରରେ ଆଇଆଇସି ବିଧୁଭୂଷଣ ପୁଟା, ମାଜିଷ୍ଟ୍ରେଟ ତଥା ଅତିରିକ୍ତ ତହସିଲଦାର ଘଟଣାସ୍ଥଳରେ ପହଞ୍ଚିବା ପରେ ଏକ ଜେସିବି ସାହାଯ୍ୟରେ ମାଟିକୁ ଖୋଳାଯାଇଥିଲା। ମାତ୍ର ଉକ୍ତ ସ୍ଥାନରେ କିଛି ନ ଥିବାରୁ ମୃତଦେହ ପୋତା ହେବା ନେଇ ଗୁଜବ ବୋଲି ପ୍ରମାଣିତ ହୋଇଥିଲା।

# ଅନ୍ତର୍ଡା କ୍ରିକେଟ୍ ପ୍ରିମିୟର ଲିଗ୍: ଏସ୍‌ଜେ ଦଳ ବିଜୟୀ

ବିନିକା,୩୦।୫(ଡି.ଏନ୍.ଏ.)

ସୁବର୍ଣ୍ଣପୁର ଜିଲା ବିନିକା ବ୍ଲକ ଅନ୍ତର୍ଡା ଖେଳ ପଡିଆରେ ଚାଲିଥିବା ଅନ୍ତର୍ଡା କ୍ରିକେଟ୍ ପ୍ରିମିୟର ଲିଗ୍‌ର ୧୦ମ ଲିଗ୍ ମ୍ୟାଚ୍ ଗୁରୁବାର ଖେଳା ଯାଇଥିଲା। ଟସ୍ ଜିଣି ଏସ୍.ଜେ ଦଳ ପ୍ରଥମେ ବ୍ୟାଟିଂ କରି ୧୦ ଓଭରରେ ୬ ଉଇକେଟ୍ ହରାଇ ୧୦୬ରନ୍ ସଂଗ୍ରହ କରିଥିଲା। ୧୦୬ରନ୍‌ର ପିଛା କରି ଅନ୍ତର୍ଡା ଦଳ ୧୦ ଓଭରରେ ୭୯ରନ୍ ସଂଗ୍ରହ କରି ପରାଜିତ ହୋଇଥିଲା। ଫଳରେ ଏସ୍.ଜେ ଦଳ ୨୭ରନ୍‌ରେ ବିଜୟୀ ହୋଇ ସେମି ଫାଇନାଲକୁ ଉତୀର୍ଣ୍ଣ ହୋଇଛି। ଶୁକ୍ରବାର ବିଭିଆର୍ ବନାମ ଏସ୍.ଜେ ମଧ୍ୟରେ ପ୍ରଥମ ସେମିଫାଇନାଲ୍ ମ୍ୟାଚ୍ ଅନୁଷ୍ଠିତ ହେବ।



ବିଜୟୀ ଏସଜେ ଦଳର ଖେଳାଳିମାନେ।

## କୋଟସମଲାଇ ପ୍ରିମିୟର ଲିଗ୍ କ୍ରିକେଟ
# ହରିଣାପାଲି, ଉଲୁଣ୍ଡା ବିଜୟୀ

ଅମରପାଲି, ୩୦।୫(ଡି.ଏନ.ଏ.)

ସୁବର୍ଣ୍ଣପୁର ଜିଲା ଉଲୁଣ୍ଡା ବ୍ଲକ କୋଟସମଲାଇଠାରେ ଚାଲିଥିବା ଅଷ୍ଟମ କୋଟସମଲାଇ ପ୍ରିମିୟର ଲିଗ୍ କ୍ରିକେଟର ଚତୁର୍ଥ ଦିବସରେ ପାତରପାଲିକୁ ହରାଇ ହରିଣାପାଲି ଓ ବୈରାଗୀପାଲିକୁ ହରାଇ ଉଲୁଣ୍ଡା ବିଜୟୀ ହୋଇଛି। ପ୍ରଥମ ମ୍ୟାଚରେ ହରିଣାପାଲି ପ୍ରଥମେ ବ୍ୟାଟିଂ କରି ନିର୍ଦ୍ଧାରିତ ୧୦ ଓଭରରେ ୪ ଉଇକେଟ ହରାଇ ୭୭ ରନ କରିଥିଲା। ଦଳର ଦେବାଶିଷ ୩୩ ରନ ଓ ମଣ୍ଟୁ ୧୪ ରନ କରିଥିଲେ। ବିପକ୍ଷ ଦୂର ମନୋରଞ୍ଜନ ଓ ସୁରଥ ଗୋଟିଏ ଲେଖାଏ ଉଇକେଟ ନେଇଥିଲେ। ଜବାବରେ ପାତରପାଲି ଦଳ ନିର୍ଦ୍ଧାରିତ ୧୦ ଓଭରରେ ୯ ଉଇକେଟ ହରାଇ ୫୬ ରନ କରି ପରାସ୍ତ ହୋଇଥିଲା। ଦଳର ସନତ ୧୪ ଓ ତାପସ ୧୧ ରନ କରିଥିଲେ। ବିପକ୍ଷ ସାନ୍ତନୁ ୪ଟି ଓ ସରୋଜ ଗୋଟିଏ ଉଇକେଟ ନେଇଥିଲେ। ହରିଣାପାଲିର ଦେବାଶିଷଙ୍କୁ ମ୍ୟାନ ଅଫ୍ ଦି ମ୍ୟାଚ ଭାବେ ପୁରସ୍କୃତ କରାଯାଇଥିଲା। ଦ୍ୱିତୀୟ ମ୍ୟାଚରେ ବୈରାଗିପାଲି ପ୍ରଥମେ ବ୍ୟାଟିଂ କରି ନିର୍ଦ୍ଧାରିତ ୮ ଓଭରରେ ୮ ଉଇକେଟ ହରାଇ ୫୮ ରନ କରିଥିଲା। ଦଳର ବୁଲୁ ୨୦ ରନ ଓ ସତ୍ୟ ୧୨ ରନ କରିଥିଲେ। ବିପକ୍ଷ ମନୋଜ ଓ ଦଶରଥ ୨ଟି ଲେଖାଏଁ ଉଇକେଟ ନେଇଥିଲେ। ଜବାବରେ ଉଲୁଣ୍ଡା ଦଳ ଆବଶ୍ୟକ ୫୯ ରନକୁ ମନୋଜଙ୍କ ୨୭ ରନ ଓ ପିମାଙ୍କ ୧୦ ରନ ସହାୟତାରେ ୮ ଉଇକେଟ ହରାଇ ସଂଗ୍ରହ କରି ବିଜୟୀ ହୋଇଥିଲା। ବିପକ୍ଷ ଦଳର ବୁଲୁ ଓ ଗୌର ୨ଟି ଲେଖାଏଁ ଉଇକେଟ ନେଇଥିଲେ। ମନୋଜଙ୍କୁ ମ୍ୟାନ ଅଫ୍ ଦି ମ୍ୟାଚଭାବେ ପୁରସ୍କୃତ କରାଯାଇଥିଲା। ଖେଳଗୁଡ଼ିକୁ ବିଶ୍ୱନାଥ ବାରିକ ଓ ଦେବାଶିଷ ଦେହେରୀ ପରିଚାଳନା କରିଥିଲେ। ଗୋକୁଳାନନ୍ଦ ପ୍ରଧାନ ସ୍କୋରିଂ ଏବଂ ସୋମନାଥ ପୁରୋହିତ ଓ ଧ୍ରୁବ କୁମାର ସାହୁ ଧାରା ବିବରଣୀ ପ୍ରଦାନ କରିଥିଲେ।

# ମୁକୁଳା ପଡ଼ିଛି ଏଟିଏମ୍



ସୋନପୁର ସହରର ମେନ ରୋଡ, ଏସବିଆଇ ରୋଡ ଓ ଫକୀରପଟ୍ଟନାୟକ ଛକରେ ଥିବା ଏଟିଏମ୍ କାଉଣ୍ଟରରେ କେହି ସୁରକ୍ଷା କର୍ମୀ ନାହାନ୍ତି ।

ସୋନପୁର,୩୦।୫(ନି.ପ୍ର)

**ସୁବର୍ଣ୍ଣପୁର ଜିଲା**
- ନାହାନ୍ତି ସୁରକ୍ଷା କର୍ମୀ
- ରାତିରେ ଟଙ୍କା ଉଠାଇବାକୁ ଡର

ସବୁଠାରୁ ସୁବିଧାଜନକ ଏବଂ ଶୀଘ୍ର ଟଙ୍କା ଉଠାଇବାର ଏକମାତ୍ର ଉପାୟ ହେଲା ଏଟିଏମ୍। ମାତ୍ର ଏହି ଏଟିଏମ୍‌ଗୁଡିକ ଏବେ ସୁବର୍ଣ୍ଣପୁର ଜିଲାରେ ମୁକୁଳା ପଡିଛି। ଏଟିଏମ୍‌ଗୁଡିକର ସୁରକ୍ଷା ପ୍ରତି ବ୍ୟାଙ୍କ ଗୁଡିକ ଅଣଦେଖା କରୁଛନ୍ତି। ଏଠାରେ ଜଣେ ସୁରକ୍ଷା କର୍ମୀଙ୍କୁ ମଧ ନିୟୋଜିତ କରାଯାଉନାହିଁ। କାଁ ଭାଁ ହାତଗଣତି ଏଟିଏମ୍‌ରେ ଦିନବେଳେ ସୁରକ୍ଷା କର୍ମୀଙ୍କୁ ଦେଖିବାକୁ ମିଳୁଛି। ମାତ୍ର ରାତି ହେଲେ ଏଟିଏମ୍‌ରେ ସୁରକ୍ଷା କର୍ମୀ ରହୁ ନାହାନ୍ତି। ଫଳରେ ଏଟିଏମ୍ ଉପଭୋକ୍ତା ରାତିରେ ଟଙ୍କା ଉଠାଇବା ପାଇଁ ଭୟ କରୁଛନ୍ତି।

ଜିଲାର ବିଭିନ୍ନ ସ୍ଥାନରେ ବିଗତ ଦିନରେ ଏଟିଏମ୍ କାଉଣ୍ଟରଗୁଡିକରେ ଆକ୍ରମଣ ହୋଇଛି। ରାତିରେ ବହୁବାର ଏଟିଏମ୍ ଭାଙ୍ଗିବା ଉଦ୍ୟମ ହୋଇଛି। ଦୁର୍ବୃତ୍ତମାନେ ଏଟିଏମ୍ ଭଙ୍ଗା ରୁଜା କରି ଟଙ୍କା ଚୋରାଇବାକୁ ଉଦ୍ୟମ କରିଛନ୍ତି। ଏଭଳି ଘଟଣା ବୃଦ୍ଧି ପାଉଥିଲେ ମଧ୍ୟ ବ୍ୟାଙ୍କ କର୍ତ୍ତୃପକ୍ଷଙ୍କ ଚେତା ପଶୁନି। ସୁବର୍ଣ୍ଣପୁର ସହରରେ ପ୍ରାୟତଃ ସମସ୍ତ ରାଷ୍ଟ୍ରାୟତ୍ତ ବ୍ୟାଙ୍କ୍ ଓ ଘରୋଇ ବ୍ୟାଙ୍କଗୁଡିକର ଶାଖା ରହିଛି। ସମସ୍ତ ବ୍ୟାଙ୍କର ୨୫ରୁ ଉର୍ଦ୍ଧ୍ୱ ଏଟିଏମ୍ କାଉଣ୍ଟର ଏଠାରେ କାର୍ଯ୍ୟ କରୁଛି । ମାତ୍ର ଷ୍ଟେଟ୍ ବ୍ୟାଙ୍କ ଅଫ ଇଣ୍ଡିଆ(ଏସ୍‌ବିଆଇ)ର ବଡବଜାର ଓ ବ୍ଲକ ଛକ କାଉଣ୍ଟର ଏବଂ ଗୋଟିଏ ଦୁଇଟି ଘରୋଇ ବ୍ୟାଙ୍କ୍‌ର ଏଟିଏମ୍ ବ୍ୟତୀତ ଅନ୍ୟ କୌଣସି ଏଟିଏମ୍ କାଉଣ୍ଟରରେ ସୁରକ୍ଷା କର୍ମୀ ନାହାନ୍ତି । ଗ୍ରୀଡ୍‌କୋ କଲୋନିର ଦେବେନ୍ଦ୍ର ଦାଶ କୁହନ୍ତି ରାତିରେ ଟଙ୍କା ଉଠାଇବାକୁ ଡର ଲାଗୁଛି। କାରଣ କାଉଣ୍ଟର ବାହାରେ କେହି ସୁରକ୍ଷା କର୍ମୀ ଜଗୁନାହାନ୍ତି । ଟଙ୍କା ଉଠାଉଥିବା ବେଳେ ଅନ୍ୟମାନେ ଭିତରେ ଧସେଇ ପଶୁଛନ୍ତି। ଅନେକ ସମୟରେ ଏହାକୁ ନେଇ କାଉଣ୍ଟରରେ ଯୁକ୍ତିତର୍କ ହେଉଛି। ବିଶେଷ କରି ବିଳମ୍ବିତ ରାତିରେ ଅଜଣା ଲୋକଟିଏ ପାଖରେ ଥିଲା ବେଳେ ଟଙ୍କା ଉଠାଇବାକୁ ଭୟ ଲାଗୁଛି। ଟଙ୍କା ଉଠାଇବା ପରେ ବାଇକ୍ ପାଖରେ ସୁରକ୍ଷିତ ପହଞ୍ଚି ପାରିବୁ କି ନାହିଁ ସନ୍ଦେହ ରହୁଥିବା ଦାଶ କହିଛନ୍ତି। ଭଗବତୀପ୍ଲଟର ବିଶ୍ୱରଞ୍ଜନ ବେଦ୍‌ବାକ୍ କୁହନ୍ତି, ବ୍ୟାଙ୍କଗୁଡିକ ଆକାଉଣ୍ଟଧାରୀଙ୍କ ଜମା ଟଙ୍କାରୁ ଚଳୁଛି। ମାତ୍ର ସେମାନେ ସୁରକ୍ଷାକୁ ଗୁରୁତ୍ୱ ଦେଉନାହାନ୍ତି। ଏଟିଏମ୍ ସେବା ଆରମ୍ଭ ହେବାର ଅନେକ ବର୍ଷ ପରେ ମଧ୍ୟ କେତେକ ଲୋକ ଏହାର ବ୍ୟବହାର ଜାଣି ନାହାନ୍ତି। ସୁରକ୍ଷା କର୍ମୀ ନିୟୋଜିତ ଥିଲେ ଆବଶ୍ୟକ ସହାୟତା ଯୋଗାଇ ପାରନ୍ତେ । ଅନ୍ୟପକ୍ଷରେ ଜଣେ ଅଜଣା ବ୍ୟକ୍ତିଙ୍କ ଠାରୁ ସହାୟତା ଲୋଡିବା ପାଇଁ ଉପଭୋକ୍ତା ନିଜକୁ ସୁରକ୍ଷିତ ମଣୁନାହାନ୍ତି। ଏଣୁ ପ୍ରତ୍ୟେକ ଏଟିଏମ୍‌ରେ ସୁରକ୍ଷା କର୍ମୀଙ୍କୁ ନିୟୋଜିତ କରିବା ଉଚିତ୍ ବୋଲି ବେଦ୍‌ବାକ କହିଛନ୍ତି। ବ୍ୟବସାୟୀ ଚମରୁଲାଲ ଅଗ୍ରୱାଲା କୁହନ୍ତି, ଜଣେ କାଉଣ୍ଟରରେ ଟଙ୍କା ଉଠାଉଥିବା ବେଳେ ଅନ୍ୟଜଣେ ଭିତରକୁ ପ୍ରବେଶ କରିବା ଅନୁଚିତ୍। ଜଣାଶୁଣା ବା ଅଜଣା ବ୍ୟକ୍ତିଙ୍କ ଉପସ୍ଥିତିରେ ଏଟିଏମ୍ ପିନ୍ ଇନପୁଟ୍ କରିବା ଆଦୌ ସୁରକ୍ଷିତ ନୁହଁ। ଏପରି କଲେ ଭବିଷ୍ୟତରେ ଟଙ୍କା ହଡପ ହେବାର ଆଶଙ୍କା ରହିଛି । ଭିତରେ ଜଣେ ଟଙ୍କା ଉଠାଉଥିବା ବେଳେ ଆଉ କାହାରିକୁ ନ ଛାଡିବା ପାଇଁ କାଉଣ୍ଟରରେ ଜଣେ ଜଣେ ସୁରକ୍ଷା କର୍ମୀ ରହିବା ଆବଶ୍ୟକ । ମାତ୍ର ସହରରେ ଅଧିକାଂଶ କାଉଣ୍ଟରରେ ସୁରକ୍ଷା କର୍ମୀ ରହୁ ନ ଥିବା ଯୋଗୁଁ ଟଙ୍କା ଉଠାଇବାକୁ ଭୟ ଲାଗୁଛି। ବ୍ୟାଙ୍କ୍‌ଗୁଡିକ ଉପଭୋକ୍ତାଙ୍କ ସୁରକ୍ଷା ପ୍ରତି ଗୁରୁତ୍ୱ ଦେବା ଆବଶ୍ୟକ ବୋଲି ଅଗ୍ରୱାଲା ଗୁରୁତ୍ୱାରୋପ କରିଛନ୍ତି ।


**SBI ଭାରତୀୟ ଷ୍ଟେଟ୍ ବ୍ୟାଙ୍କ** — **ଡିମାଣ୍ଡ ନୋଟିସ୍**
ଚାପଗ୍ରସ୍ତ ସମ୍ପତ୍ତି ଆଦାୟ ଶାଖା
ପ୍ଲଟ୍ ନଂ.: ୭୭୮, ପ୍ରଥମ ମହଲା, ସହୀଦ ନଗର, ଭୁବନେଶ୍ୱର

ସିକ୍ୟୁରିଟାଇଜେସନ୍ ଆଣ୍ଡ୍ ରିକନ୍‌ଷ୍ଟ୍ରକ୍ସନ୍ ଅଫ୍ ଫାଇନାନ୍‌ସିଆଲ୍ ଆସେଟ୍‌ସ୍ ଆଣ୍ଡ ଏନ୍‌ଫୋର୍ସମେଣ୍ଟ ଅଫ୍ ସିକ୍ୟୁରିଟୀ ଇଣ୍ଟରେଷ୍ଟ ଆକ୍ଟ ୨୦୦୨ର ଧାରା ୧୩(୨) ଅନୁଯାୟୀ ଡିମାଣ୍ଡ ନୋଟିସ୍ ।

ଏତଦ୍ୱାରା ନିମ୍ନଲିଖିତ ଋଣଗ୍ରହୀତାଙ୍କୁ ଏହି ନୋଟିସ୍ ମାଧ୍ୟମରେ ଜଣାଇଦିଆଯାଉଛି କି ସେ ବ୍ୟାଙ୍କରୁ ନେଇଥିବା ଋଣର ବକେୟା ମୂଳ ଏବଂ ସୁଧ ପରିଶୋଧ କରିବାରେ ବିଫଳ ହୋଇଥିବାରୁ ତାଙ୍କର ଋଣକୁ ଅଣ କାର୍ଯ୍ୟକାରୀ ସମ୍ପତ୍ତି(ଏନପିଏ) ଶ୍ରେଣୀଭୁକ୍ତ କରାଯାଇଛି। ସିକ୍ୟୁରିଟାଇଜେସନ ଆଣ୍ଡ୍ ରିକନ୍‌ଷ୍ଟ୍ରକସନ୍ ଅଫ୍ ଫାଇନାନ୍‌ସିଆଲ ଆସେଟ୍ସ ଆଣ୍ଡ୍ ଏନ୍‌ଫୋର୍ସମେଣ୍ଟ ଅଫ୍ ସିକ୍ୟୁରିଟି ଇଣ୍ଟରେଷ୍ଟ ଆକ୍ଟ ୨୦୦୨ର ଧାରା ୧୩(୨) ଅନୁଯାୟୀ ମେସର୍ସ ଶ୍ରୀ ଗାୟତ୍ରୀ ଷ୍ଟୋନ କଟିଙ୍ଗ ଆଣ୍ଡ ପଲିସିଙ୍ଗ ୟୁନିଟ୍, ସ୍ୱତ୍ତ୍ୱାଧିକାରୀ: ଟି ବିଶ୍ୱନାଥମ (ମୃତକ)ଙ୍କ ଆଇନଗତ ଉତ୍ତରାଧିକାରୀମାନଙ୍କୁ ସେମାନଙ୍କର ଶେଷ ଜ୍ଞାତ ଠିକଣାରେ ରେଜେଷ୍ଟ୍ରି ଡାକ ସହିତ ଏଡି ଯୋଗେ ନୋଟିସ୍ ଜାରି କରାଯାଇଥିଲା, କିନ୍ତୁ ଏହା ପ୍ରଦାନ କରାଯାଇ ପାରିନଥିଲା । ତେଣୁ ଉକ୍ତ ବିଷୟରେ ସର୍ବସାଧାରଣ ନୋଟିସ୍ ମାଧ୍ୟମରେ ଋଣଗ୍ରହୀତାଙ୍କୁ ଅବଗତ କରାଗଲା।

| ଆକାଉଣ୍ଟ ନଂ. / ଋଣଗ୍ରହୀତା/ଗ୍ୟାରେଣ୍ଟିଦାତାମାନଙ୍କ ନାମ ଏବଂ ଠିକଣା | ସୁରକ୍ଷିତ ସଂପତ୍ତିର ବିବରଣୀ | ନୋଟିସ୍ ଅନୁଯାୟୀ ନିର୍ଦ୍ଦିଷ୍ଟ ତାରିଖ ସୁଦ୍ଧା ବକେୟା ଦେୟ | ଡିମାଣ୍ଡ ନୋଟିସ୍ ତାରିଖ |
|---|---|---|---|
| ସିସି ଆକାଉଣ୍ଟ ନଂ.: ୩୧୬୮୨୪୮୩୩୭୬ / ଋଣଗ୍ରହୀତା: ମେସର୍ସ ଶ୍ରୀ ଗାୟତ୍ରୀ ଷ୍ଟୋନ କଟିଙ୍ଗ ଆଣ୍ଡ ପଲିସିଙ୍ଗ ୟୁନିଟ୍, ସ୍ୱତ୍ତ୍ୱାଧିକାରୀ: ଟି ବିଶ୍ୱନାଥମ (ମୃତକ), ଟି ବିଶ୍ୱନାଥମ୍‌ଙ୍କର ଆଇନଗତ ଉତ୍ତରାଧିକାରୀମାନେ: ୧) ଶ୍ରୀମତୀ ଟି ସୁନ୍ଦରମା, ସ୍ୱାମୀ: ୰ ଟି ବିଶ୍ୱନାଥମ, ୨) ଶ୍ରୀ ଟି ବିଘ୍ନେଶ୍ୱର ରାଓ, ପିତା: ୰ ଟି ବିଶ୍ୱନାଥମ୍, ୩) ଶ୍ରୀମତୀ ବି ଗାୟତ୍ରୀ, ପିତା: ୰ ଟି ବିଶ୍ୱନାଥମ୍, କ୍ର.ନଂ ୧,୨,୩ର ଠିକଣା- ସା/ପୋ.: ତାଟିପେଟି, ଭାୟା: ଗୁରାଣ୍ଡି, ଜିଲ୍ଲା: ଗଜପତି-୭୬୧୨୧୦, ୪) ଶ୍ରୀମତୀ ବି କନ୍ୟା କୁମାରୀ, ସ୍ୱାମୀ: ବି ଫାଲଗୁନ ରାଓ, ଗୀତା ଷ୍ଟ୍ରିଟ୍, ତାଟିପେଟି, ଭାୟା: ଗୁରାଣ୍ଡି, ଗଜପତି / ଗ୍ୟାରେଣ୍ଟିଦାତାମାନେ: ୧) ଶ୍ରୀମତୀ ଟି ସୁନ୍ଦରମା, ସ୍ୱାମୀ: ୰ ଟି ବିଶ୍ୱନାଥମ, ୨) ଶ୍ରୀ ଟି ବିଘ୍ନେଶ୍ୱର ରାଓ, ପିତା: ୰ ଟି ବିଶ୍ୱନାଥମ୍ | ୧) ୟୁନିଟ୍‌ର ଷ୍ଟକ୍, ଷ୍ଟୋର ଏବଂ ସ୍ପେୟାର୍ସ, ବ୍ୟବହାର କରାଯାଉଥିବା ଦ୍ରବ୍ୟ, ପ୍ରାପ୍ୟ, ସମସ୍ତ ଚଳନ୍ତି ସମ୍ପତ୍ତି, ୨) ୟୁନିଟ୍‌ର କଳକବ୍‌ଜା ଏବଂ ଯନ୍ତ୍ରପାତି ସହିତ ସମସ୍ତ ସ୍ଥାୟୀ ସମ୍ପତ୍ତି, ୩) ୰ ଟି ତମାଦ ବିଶ୍ୱନାଥମ୍‌ଙ୍କ ନାମରେ ଥିବା ଜମି ଆଦି ସମ୍ପତ୍ତିର ସମସ୍ତ ଅଂଶବିଶେଷ ଯାହାର ମୌଜା: ତାଟିପେଟ, ଗ୍ରାମ: ତାଟିପେଟି, ତହସିଲ: ପାରଳାଖେମୁଣ୍ଡି, ଜିଲ୍ଲା: ଗଜପତି, ଖାତା ନଂ.: ୪୩୮/୩୮୫, ପ୍ଲଟ୍ ନ.: ୫୨୫, ୫୨୬, ୫୨୨, ୫୨୦, ୫୨୭, ୫୨୧, ୫୨୪, ୫୨୧୯/୧୬୦୩, କ୍ଷେତ୍ର: ଏକର୧.୨୪୯ଡିସିମିଲି, କିସମ: ପଥର ପଲିସିଂ କାରଖାନା (ଘରବାରୀ), ୪) ୰ ଟି ତାମାଦ ବିଶ୍ୱନାଥମ୍‌ଙ୍କ ନାମରେ ଥିବା ଜମି ଆଦି ସମ୍ପତ୍ତିର ସମସ୍ତ ଅଂଶବିଶେଷ ଯାହାର କ୍ଷେତ୍ର: ୦.୦୫୫ ଏକର, ମୌଜା: ତାଟିପେଟ, ଗ୍ରାମ: ତାଟିପେଟି, ତହସିଲ: ପାରଳାଖେମୁଣ୍ଡି, ଜିଲ୍ଲା: ଗଜପତି, ଖାତା ନଂ.: ୨୬୪, ପ୍ଲଟ୍ ନ.: ୧୮୭, କ୍ଷେତ୍ର: ଏକର୦.୦୫୬୩ଡିସିମିଲି, କିସମ: ଘରବାରୀ | ୨୬.୧୧.୨୦୧୮ ସୁଦ୍ଧା ଟ.୧୫,୮୦,୧୪୯/- + ସେବାବଦ ସୁଧ ଏବଂ ଖର୍ଚ୍ଚ | ୨୭.୧୧.୨୦୧୮ |

ନୋଟିସ୍‌ର ବିକଳ୍ପ ସେବା ଭାବେ ପଦକ୍ଷେପମାନ ଗ୍ରହଣ କରାଯାଉଛି। ଋଣଗ୍ରହୀତାଙ୍କୁ ଜଣାଇଦିଆଯାଉଛି କି ସେ ଏହି ନୋଟିସ୍ ପ୍ରକାଶନର ୬୦ ଦିନ ମଧ୍ୟରେ ତାଙ୍କର ସମସ୍ତ ବକେୟା ଦେୟ ପରିଶୋଧ କରନ୍ତୁ ଅନ୍ୟଥା ବ୍ୟାଙ୍କ ଅନ୍ୟ କୌଣସି ଅଧିକାରକୁ ପ୍ରତିହତ ନକରି ସରଫେଶୀ ଆକ୍ଟ ୨୦୦୨ ଅନୁସାରେ ପରବର୍ତ୍ତୀ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ବାଧ୍ୟ ହେବ। ଏତଦ୍ୱାରା ବିଶେଷକରି ଋଣଗ୍ରହୀତା ଏବଂ ସର୍ବସାଧାରଣଙ୍କୁ ସତର୍କ କରାଇ ଦିଆଯାଉଛି କି ସେ ଉପରୋକ୍ତ ସମ୍ପତ୍ତି ସହିତ କୌଣସି କାରବାର କରିବେ ନାହିଁ, ଯଦି କୌଣସି କାରବାର କରନ୍ତି ତେବେ ଭାରତୀୟ ଷ୍ଟେଟ୍ ବ୍ୟାଙ୍କ ନିକଟରେ ଉପରଦର୍ଶିତ ରାଶି ନିମନ୍ତେ ଉତ୍ତରଦାୟୀ ରହିବେ।

ସ୍ଥାନ: ଭୁବନେଶ୍ୱର
ତାରିଖ : ୩୦.୦୫.୨୦୧୯
ସ୍ୱା/-କ୍ଷମତାପ୍ରାପ୍ତ ଅଧିକାରୀ
ଭାରତୀୟ ଷ୍ଟେଟ୍ ବ୍ୟାଙ୍କ

**SBI ଭାରତୀୟ ଷ୍ଟେଟ୍ ବ୍ୟାଙ୍କ** — **ଦଖଲ ନୋଟିସ୍**
ଚାପଗ୍ରସ୍ତ ସମ୍ପତ୍ତି ଆଦାୟ ଶାଖା, ପ୍ଲଟ୍ ନଂ.: ୭୭୮, ପ୍ରଥମ ମହଲା, ସହୀଦ ନଗର, ଭୁବନେଶ୍ୱର-୭୫୧୦୦୭
(ସ୍ଥାବର ସମ୍ପତ୍ତିଗୁଡିକ ନିମନ୍ତେ) [ରୁଲ୍- ୮ (୧)]

ନିମ୍ନ ସ୍ୱାକ୍ଷରକାରୀ ଭାରତୀୟ ଷ୍ଟେଟ୍ ବ୍ୟାଙ୍କ, ଚାପଗ୍ରସ୍ତ ସମ୍ପତ୍ତି ଆଦାୟ ଶାଖା, ଭୁବନେଶ୍ୱରର କ୍ଷମତାପ୍ରାପ୍ତ ଅଧିକାରୀଙ୍କ ଦ୍ୱାରା ସିକ୍ୟୁରିଟାଇଜେସନ୍ ଆଣ୍ଡ୍ ରିକନଷ୍ଟ୍ରକ୍ସନ୍ ଅଫ୍ ଫାଇନାନ୍‌ସିଆଲ୍ ଆସେଟ୍‌ସ୍ ଆଣ୍ଡ୍ ଏନ୍‌ଫୋର୍ସମେଣ୍ଟ ଅଫ୍ ସିକ୍ୟୁରିଟି ଇଣ୍ଟରେଷ୍ଟ ଆକ୍ଟ ୨୦୦୨ ଏବଂ ସିକ୍ୟୁରିଟି ଇଣ୍ଟରେଷ୍ଟ (ଏନ୍‌ଫୋର୍ସମେଣ୍ଟ) ରୁଲ୍ସ୨୦୦୨ର ରୁଲ୍ ୩ ସହିତ ଧାରା ୧୩(୧୨)ରେ ଦିଆଯାଇଥିବା କ୍ଷମତା ବଳରେ ନିମ୍ନଲିଖିତ ଋଣଗ୍ରହୀତା/ଗ୍ୟାରେଣ୍ଟିଦାତାମାନଙ୍କୁ କଥିତ ଆକ୍ଟର ଧାରା ୧୩(୨) ଅନୁସାରେ ଡିମାଣ୍ଡ ନୋଟିସ୍ ଜାରିକରି ନୋଟିସ୍ ମାଧ୍ୟମରେ ନିମ୍ନଲିଖିତ ନୋଟିସ୍ ଦର୍ଶିତ ରାଶି ଏବଂ ଭବିଷ୍ୟତ ସୁଧ, ଆଇନଗତ ଖର୍ଚ୍ଚ ଏବଂ ଆନୁସଙ୍ଗିକ ଦେୟ କଥିତ ନୋଟିସ୍ ପ୍ରାପ୍ତି ତାରିଖ ଠାରୁ ୬୦ ଦିନ ମଧ୍ୟରେ ପଇଠ କରିବାକୁ କୁହାଯାଇଥିଲା । ଯେହେତୁ ଋଣଗ୍ରହୀତା/ଗ୍ୟାରେଣ୍ଟିଦାତାମାନେ ଋଣ ପଇଠ କରିବାରେ ବିଫଳ ହେଲେ, ତେଣୁ ଏହି ନୋଟିସ୍ ମାଧ୍ୟମରେ ଋଣଗ୍ରହୀତା/ଗ୍ୟାରେଣ୍ଟିଦାତା ଏବଂ ସର୍ବସାଧାରଣଙ୍କୁ ଜଣାଇଦିଆଯାଉଅଛି ଯେ କଥିତ ଆକ୍ଟର ଧାରା ୧୩(୪) ସହିତ କଥିତ ରୁଲ୍ସର ରୁଲ୍ ୮ ରେ ଦିଆଯାଇଥିବା ପ୍ରଦତ୍ତ କ୍ଷମତା ପ୍ରୟୋଗ କରି ନିମ୍ନ ସ୍ୱାକ୍ଷରକାରୀ ନିମ୍ନରେ ଦର୍ଶାଯାଇଥିବା ସମ୍ପତ୍ତିଗୁଡିକୁ ଦଖଲ ନେଇଛନ୍ତି । ତେଣୁ ବିଶେଷକରି ଋଣଗ୍ରହୀତା/ଗ୍ୟାରେଣ୍ଟିଦାତା ଏବଂ ସର୍ବସାଧାରଣଙ୍କୁ ସତର୍କ କରାଇ ଦିଆଯାଉଅଛି ଯେ, ନିମ୍ନଲିଖିତ ସମ୍ପତ୍ତିଗୁଡିକ ସହିତ କୌଣସି ପ୍ରକାର କାରବାର କରିବେ ନାହିଁ ଏବଂ ସମ୍ପତ୍ତିଗୁଡିକ ଉପରେ କୌଣସି ପ୍ରକାର କାରବାର ପାଇଁ ନୋଟିସ୍ ଦର୍ଶିତ ରାଶି ଏବଂ ତତ୍‌ପରବର୍ତ୍ତୀ ସୁଧ ଏବଂ ସେବାବଦ ଆଇନଗତ ଖର୍ଚ୍ଚ ଓ ଆନୁସଙ୍ଗିକ ଖର୍ଚ୍ଚ ନିମନ୍ତେ ଭାରତୀୟ ଷ୍ଟେଟ୍ ବ୍ୟାଙ୍କ ନିକଟରେ ଉତ୍ତରଦାୟୀ ରହିବେ ।
**ଏତଦ୍ୱାରା ଋଣଗ୍ରହୀତାଙ୍କ ଦୃଷ୍ଟି ଆକର୍ଷଣ କରାଯାଉଅଛି କି କଥିତ ଆକ୍ଟର ଧାରା ୧୩ର ଉପଧାରା (୮) ଅନୁଯାୟୀ ସୁରକ୍ଷିତ ବନ୍ଧକ ସମ୍ପତ୍ତିକୁ ସମୟ ଥିବା ପୂର୍ବରୁ ବନ୍ଧକମୁକ୍ତ କରନ୍ତୁ।**

| ଋଣଗ୍ରହୀତାମାନଙ୍କ ନାମ ଓ ଠିକଣା | ସ୍ଥାବର ସମ୍ପତ୍ତିଗୁଡିକର ବିବରଣୀ | ଧାର୍ଯ୍ୟ ତାରିଖ ସୁଦ୍ଧା ବକେୟା ଦେୟ | ଡିମାଣ୍ଡ ନୋଟିସ୍ ତାରିଖ/ଦଖଲ ନୋଟିସ୍ ତାରିଖ |
|---|---|---|---|
| ଋଣଗ୍ରହୀତାମାନେ: ଶ୍ରୀ ସଞ୍ଜୟ କୁମାର ଅଗ୍ରୱାଲ ଏବଂ ଶ୍ରୀମତୀ ମଞ୍ଜରୀ ଅଗ୍ରୱାଲ, ଉଭୟଙ୍କ ବାସସ୍ଥାନ ଠିକଣା- ଅକ୍ଷୟ ପାତ୍ର ଫାଉଣ୍ଡେସନ୍ ସମ୍ମୁଖ, ଗ୍ରାଣ୍ଡ ରୋଡ୍, ପୁରୀ, ଥାନା: କୁମ୍ଭାରପଡା, ଜିଲ୍ଲା: ପୁରୀ, ପିନ୍-୭୫୨୦୦୧ | ଶ୍ରୀ ସଞ୍ଜୟ କୁମାର ଅଗ୍ରୱାଲ, ପିତା: ଶ୍ୟାମ ସୁନ୍ଦର ଅଗ୍ରୱାଲଙ୍କ ନାମରେ ଥିବା ଫ୍ଲାଟ୍ ନଂ.: ୪୦୧, ୪ର୍ଥ ମହଲା, ଫ୍ରେମ ଷ୍ଟ୍ରକଚର ସହିତ ସାଧାରଣ ଫ୍ଲୋରିଙ୍ଗ: ୬୦୮ ବର୍ଗଫୁଟ, ମୋଟ୍ କ୍ଷେତ୍ର: ଏକର୦.୦୮୭.୫ଡିସିମିଲିରୁ ଅବିଭକ୍ତ ଜମି ଅଂଶର ବିକ୍ରି ଫ୍ଲାଟ୍ କ୍ଷେତ୍ର: ଏକର୦.୦୦୫.୮୩ଡିସିମିଲି ଯାହାକି ୨୫୪ ବର୍ଗଫୁଟ ଯାହାର ଜିଲ୍ଲା: ପୁରୀ, ଡିଷ୍ଟ୍ରିକ୍ଟ ସବ୍-ରେଜିଷ୍ଟ୍ରାର କାର୍ଯ୍ୟାଳୟ: ପୁରୀ, ଥାନା: ପୁରୀ ଟାଉନ୍, ୟୁନିଟ୍ ନଂ.: ୨୫, ତହସିଲ: ପୁରୀ ସଦର ନଂ.: ୬୬୫, ମୌଜା: ଗାନ୍ଧୀଘାଟ, ଖାତା ନଂ.: ୬୧, ପ୍ଲଟ୍ ନଂ.: ୧୦, କିସମ: ଘରବାରୀ-୧, କ୍ଷେତ୍ର: ଏକର୦.୩୦୦ଡିସିମିଲିରୁ ଏକର୦.୮୭.୫ଡିସିମିଲି, ଅନୁରୂପ ସାବିକ ମୌଜା: ବାଲୁଖଣ୍ଡ-୧୦୮, ଖାସମାହାଲ, ସାବିକ ଜମାବନ୍ଦି ନଂ.: ୮୦, ସାବିକ ପ୍ଲଟ୍ ନଂ.: ୬୦୩, କ୍ଷେତ୍ର: ଏକର୦.୦୩୦୮ଡିସିମିଲି(ଅଂଶ) | ତା.୧୫.୦୩.୨୦୧୯ ପର୍ଯ୍ୟନ୍ତ ସୁଧ ଏବଂ ଖର୍ଚ୍ଚ ସହିତ ଟ.୧୮,୪୦,୫୮୪/- + ସେବାବଦ ସୁଧ ଏବଂ ଖର୍ଚ୍ଚ | ୨୫.୦୩.୨୦୧୯ / ୨୮.୦୫.୨୦୧୯ |
| ଋଣଗ୍ରହୀତା: ଶ୍ରୀ ନିଶୀଥ ରଞ୍ଜନ ଷଡଙ୍ଗୀ, ପିତା: ପିତାମ୍ବର ଷଡଙ୍ଗୀ, ତଳୁଛ ସାହି, ହରଚଣ୍ଡି ସାହି ନିକଟ, ପୁରୀ | ଶ୍ରୀ ନିଶୀଥ ରଞ୍ଜନ ଷଡଙ୍ଗୀଙ୍କ ନାମରେ ଥିବା ଫ୍ଲାଟ୍ ନଂ.: ୨୦୧, ୨ୟ ମହଲା, ଫ୍ରେମ ଷ୍ଟ୍ରକଚର ସହିତ ସାଧାରଣ ଫ୍ଲୋରିଙ୍ଗ: ୭୬୫ ବର୍ଗଫୁଟ, ମୋଟ୍ କ୍ଷେତ୍ର: ଏକର୦.୦୮୭.୫ଡିସିମିଲିରୁ ଅବିଭକ୍ତ ଜମି ଅଂଶର ବିକ୍ରି ଫ୍ଲାଟ୍ କ୍ଷେତ୍ର: ଏକର୦.୦୦୫.୮୩ଡିସିମିଲି ଯାହାକି ୨୫୪ ବର୍ଗଫୁଟ ଯାହାର ଜିଲ୍ଲା: ପୁରୀ, ଡିଷ୍ଟ୍ରିକ୍ଟ ସବ୍-ରେଜିଷ୍ଟ୍ରାର କାର୍ଯ୍ୟାଳୟ: ପୁରୀ, ଥାନା: ପୁରୀ ଟାଉନ୍, ୟୁନିଟ୍ ନଂ.: ୨୫, ତହସିଲ: ପୁରୀ ସଦର ନଂ.: ୬୬୫, ମୌଜା: ଗାନ୍ଧୀଘାଟ, ଖାତା ନଂ.: ୬୧, ପ୍ଲଟ୍ ନଂ.: ୧୦, କିସମ: ଘରବାରୀ-୧, କ୍ଷେତ୍ର: ଏକର୦.୩୦୦ଡିସିମିଲିରୁ ଏକର୦.୮୭.୫ଡିସିମିଲି, ଅନୁରୂପ ସାବିକ ମୌଜା: ବାଲୁଖଣ୍ଡ-୧୦୮, ଖାସମାହାଲ, ସାବିକ ଜମାବନ୍ଦି ନଂ.: ୮୦, ସାବିକ ପ୍ଲଟ୍ ନଂ.: ୬୦୩, କ୍ଷେତ୍ର: ଏକର୦.୦୩୦୮ଡିସିମିଲି(ଅଂଶ) | ତା.୦୯.୧୨.୨୦୧୮ ପର୍ଯ୍ୟନ୍ତ ସୁଧ ଏବଂ ଖର୍ଚ୍ଚ ସହିତ ଟ.୧୬,୪୮,୦୦୬/- + ସେବାବଦ ସୁଧ ଏବଂ ଖର୍ଚ୍ଚ | ୨୪.୧୨.୨୦୧୮ / ୨୮.୦୫.୨୦୧୯ |

ସ୍ଥାନ: ଭୁବନେଶ୍ୱର
ତାରିଖ : ୩୦.୦୫.୨୦୧୯
ସ୍ୱା/-କ୍ଷମତାପ୍ରାପ୍ତ ଅଧିକାରୀ
ଭାରତୀୟ ଷ୍ଟେଟ୍ ବ୍ୟାଙ୍କ

**GRAM PANCHAYAT OFFICE, JARASINGHA**
LETTER No.45 Date: 30.05.2019
Tender Call Notice No.01/jrsg/2019-20, dated 29.05.2019 vide letter No.31 dated 29.05.2019 of Jarasingha GP published in Odia daily, Dharitri is hereby cancelled due to technical errors.
Sd./- Sarapanch/Panchayat
Executive Officer, Jarasingha GP
Thana-Tusura, Dist-Balangir

# ମନେ ପଡ଼ନ୍ତି

**ଏକାଦଶାହ ଉପଲକ୍ଷେ**



**ସ୍ୱର୍ଗତା ସଙ୍ଗୀତା ସାହୁ**
ଆବିର୍ଭାବ: ୨୬।୦୪।୧୯୭୨
ତିରୋଧାନ: ୨୧।୦୫।୨୦୧୯
ତୁମର ଅମର ଆତ୍ମାର ସଦ୍‌ଗତି ନିମନ୍ତେ ପ୍ରଭୁ ଶ୍ରୀଜଗନ୍ନାଥଙ୍କ ଚରଣାରବିନ୍ଦରେ ଭକ୍ତିପୂତ ଶ୍ରଦ୍ଧାଞ୍ଜଳି ଅର୍ପଣ କରୁଅଛୁ।
ଶୋକସନ୍ତପ୍ତ
ସ୍ୱା- ବିପିନ ବିହାରୀ, ଝିଅ, ଜ୍ୱାଇଁ, ନାତି, ନାତୁଣୀ ଓ ପରିବାରବର୍ଗ
ଧ-୧୨୭୨୪

**ପ୍ରଥମ ଶ୍ରାଦ୍ଧବାର୍ଷିକ ଉପଲକ୍ଷେ**



**ସ୍ୱର୍ଗତା ନଳିନୀପ୍ରଭା ହୋତା**
ଆବିର୍ଭାବ: ୦୮।୦୬।୧୯୭୨
ତିରୋଧାନ: ୧୨।୦୫।୨୦୧୮
(ଜ୍ୟେଷ୍ଠ କୃଷ୍ଣପକ୍ଷ ଦ୍ୱାଦଶୀ ତିଥି)
ଆକାଶକୁ ଚାହିଁ ଗୁଲୁ ଖୋଜୁଥାଇ, ଆଇ ତୁମେ ଗଲ କାହିଁ। କଣ୍ଢେ ଲୁହ ଭରି କାଳିଆ କାନ୍ଦଇ, କାନ୍ଦଇ ତୁମ ବଳିଆ। ଝିଅ ତ ତୁମର ସଦା ଆଶା କରେ ତାକୁ କେ ଦେବ ସାନ୍ତ୍ୱନା। ଆସ ଫେରି ଥରେ ଦେଖ ତୁମ ଘର ଏତିକି ଆମ୍ଭ ପ୍ରାର୍ଥନା। ଆପଣଙ୍କ ଆତ୍ମାର ସଦ୍‌ଗତି ନିମନ୍ତେ ପ୍ରଭୁ ଶ୍ରୀଜଗନ୍ନାଥଙ୍କ ନିକଟରେ ବିନମ୍ର ପ୍ରାର୍ଥନା ଓ ଶ୍ରଦ୍ଧାଞ୍ଜଳି।
ଧ-୧୨୭୩୪

**ଅଷ୍ଟାଦଶ ଶ୍ରାଦ୍ଧବାର୍ଷିକୀ ଉପଲକ୍ଷେ**



**ସ୍ୱର୍ଗତ ବିଭୂତି ଭୂଷଣ ସାହୁ**
(ଜ୍ୟେଷ୍ଠ କୃଷ୍ଣ ଦ୍ୱାଦଶୀ)
ଆବିର୍ଭାବ: ୧୮।୦୬।୧୯୪୬
ତିରୋଧାନ: ୨୦।୦୫।୨୦୦୧
ଆପଣଙ୍କ ସ୍ନେହ, ଶ୍ରଦ୍ଧା, ଆଦର୍ଶ, ବ୍ୟକ୍ତିତ୍ୱ ଆମ ସମସ୍ତଙ୍କ ପାଇଁ ପ୍ରେରଣାର ଉତ୍ସହେଉ। ଆପଣଙ୍କ ପବିତ୍ର ଆତ୍ମାର ସଦ୍‌ଗତି ନିମନ୍ତେ ପ୍ରଭୁ ଶ୍ରୀଜଗନ୍ନାଥଙ୍କ ନିକଟରେ ପ୍ରାର୍ଥନା ଆପଣଙ୍କ ଅଷ୍ଟାଦଶ ଶ୍ରାଦ୍ଧବାର୍ଷିକୀରେ ଭକ୍ତିପୂର୍ଣ୍ଣ ଶ୍ରଦ୍ଧାଞ୍ଜଳି।
ଶୋକସନ୍ତପ୍ତ: ପରିବାରବର୍ଗ
ଧ-୧୨୬୦୭

**15th Death Anniversary**



**Late Durga Charan Nayak**
ଜ୍ୟେଷ୍ଠ କୃଷ୍ଣ ଦ୍ୱାଦଶୀ
DCN,
When the heart bleeds
nobody sees,
If the mind mourns
none can hear
sweet memories with
you
painful to bear.
Kuni
D-12717



ଅହଂକାରୀ ଲୋକ କେବେହେଲେ କୃତଜ୍ଞ ହୁଏ ନାହିଁ, କାରଣ ସିଏ ଯେତିକି ପାଇବା ପାଇଁ ହକ୍‌ଦାର ତା'ଠାରୁ ଅଧିକ ପାଇଲାଣି ବୋଲି ଆଦୌ ବିଚାର କରେ ନାହିଁ।
- ସାମୁଏଲ୍ ଜନ୍‌ସନ



## ସଂକ୍ଷେପରେ

### ପୋଲିସର ଚଢ଼ାଉ, ଜଣେ ଗିରଫ

ସମ୍ବଲପୁର,୩୦।୫(ବ୍ୟୁରୋ) ସମ୍ବଲପୁର କ୍ଷେତରାଜପୁର ଥାନା ପୋଲିସ ଗୁରୁବାର ଚଢ଼ାଉ କରି ସଟ୍ଟା ଖେଳରେ ବ୍ୟବହୃତ ବିଭିନ୍ନ ସାମଗ୍ରୀ ଜବତ କରି ବଡବଜାର ମାଲିପଡ଼ାର ଲୋକନାଥ ସାହୁଙ୍କୁ ଗିରଫ କରିଛି। ପୋଲିସ ଲୋକନାଥଙ୍କ ନିକଟରୁ ନଗଦ ୨୩ଶହ ଟଙ୍କା, କାରବନ୍ ପେପର ଏବଂ ସଟ୍ଟା ଖାତା ଜବତ କରିଛି। ଏନେଇ କ୍ଷେତରାଜପୁର ଥାନା ପୋଲିସ ଏକ ମାମଲା(ନଂ.୧୨୭/୧୯) ରୁଜୁକରି ଅଧିକ ତଦନ୍ତ ଚଳାଇଛି।

### ଜାତୀୟ କଳାକାର ବୃତ୍ତି ପାଇବେ ଜୁନାଗଡ଼ର ଦୀପକ ଶର୍ମା

ଭବାନୀପାଟଣା/ଜୁନାଗଡ଼,୩୦।୫ (ଡି.ଏନ.ଏ.)- ଚଳିତବର୍ଷ ଭାରତ ସରକାରଙ୍କ ଦ୍ୱାରା ଜାତୀୟ କଳାକାର ବୃତ୍ତି ପାଇବା ପାଇଁ କଳାହାଣ୍ଡି ଜିଲା ଜୁନାଗଡ଼ର ଯୁବ ଅଭିନେତା ଦୀପକ ଶର୍ମା ମନୋନୀତ ହୋଇଛନ୍ତି । ଜୁନାଗଡ଼ ନିବାସୀ ଦୀପକ ନାଟ୍ୟଭୂଷଣ ପରମେଶ୍ୱର ମୁଣ୍ଡଙ୍କ ଖମନରାନୀ, ମରୁଭୂମି, ମାଏଟ୍ ମା', ଘାଟି ଆଦି ନାଟକରେ ସଫଳ ଅଭିନୟ କରି ରାଜ୍ୟ ତଥା ଜାତୀୟସ୍ତର ମଞ୍ଚମରେ ସେ ପୁରସ୍କୃତ ହୋଇଛନ୍ତି । ଅଭିନୟରେ ରୁଚି ରଖି ଭବିଷ୍ୟତରେ ଜଣେ ଆନ୍ତର୍ଜାତୀକ କଳାକାର ହେବା ସ୍ୱପ୍ନରେ ନିଷ୍ଠାବାନ ଦୀପକଙ୍କ ଅଭିନୟ ଦର୍ଶକମାନଙ୍କ ନିକଟରେ ଏକ ସ୍ୱତନ୍ତ୍ର ପରିଚୟ ସୃଷ୍ଟି କରିଛି । ଭାରତ ସରକାରଙ୍କ ସି.ସି.ଆର୍.ଟି. ଦ୍ୱାରା ମନୋନୀତ ଶର୍ମା ଅଭିନୟ କ୍ଷେତ୍ରରେ ଉଚ୍ଚତର ଅଧ୍ୟୟନ ଓ ପରୀକ୍ଷା ତଥା ପ୍ରୟୋଗ କରିବା ପାଇଁ ତାଙ୍କୁ ପ୍ରୋତ୍ସାହନ ସ୍ୱରୂପ ଦୁଇବର୍ଷ ଆର୍ଥିକ ସହାୟତା କରାଯିବ।

# କାର ଉପରେ ଚଢ଼ିଗଲା ଟ୍ରଲର: ମହିଳା ମୃତ

**ଦେବଗଡ଼/ବାରକୋଟ, ୩୦।୫ (ସ୍ୱ.ପ୍ର./ଡି.ଏନ.ଏ)**

ଦେବଗଡ ଜିଲା ବାରକୋଟ ଥାନା ଅନ୍ତର୍ଗତ ବମ୍ପରଡା ଗ୍ରାମ ନିକଟର ୪୯ ନଂ ଜାତୀୟ ରାଜପଥ ଉପରେ ଏକ ଟ୍ରଲର କାରକୁ ଧକ୍କା ଦେଇ ତା ଉପର ଚଢ଼ିଯିବାରୁ ଧରିତ୍ରୀ ସ୍ୱାଇଁ (୩୫) ନାମକ ମହିଳାଙ୍କ ମୃତ୍ୟୁ ହୋଇଥିବା ଜଣାଯାଇଛି। ଖବର ନେବାରୁ ଜଣାଯାଇଛି ଯେ, ରାଉରକେଲାର ଧନେଶ୍ୱର ସ୍ୱାଇଁ (୪୦) ନିଜ ସ୍ତ୍ରୀ ଧରିତ୍ରୀ ସହିତ କଟକ ମେଡିକାଲରୁ ରାଉରକେଲା ଅଭିମୁଖେ ଏକ ଜାଇଲୋ କାର ଗାଡି ନମ୍ବର ଓଡି ୦୫ ଏ- ୭୬୬୬ ଯୋଗେ ଫେରୁଥିଲେ।



ଟ୍ରଲର କାର ଉପରକୁ ଚଢ଼ି ଯାଇଛି।

ବୁଧବାର ବିଳମ୍ବିତ ରାତିରେ ରାସ୍ତା ନିର୍ମାଣକାରୀ ସଂସ୍ଥା ଓରିଏଣ୍ଟାଲ କମ୍ପାନୀର ଏକ ଟ୍ରଲର ଗାଡି ଉକ୍ତ ଗାଡିକୁ ପଛପଟୁ ଧକ୍କା ଦେଇଥିଲା । ଫଳରେ କାର ରାସ୍ତା ପାର୍ଶ୍ୱକୁ ଓଲଟି ପଡିଥିଲା । ଏହା ପରେ ଟ୍ରଲର କାର ଉପରକୁ ଚଢ଼ି ଯାଇଥିଲା । ଫଳରେ ଡ୍ରାଇଭର ସହିତ ଦମ୍ପତି କାର ମଧ୍ୟରେ ଚାପିହୋଇ ରହିଯାଇଥିଲେ । ସ୍ଥାନୀୟ ଲୋକେ ଉଦ୍ଧାର କରି ପାଲହଡା ଡାକ୍ତରଖାନା ପଠାଇଥିଲେ । ଧରିତ୍ରୀଙ୍କୁ ଡାକ୍ତର ମୃତ ଘୋଷଣା କରିଥିବା ବେଳେ ଡ୍ରାଇଭର ଏବଂ ଧନେଶ୍ୱର ଗୁରୁତର ଥିବା ଜଣାଯାଇଛି । ବାରକୋଟ ପୋଲିସ ଏକ ମାମଲା ରୁଜୁ କରି ତଦନ୍ତ ଚଳାଇଥିବା ଜଣାଯାଇଛି ।

# ଆଦିବାସୀ ଓ ଦଳିତ ଲୋକ ସଙ୍ଗଠନର ବୈଠକ




ଆଦିବାସୀ ଓ ଦଳିତ ଲୋକ ସଙ୍ଗଠନ ବୈଠକରେ ଉପସ୍ଥିତ ଜନସାଧାରଣ।

**ବାରକୋଟ, ୩୦।୫ (ଡି.ଏନ.ଏ)**

ଦେବଗଡ ଜିଲା ବାରକୋଟ ବ୍ଲକ ଅନ୍ତର୍ଗତ ପୁରୁଣାପାଣି ଗ୍ରାମଠାରେ ସମ୍ବଲପୁର ସାମାଜିକ ସେବା ସଂସ୍ଥାର ଆନୁକୂଲ୍ୟରେ ଆଦିବାସୀ ଓ ଦଳିତ ଲୋକଙ୍କୁ ନେଇ ଏକ ସଙ୍ଗଠନ ସହିତ ସେମାନଙ୍କର ସମସ୍ୟା ଉପରେ ଆଲୋଚନା ହୋଇଥିଲା । ସମ୍ବଲପୁର ସାମାଜିକ ସେବା ସଂସ୍ଥାର ନିର୍ଦ୍ଦେଶକ ଆଲଫନ୍ସ ଟପ୍ପୋ ଏବଂ ଭୁବନେଶ୍ୱରର ଓରୋଶା ଅନୁଷ୍ଠାନର ତାଲିମଦାତା ଯୁଗଳକିଶୋର ରଞ୍ଜିତଙ୍କ ତତ୍ତ୍ୱାବଧାନରେ ୩ଟି ଗ୍ରାମ ପଞ୍ଚାୟତ ଯଥା କାଦୋପଡା, ଝରାକଣ୍ଢଳ ଓ କେଲଡାର ଶତାଧିକ ମହିଳା ଏବଂ ପୁରୁଷ ଯୋଗଦେଇଥିଲେ। ବୈଠକରେ ଅଂଶଗ୍ରହଣ କରିଥିବା ଲୋକମାନେ ସେମାନଙ୍କର ବିଭିନ୍ନ ମୌଳିକ ସମସ୍ୟା ଉପରେ ଆଲୋଚନା କରିଥିଲେ । ସଂସ୍ଥାର ନିର୍ଦ୍ଦେଶକ ସବୁ ସମସ୍ୟାର ସମାଧାନ କେବଳ ସଙ୍ଗଠନ ଦ୍ୱାରା ସମ୍ଭବ ବୋଲି ମତବ୍ୟକ୍ତ କରିଥିଲେ। ଅଂଶଗ୍ରହଣକାରୀଙ୍କ ଆଗ୍ରହରେ ବ୍ଲକ ସ୍ତରୀୟ ବର୍ସା ଆମ୍ବେଦକର ଲୋକସଙ୍ଗଠନ ଗଠନ ହୋଇଥିଲା। ଶେଷରେ ସଂଯୋଜିକା ଭାରତୀ ଦାସ ଧନ୍ୟବାଦ ଅର୍ପଣ କରିଥିଲେ ।

### ଶାଶୁଙ୍କ ଟଙ୍କା ଚୋରି: ଜ୍ୱାଇଁ ଗିରଫ

ସମ୍ବଲପୁର,୩୦।୫(ବ୍ୟୁରୋ )

ସମ୍ବଲପୁର ଜିଲା ସଦରଥାନା ଗେଙ୍ଗୁଟିପାଲି ଗ୍ରାମର ସତ୍ୟା ବାଗ ନାମକ ଜଣେ ମହିଳାଙ୍କ ୧ ଲକ୍ଷ ୭୦ ହଜାର ଟଙ୍କା ଚୋରି ହୋଇଥିବା ନେଇ ଥାନାରେ ଅଭିଯୋଗ ହୋଇଥିଲା। ପୋଲିସ ଘଟଣାର ତଦନ୍ତ କରି ଚୋରି ଅଭିଯୋଗରେ ସମ୍ପୃକ୍ତ ଥିବା ଜ୍ୱାଇଁ ବୁର୍ଲା ଥାନା ଝାଙ୍କରପାଲି ଗ୍ରାମର ସରୋଜ ବେହେରାଙ୍କ ଚେନ୍ନାଇରୁ ଗିରଫ କରିଛି। ପୋଲିସ ଅଭିଯୁକ୍ତ ସରୋଜଙ୍କ ନିକଟରୁ ଚୋରି ଟଙ୍କା ଜବତ କରିଛି। ଏନେଇ ସଦର ଥାନାରେ ଏକ ମାମଲା(ନଂ.୧୦୪/୧୯) ରୁଜୁ ହୋଇଛି।



## ଢଗଢମାଳି

(କ୍ରମେ ଲୋକମୁଖରୁ ଓ ଜନମାନସରୁ ବିସ୍ମୃତ ହେଉଥିବା ଢଗଢମାଳିକୁ ପାଠିକା-ପାଠକଙ୍କ ନିକଟରେ ପହଞ୍ଚାଇବା ସକାଶେ ଧରିତ୍ରୀର ପ୍ରୟାସ)

**ହଳଦୀବଟା ବୁକୁଫଟା
ପାଣି ଅଣା ବଡ଼ ସୁଖ
ଏଣେ ଯିବୁ ତେଣେ ଯିବୁ
ଦେଖିବୁ ଜନ ମୁଖ ।**

ହଳଦୀକୁ ଶିଳରେ ବାଟିବାରେ ଅନେକ ଶାରୀରିକ ପରିଶ୍ରମ ଲୋଡ଼ା ହୋଇଥାଏ, ଛାତି କାନ୍ଧ ଘୋଳାବିନ୍ଧା କରିଥାଏ । ଯେତେବେଳେ କି ପାଣି ବୋହିବାରେ ସେତେକଷ୍ଟ ଲାଗି ନ ଥାଏ। ସାଧାରଣତଃ ଝିଅବୋହୂମାନେ ପାଣି ବୋହିଲାବେଳେ ପରସ୍ପର ମଧ୍ୟରେ ସୁଖଦୁଃଖ ବାଣ୍ଟି ବାଟ ଚାଲିଥାନ୍ତି। ଏପରି ମନର ଭାବ ଆଦାନପ୍ରଦାନ ଭିତରେ ପାଣି ବୋହିବାର ଶ୍ରମ କିଛିଟା ଲାଘବ ହୋଇଯାଇଥାଏ। ତେଣୁ ହଳଦୀ ବାଟିବାଠାରୁ ପାଣିବୋହିବା ସୁଖକର ବୋଲି ଏଠାରେ ବର୍ଣ୍ଣନା କରାଯାଇଛି।

**ହାତରେ ନ ଥାଇ ଧନ
ପୁଅ ବାହାକରି ମନ ।**

ସାଧାରଣତଃ ବାହାଘର କଲେ ଭୋଜିଭାତ ଦେବା ନେଇ ଅନେକ ଖର୍ଚ୍ଚ କରିବାକୁ ପଡ଼ିଥାଏ। ଏପରିସ୍ଥଳେ ହାତରେ ଧନ ନ ଥିବା ବ୍ୟକ୍ତି ଏଥିପ୍ରତି ମନ ବଳେଇବା ଉଚିତ ହୋଇ ନ ଥାଏ। ହାତରେ ପଇସା ନ ଥାଇ ବଡ଼ ବଡ଼ କଥା କରିବା ପାଇଁ ଚିନ୍ତା କରିବା ବା ବହୁ ଖର୍ଚ୍ଚ କରିବା ଲାଗି ଅଗ୍ରସର ହେବା ମୂଳ ଅର୍ଥରେ ଏଭଳି ଉକ୍ତି ପ୍ରକାଶ କରାଯାଇଛି।

ଓଡ଼ିଆ ଢଗଢ଼ମାଳି ଓ ଲୋକଗୀତ
-ଫ୍ରେଣ୍ଡସ୍ ପବ୍ଲିଶର୍ସ

# ଟ୍ରକ୍ -ବାଇକ୍ ଧକ୍କା: ଯୁବକ ଗୁରୁତର

**ରିଆମାଳ, ୩୦।୫(ଡି.ଏନ.ଏ.)**

ରିଆମାଳ ଥାନା ଅନ୍ତର୍ଗତ ଭିତରପଦଛକଠାରୁ କିଛି ଦୂରରେ ବାଇକ୍ ଆରୋହୀ ଟ୍ରକ୍ କୁ ଓଭରଟେକ୍ କରିବା ସମୟରେ ଦୁର୍ଘଟଣା ଘଟିଛି। ଟ୍ରକ୍‌ରେ ପିଟି ହୋଇ ଛିଟିକି ପଡ଼ିବାରୁ ବାଇକ୍ ଆରୋହୀ ଗୁରୁତର ହୋଇଛନ୍ତି। ସେ ହେଲେ ହରିହରପୁର ଗ୍ରାମର ରଞ୍ଜନ କୁମାର ସାହୁ (୨୪)। ତାଙ୍କୁ ଚିକିତ୍ସା ପାଇଁ ଛତାବର ଡ଼ାକ୍ତରଖାନାରେ ଭର୍ତ୍ତି କରାଯାଇଛି।



ଟ୍ରକ୍‌ରେ ପିଟି ହୋଇ ବାଇକ୍ ଦୁର୍ଘଟଣାଗ୍ରସ୍ତ ହୋଇଛି।


# CLASSIFIED DISPLAY

TARIFF — MORE SPACE • SAME PRICE — GST 5%

| For Single Day | | For 7 Days | | For 15 Days | | For 30 days | |
|---|---|---|---|---|---|---|---|
| 6 x 4 | 12 x 4 | 6 x 4 | 12 x 4 | 6 x 4 | 12 x 4 | 6 x 4 | 12 x 4 |
| 1,500.00 | 2,000.00 | 6,000.00 | 12,000.00 | 12,000.00 | 25,000.00 | 20,000.00 | 40,000.00 |

ALL EDITION - B/W (Everyday)
for Booking Contact:
0674-2580385, 7894447148, 7894447131, 9337021532, 7894447167, 7894447165

ASTROLOGY ASTROLOGY

ଅଲ୍ ଇଣ୍ଡିଆ ଖୋଲା ଚ୍ୟାଲେଞ୍ଜ
2 ଘଣ୍ଟାରେ 100% ଗ୍ୟାରେଣ୍ଟିଡ୍ ସମାଧାନ
ତାନ୍ତ୍ରିକ ମାଷ୍ଟର କିଙ୍ଗ୍ ଖାନ୍‌ଙ୍କ ଖୋଲା ଘୋଷଣା
ବ୍ୟବସାୟ, ପ୍ରେମରେ ସମସ୍ୟା ଓ ଶତ୍ରୁ ମୁକ୍ତି, ଗୃହକ୍ଳେଶ ଓ ସ୍ୱାମୀ-ସ୍ତ୍ରୀଙ୍କ ଝଗଡ଼ା, ପ୍ରେମବିବାହ, ପ୍ରପର୍ଟି, କୋର୍ଟ କେସ୍, ଗୁପ୍ତରୋଗରେ ଔଷଧ କାମ ନ କରିବା, ପୁରୁଣା ପୀଡ଼ାରେ ଔଷଧ କାମ ନ କରିବା, ଯାଦୁ-ଟୋନା, ବଶୀକରଣ, ଗୁଣିଗାରେଡ଼ି, ବିବାହରେ ବାଧା, ମନପସନ୍ଦ ପ୍ରେମ।
A to Z ସମସ୍ୟାର ସମାଧାନ ଘରେ ବସି।
ସ୍ପେଶାଲିଷ୍ଟ ବଶୀକରଣ, ମୁଠକରଣୀ ଏବଂ କଳା ଯାଦୁ
ଆମେ କରିଥିବା କାମକୁ ଯଦି କୌଣସି ଜ୍ୟୋତିଷ, ପଣ୍ଡିତ କିମ୍ବା ମୌଲବୀ କାଟିଦିଅନ୍ତି ତେବେ ତାଙ୍କୁ ଦାବି ମୁତାବକ ପୁରସ୍କାର।
ବାବା ଆମିଲ ସୁଫି
9540938429
9903852257
ରାମ ମନ୍ଦିର, ସତ୍ୟନଗର, ଭୁବନେଶ୍ୱର

ମାତାଙ୍କ ଅସୀମ କୃପା ସର୍ବ ମନୋକାମନାପୂର୍ଣ୍ଣ ଚମତ୍କାରୀ ସିଦ୍ଧ ମୁଦ୍ରିକା
ଏହି ମୁଦିକୁ ପିନ୍ଧିଲେ ସ୍ତ୍ରୀ-ପୁରୁଷ ଯେତେ କଠୋରମନା ହୋଇଥାଆନ୍ତୁ ନା କାହିଁକି, ଆପଣଙ୍କ ଇଚ୍ଛା ଅନୁସାରେ କାମ କରିବେ । ପରୀକ୍ଷାରେ ପ୍ରଥମ ଶ୍ରେଣୀ, ମକଦ୍ଦମାରେ ବିଜୟ, ବିଦେଶ ଯାତ୍ରା, ପ୍ରେମ ବିବାହ, ଜୁଆ-ଲଟେରି, ଶେୟାର୍‌ରେ ସଫଳତା, ବ୍ୟବସାୟରେ ଅଭୂତପୂର୍ବ ଅଭିବୃଦ୍ଧି, ମାଟିରେ କେଉଁଠି ପୋତା ଧନ ଅଛି ତାହା ସ୍ୱପ୍ନରେ ଦେଖାଯିବ, ଘରେ ସୁଖ ଶାନ୍ତି, ରୋଗରୁ ମୁକ୍ତି, ଋଣରୁ ମୁକ୍ତି, ଚାରିଆଡ଼େ ଖୁସି ହିଁ ଖୁସି, ଯେଉଁ କାମରେ ହାତ ମାରିବେ ଆପଣଙ୍କୁ ସଫଳତା ହିଁ ସଫଳତା ପ୍ରାପ୍ତ ହେବ।
ସର୍ବ ମନୋକାମନାପୂର୍ଣ୍ଣ ଚମତ୍କାରୀ ସିଦ୍ଧ ମୁଦି ସହିତ ନଜରଦୋଷ କବଚ ମାଗଣା।
ସାଧାରଣ ମୁଦି - 1100/-
ସ୍ପେଶାଲ ମୁଦି - 1575/-
କାମ ନ ହେଲେ ପଇସା ଫେରସ୍ତ
ଇଚ୍ଛୁକ ବ୍ୟକ୍ତି ଆଶ୍ରମ ସହ ଯୋଗାଯୋଗ କରନ୍ତୁ
7564962303
9354145347

BUSINESS BUSINESS

SMS JOBS DHAMAKA (PART/FULL TIME)
GOLD MEDALIST COMPANY
ଘରେ ବସି ଶିକ୍ଷିତ ବେରୋଜଗାର ଯୁବକ, ଯୁବତୀ, ମହିଳା PART / FULL TIME କରି ମାସକୁ ୧୫୦୦୦/- ରୁ ୪୫୦୦୦/- ପର୍ଯ୍ୟନ୍ତ ରୋଜଗାର କରନ୍ତୁ
FREE କମ୍ପାନୀ ଦ୍ୱାରା Mobile + Laptop + Bike + 20000/- ର ଉପହାର
ନିଜ ନାମ ଠିକଣା ଓ ଯୋଗ୍ୟତା SMS/Call କରନ୍ତୁ
Ph- 7739216167, 9973805993

BUSINESS
ଖାଲିଥିବା ଜମି ଓ ଛାତ ଉପରେ ବଂଶଲ ଗ୍ରୁପର ଡିଜିଟାଲ ଉପକରଣ ବସାଇ ଅଗ୍ରୀମ 70,000,00/- ପାଆନ୍ତୁ ଓ ମାସକୁ ଭଡା 45,000/- ଟଙ୍କା ପାଆନ୍ତୁ । ଜଣକୁ ଚାକିରି ମିଳିବ । ଆଜି ହିଁ ସଂମ୍ପର୍କ କରନ୍ତୁ
Plot No - 114/617, Devaraja Mohalla, Bangalore, Karnataka 570001
Call / SMS Now
9996602452

GOLD CASH
SELL GOLD / SETTLE YOUR GOLD LOAN AT 100% MARKET VALUE
ନିଜ ବନ୍ଧକ ସୁନାକୁ ମୁକୁଳେଇବା ପାଇଁ ଆମକୁ ଯୋଗାଯୋଗ କରନ୍ତୁ ଏବଂ GOLD CASH ଆପଣଙ୍କ ବନ୍ଧକ ସୁନାକୁ ଉଚିତ୍ ମୂଲ୍ୟରେ ନେବ।
ବିକ୍ରି କରନ୍ତୁ ଆପଣଙ୍କ ସୁନା ଗହଣା ଆମ ପାଖରେ ଏବଂ ପାଆନ୍ତୁ ୧୦୦% ମାର୍କେଟ ମୂଲ୍ୟରେ।
Toll Free -1800-120-3430
90 90 90 2555, 90 90 90 3555
www.GoldCash.co
Visit the Nearest Gold Cash Branch in your City

WISE INVESTMENT
Value Your Money Safely
A Bhubaneswar Based company is looking forward for good investors (MORE THAN ONE CRORE) to invest on land properties within the territory of Odisha.
SSP PVT. LTD.
A/88, Sahid Nagar, Bhubaneswar
6372858860
Email : landbank.19@gmail.com

ବ୍ୟବସାୟ (ସରକାରୀ ଅନୁମୋଦିତ)
ଗୋଲ୍ଡ ମେଡାଲିଷ୍ଟ କମ୍ପାନୀ ଦ୍ୱାରା
ନିଜର ଖାଲି ଜମି ଛାତ, ପ୍ଲଟ୍, କ୍ଷେତରେ ୪ଜି ଡିଜିଟାଲ ଟାୱାର ଲଗାନ୍ତୁ
- ପାଆନ୍ତୁ -
୯୦ ଲକ୍ଷ ଅଗ୍ରିମ + ୯୦ ହଜାର ଭଡ଼ା
୨ ଜଣଙ୍କ ପାଇଁ ୨୫୦୦୦/-ର ସୁବିଧା
ବାଇକ୍ + ବୀମା + ମୋବାଇଲ (ଇଣ୍ଟରନେଟ୍ ଫ୍ରି) + ହାଇସ୍ପିଡ୍ ନେଟ୍
ଇଣ୍ଡସ୍ ଟାୱାର
ହେଲ୍‌ପଲାଇନ୍ ନମ୍ବର
18001205460
H. No. # 412, Subhash Nagar, Jind, Haryana

FINANCE FINANCE

FINANCE
MAHENDRA FINANCE COMPANY
ଘରେବସି ପାଆନ୍ତୁ ସମସ୍ତ Bank ଦ୍ୱାରା ମାର୍କସିଟ, ବ୍ୟକ୍ତିଗତ, ବ୍ୟବସାୟ, କୃଷି-ସମ୍ପତି, ପଶୁପାଳନ, ମୁଦ୍ରା, ହୋମଲୋନ ଆଦି ପାଆନ୍ତୁ ମାତ୍ର 18 ଘଣ୍ଟାରେ ବିନା କୌଣସୀ ଗ୍ୟାରେଣ୍ଟର ରେ।
ବାର୍ଷିକ 2% ସୁଧ 50% ଛାଡ
Email. Id - document.mfc@gmail.com
Madhya Marg, SEC 9, Main Road, Panchkhula, Chandigarh
07404715486
09485827609

ଲୋନ! ଲୋନ! ଲୋନ
BFC FINANCE
୧ ରୁ ୫୦ ଲକ୍ଷ୍ୟ ଲୋନ
ଗୃହଋଣ, ମାର୍କସିଟ ପର୍ସନାଲ୍, ବିଜନେସ୍, କୃଷି, ବ୍ୟବସାୟ, ସମ୍ପତି, କୁକୁଡାପାଳନ, ଇଟାଭାଟି, ଆଧାର କାର୍ଡ, ରାସନ କାର୍ଡ, ଆଦି ସମସ୍ତ ଋଣ
ବେରୋଜଗାର ଓ ମହିଳାଙ୍କୁ ବିଶେଷ ଛାଡ
୧% ସୁଧ ୫୦% ରିହାତି
85058-11813
85058-50178
bharatloanonline@gmail.com
A-25 8th Floor Ambadeep Building Connaught Place, New Delhi - 110001

FINANCE
ସ୍ୱୀକୃତୀପ୍ରାପ୍ତ ରାମ ଫାଇନାସ ଦ୍ୱାରା ମାର୍କସିଟ, କୃଷି, ଶିକ୍ଷା, ଆଧାରକାର୍ଡ, ସମ୍ପତି, BPL, ଗୃହ ଓ ବ୍ୟକ୍ତିଗତ ଋଣ ଘରେ ବସି ପାଆନ୍ତୁ।
ବାର୍ଷିକ 1% ସୁଧ ଏବଂ 50% ଛାଡ
2th floor, Krishna Reddy Layout, Amarjyoti Layout, Domlur, Bengaluru, Karnataka 560071
7088207357
9758645827

ଖର୍ଚ୍ଚ ଋଣ ମଞ୍ଜୁର ହେବା ପରେ
CAPITAL FINANCE LTD.
(Registration No. - U6519TN198PLC008555)
ମାର୍କଶିଟ୍, ପର୍ସନାଲ, ପ୍ରପର୍ଟି ଏବଂ ସମସ୍ତ ଋଣ ୩ରୁ ୪ ଦିନରେ ଘରେ ବସି ପାଆନ୍ତୁ ୨% ସୁଧ, ୪୦% ରିହାତି (ଠକାମିର ଶିକାର ବ୍ୟକ୍ତି ଥରେ ନିଶ୍ଚୟ କଲ୍ କରନ୍ତୁ)।
- Helpline Number -
8859690149
PETUMALI, JHARMUNDA, PETUPALI, BARGARH, ODISHA- 768034

BASUDHA FINANCE
BASUDHA FINANCE ଦ୍ୱାରା ମାର୍କସିଟ୍, ପର୍ସନାଲ ବିଜ୍‌ନେସ୍, ଗୃହ, କୃଷି, ବ୍ୟବସାୟ, ସମ୍ପତ୍ତି ଓ କୁକୁଡ଼ା ପାଳନ ସମସ୍ତ ପ୍ରକାର LOAN 1% ସୁଧରେ ମିଳେ।
Mo- 8114631815, 7749967517
Jain Market South Part-4, Vigyan Nagar, Delhi-110051, Mundagohira, Gohira Dyam site, Raimal, Debagarh-768121

ଭାରତର ନଂ.1 କମ୍ପାନୀ
1988 ଠାରୁ ଆପଣଙ୍କ ସେବାରେ
MAHALAXMI FINANCE PVT. LTD.
ସବୁ ବ୍ୟାଙ୍କ ଦ୍ୱାରା ଆଧାରକାର୍ଡ, ଏଗ୍ରିକଲ୍ଚର, ମାର୍କଶିଟ୍, ପର୍ସନାଲ, ପ୍ରପର୍ଟି, BPL, ଋଣ ମାତ୍ର 24 ଘଣ୍ଟାରେ
2% ସୁଧ 40% ଛାଡ଼
ଠକାମିର ଶିକାର ବ୍ୟକ୍ତି ଥରେ ନିଶ୍ଚୟ କଲ୍ କରନ୍ତୁ
ମହିଳା ଓ ବିଦ୍ୟାର୍ଥୀଙ୍କ ପାଇଁ ରିହାତି
କାମ ଆମର, ବିଶ୍ୱାସ ଆପଣଙ୍କର
7894704743
B-36/7, A-Block Vijay Enclave Burari, New Delhi-74

LOAN
ଟଙ୍କା ନେଉନ୍ତୁ - ଧୋକା ଦେଉନ୍ତୁ
ଆଗେ କାମ - ପରେ ଦାମ୍
ଗଣପତି ଫାଇନାନ୍ସ
ମାର୍କଶିଟ୍, ପ୍ରପର୍ଟି ବ୍ୟବସାୟ, ରାଶନକାର୍ଡ ପର୍ସନାଲ,ଆଧାର କାର୍ଡ
ସବୁ ପ୍ରକାର ଋଣ 24 ଘଣ୍ଟାରେ ଘରେ ବସି ପାଆନ୍ତୁ
2% - ସୁଧ - 40% ରିହାତି
ଠକମାନଙ୍କ ପ୍ରତି ସାବଧାନ
8395864708, 8929606415
SCO- 106, Second Floor, Vishal Tower, Cannaught Place, Delhi.

ଟଙ୍କା ନେଉନ୍ତୁ - ଧୋକା ଦେଉନ୍ତୁ
KUMAR FINANCE Regd. Co.
ମାର୍କଶିଟ୍ - ପ୍ରପର୍ଟି
ପର୍ସନାଲ - ବିଜ୍‌ନେସ୍
ଆଧାରକାର୍ଡ - ମୁଦ୍ରା ଋଣ
12 ଘଣ୍ଟାରେ ଘରେ ବସି ପାଆନ୍ତୁ
2% ସୁଧ - 40% ରିହାତି
ସରକାରୀ କର୍ମଚାରୀଙ୍କ ପାଇଁ ବିଶେଷ ରିହାତି
ଠକମାନଙ୍କ ପ୍ରତି ସାବଧାନ
7084824686
7347856284
H. No. 2, Ram Nagar, Narnol, Haryana

ହିନ୍ଦୁସ୍ତାନ ଫାଇନାନ୍ସ (ପଞ୍ଜୀକୃତ କମ୍ପାନୀ)
ଥରେ ସେବାର ସୁଯୋଗ ଦିଅନ୍ତୁ
85 ଲକ୍ଷ ସନ୍ତୁଷ୍ଟ ଗ୍ରାହକ
ମାର୍କଶିଟ୍ - ବ୍ୟବସାୟ - ପର୍ସନାଲ
ଆଧାରକାର୍ଡ - ପ୍ରପର୍ଟି - ଏଗ୍ରିକଲ୍ଚର
ସମସ୍ତ ଋଣ ମାତ୍ର 12-24 ଘଣ୍ଟାରେ
ବିଶ୍ୱାସ ଆପଣଙ୍କର - କାମ ଆମର
କମ୍ ସମୟ ଓ ସହଜ କିସ୍ତି
2% ସୁଧ - 40% ରିହାତି
ମହିଳା/ଚାଷୀଙ୍କୁ ବିଶେଷ ରିହାତି
9548438832, 7055960410
908, Ward Backside Anand market, Dhiman Line, Yamuna Nagar, Haryana

GTL Telecom Network Company
ଖାଲି ଜମି, କୃଷି ଜମି, ଛାତ ଭଳି ସବୁ ସ୍ଥାନରେ ଡିଜିଟାଲ ନେଟ୍‌ୱର୍କ ସ୍ଥାପନ କରନ୍ତୁ । ଅଗ୍ରିମ - 90 ଲକ୍ଷ, ଭଡ଼ା - 50 ହଜାର/- ମାତ୍ର 72 ଘଣ୍ଟାରେ ଜମି ଯାଞ୍ଚ ଓ ଡିଜିଟାଲ୍ ନେଟ୍‌ୱର୍କ ସ୍ଥାପନ + ମାଗଣା ମୋବାଇଲ + ବାଇକ୍। 30,000ର ଅନ୍ୟାନ୍ୟ ସୁବିଧା । ମହିଳାଙ୍କ ପାଇଁ ବିଶେଷ ରିହାତି ।
Address:- Head Office G-79 Aadrsh Nagar Karol Bagh
8676907143, 9348274623

See Color Display Classified on every Tuesday & Friday

COLOR DISPLAY CLASSIFIED — on every Tuesday & Friday

| SIZE | 15 days | 8 days | 4 days | Single day | GST 5% will be added extra |
|---|---|---|---|---|---|
| 6 X 8 | 40,000 | 20,000 | 11,000 | 2,800 | |


### ପାଠକଙ୍କ ପାଇଁ ସୂଚନା:

ଏହି ପୃଷ୍ଠାରେ ପ୍ରକାଶିତ କେତେକ ବିଜ୍ଞାପନକୁ ଭିତ୍ତିକରି କିଛି ପାଠକ ଠକାମିର ଶିକାର ହେଉଥିବା ଆମର ଦୃଷ୍ଟିଗୋଚର ହେଉଛି। ବିଜ୍ଞାପନ ଦେଇଥିବା ସଂସ୍ଥାମାନଙ୍କ ସହ କାରବାର କରିବା ପୂର୍ବରୁ ସବିଶେଷ ତଥ୍ୟ ଓ ନିଜର ବିବେକ ଖଟାଇ କାରବାର କରନ୍ତୁ। ଏଥିପାଇଁ ଧରିତ୍ରୀ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ।



ଆଜିର କାମ ଆସନ୍ତା କାଲିକୁ ବାକି ରଖି ନ ଥିବା ଲୋକ ଜୀବନରେ ସବୁବେଳେ ଆଗରେ ଥାଏ ଏବଂ ଏକ ଉଜ୍ଜ୍ୱଳମୟ ଭବିଷ୍ୟତ ସେହି କର୍ମବୀର ପାଇଁ ଅପେକ୍ଷା କରିଥାଏ।
- ଟମାସ କାର୍ଲାଇଲ୍

**ସଂକ୍ଷେପରେ**

## ରାଜବନ୍ଦୀ ସଂଘର ବୈଠକ

**ସମ୍ବଲପୁର,୩୦।୫ (ବ୍ୟୁରୋ)-** ୧୯୭୫ ମସିହା ଜରୁରି ପରିସ୍ଥିତି ରାଜବନ୍ଦୀ ସଂଘର ବୈଠକ ସମ୍ବଲପୁର ପଟ୍ଟନାୟକପଡ଼ାରେ ଅନୁଷ୍ଠିତ ହୋଇଯାଇଛି । ସଂଘ ରାଜ୍ୟ ଉପସଭାପତି ସୁଶିଲ ପଣ୍ଡାଙ୍କ ଅଧକ୍ଷତାରେ ସଭା ହୋଇଥିଲା । ଆସନ୍ତା ଜୁନ ୨୬ ତାରିଖକୁ କଳା ଦିବସ ଭାବେ ପାଳନ କରାଯିବ । ତେଣୁ ଭୁବନେଶ୍ୱରରେ ରାଜବନ୍ଦୀ ସମ୍ମିଳନୀ ହେବ । ଏଥିରେ ସମ୍ବଲପୁର ଜିଲାର ପ୍ରତିନିଧିମାନେ ସାମିଲ ହେବାକୁ ସ୍ଥିର କରାଯାଇଛି । ଜ୍ଞାନ ପଟ୍ଟନାୟକ, ପରିମଳରଞ୍ଜନ ପାଲ, ରାଧାକାନ୍ତ ବହିଦାର, ଗୋବିନ୍ଦ ଚନ୍ଦ୍ର ଦର୍ଜି, ପୂର୍ଣ୍ଣାନନ୍ଦ ମିଶ୍ର, ଗୁନାରୁ କରନ, ସିଦ୍ଧେଶ୍ୱର ବେହେରା, ଜଗନ୍ନାଥ ପ୍ରଧାନ, ରାମରୂପ ରାୟ ପ୍ରମୁଖ ଆଲୋଚନାରେ ଭାଗ ନେଇଥିଲେ ।

## ଇଞ୍ଜିନିୟର ଶ୍ରୀନାଥଙ୍କ ପରଲୋକ

**ସମ୍ବଲପୁର,୩୦।୫(ବ୍ୟୁରୋ)-** ସମ୍ବଲପୁରର ଇଞ୍ଜିନିୟର ଶ୍ରୀନାଥ ମିଶ୍ର(୯୧)ଙ୍କ ବୁଧବାର ପରଲୋକ ହୋଇଯାଇଛି। ଶ୍ରୀନାଥ ବନାରସ ବିଶ୍ୱବିଦ୍ୟାଳୟରୁ ଇଞ୍ଜିନିୟରିଂ ଶିକ୍ଷା ଗ୍ରହଣ କରିଥିଲେ। ପରେ ସେ ହୀରାକୁଦ ବନ୍ଧ ନିର୍ମାଣ ସମୟରେ ଜୁନିୟର ଇଞ୍ଜିନିୟର ଭାବେ ଯୋଗ ଦେଇଥିଲେ। ସେ ବୁର୍ଲା ଏନ୍‌ଏସିର ଚେୟାରମ୍ୟାନ ମଧ ହୋଇଥିଲେ। ସମ୍ବଲପୁର ରାଜଘାଟରେ ତାଙ୍କର ଶେଷକୃତ୍ୟ ସମ୍ପନ୍ନ ହୋଇଯାଇଛି। ସହରର ବହୁ ମାନ୍ୟଗଣ୍ୟ ବ୍ୟକ୍ତିଙ୍କ ଉପସ୍ଥିତିରେ ହିଣ୍ଡାଲକୋ ଏବଂ ଓଇଆର୍‌ସିର ପରାମର୍ଶଦାତା କାର୍ଯ୍ୟକରୁଥିବା ଜ୍ୟେଷ୍ଠପୁତ୍ର ରବୀନ୍ଦ୍ର ମିଶ୍ର ମୁଖାଗ୍ନି ଦେଇଥିଲେ ।

## ଓଲଟିଲା ଟ୍ରକ୍, ବିଦ୍ୟୁତ୍ ସେବା ବ୍ୟାହତ

**ଜମନକିରା,୩୦।୫ (ଡି.ଏନ୍.ଏ.)-** ସମ୍ବଲପୁର ଜିଲା ଜମନକିରା ଥାନା ୫୩ ନମ୍ବର ରାଜ୍ୟ ରାଜପଥରେ ଏକ ଟ୍ରକ୍ ନିୟନ୍ତ୍ରଣ ହରାଇ ଓଲଟି ପଡିଥିଲା। ଫଳରେ ରାସ୍ତାକଡ଼ରେ ଥିବା ଏକ ବିଦ୍ୟୁତ୍ ଖୁଣ୍ଟଟି ବଙ୍କା ହୋଇଯାଇଥିଲା। ଏନେଇ ସମ୍ପୃକ୍ତ ଅଞ୍ଚଳରେ ବିଦ୍ୟୁତ୍ ସରାବରାହ ବ୍ୟାହତ ହୋଇଥିଲା। ଖବର ପାଇ ପୋଲିସ ଘଟଣାସ୍ଥଳରେ ପହଞ୍ଚି ବିଦ୍ୟୁତ୍ ବିଭାଗ କର୍ମଚାରୀଙ୍କ ସହାୟତାରେ ବିଦ୍ୟୁତ୍ ଖୁଣ୍ଟ ମରାମତି କାମ କରିଥିଲା। ଏପରି କି ଟ୍ରକ୍‌ଟି ଓଲଟି ପଡ଼ିବା ପରେ ବିଦ୍ୟୁତ୍ ତାରରୁ ନିଆଁ ଉଠି ପାଖରେ ଥିବା ଗଛରେ ଲାଗିଯାଇଥିଲା। ଅଗ୍ନିଶମ ବିଭାଗ କର୍ମଚାରୀ ପହଞ୍ଚି ନିଆଁକୁ ଆୟତ୍ତ କରିଥିଲେ। ଅନ୍ୟପକ୍ଷେ ଟ୍ରକ ଚାଳକଙ୍କ ସହ ହେଲପର ଅଳ୍ପକେ ବର୍ତ୍ତି ଯାଇଛନ୍ତି। ଖବର ଲେଖାହେବା ପର୍ଯ୍ୟନ୍ତ ଅଞ୍ଚଳରେ ବିଦ୍ୟୁତ୍ ସେବା ବ୍ୟାହତ ହୋଇଥିବା ଜଣାପଡିଛି।

### ସୋମନାଥ ବାବା ଶୀତଳଷଷ୍ଠୀ ଯାତ୍ରା

# ପରମ୍ପରାକୁ ପ୍ରାଧାନ୍ୟ

**ସମ୍ବଲପୁର,୩୦।୫ (ବ୍ୟୁରୋ)**

ସମ୍ବଲପୁର ବାଲିବନ୍ଧା ସୋମନାଥ ବାବା ଓ ମାତା ପାର୍ବତୀଙ୍କ ବିବାହ ଉତ୍ସବ ରୀତିନୀତି ଅନୁସାରେ ହୋଇଥାଏ। ଶୀତଳଷଷ୍ଠୀ ଯାତ୍ରା କମିଟି ମଧ୍ୟ ପରମ୍ପରାକୁ ପ୍ରାଧାନ୍ୟ ଦେଇ ଆସୁଛନ୍ତି। ସମୟର ପରିବର୍ତ୍ତନ ସହ ତାଳ ଦେଇ ଯାତ୍ରାରେ ଘଣ୍ଟ, ଶଙ୍ଖ ସହ ଲୋକବାଦ୍ୟ ଓ ଲୋକନୃତ୍ୟକୁ ସାମିଲ କରାଯାଇଛି । ୧୯୭୯ରୁ ସମ୍ବଲପୁରର ସର୍ବପୁରାତନ ସୋମେଶ୍ୱର ମନ୍ଦିର(ସୋମନାଥ ମନ୍ଦିର)ରେ ଶୀତଳଷଷ୍ଠୀ ତଥା ଶିବ ପାର୍ବତୀଙ୍କ ବିବାହ ଉତ୍ସବ ଆରମ୍ଭ ହୋଇଥିଲା । ସେହିଦିନଠାରୁ ନିରବଚ୍ଛିନ୍ନ ଭାବେ ଯାତ୍ରା ହୋଇଆସୁଛି । ସମ୍ପ୍ରତି ସହରର ବିଭିନ୍ନ ଅଞ୍ଚଳରେ ଶୀତଳଷଷ୍ଠୀ ଯାତ୍ରା ଜାକଜମକ୍‌ରେ ହେଉଛି।



ସମ୍ବଲପୁରର ସର୍ବପୁରାତନ ଶୈବପୀଠ ସୋମନାଥ ମନ୍ଦିର ।



ସମ୍ବଲପୁର ସୋମନାଥ ମନ୍ଦିରରେ ମହାଦେବ ଓ ପାର୍ବତୀ ।

### ଶୀତଳଷଷ୍ଠୀ ଯାତ୍ରା କମିଟି କର୍ମକର୍ତ୍ତା

ଟ୍ରଷ୍ଟ ବୋର୍ଡ ସଭାପତି ନିହାରରଞ୍ଜନ ବହିଦାରଙ୍କ ସମେତ ସଭାପତି ପ୍ରଶାନ୍ତ କୁମାର ପ୍ରଧାନ, ଉପସଭାପତି ସୁବ୍ରତ ତରିଆ, ସମ୍ପାଦକ ମନୋରଞ୍ଜନ ପ୍ରଧାନ, ସହ ସମ୍ପାଦକ ଆନନ୍ଦ ହାଲୱାର ଓ ଶମ୍ଭୁଶଙ୍କର ସ୍ୱାଇଁ, କୋଷାଧକ୍ଷ ଦେବେଶ କୁମାର ମିଶ୍ର, ସହ କୋଷାଧକ୍ଷ ଶେଷଦେବ ପାଣ୍ଡେଙ୍କ ସମେତ ଉପଦେଷ୍ଟା ସଭ୍ୟ ଗୋବିନ୍ଦ ଅଗ୍ରୱାଲ, ଉମେଶ ଅଗ୍ରୱାଲ, ଲକ୍ଷ୍ମଣ ପଟେଲ, ଗୋପାଳ ଗୁପ୍ତା, ଅରକ୍ଷିତ ନାୟକ, ପ୍ରଦୀପ କୁମାର ସାହୁ, ବିବେକ କୁମାର ସ୍ୱାଇଁ, ସୋମନାଥ ପଟ୍ଟନାୟକ, ଅନୀଲ ମିଶ୍ର, ଶିବନାରାୟଣ ବର୍ଗର୍ତ୍ତି, କାର୍ତ୍ତିକେଶ୍ୱର ପ୍ରଧାନ, ଶିବନାରାୟଣ ପାଣିଗ୍ରାହୀ, ବୃହସ୍ପତି ସ୍ୱାଇଁ, ଉମେଶ ଚନ୍ଦ୍ର ଦୋରା, ଡ. ବିଜୟ କୁମାର ପ୍ରଧାନ, ଲୋକନାଥ ପାଣ୍ଡେ ଯାତ୍ରା ପ୍ରସ୍ତୁତି କାର୍ଯ୍ୟରେ ଲାଗିଛନ୍ତି।

### ୪ଲକ୍ଷ ବ୍ୟୟ ଅଟକଳ

ସୋମନାଥ ବାବାଙ୍କ ଶୀତଳଷଷ୍ଠୀ ଯାତ୍ରାରେ ୪ଲକ୍ଷ ଟଙ୍କା ଖର୍ଚ୍ଚ ହେବ । ମନ୍ଦିର ଅଞ୍ଚଳରେ ବାସ କରୁଥିବା ଭକ୍ତଙ୍କ ସମେତ ରାଜ୍ୟ ସରକାର ଦେଢ଼ ଲକ୍ଷ ଟଙ୍କା ଆର୍ଥିକ ସହାୟତା ଦେଇଥାନ୍ତି । ସାଜସଜ୍ଜା ଅପେକ୍ଷା ପରମ୍ପରାକୁ ଯାତ୍ରା କମିଟି ଗୁରୁତ୍ୱ ଦେଇ ଆସୁଛି। ତେଣୁ ପତରପେଡ଼ି, ବରାତି, ବିବାହ ଉତ୍ସବ, କନ୍ୟା ବିଦାୟ, ମନ୍ଦିର ପ୍ରବେଶ ଧାର୍ଯ୍ୟଲଗ୍ନ ଅନୁସାରେ କରାଯାଉଛି । ଚଳିତ ବର୍ଷ ବରପିତା ଗୋପିନାଥ ନାୟକ, କନ୍ୟାମାତା ହେମାଙ୍ଗିନୀ ଆଚାର୍ଯ୍ୟ ଓ କନ୍ୟାପିତା ରମଣୀରଞ୍ଜନ ଆଚାର୍ଯ୍ୟ ବିବାହ ପ୍ରସ୍ତୁତିରେ ଲାଗିଛନ୍ତି ବୋଲି କହନ୍ତି ଟ୍ରଷ୍ଟ ସଭାପତି ନିହାରରଞ୍ଜନ ବହିଦାର।

### ବରାତିରେ ସାମିଲ ହେବ ଲୋକବାଦ୍ୟ



ଟ୍ରଷ୍ଟ ସଭାପତି ନିହାରରଞ୍ଜନ ବହିଦାର ।



ଟ୍ରଷ୍ଟ ସଭ୍ୟ ଶିବନାରାୟଣ ପାଣିଗ୍ରାହୀ ।

ପରମ୍ପରା ଅନୁସାରେ ସୋମନାଥ ବାବାଙ୍କ ବରାତିରେ ଘଣ୍ଟ ଓ ଶଙ୍ଖ ନିଶ୍ଚିତ ଭାବେ ରହିବ । ଏଥିସହ ଦୁଲଦୁଲି ବଜା, ସଂପ୍ରଦା, ଝାଞ୍ଜ, ଗୌଡ଼ ବାଡିଖେଳ, ଡକାବାଜା, ମିକଶ୍ଚର ବ୍ୟାଣ୍ଡପାର୍ଟି, ମୟୂର ନୃତ୍ୟ ସାମିଲ ହେବ । ଏନେଇ କଳାକାରମାନଙ୍କୁ ଅଗ୍ରିମ ଦିଆସରିଛି । ସେହିପରି ବରାତିକୁ ଅଧିକ ଆକର୍ଷଣୀୟ କରିବା ଲାଗି ବିଭିନ୍ନ ରଙ୍ଗ ବେରଙ୍ଗର ଆଲୋକ ସଜ୍ଜା ହେବ ବୋଲି କହନ୍ତି ଟ୍ରଷ୍ଟ ସଭ୍ୟ ଶିବନାରାୟଣ ପାଣିଗ୍ରାହୀ ।

## ଟ୍ରାନ୍ସଫର୍ମର ମରାମତି ଦାବି

**ବଲାଙ୍ଗୀର ଅଫିସ, ୩୦।୫**

ବଲାଙ୍ଗୀର ସହର ତାଳପାଲିପଡା ବିଜୟଲକ୍ଷ୍ମୀ ମହାରଣାଙ୍କ ଘର ସମ୍ମୁଖ ବିଦ୍ୟୁତ୍ ଖୁଣ୍ଟରେ ଲାଗିଥିବା ଟ୍ରାନ୍ସଫର୍ମର ଦୁଇବର୍ଷ ହେଲା ପୋଡିଯାଇଛି। ଉପଭୋକ୍ତାମାନେ ବିଭାଗୀୟ ଅଧିକାରୀଙ୍କଠାରେ ଅଭିଯୋଗ କଲେ ମଧ କେହି ଶୁଣୁନାହାନ୍ତି । ଅତିଷ୍ଠ ଉପଭୋକ୍ତା ଗୁରୁବାର ଜିଲାପାଳଙ୍କୁ ଭେଟି ସମସ୍ୟା ସମାଧାନ ପାଇଁ ପଦକ୍ଷେପ ଗ୍ରହଣ କରିବାକୁ ଦାବି ଜଣାଇଛନ୍ତି।

ତାଳପାଲିପଡାର ସସ୍ମିତା ରାଉତ୍, ବିଜୟଲକ୍ଷ୍ମୀ ମହାରଣା, ସୁରେଖା ପୁଟେଲ, ସୁମତି ଚନ୍ଦନ ପ୍ରମୁଖ ଜିଲାପାଳ କାର୍ଯ୍ୟାଳୟ ଆସି ବିଦ୍ୟୁତ୍ ସମସ୍ୟାର ସମାଧାନ ପାଇଁ ଜଣାଇଥିଲେ । ନୂଆ ଟ୍ରାନ୍ସଫର୍ମର ନିଆ ନ ଯାଇ ବିଭାଗୀୟ କର୍ମଚାରୀ ସିଧାସଳଖ ବିଦ୍ୟୁତ୍ ଖୁଣ୍ଟରୁ ଘରମାନଙ୍କୁ ହୁକ୍ କରି ବିଜୁଳି ଦେଇଥିବା ଅଭିଯୋଗ କରିଛନ୍ତି । ଏଠାରେ ଲୋଭୋଲଟେଜ ରହିବା ସହ ଅନେକ ସମୟରେ ସ୍ପାର୍କିଂ ହେଉଥିବା ଅଭିଯୋଗ କରିଛନ୍ତି। ବିଭାଗୀୟ ଅବହେଳା କାରଣରୁ ଏଠାରେ ବଡଧରଣର ଦୁର୍ଘଟଣା ଘଟିବା ଆଶଙ୍କାକୁ ଏଡାଇ ହେଉନାହିଁ ବୋଲି ଉପଭୋକ୍ତାମାନେ ଅଭିଯୋଗ କରିଥିଲେ। ଜିଲାପାଳ ପଦକ୍ଷେପ ଗ୍ରହଣ କରିବେ ବୋଲି ପ୍ରତିଶ୍ରୁତି ଦେଇଥିବା ଜଣାପଡିଛି।

### ଭାଜପା ସରକାରଙ୍କ ଦ୍ୱିତୀୟ ପାଳି

## ଗୁଡ଼େଶ୍ୱର ବାବାଙ୍କୁ ପୂଜାର୍ଚ୍ଚନା

**ସମ୍ବଲପୁର,୩୦।୫ (ବ୍ୟୁରୋ)**

ଭାଜପା ସରକାରଙ୍କ ଦ୍ୱିତୀୟ ପାଳି ଗୁରୁବାର ଆରମ୍ଭ ହୋଇଯାଇଛି। ନରେନ୍ଦ୍ର ଦାମୋଦର ଦାସ ମୋଦି ପ୍ରଧାନମନ୍ତ୍ରୀ ଭାବେ ଶପଥ ଗ୍ରହଣ କରିଛନ୍ତି। ଏହି ପରିପେକ୍ଷୀରେ ପ୍ରଧାନମନ୍ତ୍ରୀଙ୍କ ଶୁଭକାମନା କରି ଗୁଡେଶ୍ୱର ବାବାଙ୍କ ମନ୍ଦିରରେ ସମ୍ବଲପୁର ଭାଜପା ପକ୍ଷରୁ ରୁଦ୍ର ଅଭିଷେକ କରାଯାଇଥିଲା। କାର୍ଯ୍ୟକ୍ରମରେ ଗୋବିନ୍ଦ ଅଗ୍ରୱାଲ, ସବିତା ନନ୍ଦ, ସୂର୍ଯ୍ୟ ପାଣିଗ୍ରାହୀ, ଶ୍ରୀକାନ୍ତ ପାଣିଗ୍ରାହୀ, ଡାକ୍ତର ରାଜ କୁମାର ବଡପଣ୍ଡା, ରଞ୍ଜିତ ରଥ, କିଶୋର ନାଏକ, ରିକି ବେହେରା, ସଞ୍ଜୟ ଷଡଙ୍ଗୀ, ସରୋଜ ସାହୁ, ଅନସୂୟା ସାମଲ, ସୁଧୀର ବହିଦାର, ଶମ୍ଭୁ ବରେଲିଆ, ଲକ୍ଷ୍ମୀନାରାୟଣ ପଟେଲ, ସୁବାସ ପଟେଲ, ଅରୁଣ ରାଉତ, ପଙ୍କଜ ବେହେରା, ସୁଶାନ୍ତ ପ୍ରଧାନ, ପ୍ରଭାସ ଦେବତା, ମୁନମୁନ ସିଂ ପ୍ରମୁଖ ଉପସ୍ଥିତ ରହିଥିଲେ।



ସମ୍ବଲପୁର ଭାଜପା କର୍ମକର୍ତ୍ତା ଗୁଡେଶ୍ୱର ବାବାଙ୍କୁ ପୂଜାର୍ଚ୍ଚନା କରୁଛନ୍ତି।

## ବଡ଼ମାଲ-ରାଇଲ ରାସ୍ତା ଶୋଚନୀୟ

**ନାକଟିଦେଉଳ,୩୦।୫ (ଡି.ଏନ୍.ଏ.)**

ନାକଟିଦେଉଳ ବ୍ଲକ ଅଧୀନ ଘୋଷରାମାଳ ବଡ଼ମାଳ ଚର୍ଚ୍ଚଠାରୁ ରାଇଲ ଭାୟା କ୍ଷେତ୍ରପୁର ରାସ୍ତାକୁ ପ୍ରଧାନମନ୍ତ୍ରୀ ଗ୍ରାମ୍ୟ ସଡ଼କ ଯୋଜନାରେ ସାମିଲ କରିବାକୁ ଅଞ୍ଚଳବାସୀ ଦାବି କରିଛନ୍ତି। ଏ ନେଇ ୬ଟି ଗ୍ରାମର ଜନସାଧାରଣ ରାଜ୍ୟ ମୁଖ୍ୟମନ୍ତ୍ରୀ, ସମ୍ବଲପୁର ଜିଲାପାଳ, ପିଡ଼ି ଡିଆର୍‌ଡ଼ିଏ, ରେଢାଖୋଲ ଉପଜିଲାପାଳ ଏବଂ ନାକଟିଦେଉଳ ବିଡିଓଙ୍କୁ ଲିଖିତ ଭାବେ ଜଣାଇଛନ୍ତି। ୧୭ ତାରିଖରେ କ୍ଷେତ୍ରପୁର ଗ୍ରାମରେ ଘୋଷରାମାଳ ସରପଞ୍ଚ ଅମ୍ରିତ ପାନ୍ନାଙ୍କ ନେତୃତ୍ୱରେ ଏକ ବୈଠକ ହୋଇଥିଲା। ବୈଠକରେ ରାଇଲ, ହରିପୁର, କ୍ଷେତ୍ରପୁର, ଧାତୁକିମାଳ, ଲାଣ୍ଡିମାଳ ଏବଂ ଘୋଷରାମାଳ ଗ୍ରାମର ଜନସାଧାରଣ ଉପସ୍ଥିତ ଥିଲେ । ବଡ଼ମାଳ ଚର୍ଚ୍ଚଠାରୁ ଭାୟା କ୍ଷେତ୍ରପୁର ଦେଇ ରାଇଲ ପର୍ଯ୍ୟନ୍ତ ପ୍ରାୟ ୧୦ କି.ମି. ରାସ୍ତା ବର୍ତ୍ତମାନ ଶୋଚନୀୟ ହୋଇପଡିଛି। ଏନେଇ ରାସ୍ତାକୁ ତୁରନ୍ତ ପ୍ରଧାନମନ୍ତ୍ରୀ ଗ୍ରାମ୍ୟ ସଡ଼କ ଯୋଜନାରେ ସାମିଲ କରି ସ୍ଥାୟୀ ରାସ୍ତା ନିର୍ମାଣ କରିବାକୁ ସରକାର ଓ ଜିଲା ପ୍ରଶାସନ ପଦକ୍ଷେପ ନେବାକୁ ବୈଠକରେ ଦାବି କରାଯାଇଥିଲା। ଏପରି କି ସର୍ବସମ୍ମତି କ୍ରମେଅଞ୍ଚଳବାସୀ ରାଜ୍ୟ ସରକାର ଏବଂ ଜିଲା ପ୍ରଶାସନକୁ ଏକ ଦାବିପତ୍ର ପ୍ରଦାନ କରିଛନ୍ତି । ଏନେଇ କୌଣସି ପଦକ୍ଷେପ ଗ୍ରହଣ କରା ନ ଗଲେ ଅଞ୍ଚଳବାସୀ ବ୍ଲକ କାର୍ଯ୍ୟାଳୟ ଘେରାଉ କରିବାକୁ ବାଧ ହେବେ ଉକ୍ତ ଦାବିପତ୍ରରେ ଚେତାବନୀ ଦେଇଛନ୍ତି ।

# ତମାଖୁ କ୍ୟାନ୍‌ସର ମୁଖ୍ୟ କାରଣ

**ସମ୍ବଲପୁର,୩୦।୫ (ବ୍ୟୁରୋ)**

ଭାରତରେ କ୍ୟାନସର ରୋଗୀଙ୍କ ସଂଖ୍ୟା ଦିନକୁ ଦିନ ବଢିବାରେ ଲାଗିଛି। ବିଭିନ୍ନ ସଂକ୍ରମଣରେ କ୍ୟାନସର ହୋଇଥାଏ । ହେଲେ ଏହାର ମୁଖ୍ୟ କାରଣ ତମାଖୁ ସେବନ। ବର୍ତ୍ତମାନ କ୍ୟାନସର ରୋଗର ଚିକିତ୍ସା ସମ୍ଭବ ହୋଇ ପାରୁଛି । ରୋଗର ଷ୍ଟେଜ ଅନୁସାରେ ଔଷଧ ଖାଇବା ସହ ନିରାକରଣ ଦିଗରେ ଡାକ୍ତର ଦେଇଥିବା ପରାମର୍ଶକୁ ମାନିଲେ ରୋଗ ନିଶ୍ଚୟ ଭଲ ହୋଇପାରିବ ବୋଲି ରୋଟାରୀ କ୍ଲବ ଅଫ ସମ୍ବଲପୁର ଗ୍ରେଟର ପକ୍ଷରୁ ଆୟୋଜିତ ଏକ ଖବରଦାତା ସମ୍ମିଳନୀରେ ଏଚ୍‌ସିଜି ପଣ୍ଡା କ୍ୟାନସର ହସ୍ପିଟାଲର ଡାକ୍ତରମାନେ କହିଛନ୍ତି। ଖବରଦାତା ସମ୍ମିଳନୀରେ ପଣ୍ଡା କ୍ୟାନସର ମେଡିକାଲର ଡାକ୍ତର ଗିରିଶ ମିଶ୍ର, ରଞ୍ଜିତ କର, ଡାକ୍ତର ମଞ୍ଜୁନାଥ, ଡାକ୍ତର ରାଜକିଶୋର ଜାଜଡିଆ, ରୋଟାରୀ କ୍ଲବ ଅଧକ୍ଷ ମହମ୍ମଦ ପରବେଜ ଅଲ୍ଲିଖାନ, ରୋଟାରୀ କ୍ଲବ ସଭାପତି ପ୍ରଶାନ୍ତ ରଥ ପ୍ରମୁଖ ଉପସ୍ଥିତ ଥିଲେ। ଜ୍ୟୋତି ମିଶ୍ର ସ୍ୱାଗତ ଭାଷଣ ଦେଇଥିଲେ । ରୋଟେରୀ କ୍ଲବ ଅଧକ୍ଷ ଖାନ ସୂଚନା ଦେଇ କହିଥିଲେ ଯେ, ମେ ୩୧ ତାରିଖ ବିଶ୍ୱ ତମାଖୁ ବର୍ଜନ ଦିବସ ଉପଲକ୍ଷେ ରୋଟାରୀ କ୍ଲବ ଓ ପଣ୍ଡା କ୍ୟାନସର ହସ୍ପିଟାଲ ପକ୍ଷରୁ ସଚେତନତା ରାଲି ଅନୁଷ୍ଠିତ ହେବ । ପ୍ରାୟ ୫ ଶହ ସ୍ୱେଚ୍ଛାସେବୀ ଯୋଗ ଦେବାର କାର୍ଯ୍ୟକ୍ରମ ରହିଛି । ସହରର ବିଭିନ୍ନ ସ୍ଥାନରେ ଶୋଭାଯାତ୍ରା ପରିକ୍ରମା କରିବ। ଲୋକଙ୍କୁ ତମାଖୁ ଖାଇବା ବନ୍ଦ କରିବାକୁ ଅନୁରୋଧ କରାଯିବା ସହ ସଚେତନ କରାଯିବ ବୋଲି କହିଥିଲେ ।



ଖବରଦାତା ସମ୍ମିଳନୀରେ ଡାକ୍ତର ଓ ରୋଟାରୀ କ୍ଲବ ସଦସ୍ୟ ।

## ରାଜ୍ୟସ୍ତରୀୟ ଯୋଗ ବିଦ୍ୟାଳୟକୁ ୪ ଛାତ୍ରୀଛାତ୍ର ଉନ୍ନୀତ

**ଚିପିଲିମା,୩୦।୫ (ଡି.ଏନ.ଏ.)**

ଭୁବନେଶ୍ୱର ନୟାପଲ୍ଲୀ ସୟଦ ଅଲ୍ଲି ମମ୍‌ତାଜ୍ ଉଚ୍ଚ ବିଦ୍ୟାଳୟରେ ଗତ ୨୭ତାରିଖରୁ ୨୯ ତାରିଖ ପର୍ଯ୍ୟନ୍ତ ରାଜ୍ୟ ବିଦ୍ୟାଳୟସ୍ତରୀୟ ଯୋଗ ପ୍ରତିଯୋଗିତା ଅନୁଷ୍ଠିତ ହୋଇଥିଲା। ଏଥିରେ ବୁର୍ଲା ସରକାରୀ ଉଚ୍ଚ ବିଦ୍ୟାଳୟର ଛାତ୍ରୀଛାତ୍ରମାନେ ଅଂଶଗ୍ରହଣ କରିଥିଲେ । ସେଥିମଧ୍ୟରୁ ବିଷ୍ଣୁ ରଣା, ପଙ୍କଜ ଧରୁଆ, କପିଲ ଦୀପ, ପ୍ରିୟଙ୍କା ପ୍ରିୟଦର୍ଶିନୀ ସାମଲ ରାଜ୍ୟସ୍ତରକୁ ଉନ୍ନୀତ ହୋଇଛନ୍ତି । ଅନୁଷ୍ଠାନର କ୍ରୀଡ଼ା ଶିକ୍ଷକ ଶାନ୍ତା ରନବିଡାଙ୍କ ତତ୍ତ୍ୱାବଧାନରେ ଛାତ୍ରୀଛାତ୍ର ପ୍ରତିଯୋଗିତାରେ ସାମିଲ ହୋଇଥିଲେ। ଏହି ସଫଳତାକୁ ନେଇ ଅନୁଷ୍ଠାନ ପକ୍ଷରୁ କୃତୀ ଛାତ୍ରୀଛାତ୍ରମାନଙ୍କୁ ସ୍ୱାଗତ କରାଯାଇଛି।



କ୍ରୀଡ଼ା ଶିକ୍ଷକଙ୍କ ସହ କୃତକାର୍ଯ୍ୟ ହୋଇଥିବା ଛାତ୍ରୀଛାତ୍ର।

### ଜିଏମ୍ ଜୁନିୟର କଲେଜ ସ୍ଥାନାନ୍ତରକୁ ବିରୋଧ

# ଉପକୁଳସଚିବଙ୍କୁ ଭେଟିଲେ ବିଭିନ୍ନ ଅନୁଷ୍ଠାନର କର୍ମକର୍ତ୍ତା

**ସମ୍ବଲପୁର,୩୦।୫ (ବ୍ୟୁରୋ)**

ସମ୍ବଲପୁର ଗଙ୍ଗାଧର ମେହେର ବିଶ୍ୱବିଦ୍ୟାଳୟ(ଜିଏମ୍‌ୟୁ) ପରିସରରେ ଥିବା ଗଙ୍ଗାଧର ମେହେର ଜୁନିୟର କଲେଜ ସ୍ଥାନାନ୍ତର ଓ ବିଭାଜନ କରିବା ନିଷ୍ପତ୍ତିକୁ ପୁର୍ନଃ ବିଚାର ଦାବି କରି ବିଭିନ୍ନ ଅନୁଷ୍ଠାନର କର୍ମକର୍ତ୍ତା ଗୁରୁବାର ଡେପୁଟି ରେଜିଷ୍ଟ୍ରାର ଉମାଚରଣ ପତିଙ୍କୁ ଭେଟି ଏକ ଦାବିପତ୍ର ପ୍ରଦାନ କରିଛନ୍ତି । ଅଭିଯୋଗ ମୁତାବକ, ଜିଏମ୍ ଜୁନିୟର କଲେଜର ଯୁକ୍ତ ୨ ଛାତ୍ରୀଛାତ୍ରମାନଙ୍କୁ ବିଜ୍ଞାନ, ବାଣିଜ୍ୟ ଓ କଳା ବିଭାଗର ପାଠ ବୁଢ଼ାରଜା ହାଇସ୍କୁଲ, ଚନ୍ଦ୍ରଶେଖର ବେହେରା ଜିଲା ସ୍କୁଲ, ମ୍ୟୁନିସିପାଲ ଗାର୍ଲ୍ସ ହାଇସ୍କୁଲରେ ପଢ଼ିବା ପାଇଁ ସ୍ଥିର କରାଯାଇଛି । ଏହି ସ୍କୁଲଗୁଡିକରେ କଲେଜ ଛାତ୍ରୀଛାତ୍ରଙ୍କ ପାଇଁ ଆବଶ୍ୟକ ଭିତ୍ତିଭୂମି ଓ ସୁବିଧା ସୁଯୋଗ ନାହିଁ । ଫଳରେ ଛାତ୍ରୀଛାତ୍ରୀମାନେ ଉନ୍ନତମାନର ଶିକ୍ଷା ପାଇପାରିବେ ନାହିଁ । ଅନ୍ୟପକ୍ଷେ ଗଙ୍ଗାଧର ମେହେର କଲେଜର ଯେଉଁ ଗୌରବ ଓ ଖ୍ୟାତି ରହିଛି ତାହା କ୍ଷୁର୍ଣ୍ଣ ହେବ । ଏନେଇ ଆବଶ୍ୟକ ପଦକ୍ଷେପ ଗ୍ରହଣ କରିବାକୁ ଅନୁଷ୍ଠାନର କର୍ମକର୍ତ୍ତା ଦାବି କରିଥିଲେ । ସତ୍ୟନାରାୟଣ ଠାକୁର, ଅଶୋକ ପ୍ରଧାନ, ମୁରାରୀ ପୁରୋହିତ, ସୁବ୍ରତ ପଣ୍ଡା, ଡା. ସଞ୍ଜୀବ ମିଶ୍ର, ସୂର୍ଯ୍ୟ ପାଣିଗ୍ରାହୀ, ସରୋଜ ମହାନ୍ତି, ପ୍ରଫୁଲ୍ଲ କୁମାର ହୋତା, ବୋଧରାମ ଦାଶ, ରଘୁନାଥ ମିଶ୍ର ପ୍ରମୁଖ ଦାବିପତ୍ର ପ୍ରଦାନ ବେଳେ ଉପସ୍ଥିତ ରହିଥିଲେ । ସୂଚନାଯୋଗ୍ୟ, ପ୍ରାୟ ୭୫ ବର୍ଷ ଧରି ସମ୍ବଲପୁର ଗଙ୍ଗାଧର ମେହେର ମହାବିଦ୍ୟାଳୟ ଏକ ପ୍ରତିଷ୍ଠିତ ଅନୁଷ୍ଠାନ ଭାବେ ରହି ଆସିଛି। ବର୍ତ୍ତମାନ ଏହା ବିଶ୍ୱବିଦ୍ୟାଳୟ ଭାବେ ସ୍ୱୀକୃତି ଲାଭ କରିଛି । ବିଶ୍ୱବିଦ୍ୟାଳୟରେ ବିଭିନ୍ନ ବିଭାଗରେ ପାଠପଢ଼ା ହେଉଛି । ଏପରି ନୂତନ ଭାବେ ୬ଟି ବିଭାଗ ଖୋଲା ଯିବା ପାଇଁ ସ୍ଥିର କରାଯାଇଛି । ତେଣୁ କଲେଜ ପରିସରରେ ଭିତ୍ତିଭୂମି ଅଭାବରୁ ଯୁକ୍ତ ୨ ଜୁନିୟର କଲେଜକୁ ସ୍ଥାନାନ୍ତରିତ କରି ଛାତ୍ରୀଛାତ୍ରମାନଙ୍କୁ ପାଠ ପଢ଼ାଇବା ପାଇଁ ବିଭିନ୍ନ ସ୍କୁଲଗୁଡିକରେ ସ୍ଥିର କରାଯାଇଛି। ଏହା ଜଣାପଡିବାପରେ ଛାତ୍ରୀଛାତ୍ରମାନେ ଏକ ଶୋଭାଯାତ୍ରାରେ ବାହାରି ଏହାର ପ୍ରତିବାଦ କରିଥିଲେ। ବର୍ତ୍ତମାନ ବିଭିନ୍ନ ଅନୁଷ୍ଠାନ, ଶିକ୍ଷାବିତ, ଅଭିଭାବକ, ଆନ୍ଦୋଳନରେ ସାମିଲ ହୋଇଛନ୍ତି। ଅନ୍ୟପକ୍ଷେ ସମ୍ବଲପୁର ଝାଡୁଆପଡା ବଡଦୁଆରଠାରେ ବୁଧବାର ସନ୍ଧ୍ୟାରେ ଏକ ବୈଠକ ହୋଇଥିଲା । ଜୁନିୟର କଲେଜ କ୍ରିୟାନୁଷ୍ଠାନ କମିଟିର ଆହ୍ୱାନ କ୍ରମେ ବରିଷ୍ଠ ନାଗରିକ ଓ ବିଭିନ୍ନ ଅନୁଷ୍ଠାନର ସଦସ୍ୟ ବୈଠକରେ ଉପସ୍ଥିତ ରହିଥିଲେ । ଶିବ ପ୍ରସାଦ ମେହେର, ପ୍ରଫୁଲ୍ଲ ହୋତା, ସରୋଜ ଦାଶ, ସୁଧୀର ପୂଜାହାରୀ, ମହେନ୍ଦ୍ର ମିଶ୍ର, ଗୋବିନ୍ଦ ପ୍ରସାଦ ଅଗ୍ରୱାଲ, ଡ. ଜୟଦେବ ମେହେର, ସଞ୍ଜୀବ ମିଶ୍ର, ଅଶୋକ ପ୍ରଧାନ, ଡ. ସଞ୍ଜୀବ ମିଶ୍ର, ଅରବିନ୍ଦ ମହାପାତ୍ର, ସୁବ୍ରତ ପଣ୍ଡା, ମୁରାରୀ ପୁରୋହିତ, ରଘୁନାଥ ମିଶ୍ର, ସରୋଜ ମହାନ୍ତି, ସୂର୍ଯ୍ୟ ପାଣିଗ୍ରାହୀ, ହରିଶଙ୍କର ମେହେର, ବୋଧରାମ ଦାଶ, ରାଧାକାନ୍ତ ବହିଦାର, ଭୋଳନାଥ ପାଣ୍ଡେ, ଆତିଫ ଆଲମଙ୍କୁ ନେଇ ଏକ କମିଟି ଗଠନ କରାଯାଇଥିଲା ।




ଗୁରୁବାର ସମ୍ବଲପୁର ଗଙ୍ଗାଧର ମେହେର ଜୁନିୟର କଲେଜ ସ୍ଥାନାନ୍ତରଣ ବନ୍ଦ ଦାବୀ ନେଇ ବିଭିନ୍ନ ଅନୁଷ୍ଠାନର ପ୍ରତିନିଧିମାନେ କର୍ତ୍ତୃପକ୍ଷଙ୍କ ସହ ଆଲୋଚନା କରିବାକୁ ଯାଉଛନ୍ତି ।

# ଓଡ଼ିଶା ସରକାର

# ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା ବିଭାଗ

## ଅଧିସୂଚନା

**No. RDM-LAA-MBJ-0025-2018/ 39606 R&DM, Dated 25.10.2018**

**No. XXI-01**:- [illegible]

[illegible] (RFCTLA R&R Act, 2013) [illegible]

[illegible]

[illegible]

**ପ୍ରକଳ୍ପ ସମ୍ବନ୍ଧୀୟ ବିବରଣୀ:**

1. [illegible]
2. [illegible]
3. [illegible]
4. [illegible]
5. [illegible]
6. [illegible]

| [illegible] | [illegible] | [illegible] | [illegible] | [illegible] | [illegible] | [illegible] | [illegible] | [illegible] |
|---|---|---|---|---|---|---|---|---|
| [illegible] | [illegible] | [illegible] | [illegible] | [illegible] | [illegible] | [illegible] | [illegible] | [illegible] |

- [illegible]

[illegible]

[illegible]

ରାଜ୍ୟପାଳଙ୍କ ଆଦେଶକ୍ରମେ

ସ୍ୱା./– ([illegible]) [illegible]

## ଭୂମି ଅନୁସୂଚୀ

ଭୂଅର୍ଜନ ମାମଲା ସଂଖ୍ୟା – ୫୩/୨୦୧୭

[illegible]

[illegible] ନିମନ୍ତେ

ମୌଜା – [illegible], ଥାନା – [illegible], ନଂ.–[illegible], ତହସିଲ– [illegible], ଜିଲ୍ଲା– ମୟୂରଭଞ୍ଜ

| ଖାତା ନଂ. ଓ ସ୍ୱତ୍ୱ | ପ୍ଲଟ ନଂ. | ମୋଟ ରକବା | ଅଧିଗ୍ରହଣ ରକବା | କିସମ | ରଇୟତଙ୍କ ନାମ, ପିତା, ଜାତି ଓ ବାସସ୍ଥାନ |
|---|---|---|---|---|---|
| ୧ | ୨ | ୩ | ୪ | ୫ | ୬ |
| [illegible] | [illegible] | [illegible] | [illegible] | [illegible] | [illegible] |

SEE NEXT PAGE

# କେନ୍ଦ୍ର କ୍ୟାବିନେଟ ମନ୍ତ୍ରୀ



ରାଜନାଥ ସିଂ | ଅମିତ୍ ଶାହ | ନୀତୀନ ଗଡ଼କରୀ | ଡି.ଭି. ସଦାନନ୍ଦ ଗୌଡ଼ା | ନିର୍ମଳା ସୀତାରାମନ୍ | ରାମ ବିଳାସ ପାଶ୍ୱାନ | ନରେନ୍ଦ୍ର ସିଂ ତୋମାର



ରବିଶଙ୍କର ପ୍ରସାଦ | ହରସିମ୍ରତ୍ କୌର ବାଦଲ | ଥାୱାର ଚାନ୍ଦ୍ ଗେହଲଟ | ଏସ୍. ଜୟଶଙ୍କର | ରମେଶ ପୋଖରିୟାଲ 'ନିଶଙ୍କ' | ଅର୍ଜୁନ ମୁଣ୍ଡା | ସ୍ମୃତି ଜୁବିନ୍ ଇରାନୀ



ଡ. ହର୍ଷବର୍ଦ୍ଧନ | ପ୍ରକାଶ ଜାଭଡେକର | ପୀୟୂଷ ଗୋୟଲ | ଧର୍ମେନ୍ଦ୍ର ପ୍ରଧାନ | ମୁଖ୍ତାର ଅବାସ ନକ୍ଭି | ପ୍ରହ୍ଲାଦ ଜୋଶୀ | ମହେନ୍ଦ୍ରନାଥ ପାଣ୍ଡେ



ଅରବିନ୍ଦ ସାୱନ୍ତ | ଗିରିରାଜ ସିଂ | ଗଜେନ୍ଦ୍ର ସିଂ ଶେଖାୱତ

## ରାଷ୍ଟ୍ର ମନ୍ତ୍ରୀ(ସ୍ୱାଧୀନ)



ସନ୍ତୋଷ କୁମାର ଗଙ୍ଗୱାର | ରାଓ ଇନ୍ଦରଜିତ୍ ସିଂ | ଶ୍ରୀପଦ ନାୟକ



ଡ. ଜିତେନ୍ଦ୍ର ସିଂ | କିରେନ୍ ରିଜିଜୁ | ପ୍ରହ୍ଲାଦ ପଟେଲ୍



ଆର୍.କେ.ସିଂ | ହରଦୀପ ପୁରୀ | ମନ୍ସୁଖ ମାଣ୍ଡଭ୍ୟା

## ପ୍ରଧାନମନ୍ତ୍ରୀ



ନରେନ୍ଦ୍ର ଦାମୋଦରଦାସ ମୋଦି

## ରାଷ୍ଟ୍ର ମାନ୍ତ୍ରୀ



ଫଗନ ସିଂ କୁଲସ୍ତେ | ଅଶ୍ୱିନୀ ଚୌବେ | ଅର୍ଜୁନ ରାମ୍ ମେଘୱାଲ



ଭି.କେ. ସିଂ | କିଶନ ପାଲ୍ ଗୁର୍ଜର | ରାଓସାହାବ ଧାନ୍‌ବେ | କିଷନ ରେଡ୍ଡୀ | ପୁରୁଷୋତ୍ତମ ରୁପାଲା | ରାମଦାସ ଅଠାୱଲେ | ସାଧ୍ୱୀ ନିରଞ୍ଜନ ଜ୍ୟୋତି



ବାବୁଲ୍ ସୁପ୍ରିୟୋ | ସଞ୍ଜୀବ କୁମାର ବାଲ୍ୟାନ | ସଞ୍ଜୟ ସାମାରାଓ ଧୋତ୍ରେ. | ଅନୁରାଗ ଠାକୁର | ସୁରେଶ ଅଙ୍ଗାଡି | ରତନ୍ ଲାଲ୍ ଖଟରିୟା | ନିତ୍ୟାନନ୍ଦ ରାୟ



ଭି. ମୁରଲିଧରନ୍ | ରେଣୁକା ସିଂ ସାରୁତା | ସୋମ୍ ପ୍ରକାଶ | ରାମେଶ୍ୱର ତେଲୀ | ପ୍ରତାପ ଚନ୍ଦ୍ର ଷଡ଼ଙ୍ଗୀ | କୈଳାସ ଚୌଧୁରୀ | ଦେବଶ୍ରୀ ଚୌଧୁରୀ

## ଚହଲ ଚହଲ ପକାଇପାରନ୍ତି



ଜଣେ କ୍ରିକେଟ ପ୍ରଶଂସକ ଭାବେ ବିଶେଷଜ୍ଞମାନଙ୍କ ମତକୁ ଦେଖିଲେ ହୋମ୍ ଗ୍ରାଉଣ୍ଡ ଏବଂ ବାଲାନ୍ସ ଟିମ୍ ଭାବେ ଇଂଲଣ୍ଡ ହଟ୍ ଫେଭରାଇଟ। ନ୍ୟୁଜିଲାଣ୍ଡର ମଧ୍ୟ ସୁଯୋଗ ରହିବ। ଷ୍ଟିଭ୍ ସ୍ମିଥ ଓ ଡେଭିଡ ୱାର୍ନରଙ୍କ ପ୍ରତ୍ୟାବର୍ତ୍ତନ ପରେ ଅଷ୍ଟ୍ରେଲିଆର ବ୍ୟାଟିଂ ଲାଇନ୍ଅପ୍ ଶକ୍ତିଶାଳୀ ହୋଇଯାଇଛି। ଜଣେ ଭାରତୀୟ ଭାବେ ଏବଂ ନିକଟ ଅତୀତରେ ପ୍ରଦର୍ଶନକୁ ଦେଖିଲେ ଭାରତ ମଧ୍ୟ ଏଥର ଦୃଢ଼ ଦାବିଦାର। ୪ର୍ଥ ସ୍ଥାନକୁ ନେଇ ଟିକେ ଚିନ୍ତା ରହିଛି, ନ ହେଲେ ଭାରତୀୟ ଦଳ ବେଶ୍ ସନ୍ତୁଳିତ। ସେମିଫାଇନାଲ ପ୍ରବେଶ ଟିମ୍ ଇଣ୍ଡିଆର ପ୍ରଥମ ଲକ୍ଷ୍ୟ ହେବ। ତେଣୁ ଇଂଲଣ୍ଡ, ଅଷ୍ଟ୍ରେଲିଆ, ନ୍ୟୁଜିଲାଣ୍ଡ ଓ ଭାରତ ସେମିଫାଇନାଲ ଖେଳିବେ ବୋଲି ମୁଁ ଅନୁଭବ କରୁଛି। ଏଥିରେ ଭାଗ ନେଉଥିବା ଅନ୍ୟ ଦଳଗୁଡ଼ିକୁ ମଧ୍ୟ ହେୟ ମନେ କରିହେବନି। କୌଣସି ମ୍ୟାଚରେ ସେଗୁଡ଼ିକ ବିପର୍ଯ୍ୟୟ ସୃଷ୍ଟି କରିପାରନ୍ତି, ନ ହେଲେ ଏହି ୪ଟି ଦଳ ବିଶ୍ୱକପ ଫେଭରାଇଟ। ଲୋକେଶ ରାହୁଲ ନିକଟ ଅତୀତରେ ଭଲ ପ୍ରଦର୍ଶନ କରିଛନ୍ତି। ତେଣୁ ସେ ୪ ନମ୍ବର ସ୍ଥାନ ପାଇଁ ଫିଟ୍ ବୋଲି ଭାବୁଛି। ଧୋନୀ ହେଉଛନ୍ତି ଭାରତୀୟ ଦଳର ସବୁଠାରୁ ଅଭିଜ୍ଞ ଏବଂ ବିଜ୍ଞ ଖେଳାଳି। ସେ ଜଣେ ବିଶ୍ୱକପ ବିଜୟୀ ଅଧିନାୟକ। ତେଣୁ ତାଙ୍କ ଉପସ୍ଥିତି ଦଳକୁ ନିଶ୍ଚିତ ଫାଇଦାରେ ରଖିବ। ବ୍ୟକ୍ତିଗତ ଭାବେ ତାଙ୍କର ବ୍ୟାଟିଂ ଦକ୍ଷତା ବହୁତ ଭଲ। ବର୍ତ୍ତମାନର ବୋଲିଂ ର୍ୟାଙ୍କିଙ୍ଗରେ ଭାରତ ବିଶ୍ୱର ଅନ୍ୟତମ ଶ୍ରେଷ୍ଠ ଦଳ। କୁଲଦୀପ ଯାଦବ ଓ ଯୁଜବେନ୍ଦ୍ର ଚହଲ ନିଶ୍ଚିତ ଚର୍ଚ୍ଚାରେ ରହିବେ। ଚହଲ ଏଥର ଚହଳ ପକାଇବେ ବୋଲି ବିଶେଷଜ୍ଞମାନେ ମତ ଦେଉଛନ୍ତି। ତେଣୁ ବୋଲିଂ ଦୃଷ୍ଟିରୁ ଭାରତୀୟ ଦଳ ବେଶ୍ ସନ୍ତୁଳିତ। ଇଂଲଣ୍ଡରେ ହାଇସ୍କୋରିଂ ମ୍ୟାଚ ହେବା ନିଶ୍ଚିତ।

–ଅଶୋକ ମହାନ୍ତି, ପୂର୍ବତନ କ୍ରୀଡ଼ା ପ୍ରଶାସକ

# ଇଂଲଣ୍ଡ ଫେଭରାଇଟ୍, ଭାରତ ଦୃଢ଼ ଦାବିଦାର

ଘରୋଇ ପରିବେଶ, ପିଚ୍ ଏବଂ ଟିମ୍ କମ୍ବିନେଶନ ଦୃଷ୍ଟିରୁ କ୍ରିକେଟ ବିଶ୍ୱକପର ଦ୍ୱାଦଶ ସଂସ୍କରଣରେ ଇଂଲଣ୍ଡ ହଟ୍ ଫେଭରାଇଟ ଭାବେ ଉଭା ହେବ। ତେବେ ବିରାଟ କୋହଲିଙ୍କ ନେତୃତ୍ୱାଧୀନ ଭାରତୀୟ ଦଳ ମଧ୍ୟ ଦୃଢ଼ ଦାବିଦାର। ଷ୍ଟିଭ୍ ସ୍ମିଥ ଓ ଡେଭିଡ ୱାର୍ନରଙ୍କ ପ୍ରତ୍ୟାବର୍ତ୍ତନ ପରେ ଅଷ୍ଟ୍ରେଲିଆ ମଧ୍ୟ ଦାବିଦାର ହୋଇଯାଇଛି। ନିକଟ ଅତୀତର ପ୍ରଦର୍ଶନ, ଦଳୀୟ ସନ୍ତୁଳନ ଦୃଷ୍ଟିରୁ ଇଂଲଣ୍ଡ, ଅଷ୍ଟ୍ରେଲିଆ, ଭାରତ, ନ୍ୟୁଜିଲାଣ୍ଡ ଓ ୱେଷ୍ଟଇଣ୍ଡିଜ ଟପ୍-୪ରେ ରହିବା ଦକ୍ଷତା ରଖିଛନ୍ତି ବୋଲି ଓଡ଼ିଆ ବିଶେଷଜ୍ଞଙ୍କ ମତ।

## ଧୋନୀ ୪ ନମ୍ବର ପାଇଁ ଫିଟ୍



ଜଣେ ଭାରତୀୟ ଭାବେ ମୋର ପ୍ରଥମ ଇଚ୍ଛା ଭାରତ ବିଶ୍ୱକପ ଆଣୁ। ତେବେ ଓଭରଅଲ ପ୍ରଦର୍ଶନ, ବର୍ତ୍ତମାନର ପ୍ରଦର୍ଶନ, ଇଂଲଣ୍ଡ ପରିବେଶକୁ ଦେଖିଲେ ମୁଁ ଭାବୁଛି ଅଷ୍ଟ୍ରେଲିଆ ଓ ଇଂଲଣ୍ଡ ଫେଭରାଇଟ। ଭାରତ ଦାବିଦାର ନିଶ୍ଚିତ ରହିବ, ମାତ୍ର ଟପ୍ ଅର୍ଡର ଫେଲ୍ ମାରିଲେ ଭାରତୀୟ ଦଳ ସେଥିରୁ ଉଧୁରିବାକୁ ସଂଘର୍ଷ କରୁଛି। ବିଶେଷ କରି ବିଦେଶ ପରିବେଶରେ ଏହା ବେଶି ଦେଖିବାକୁ ମିଳୁଛି। ତେଣୁ ଦଳପାଇଁ ଏହା ଚିନ୍ତାଜନକ ହୋଇପାରେ। ଭଲ ଷ୍ଟାର୍ଟ ମିଳିଲେ କିନ୍ତୁ ଟିମ୍ ଇଣ୍ଡିଆକୁ ପ୍ରତିପକ୍ଷ ଦଳ ରୋକିବା କଷ୍ଟକର ହୋଇପଡ଼ିବ। ଆମର ବୋଲିଂ ବହୁତ ଭଲ। ପିଚ୍କୁ ନେଇ ରଣନୀତି ଭିନ୍ନ ହେବ ନିଶ୍ଚିତ। ତେବେ ୩ ମିଡିୟମ ପେସର, ଜଣେ ଅଲରାଉଣ୍ଡର(ହାର୍ଦ୍ଦିକ ପାଣ୍ଡ୍ୟା) ଓ ଜଣେ ସ୍ପିନରକୁ ନେଇ ଭାରତ ଖେଳିଲେ ଭଲ ହେବ। ଶିଖର ଧାୱନ, ରୋହିତ ଶର୍ମା, ବିରାଟ କୋହଲି, ଲୋକେଶ ରାହୁଲ, କେଦାର ଯାଦବ, ମହେନ୍ଦ୍ର ସିଂ ଧୋନୀଙ୍କୁ ନେଇ ବ୍ୟାଟିଂ ଲାଇନ୍ଅପ୍ ହେବା ଆଶା। ସ୍ଥଳ ବିଶେଷରେ ଜଣେ ମିଡିୟମ ପେସରଙ୍କ ସ୍ଥାନ ଆଉ ଜଣେ ସ୍ପିନର ନେଇପାରନ୍ତି। ଏ କ୍ଷେତ୍ରରେ ଭାରତ ୨ ପେସର, ୨ ସ୍ପିନର ଓ ଜଣେ ଅଲରାଉଣ୍ଡରଙ୍କୁ ନେଇ ପଡ଼ିଆକୁ ଓହ୍ଲାଇବ। ତେବେ ପିଚ୍ କଣ୍ଡିଶନ ଉପରେ ଅନେକ କିଛି ନିର୍ଭର କରିବ। ମୋ ମତରେ ଧୋନୀଙ୍କ ଭୂମିକା ଗୁରୁତ୍ୱପୂର୍ଣ୍ଣ ରହିବ। ରାହୁଲ ୪ ନମ୍ବରରେ ଖେଳିବେ ବୋଲି କୋହଲି ସୂଚନା ଦେଇ ସାରିଛନ୍ତି। ତେବେ ଧୋନୀ ମଧ୍ୟ ଏହି ସ୍ଥାନ ପାଇଁ ଉପଯୋଗୀ ସାବ୍ୟସ୍ତ ହୋଇପାରିବେ ବୋଲି ମୋର ମତ। କାରଣ ଯଦି ଆମର ଟପ୍ ଅର୍ଡର ଫେଲ୍ ମାରିଛି ତେବେ କେହି ଜଣେ ଯଦି ଟିମ୍କୁ ବିପଦରୁ ଉଦ୍ଧାର କରିଛି ତେବେ ସେ ହେଉଛନ୍ତି ଧୋନୀ। ତେଣୁ ଭାରତୀୟ ଦୃଷ୍ଟିକୋଣରୁ ଧୋନୀଙ୍କ ଭୂମିକାକୁ କେହି ଅସ୍ୱୀକାର କରିପାରିବେ ନାହିଁ। ଟପ୍-୪ ଟିମ୍ କଥା ଉଠିଲେ ମୁଁ ଇଂଲଣ୍ଡ, ଅଷ୍ଟ୍ରେଲିଆ, ଭାରତ ଓ ୱେଷ୍ଟଇଣ୍ଡିଜ ସପକ୍ଷରେ ଯିବାକୁ ଚାହିଁବି।

–ଦୀପକ ମଙ୍ଗରାଜ, ଜୁନିୟର ଚୟନକର୍ତ୍ତା।

## ଅଣ୍ଡରଡଗ୍ ଟିମ୍କୁ ସାବଧାନ



କୌଣସି ଦଳ ଖରାପ ପରିସ୍ଥିତିରେ ନାହାନ୍ତି। ଯେଉଁ ଦଳକୁ ନଜର ପକାଇଲେ ସେଥିରେ ମ୍ୟାଚ୍ ୱିନର ଖେଳାଳିଙ୍କ ମହଜୁଦ ରହିଛି। ଏଣୁ ଏହି ବିଶ୍ୱକପ୍ ରୋମାଞ୍ଚକ ହେବା ନିଶ୍ଚିତ। ହେଲେ ଅଣ୍ଡରଡଗ୍ ଟିମକୁ ସାବଧାନ ବି ରହିବା ଦରକାର। ଟୁର୍ନାମେଣ୍ଟ ଆରମ୍ଭରୁ ଶେଷ ପର୍ଯ୍ୟନ୍ତ ପ୍ରଦର୍ଶନ ଠିକ୍ ରହିବା ଉଚିତ୍। ଏ ପରିସ୍ଥିତିରେ ଶକ୍ତିଶାଳୀ କୁହାଯାଉଥିବା ଦଳ ଗୁଡ଼ିକୁ ଆଫଗାନିସ୍ତାନ, ଆୟର୍ଲାଣ୍ଡ ଓ ବାଂଲାଦେଶ ଭଳି ଆଇସିସିର ନିମ୍ନ ର୍ୟାଙ୍କ ପ୍ରାପ୍ତ ଦଳ ସଙ୍କଟରେ ପକାଇପାରନ୍ତି। ଗୋଟିଏ ମ୍ୟାଚ୍ରେ ପରାଜୟ ସମସ୍ତ ଆଶାକୁ ପାଣିରେ ପକାଇପାରେ। ଭାରତ କଥା କହିଲେ, ଏହା ଏକ ସନ୍ତୁଳିତ ଦଳ। ବିଶ୍ୱକପ୍ରେ ପ୍ରଦର୍ଶନ ଦମ୍ଦାର ରହିବ।

– ସୌରଜିତ ମହାପାତ୍ର, ଏନସିଏ କୋଚ୍

## ମିଡଲ ଅର୍ଡର ଶକ୍ତ ରହିବା ଦରକାର

ମୋ ମତରେ ଭାରତ ହିଁ ବିଶ୍ୱକପର ପ୍ରମୁଖ ଦାବିଦାର। ହେଲେ ଭାରତୀୟ ବ୍ୟାଟିଂ ଲାଇନ୍ଅପ୍ର ମିଡଲ ଅର୍ଡର ସାମାନ୍ୟ ଦୁର୍ବଳ ଅନୁଭବ ହେଉଛି। ଯୁବ ଖେଳାଳିମାନେ ଏହି ସ୍ଥାନରେ ଭଲ ଖେଳିଲେ ପ୍ରତି ମ୍ୟାଚ୍ରେ ଭାରତ ଭଲ ସ୍କୋର କରିପାରିବ। ଧୋନୀ ଓ କୋହଲି କି-ପ୍ଲେୟର ରହିବେ। ଅଭିଜ୍ଞ ମହମ୍ମଦ ସାମି ଓ ଭୁବନେଶ୍ୱର କୁମାରଙ୍କ ସହ ୟର୍କର ସ୍ପେଶାଲିଷ୍ଟ ଯଶପ୍ରୀତ ବୁମରା ଇଂଲଣ୍ଡ ମାଟିରେ ଅତ୍ୟନ୍ତ ଉଚ୍ଚକୋଟୀର ପ୍ରଦର୍ଶନ କରିବେ ବୋଲି ଆଶା ରହିଛି।



– ଶୁଭ୍ରାଂଶୁ ଶେଖର ସେନାପତି, ରଣଜୀ ଖେଳାଳି

## ସବୁ ଦୃଷ୍ଟିକୋଣରୁ ଭାରତ ଦାବିଦାର



ଇଂଲଣ୍ଡ ମାଟିରେ ଭାରତ ଚଳିତ ବିଶ୍ୱକପ୍ରେ ଭଲ ପ୍ରଦର୍ଶନ କରିବ ବୋଲି ଆଶା ରହିଛି। ତେବେ ସବୁ ଦୃଷ୍ଟିକୋଣରୁ ନଜର ପକାଇଲେ ଭାରତ ମଧ୍ୟ ବିଶ୍ୱକପ ଚାମ୍ପିୟନ ହେବାର ପ୍ରମୁଖ ଦାବିଦାର ରହିଛି। ଓପନର ଶିଖର ଧାୱନ ଆଇସିସି ଟୁର୍ନାମେଣ୍ଟଗୁଡ଼ିକରେ ଭଲ ପ୍ରଦର୍ଶନ କରିବାର ରେକର୍ଡ ରଖିଛନ୍ତି। ରୋହିତଙ୍କ ସହ ଓପନିଂ ଭାଗୀଦାରି ଭଲ ରହିବ। ଏହାଛଡ଼ା କ୍ୟାପ୍ଟେନ କୋହଲି ଓ ଧୋନୀଙ୍କ ପ୍ରଦର୍ଶନ ଉପରେ ଦଳ ଅଧିକ ନିର୍ଭରଶୀଳ। ଅଭ୍ୟାସ ମ୍ୟାଚ୍ରେ ଭାରତୀୟ ବୋଲରଙ୍କ ପ୍ରଦର୍ଶନ ସକାରାତ୍ମକ ମନୋଭାବ ସୃଷ୍ଟି କରିଛି।

– ବିପ୍ଳବ ସାମନ୍ତରାୟ, ଓଡ଼ିଶା ରଣଜୀ ଖେଳାଳି

# ଅତୁଟ ୩ ଭାରତୀୟ ରେକର୍ଡ



କ୍ରିକେଟର ମହାକୁମ୍ଭ ଆଇସିସି ବିଶ୍ୱକପ୍ ଆରମ୍ଭ ହୋଇଯାଇଛି। ଆଗାମୀ ଦେଢ଼ମାସ ଧରି ଗ୍ରେଟ୍ ବ୍ରିଟେନର ୧୧ଟି ଷ୍ଟାଡିୟମରେ ବିଶ୍ୱକପ୍ ଟ୍ରଫି ଲାଗି ୧୦ ଦଳ ମଧ୍ୟରେ ମୁକାବିଲା ହେବ। ଟୁର୍ନାମେଣ୍ଟ ଉପରେ ନଜର ପକାଇଲେ ଭାରତ ଅନ୍ୟତମ ସଫଳ ଦଳର ମାନ୍ୟତା ପାଇଛି। ୧୯୮୩ରେ କପିଳ ଦେବଙ୍କ ନେତୃତ୍ୱରେ ଭାରତ ପ୍ରଥମଥର ବିଶ୍ୱବିଜେତା ମୁକୁଟ ପିନ୍ଧିଥିଲା। ଏହାପରେ ୨୦୧୧ରେ ଦ୍ୱିତୀୟଥର ପାଇଁ ଚାମ୍ପିୟନ ହୋଇଥିଲା। ତେବେ ଭାରତ ୨୦୦୩ ଫାଇନାଲରେ ପ୍ରବେଶ କରିଥିଲେ ମଧ୍ୟ ଅଷ୍ଟ୍ରେଲିଆଠାରୁ ହାରି ରନର୍ସଅପ୍ରେ ସନ୍ତୁଷ୍ଟ ରହିଥିଲା। ତିନିଥର ଫାଇନାଲ ଖେଳିଥିବା ଭାରତୀୟ ଖେଳାଳିଙ୍କ ନାମରେ ଏମିତି କିଛି ବିଶ୍ୱକପ୍ ରେକର୍ଡ ରହିଛି ଯାହା ଆଜି ପର୍ଯ୍ୟନ୍ତ ବି ଅତୁଟ ରହିଛି। ସେହି ୩ଟି ରେକର୍ଡ ବିଷୟରେ ନିମ୍ନରେ ସଂକ୍ଷେପରେ...



## ଗାଙ୍ଗୁଲିଙ୍କ ପାର୍ଟନରଶିପ୍

'ଗଡ୍ ଅଫ୍ ଦି ଅଫ୍ ସାଇଡ୍' ବା 'ଦାଦା' ଭାବେ ପରିଚିତ ସୌରଭ ଗାଙ୍ଗୁଲିଙ୍କୁ ଭାରତୀୟ କ୍ରିକେଟ୍ର ଅନ୍ୟତମ ସଫଳ ଅଧିନାୟକ ଭାବେ ବିବେଚନା କରାଯାଏ। ଭାରତର ସବୁଠାରୁ ସଫଳ ବାମହାତୀ ବ୍ୟାଟ୍ସମ୍ୟାନ ଭାବେ ଗାଙ୍ଗୁଲିଙ୍କ ନାମ ସର୍ବାଗ୍ରେ ରହିବ। ୩୧୧ ଦିନିକିଆ ମ୍ୟାଚ୍ରୁ ସେ ୪୧ ଆଭରେଜରେ ରନ ସଂଗ୍ରହ କରିବା ସହ ୨୨ ଶତକ ହାସଲ କରିଛନ୍ତି। କ୍ରିକେଟ କ୍ୟାରିୟରରେ ସୌରଭ ମୋଟ୍ ଉପରେ ୩ଟି ବିଶ୍ୱକପ୍ (୧୯୯୯, ୨୦୦୩ ଓ ୨୦୦୭)ରେ ଭାରତ ପକ୍ଷରୁ ପ୍ରତିନିଧିତ୍ୱ କରିଛନ୍ତି। ବିଶ୍ୱକପ୍ରେ ମଧ୍ୟ ଗାଙ୍ଗୁଲିଙ୍କ ନାମରେ ଏକ ସ୍ୱତନ୍ତ୍ର ରେକର୍ଡ ରହିଛି। ଏକମାତ୍ର ବ୍ୟାଟ୍ସମ୍ୟାନ ଭାବେ ବିଶ୍ୱକପ୍ରେ ୩ଟି ଦ୍ୱିଶତକୀୟ ପାର୍ଟନରଶିପ୍ କରିବାରେ ସେ ବିଶ୍ୱର ଏକମାତ୍ର କ୍ରିକେଟର। ୧୯୯୯ରେ ନିଜର ପଦାର୍ପଣ ବିଶ୍ୱକପ୍ରେ ରାହୁଲ ଦ୍ରାବିଡ୍ଙ୍କ ସହ ମିଶି ଗାଙ୍ଗୁଲି ଡିଫେଣ୍ଡିଂ ଚାମ୍ପିୟନ ଶ୍ରୀଲଙ୍କା ବିପକ୍ଷରେ ୩୧୮ ରନର ପାର୍ଟନରଶିପ୍ କରିଥିଲେ। ଦିନିକିଆ କ୍ରିକେଟରେ ଏହା ମଧ୍ୟ ପ୍ରଥମ ତ୍ରିଶତକୀୟ ପାର୍ଟନରଶିପ୍ ଥିଲା। ଏହାପରେ ୨୦୦୩ ବିଶ୍ୱକପ୍ର ନାମ୍ବିଆ ବିପକ୍ଷ ମ୍ୟାଚ୍ରେ ସଚିନ ତେନ୍ଦୁଲକରଙ୍କୁ ସାଥୀ କରି ଗାଙ୍ଗୁଲି ୨୪୪ ରନ ସଂଗ୍ରହ କରିଥିଲେ। ଅନ୍ତିମ ତଥା ୩ୟ ଦ୍ୱିଶତକୀୟ ପାର୍ଟନରଶିପ୍ ଗାଙ୍ଗୁଲି ୨୦୦୭ ବିଶ୍ୱକପ୍ରେ ହାସଲ କରିଥିଲେ। ବୀରେନ୍ଦ୍ର ସେହ୍ୱାଗ ଓ ଗାଙ୍ଗୁଲି ଯୋଡ଼ି ୨୦୨ ରନର ଭାଗୀଦାରି କରିଥିଲେ। ଗାଙ୍ଗୁଲିଙ୍କ ଏହି ରେକର୍ଡ କୌଣସି ବ୍ୟାଟ୍ସମ୍ୟାନଙ୍କ ପକ୍ଷେ କଷ୍ଟକର ବ୍ୟାପାର ହେବ।

## ବିଶେନ ସିଂ ବେଦୀ

ସାଥୀ ଖେଳାଳିଙ୍କ ଗହଣରେ ବିଶୁ ଭାବେ ପରିଚିତ ପଞ୍ଜାବର ବାମହାତୀ ସ୍ପିନର ବିଶେନ ସିଂ ବେଦୀ ୧୯୭୦ ଦଶକରେ ଭାରତର ଅନ୍ୟତମ ଶ୍ରେଷ୍ଠ ସ୍ପିନର ଥିଲେ। ସେହି ସମୟରେ ୪ (ବେଦୀ, ଏରାପଲ୍ଲୀ ପ୍ରସନ୍ନା, ଭଗବତ୍ ଚନ୍ଦ୍ରଶେଖର ଓ ଶ୍ରୀନିବାସ ଭେଙ୍କଟରାଘବନ)ପ୍ରସିଦ୍ଧ ଭାରତୀୟ ସ୍ପିନରଙ୍କ ମଧ୍ୟରୁ ସେ ଅନ୍ୟତମ। ବୋଲିଂରେ ବିବିଧତା ପାଇଁ ଯୋଗୁ ବେଦୀ ସର୍ବଦା ବ୍ୟାଟ୍ସମ୍ୟାନଙ୍କୁ ଅଡୁଆରେ ପକାଇବାରେ ସଫଳ ହେଉଥିଲେ। ସେହି ସମୟରେ ଟେଷ୍ଟ କ୍ରିକେଟର ପ୍ରାଧାନ୍ୟ ଯୋଗୁ ଅଧିକ ଦିନିକିଆ ଖେଳିବାର ସୁଯୋଗ ପାଇ ନ ଥିଲେ ମଧ୍ୟ ବେଦୀଙ୍କ ନାମରେ ଏକ ବିଶ୍ୱକପ୍ ରେକର୍ଡ ଆଜି ପର୍ଯ୍ୟନ୍ତ ଲିପିବଦ୍ଧ ହୋଇ ରହିଛି। ୧୯୭୫ରେ ଅନୁଷ୍ଠିତ ହୋଇଥିବା ବିଶ୍ୱକପ୍ର ପ୍ରଥମ ସଂସ୍କରଣରେ ଇଷ୍ଟ ଆଫ୍ରିକା ବିପକ୍ଷରେ ଅନୁଷ୍ଠିତ ଏକ ମ୍ୟାଚ୍ରେ ସେ ୨ଟି ଓଭର ମେଡେନ ପକାଇଥିଲେ। ବିଶ୍ୱକପ୍ର ୧୧ଟି ସଂସ୍କରଣ ଏହା ମଧ୍ୟରେ ଅତିବାହିତ ହୋଇଯାଇଥିଲେ ମଧ୍ୟ ଅନ୍ୟକୌଣସି ବୋଲର ଏହି ମେଗା ଇଭେଣ୍ଟର କୌଣସି ଗୋଟିଏ ମ୍ୟାଚ୍ରେ ଦୁଇ ଓଭର ମେଡେନ ବୋଲିଂ କରିବାରେ ସକ୍ଷମ ହୋଇନାହାନ୍ତି।



## ସଚିନଙ୍କ ମ୍ୟାନ୍ ଅଫ୍ ଦି ମ୍ୟାଚ୍ ରେକର୍ଡ

ଏହା ନିଃସନ୍ଦେହରେ କୁହାଯାଇପାରେ ଯେ, ମାଷ୍ଟର ବ୍ଲାଷ୍ଟର ସଚିନ ତେନ୍ଦୁଲକରଙ୍କ ନାମରେ ଦିନିକିଆ କ୍ରିକେଟର ୫୦ ପ୍ରତିଶତ ରେକର୍ଡ ଲିପିବଦ୍ଧ ହୋଇ ରହିଛି। ବହୁତ କମ୍ ବୟସ ମାତ୍ର ୧୬ ବର୍ଷରେ ଭାରତୀୟ ଦଳ ପକ୍ଷରୁ ପଦାର୍ପଣ କରିଥିବା ସଚିନ ନିଜର ବ୍ୟାଟିଂ ଦକ୍ଷତା ଲାଗି ବୋଲରଙ୍କ ପାଇଁ ସର୍ବଦା ଦୁଃସ୍ୱପ୍ନ ହୋଇ ରହିଥାନ୍ତି। ୨୨ ବର୍ଷର ଲମ୍ବା କ୍ରିକେଟ କ୍ୟାରିୟର ମଧ୍ୟରେ ତେନ୍ଦୁଲକର ୬ଥର ବିଶ୍ୱକପ୍ ଖେଳିଛନ୍ତି। ସର୍ବାଧିକ ବିଶ୍ୱକପ୍ ଖେଳିବାରେ ସେ ପାକିସ୍ତାନର ଜାଭେଦ ମିଆଁଦାଦ୍ (୬ଥର)ଙ୍କ ସହ ମିଳିତ ଭାବେ ଶୀର୍ଷରେ ରହିଛନ୍ତି।

“ଆଇସିସି ବିଶ୍ୱକପ୍‌ରେ ନ୍ୟୁଜିଲାଣ୍ଡକୁ ଅଣ୍ଡରଡଗ୍ ବୋଲି ବିଚାର କରାଯାଉଛି, ଏହା ପରୋକ୍ଷରେ ଦଳ ପାଇଁ ଆଶୀର୍ବାଦ ଭଳି।
–ଜେମ୍ସ ଫ୍ରାଙ୍କଲିନ୍, ପୂର୍ବତନ ଅଲରାଉଣ୍ଡର



“ବିଶ୍ୱକପ୍ ବେଳେ ସ୍ଲେଜିଂ ଅବା ଦର୍ଶକଙ୍କ ଆଡୁ କୌଣସି ଟିପ୍ପଣୀ ହେଲେ ସ୍ମିଥ ଓ ୱାର୍ନର ତାହାକୁ ଗୁରୁତ୍ୱ ନ ଦେଇ ପ୍ରଦର୍ଶନ ଉପରେ ଧ୍ୟାନ ଦେବା ଉଚିତ।
–ବ୍ରେଟ୍ ଲି’, ପୂର୍ବତନ ଅଷ୍ଟ୍ରେଲୀୟ ପେସ୍ ବୋଲର



## ଆଜିର ମ୍ୟାଚ୍

ୱେଷ୍ଟଇଣ୍ଡିଜ
ବନାମ
ପାକିସ୍ତାନ
ସ୍ଥାନ: ନଟିଂହାମ
ସମୟ: ଅପରାହ୍ନ ୩ଟା
ପ୍ରସାରଣ: ଷ୍ଟାର ସ୍ପୋର୍ଟ୍ସ

# ଆଇସିସି ବିଶ୍ୱକପ୍ ଆରମ୍ଭ



## ତାହିର ପ୍ରଥମ ସ୍ପିନର

ଲଣ୍ଡନ,୩୦।୫(ପି.ଟି.): ଦକ୍ଷିଣ ଆଫ୍ରିକା ଅଭିଜ୍ଞ ସ୍ପିନର ଇମ୍ରାନ ତାହିର ଏକ ବିରଳ ରେକର୍ଡର ଅଧିକାରୀ ହୋଇଛନ୍ତି। ସେ ପ୍ରଥମ ସ୍ପିନର ଭାବେ କୌଣସି ବିଶ୍ୱକପ୍‌ର ପ୍ରଥମ ଓଭର ବୋଲିଂ କରିଛନ୍ତି। ଗୁରୁବର ଆୟୋଜକ ଇଂଲଣ୍ଡ ବିପକ୍ଷ ଉଦ୍‌ଘାଟନୀ ମ୍ୟାଚ୍‌ରେ ଲେଗ୍ ସ୍ପିନର ତାହିରଙ୍କୁ ପ୍ରଥମ ଓଭର ବୋଲିଂ କରିବାକୁ ଅଧିନାୟକ ଫାଫ୍ ଡୁପ୍ଲେସି ସୁଯୋଗ ଦେଇଥିଲେ। ଟସ୍ ଜିତିବା ପରେ ତାହିରଙ୍କୁ ଡୁପ୍ଲେସି ପ୍ରଥମ ଓଭର ବୋଲିଂ କରିବାକୁ ଡାକିଥିଲେ। ତାହିର ଅବଶ୍ୟ ଅଧିନାୟକଙ୍କୁ ନିରାଶ କରି ନ ଥିଲେ। ସେ ପ୍ରଥମ ଓଭରରେ ଦ୍ୱିତୀୟ ବଲରେ ଇଂଲଣ୍ଡ ଓପନର ଜନୀ ବେୟାରଷ୍ଟୋଙ୍କୁ ଖାତା ଖୋଲିବା ପୂର୍ବରୁ ଆଉଟ କରିଥିଲେ। ଗୁଗଲି ପକାଇ ତାହିର ବେୟାରଷ୍ଟୋଙ୍କୁ ଚକ୍‌ମା ଦେଇଥିଲେ। ବେୟାରଷ୍ଟୋ ଉଇକେଟକିପର କ୍ୱିଣ୍ଟନ ଡିକକ୍‌ଙ୍କୁ କ୍ୟାଚ୍ ଦେଇ ପ୍ୟାଭିଲିୟନ ଫେରିଥିଲେ। ୧୯୯୨ ବିଶ୍ୱକପ୍‌ରେ ନ୍ୟୁଜିଲାଣ୍ଡ ଅଫ୍‌ସ୍ପିନର ଦୀପ ପଟେଲ ଅଷ୍ଟ୍ରେଲିଆ ବିପକ୍ଷ ମ୍ୟାଚ୍‌ରେ ଦ୍ୱିତୀୟ ଓଭର ବୋଲିଂ କରିଥିଲେ। ତାହିର ଏବେ ୪୦ ବର୍ଷ ୬୪ ଦିନରେ ପଦାର୍ପଣ କରିଛନ୍ତି। ସେ ବୟୋଜ୍ୟେଷ୍ଠ ଖେଳାଳିଭାବେ ଦକ୍ଷିଣ ଆଫ୍ରିକା ପାଇଁ ବିଶ୍ୱକପ ଖେଳୁଛନ୍ତି। ପୂର୍ବରୁ ଓମାର ହେନେରୀ ୪୦ ବର୍ଷ ୩୯ ଦିନରେ ବିଶ୍ୱକପ୍ ଖେଳିଥିଲେ। ତାହିର ଏବେ ଓମାରଙ୍କୁ ପଛରେ ପକାଇଛନ୍ତି।

## ପାକିସ୍ତାନକୁ ୨୦୨୦ ଏସିଆ କପ୍ ଟି୨୦ ଆୟୋଜନ ଅଧିକାର

ନୂଆଦିଲ୍ଲୀ, ୩୦।୫(ପି.ଟି.): ୨୦୨୦ ଏସିଆ କପ୍ ଟି୨୦ କ୍ରିକେଟ ଟୁର୍ନାମେଣ୍ଟର ଆୟୋଜନ ଅଧିକାର ପାକିସ୍ତାନକୁ ପ୍ରଦାନ କରାଯାଇଛି। ସିଙ୍ଗାପୁରରେ ଅନୁଷ୍ଠିତ ହୋଇଥିବା ଏସିଆନ କ୍ରିକେଟ କାଉନସିଲ୍ (ଏସିସି) ବୈଠକରେ ଏହି ନିଷ୍ପତ୍ତି ନିଆଯାଇଛି। ଆସନ୍ତାବର୍ଷ ଖେଳାଯିବାକୁ ଥିବା ଏସିଆ କପ୍‌ର ଏହା ହେବ ୧୫ତମ ସଂସ୍କରଣ। ସେହିବର୍ଷ ଅକ୍ଟୋବର ଶେଷ ଭାଗରେ ଅଷ୍ଟ୍ରେଲିଆରେ ଟି୨୦ ବିଶ୍ୱକପ୍ ଅନୁଷ୍ଠିତ ହେବ। ତେଣୁ ଏସିଆ କପ୍‌ର ୧୫ତମ ସଂସ୍କରଣକୁ ଟି୨୦ ଫର୍ମାଟ୍‌ରେ ଆୟୋଜନ କରିବାକୁ ବୈଠକରେ ନିଷ୍ପତ୍ତି ହୋଇଛି। ଏହି ବୈଠକରେ ଭାରତ, ପାକିସ୍ତାନ, ଶ୍ରୀଲଙ୍କା, ବାଂଲାଦେଶ, ଆଫଗାନିସ୍ତାନ ପରି ଟପ୍ ଦେଶଗୁଡ଼ିକ ଅଂଶଗ୍ରହଣ କରିଥିଲେ। ପାକିସ୍ତାନ କ୍ରିକେଟ ବୋର୍ଡ ଅଧକ୍ଷ ଏହସାନ ମନି ଓ ମ୍ୟାନେଜିଂ ଡିରେକ୍ଟର ୱାସିମ ଖାଁ ଏହି ବୈଠକରେ ଯୋଗଦେଇଥିଲେ। ପାକିସ୍ତାନକୁ ଆୟୋଜନ ଅଧିକାର ଦିଆଯାଇଥିବାରୁ ଏସିଆ କପ୍ ଏବେ ନିରପେକ୍ଷ ଭେନ୍ୟୁରେ ଆୟୋଜନ ହେବାର ସମ୍ଭାବନା ସୃଷ୍ଟି ହୋଇଛି।

# ବିଜୟ ସହ ଇଂଲଣ୍ଡର ଅଭିଯାନ

ଲଣ୍ଡନ, ୩୦।୫(ପି.ଟି.)

ଆୟୋଜକ ଇଂଲଣ୍ଡ ବୃହତ୍ ବିଜୟ ସହ ଆନ୍ତର୍ଜାତିକ କ୍ରିକେଟ କାଉନସିଲ (ଆଇସିସି) ବିଶ୍ୱକପ୍‌ରେ ଅଭିଯାନ ଆରମ୍ଭ କରିଛି। ଇଅନ ମୋର୍ଗାନଙ୍କ ନେତୃତ୍ୱରେ ଇଂଲଣ୍ଡ ଉଦ୍‌ଘାଟନୀ ମ୍ୟାଚ୍‌ରେ ଶକ୍ତିଶାଳୀ ଦକ୍ଷିଣ ଆଫ୍ରିକାକୁ ବୃହତ୍ ୧୦୪ ରନରେ ପରାସ୍ତ କରିଛି। ଗୁରୁବାର ସ୍ଥାନୀୟ କେନିଂଟନ ଓଭାଲ ଗ୍ରାଉଣ୍ଡରେ ଟସ୍ ଜିତି ଦକ୍ଷିଣ ଆଫ୍ରିକା ଫିଲ୍ଡିଂ କରିବାକୁ ନିଷ୍ପତ୍ତି ନେଇଥିଲା। ପ୍ରଥମେ ବ୍ୟାଟିଂ କରି ଇଂଲଣ୍ଡ ପ୍ରାରମ୍ଭିକ ଝଟ୍‌କା ସତ୍ତ୍ୱେ ନିର୍ଦ୍ଧାରିତ ୫୦ ଓଭରରେ ୮ ଉଇକେଟ ହରାଇ ୩୧୧ ରନ ସଂଗ୍ରହ କରିଥିଲା। ଜବାବରେ ଦକ୍ଷିଣ ଆଫ୍ରିକା ୩୯.୫ ଓଭରରେ ୨୦୭ ରନ କରି ଅଲଆଉଟ ହୋଇ ଆତ୍ମସମର୍ପଣ କରିଥିଲା। ୧୨ ରନ ବ୍ୟୟ କରି ୨ ଉଇକେଟ ନେବା ସହ ସର୍ବାଧିକ ୮୯ ରନ (୭୯ ବଲ, ୯ ଚୌକା) କରିଥିବା ଇଂଲଣ୍ଡ ଅଲରାଉଣ୍ଡର ବେନ୍ ଷ୍ଟୋକ୍ସ ପ୍ଲେୟର ଅଫ୍ ଦି ମ୍ୟାଚ୍ ବିବେଚିତ ହୋଇଥିଲେ।

୩୧୨ ରନ ଚ୍ୟାଲେଞ୍ଜିଂ ଟାର୍ଗେଟର ପିଛା କରି ଦକ୍ଷିଣ ଆଫ୍ରିକା ନିୟମିତ ଅନ୍ତରରେ ଉଇକେଟ ହରାଇଥିଲା। ଓପନର ତଥା ଉଇକେଟକିପର ବ୍ୟାଟ୍ସମ୍ୟାନ କ୍ୱିଣ୍ଟନ ଡିକକ ୬୮ ରନ (୭୪ ବଲ, ୬ ଚୌକା, ୨ ଛକା) ଓ ରାସି ଭାନ ଡେର ଡୁସେନ ୫୦ ରନ(୬୧ ବଲ, ୪ ଚୌକା, ୧ ଛକା)ର ଅର୍ଦ୍ଧଶତକୀୟ ପାଳି ଖେଳି ଆଉଟ ହୋଇଥିବା ବେଳେ ଅନ୍ୟମାନେ ବିଫଳ ହୋଇଥିଲେ। ଆଣ୍ଡିଲ ଫେଲୁକ୍ୱାୟୋ ୨୫ ବଲରୁ ୪ ଚୌକା ସହ ୨୪ ରନ ସଂଗ୍ରହ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ହାସିମ ଅମଲା ୧୩, ଏଡେନ ମାରାକ୍ରାମ ୧୧, ଅଧିନାୟକ ଫାଫ ଡୁପ୍ଲେସି ୫, ଜେପି ଡୁମିନି ୮, ଡ୍ୱେନ ପ୍ରିଟୋରିୟସ୍ ୧, କାଗିସୋ ରାବାଡ଼ା ୧୧ ଓ ଇମ୍ରାନ ତାହିର ଖାତା ଖେଳିବା ପୂର୍ବରୁ ଆଉଟ ହୋଇଥିଲେ। ଲୁନ୍‌ଗି ଏନ୍‌ଗିଡି ୬ ରନ କରି ଅପରାଜିତ ରହିଥିଲେ। ବୋଲିଂରେ ଇଂଲଣ୍ଡ ତରଫରୁ ଜୋଫ୍ରା ଆର୍ଚର ସର୍ବାଧିକ ୩, ଲିଆମ ପ୍ଲଙ୍କେଟ ଓ ବେନ୍ ଷ୍ଟୋକ୍ସ ୨ଟି ଲେଖାଏ, ଆଦିଲ ରସିଦ ଓ ମୋଇନ ଅଲି ଗୋଟିଏ କରି ଉଇକେଟ ହାସଲ କରିଥିଲେ।

ଟସ ହାରି ବ୍ୟାଟିଂ ପାଇଁ ଆମନ୍ତ୍ରଣ ପାଇଥିବା ଇଂଲଣ୍ଡ ଆରମ୍ଭରୁ ଝଟ୍‌କା ଖାଇଥିଲା। ପ୍ରଥମ ଓଭରର ଦ୍ୱିତୀୟ ବଲ୍‌ରେ ଓପନର ଜନୀ ବେୟାରଷ୍ଟୋ ଦକ୍ଷିଣ ଆଫ୍ରିକା ଅଭିଜ୍ଞ ସ୍ପିନର ଇମ୍ରାନ ତାହିରଙ୍କ ଶିକାର ହୋଇଥିଲେ। ବେୟାରଷ୍ଟୋଙ୍କୁ ବାଦ୍ ଦେଲେ ଇଂଲଣ୍ଡ ଟପ୍ ଅର୍ଡର ୪ ବ୍ୟାଟ୍ସମ୍ୟାନ ଅର୍ଦ୍ଧଶତକ ହାସଲ କରିଥିଲେ। ଓପନର ଜାସନ ରଏ, ଜୋ ରୁଟ, ଅଧିନାୟକ ଇଅନ ମୋର୍ଗାନ ଓ ବେନ୍ ଷ୍ଟୋକ୍ସ ଦମ୍‌ଦାର ବ୍ୟାଟିଂ କରି ଅର୍ଦ୍ଧଶତକ ହାସଲ କରିବା ସହ ଦଳକୁ ସମ୍ମାନଜନକ ସ୍କୋର ପ୍ରଦାନ କରିଥିଲେ। ଜାସନ ୫୩ ବଲରୁ ୮ ଚୌକା ସହ ୫୪, ରୁଟ୍ ୫୯ ବଲରୁ ୫ ଚୌକା ସହ ୫୧, ମୋର୍ଗାନ ୬୦ ବଲରୁ ୪ ଚୌକା ଓ ୩ ଛକା ସହ ୫୭ ରନ କରି ଆଉଟ୍ ହୋଇଥିଲେ।



ମ୍ୟାନ୍ ଅଫ୍ ଦି ମ୍ୟାଚ୍ ବେନ ଷ୍ଟୋକ୍ସ।

### ସଂକ୍ଷିପ୍ତ ସ୍କୋର

- ଇଂଲଣ୍ଡ ୫୦ ଓଭରରେ ୩୧୧/୮ (ଷ୍ଟୋକ୍ସ- ୮୯, ମୋର୍ଗାନ- ୫୭, ଜାସନ- ୫୪, ରୁଟ- ୫୧, ଏନ୍‌ଗିଡି- ୩/୬୬, ତାହିର- ୨/୬୧, ରାବାଡ଼ା- ୨/୬୬ )।
- ଦକ୍ଷିଣ ଆଫ୍ରିକା ୩୯.୫ ଓଭରରେ ୨୦୭/ଅଲଆଉଟ (ଡିକକ- ୬୮, ଡୁସେନ- ୫୦, ଫେଲୁକ୍ୱାୟୋ- ୨୪, ଆର୍ଚର- ୩/୨୭, ପ୍ଲଙ୍କେଟ- ୨/୩୭, ଷ୍ଟୋକ୍ସ- ୨/୧୨)।

ଷ୍ଟୋକ୍ସ ୭୯ ବଲରୁ ୯ ଚୌକା ସହ ଦଳ ତରଫରୁ ସର୍ବାଧିକ ୮୯ ରନ ସଂଗ୍ରହ କରିଥିଲେ। ବଡ଼ ସ୍କୋର ହାସଲ କରିଥିଲେ ମଧ୍ୟ ଦଳ କିନ୍ତୁ ନିୟମିତ ବ୍ୟବଧାନରେ ଉଇକେଟ ହରାଇଥିଲା। ଅନ୍ୟମାନଙ୍କ ମଧ୍ୟରେ ଉଇକେଟକିପର ବ୍ୟାଟ୍ସମ୍ୟାନ ଜୋସ ବଟଲର ୧୮, ମୋଇନ ଅଲି ୩, କ୍ରିସ୍ ୱୋକ୍ସ ୧୩ ରନ କରି ପ୍ୟାଭିଲିୟନ ଫେରିଥିବା ବେଳେ ଲିୟମ ପ୍ଲଙ୍କେଟ ୯ ଓ ଜୋଫ୍ରା ଆର୍ଚର ୭ ରନ କରି ଅପରାଜିତ ରହିଥିଲେ। ବୋଲିଂରେ ଦକ୍ଷିଣ ଆଫ୍ରିକା ତରଫରୁ ଲୁନ୍‌ଗି ଏନ୍‌ଗିଡି ସର୍ବାଧିକ ୩, ଇମ୍ରାନ ତାହିର ଓ କାଗିସୋ ରାବାଡ଼ା ୨ଟି ଲେଖାଏ, ଆଣ୍ଡିଲ ଫେଲୁକ୍ୱାୟୋ ଗୋଟିଏ ଉଇକେଟ ଅକ୍ତିଆର କରିଥିଲେ।

■ ଏଫ୍‌ଆଇଏଚ୍ ପୁରୁଷ ସିରିଜ ଫାଇନାଲ୍ସ

# ଟିକେଟ ବିକ୍ରି ଅର୍ଥ ଓଡ଼ିଶା ସରକାରଙ୍କୁ ଦିଆଯିବ

ଭୁବନେଶ୍ୱର,୩୦।୫(ସ୍ପୋର୍ଟ୍ସ ବ୍ୟୁରୋ)

ଏଠାରେ ଆୟୋଜନ ହେବାକୁଥିବା ଏଫ୍‌ଆଇଏଚ୍ ପୁରୁଷ ସିରିଜ ଫାଇନାଲ୍ସର ଟିକେଟ ବିକ୍ରିରୁ ଉପାର୍ଜିତ ହେବାକୁଥିବା ଅର୍ଥ ଓଡ଼ିଶା ସରକାରଙ୍କୁ ପ୍ରଦାନ କରାଯିବ ବୋଲି ହକି ଇଣ୍ଡିଆ ତରଫରୁ କୁହାଯାଇଛି। ମହାବାତ୍ୟା ଫନୀ ଦ୍ୱାରା ରାଜ୍ୟରେ ବିପୁଳ କ୍ଷୟକ୍ଷତି ହୋଇଛି। ପୁନରୁଦ୍ଧାର କାର୍ଯ୍ୟ ଓ ବାତ୍ୟା ପ୍ରଭାବିତ ଲୋକଙ୍କ ସାହାଯ୍ୟ ପାଇଁ ଏହି ଅର୍ଥ ବ୍ୟୟ କରାଯିବ ବୋଲି କୁହାଯାଇଛି। ଟିକେଟ ବିକ୍ରିରୁ ଲବ୍ଧ ଅର୍ଥ ମୁଖ୍ୟମନ୍ତ୍ରୀଙ୍କ ରିଲିଫ୍ ଫଣ୍ଡକୁ ପ୍ରଦାନ କରାଯିବ ବୋଲି ହକି ଇଣ୍ଡିଆ କହିଛି।

ଫନୀ ଦ୍ୱାର ହୋଇଥିବା କ୍ଷୟକ୍ଷତିକୁ ଦେଖି ଆମେ ଦୁଃଖିତ। ହକିକୁ ଓଡ଼ିଶା ଭଲପାଇବା, ସାହାଯ୍ୟ ସମର୍ଥନ ଦେଇଆସିଛି। ଏବେ ଏହାର ପ୍ରତିଦାନରେ ଆମେ କିଛି କରିବାରୁ ସୁଯୋଗ ପାଇଛୁ ବୋଲି ହକି ଇଣ୍ଡିଆ ଅଧକ୍ଷ ମହମ୍ମଦ ମୁସ୍ତାକ୍ ଅହମ୍ମଦ କହିଛନ୍ତି। ଯେତେ ସମ୍ଭବ ଆମେ ପୁନର୍ଗଠନ କାର୍ଯ୍ୟାରେ ସହାୟତା ପ୍ରଦାନ କରିବୁ। ଉଲ୍ଲେଖଥାଉ କି, ଚଳିତ ମାସ ପ୍ରାରମ୍ଭରେ ମହାବାତ୍ୟା ଫନୀ ଯୋଗୁ ୧୪ଟି ଜିଲା ଓ ୧୫୯ଟି ବ୍ଲକର ପାଖାପାଖି ଦେଢ଼ କୋଟି ଲୋକ ପ୍ରଭାବିତ ହୋଇଥିଲେ। ରାଜ୍ୟରେ ସାଂଘାତିକ କ୍ଷୟକ୍ଷତି ହୋଇଥିଲା। ଏଫ୍‌ଆଇଏଚ୍ ହକି ସିରିଜ ଫାଇନାଲ୍ସ ଆସନ୍ତା ୬ ତାରିଖରୁ ଆରମ୍ଭ ହୋଇ ୧୫ ତାରିଖରେ ଶେଷ ହେବ। ଏହି ଟୁର୍ନାମେଣ୍ଟର ସଫଳ ଆୟୋଜନ ସବୁ ପ୍ରକାର ବ୍ୟବସ୍ଥା ଗ୍ରହଣ କରାଯାଇଛି। ପୂର୍ବରୁ ଏଠାରେ ବିଶ୍ୱକପ୍ ସମେତ ଏକାଧିକ ବିଶ୍ୱସ୍ତରୀୟ ଟୁର୍ନାମେଣ୍ଟ ବେଶ୍ ସଫଳତାର ସହ ଆୟୋଜିତ ହୋଇଛି। ତେଣୁ ଓଡ଼ିଶା ଲୋକଙ୍କ ନିକଟରେ ହକି ଓଡ଼ିଶା କୃତଜ୍ଞ ହୋଇରହିବ। ତେଣୁ ଏହି କଷ୍ଟକର ମୁହୂର୍ତ୍ତରେ ମଧ ଓଡ଼ିଶାର ଲୋକେ ସମର୍ଥନ ଜଣାଇବା ମଧ୍ୟ ଏକ ବଡ଼କଥା ବୋଲି ସେ କହିଛନ୍ତି। ଫନୀ ଜନିତ କ୍ଷୟକ୍ଷତି ସତ୍ତ୍ୱେ ଓଡ଼ିଶା ସରକାର ଠିକ ସମୟରେ କଳିଙ୍ଗ ହକି ଷ୍ଟାଡିୟମକୁ ପ୍ରସ୍ତୁତ କରିପାରିଛନ୍ତି। ଏଥିପାଇଁ ଆମେ ସରକାରଙ୍କୁ ଧନ୍ୟବାଦ ଜଣାଉଛୁ ବୋଲି ସେ କହିଛନ୍ତି।

### ଆଜି ପହଞ୍ଚିବେ ରୁଷିଆ, ପୋଲାଣ୍ଡ

କଳିଙ୍ଗ ଷ୍ଟାଡିୟମରେ ଜୁନ ୬ରୁ ୧୫ ପର୍ଯ୍ୟନ୍ତ ହେବାକୁ ଯାଉଥିବା ଏଫଆଇଏଚ୍‌ସିରିଜଫାଇନାଲ୍ସଖେଳିବା ପାଇଁ ଶୁକ୍ରବାର ରୁଷିଆ ଓ ପୋଲାଣ୍ଡ ହକି ଦଳ ଭୁବନେଶ୍ୱରରେ ପହଞ୍ଚିବେ। ସମ୍ପ୍ରତି ବିଶ୍ୱ ର୍ୟାଙ୍କିଂରେ ରୁଷିଆ ୨୨ ଓ ପୋଲାଣ୍ଡ ୨୧ତମ ସ୍ଥାନରେ ରହିଛି। ଉଭୟ ଦଳ ବିଜୁ ପଟ୍ଟନାୟକ ଅନ୍ତର୍ଜାତୀୟ ବିମାନବନ୍ଦରରେ ପୂର୍ବାହ୍ନ ୯ଟାରେ ପହଞ୍ଚିବେ ବୋଲି ହକି ଇଣ୍ଡିଆ ପକ୍ଷରୁ ସୂଚନା ଦିଆଯାଇଛି।

# ମିଡଲ ଅର୍ଡର ସବୁଠାରୁ ଗୁରୁତ୍ୱପୂର୍ଣ୍ଣ

**ସୌରଭ ଗାଙ୍ଗୁଲି**

ବିଶ୍ୱର ଯେକୌଣସି ସ୍ଥାନରେ ବିଶ୍ୱକପ୍ ଆୟୋଜନ ହେବା ନିଶ୍ଚିତ ଭାବେ ବଡ଼ କଥା। ତେବେ ଇଂଲଣ୍ଡରେ ଏହି ମେଗା ଇଭେଣ୍ଟ ଆୟୋଜନ ହେଲେ ଏହାର କ୍ରେଜ୍ ଓ ମର୍ଯ୍ୟାଦା ଆହୁରି ବଢିଥାଏ। କ୍ରିକେଟର ସାଂସ୍କୃତିକ ଐତିହ୍ୟକୁ ଏହି ଦେଶ ଦୀର୍ଘବର୍ଷ ଧରି ସଫଳତାର ସହ ବଜାୟ ରଖିଆସିଛି। ନୂଆ ଫର୍ମାଟ ମଧ କ୍ରିକେଟ ପ୍ରଶଂସକଙ୍କୁ ବିଶେଷ ଭାବେ ସହାୟ ହୋଇଛି। କାରଣ ଏହି ଫର୍ମାଟରେ ଅନିଶ୍ଚିତତା ନାହିଁ। କୌଣସି ଦଳ ବିପର୍ଯ୍ୟୟର ସମ୍ମୁଖୀନ ହେଲେ ମଧ ଅତିକମ୍‌ରେ ୯ଟି ମ୍ୟାଚ୍ ଖେଳିବ। ଫଳରେ ଇଂଲଣ୍ଡ ଗସ୍ତରେ ଯାଇଥିବା ପ୍ରଶଂସକମାନେ ନିରାଶ ହେବେ ନାହିଁ ଓ ଇଂଲଣ୍ଡରୁ ହଠାତ୍ ଫେରିବାକୁ ନିଷ୍ପତ୍ତି ନେବେ ନାହିଁ। ମୋ ମତରେ ବିଶ୍ୱକପ୍ ପାଇଁ ଏହା ଏକ ଶ୍ରେଷ୍ଠ ଫର୍ମାଟ। କାହା ପାଇଁ କୌଣସି ମ୍ୟାଚ୍ ସହଜ ହେବ ନାହିଁ। ଯେଉଁ ୪ଟି ଦଳ ଶ୍ରେଷ୍ଠ ପ୍ରଦର୍ଶନ କରିବେ ସେହି ଦଳଗୁଡ଼ିକ ସେମିଫାଇନାଲରେ ପ୍ରବେଶ କରିବେ। ଅନ୍ୟପଟେ କହିବାକୁ ଗଲେ କେବଳ ପ୍ରତିଭା, ଦକ୍ଷତା ଓ ସାମର୍ଥ୍ୟ ଥିବା ଦଳ କେବଳ ସେମିକୁ ଉଠିବ। ଭାଗ୍ୟର ଭୂମିକା ଏଠାରେ ନିଶ୍ଚିତ ଭାବେ କମ୍ ରହିବ।

ଅଷ୍ଟ୍ରେଲିଆ ସବୁଠାରୁ ଉନ୍ନତ ଦଳ ରୂପେ ଉଭା ହୋଇଛି। ଗତ ନଭେମ୍ବରରେ ଅଷ୍ଟ୍ରେଲିଆ ଗସ୍ତରେ ଭାରତ ଯାଇଥିଲା। ଅଷ୍ଟ୍ରେଲିଆ ଜବରଦସ୍ତ ପ୍ରଦର୍ଶନ କରିଥିଲା ଓ ପ୍ରତ୍ୟାବର୍ତ୍ତନ କରିଥିଲା। ବିଶ୍ୱକପ୍‌ରେ ଅଷ୍ଟ୍ରେଲିଆ ସବୁ ଦଳକୁ କଡ଼ା ଚ୍ୟାଲେଞ୍ଜ ଦେବ ବୋଲି ପୂର୍ବରୁ ଆଭାସ ମିଳିଛି। ସେହିପରି ଆୟୋଜକ ଇଂଲଣ୍ଡ ମଧ ସବୁଠାରୁ ଶକ୍ତିଶାଳୀ ଦଳ ମନେହେଉଛି। ଏହି ଦଳର ସବୁ ଖେଳାଳି ସମ୍ପୂର୍ଣ୍ଣ ସ୍ୱାଧୀନ ଭାବେ ବିନା ଚାପରେ ଖେଳୁଛନ୍ତି ଓ ଏହା ଅନ୍ୟଦଳ ପାଇଁ ବିପଦ ସୃଷ୍ଟି କରିଛି। ଗତ କେତେବର୍ଷ ହେବ ଇଂଲଣ୍ଡ କ୍ରମାଗତ ଭାବେ ସ୍ଥିର ପ୍ରଦର୍ଶନ କରୁଛି ଓ ୩୫୦ ରନକୁ ଚେଜ୍ କରିବାରେ ସଫଳ ହୋଇଛି। ପୁଣି ଘରୋଇ ପରିବେଶ ଇଂଲଣ୍ଡ ପାଇଁ ଅନୁକୂଳ ପରିବେଶ ସୃଷ୍ଟି କରିଛି। କାରଣ ନିଜ ଜଳବାୟୁ ଓ ପରିସ୍ଥିତି ସହିତ ବେଶ୍ ଭଲ ଭାବେ ଅଙ୍କ ରହିଛି।

ଅନ୍ୟପଟେ ୱେଷ୍ଟଇଣ୍ଡିଜ ଦଳ ମଧ ଇତିମଧ୍ୟରେ ଯଥେଷ୍ଟ ଉନ୍ନତି କରିଛି। ୱେଷ୍ଟଇଣ୍ଡିଜର ନୂଆ କ୍ରିକେଟ ପ୍ରଶାସନ ବେଶ୍ ଦକ୍ଷ ମନେହେଉଛି। ଖେଳାଳି ଓ ପ୍ରଶାସନ ମଧ୍ୟରେ ଉତ୍ତମ ସମ୍ପର୍କ ପ୍ରତିଷ୍ଠା ହୋଇଛି। ଫଳରେ ଏହି ଦେଶରେ କ୍ରିକେଟର ପୁନରୁଦ୍ଧାର ହୋଇଛି। ଅଭିଜ୍ଞ କ୍ରିସ୍ ଗେଲଙ୍କ ସହ ଯୁବ କ୍ରିକେଟର ସାଇ ହୋପ, ହେଟ – ମେୟର, ନିକୋଲାସ ପୁରାନ ଦର୍ଶକଙ୍କ ମନୋରଞ୍ଜନ କରିବେ। ୱେଷ୍ଟଇଣ୍ଡିଜ ଐକ୍ୟବଦ୍ଧ ହୋଇ ଖେଳିବ ବୋଲି ଆଶା କରାଯାଉଛି। ବ୍ୟାଟିଂ ବୋଲିଂରେ ଆଖିଦୃଶିଆ ଉନ୍ନତି ଆଣିଥିବା ଆନ୍ଦ୍ରେ ରସେଲ ଧୂଆଁଧାର ଖେଳ ପ୍ରଦର୍ଶନ କରିବେ। ରସେଲଙ୍କ ବ୍ୟାଟିଂ ଦେଖିବାକୁ ମୁଁ ବ୍ୟଗ୍ର।

ପାକିସ୍ତାନ କଥା ବିଚାର କଲେ, ଏହି ଦଳ ଗତ କିଛି ବର୍ଷ ହେବ ଅସ୍ଥିର ପ୍ରଦର୍ଶନ କରିଆସିଛି। କିନ୍ତୁ କ୍ରିକେଟ ଦଳର ଭାବପ୍ରବଣତା ସହିତ ଜଡିତ ରହିଆସିଛି। ତେଣୁ ପାକିସ୍ତାନକୁ ଆଦୌ ହାଲ୍‌କା ଭାବେ ଗ୍ରହଣ କରିବେ ହେବ ନାହିଁ। ପାକିସ୍ତାନକୁ କିଭଳି ଭାବେ ଗ୍ରହଣ କରାଯିବ ତାହା ଦଳଗୁଡିକ ଉପରେ ନିର୍ଭର କରିବ।

ବର୍ତ୍ତମାନ ଭାରତ କଥା ଚିନ୍ତା କରିବା। ଭାରତର ଟପ୍– ୩ ବ୍ୟାଟ୍ସମ୍ୟାନ ବିଶ୍ୱର ଶ୍ରେଷ୍ଠ ବିବେଚିତ ହେଉଛନ୍ତି। ପୁଣି ସୁପରଷ୍ଟାର ବିରାଟ କୋହଲି ଆକର୍ଷଣର କେନ୍ଦ୍ରବିନ୍ଦୁ ବନିଯାଇଛନ୍ତି। ତେବେ ମିଡଲ ଅର୍ଡର କିଭଳି ପ୍ରଦର୍ଶନ କରୁଛି ତାହା ଦେଖିବାକୁ ବାକି ରହିଲା। ମିଡଲ ଅର୍ଡର ଉପରେ ଭାରତର ଭାଗ୍ୟ ନିର୍ଭର କରିବ। ମହେନ୍ଦ୍ର ସିଂ ଧୋନୀଙ୍କ ଫର୍ମ ସବୁଠାରୁ ଗୁରୁତ୍ୱପୂର୍ଣ୍ଣ। ସେ କିଭଳି ବ୍ୟାଟିଂ କରୁଛନ୍ତି ତାହା ଉପରେ ସବୁକିଛି ନିର୍ଭର କରୁଛି। ପୁଣି ବ୍ୟାଟିଂ ଦୃଷ୍ଟିକୋଣରୁ ଭାରତର ନିମ୍ନକ୍ରମ ଦୁର୍ବଳ ମନେହେଉଛି। ତେଣୁ ଭାରତର ମିଡଲ ଅର୍ଡର ବ୍ୟାଟ୍ସମ୍ୟାନ ଭଲ ପ୍ରଦର୍ଶନ କରିବା ନିହାତି ଜରୁରୀ। ୬ ଓ ୭ ନମ୍ବର ବ୍ୟାଟ୍ସମ୍ୟାନଙ୍କୁ ଚମକ ଦେଖାଇବାକୁ ପଡିବ।

ଭାରତର ବୋଲିଂ ବିଭାଗ ଉଚ୍ଚକୋଟୀର ମନେହେଉଛି। ଯଶପ୍ରୀତ ବୁମ୍‌ରାଙ୍କ ନେତୃତ୍ୱରେ ଓ ମହମ୍ମଦ ସାମିଙ୍କ ଉପସ୍ଥିତି ଭାରତୀୟ ଦ୍ରୁତ ବୋଲିଂକୁ ବିଶ୍ୱର ଶ୍ରେଷ୍ଠ ବୋଲି ପ୍ରମାଣିତ କରିଛି। ସେହିପରି ଦୁଇ ରିଷ୍ଟ ସ୍ପିନର ଯୁଜବେନ୍ଦ୍ର ଚହଲ ଓ କୁଲଦୀପ ଯାଦବ ଦିନିକିଆରେ ଶ୍ରେଷ୍ଠ ପ୍ରଦର୍ଶନ କରୁଛନ୍ତି। ଅଧିନାୟକ କୋହଲି ଏହାର ଫାଇଦା ଉଠାଇବେ। ସ୍ପିନ ଦୃଷ୍ଟିକୋଣରୁ ଆଫଗାନିସ୍ତାନ ମଧ ସବୁଠାରୁ ଆଗରେ ଥିବାପରି ମନେ ହେଉଛି। (ଗେମ୍‌ପ୍ଲାନ)

SEAGRAM'S
ROYAL STAG
MEGA CRICKET · CRICKET GEAR

# ଓସାକା, ସେରେନା, ଜୋକୋଭିଚ୍‌ଙ୍କ ବିଜୟ

ପ୍ୟାରିସ, ୩୦।୫ (ଏଏଫ୍‌ପି)

ଫ୍ରେଞ୍ଚ୍ ଓପନ ଗ୍ରାଣ୍ଡସ୍ଲାମ ଟେନିସ୍ ପ୍ରତିଯୋଗିତାର ମହିଳା ସିଙ୍ଗଲ୍ସରେ ଗୁରୁବାର ଟପ୍ ସିଡ୍ ନାଓମି ଓସାକା ଓ ୨୪ତମ ଗ୍ରାଣ୍ଡସ୍ଲାମ ରେକର୍ଡ ଟାଇଟଲ ସମକକ୍ଷ ଲକ୍ଷ୍ୟରେ ଥିବା ସେରେନା ୱିଲିୟମ୍ସ ସେମାନଙ୍କ ମ୍ୟାଚରେ ବିଜୟ ହାସଲ କରିଛନ୍ତି। ସେହିପରି ପୁରୁଷ ସିଙ୍ଗଲ୍ସରେ ଟପ୍ ସିଡ୍ ତଥା ବିଶ୍ୱର ନମ୍ବର ୱାନ ନୋଭାକ ଜୋକୋଭିଚ ଏବଂ ଅଷ୍ଟ୍ରିଆର ଡୋମିନିକ୍ ଥିମ୍ ସେମାନଙ୍କ ମ୍ୟାଚରେ ବିଜୟ ସହ ତୃତୀୟ ରାଉଣ୍ଡରେ ପ୍ରବେଶ କରିଛନ୍ତି। ଓସାକା କ୍ରମାଗତ ଦ୍ୱିତୀୟ ସଂଘର୍ଷପୂର୍ଣ୍ଣ ବିଜୟ ହାସଲ କରିଥିବାବେଳେ ୨୦୧୮ ପୁରୁଷ ସିଙ୍ଗଲ୍ସ ରନର୍ସଅପ୍ ଡୋମିନିକ୍ ଥିମ୍ ଏକ ୪ସେଟ୍ ବିଶିଷ୍ଟ ମ୍ୟାଚ୍ ଜିତି ତୃତୀୟ ରାଉଣ୍ଡକୁ ଉନ୍ନୀତ ହୋଇଛନ୍ତି। ୟୁଏସ୍ ଓପନ ଏବଂ ଅଷ୍ଟ୍ରେଲିଆନ ଓପନ୍ ପରେ ଫ୍ରେଞ୍ଚ୍ ଓପନ୍ ଟାଇଟଲ ଲକ୍ଷ୍ୟରେ ରହିଥିବା ବିଶ୍ୱର ନମ୍ବର ୱାନ ଓସାକା ପ୍ରଥମ ସେଟ୍‌ରେ ପଛୁଆ ରହିବା ପରେ ଚମତ୍କାର ପ୍ରତ୍ୟାବର୍ତ୍ତନ ସହ ପୂର୍ବତନ ବିଶ୍ୱର ନମ୍ବର ୱାନ ଭିକ୍ଟୋରିଆ ଆଜାରେଙ୍କାଙ୍କୁ ୪–୬, ୭–୫, ୬–୩ ସେଟ୍‌ରେ ହରାଇ ଦେଇଥିଲେ। ଏହି ଖେଳାଳି ଆନ୍ନା କାରୋଲିନା ସ୍କିମିଡ୍‌ଲୋଭାଙ୍କ ବିପକ୍ଷ ତାଙ୍କ ପ୍ରଥମ ରାଉଣ୍ଡ ମ୍ୟାଚରେ ମଧ୍ୟ ପ୍ରତ୍ୟାବର୍ତ୍ତନ ସହ ସଂଘର୍ଷପୂର୍ଣ୍ଣ ବିଜୟ ହାସଲ କରିଥିଲେ। ଅଷ୍ଟ୍ରିଆର ଥିମ୍ ପୁରୁଷ ସିଙ୍ଗଲ୍ସରେ କାଜାଖସ୍ତାନର ଆଲେକ୍‌ଜାଣ୍ଡର ବବ୍‌ଲିକ୍‌ଙ୍କ ବିପକ୍ଷ ମ୍ୟାଚରେ ବିଜୟ ହାସଲ କରି କ୍ରମାଗତ ଚତୁର୍ଥ ବର୍ଷ ତୃତୀୟ ରାଉଣ୍ଡରେ ପ୍ରବେଶ କରିଛନ୍ତି। ସେ ୫ ସେଟ୍ ବିଶିଷ୍ଟ ମ୍ୟାଚକୁ ୬–୩, ୬–୭ (୬/୮), ୬–୩, ୭–୫ରେ ଜିତି ନେଇଥିଲେ। ୩୭ ବର୍ଷୀୟ ସେରେନା ତାଙ୍କ ଦ୍ୱିତୀୟ ରାଉଣ୍ଡ ମ୍ୟାଚରେ ଜାପାନିଜ କ୍ୱାଲିଫାୟର କୁରୁମି ନାରାଙ୍କୁ ୬–୩, ୬–୨ ସେଟ୍‌ରେ ପରାସ୍ତ କରିଛନ୍ତି। ଅନ୍ୟପକ୍ଷରେ ଦ୍ୱିତୀୟ ଥର ସମସ୍ତ ଗ୍ରାଣ୍ଡସ୍ଲାମ ଜିତିବାରେ ଦ୍ୱିତୀୟ ଖେଳାଳି ହେବା ଲକ୍ଷ୍ୟରେ ରହିଥିବା ଜୋକୋଭିଚ୍ ସୁଇସ୍ ଖେଳାଳି ହେନରୀ ଲାକ୍‌ସୋନେନ୍‌ଙ୍କୁ ୬–୧, ୬–୪, ୬–୩ ସେଟ୍‌ରେ ହରାଇ ଦେଇଛନ୍ତି। ତାଙ୍କ ପାଇଁ ଗୁରୁବାର ଥିଲା ଭାବପ୍ରବଣ ଦିବସ। ଦର୍ଶକ ଗ୍ୟାଲେରୀରେ ତାଙ୍କ ୪ ବର୍ଷର ପୁଅ ଷ୍ଟିଫାନଙ୍କ ଉପସ୍ଥିତିରେ ସେ ଏହି ମ୍ୟାଚ ଜିତିଥିଲେ।



ରିଟର୍ନ ଶଟ୍ ଖେଳିବା ଅବସରରେ ନାଓମି ଓସାକା।

ଧରିତ୍ରୀ
DHARITRI
www.orissakhabar.com/ www.dharitri.com ପୃଷ୍ଠା:୧୬ Press Regd. No.ORIORI/2005/14845 Postal Regd. No. BN/42/18-20. Edition Phone (0663) 2522134, Editorial (0663) 2405816, Fax: (0663)2405616 ସମ୍ବଲପୁର, ଶୁକ୍ରବାର, ମେ ୩୧/୨୦୧୯ Sambalpur, Friday, May 31/ 2019

## ସଂକ୍ଷେପରେ

### ହାତୀ ଆକ୍ରମଣରେ ବୃଦ୍ଧା ଗୁରୁତର

■ମହୁଲ ଫଳ ଗୋଟେଇବାକୁ ଜଙ୍ଗଲକୁ ଯାଇଥିଲେ

କେସିଙ୍ଗା/ ସେରଗଡ଼, ୩୦।୫ (ଡି.ଏନ.ଏ.): କଳାହାଣ୍ଡି ଜିଲା ନର୍ଲା ରେଞ୍ଜ ଅଧୀନ ତେର୍ଲୋ ଗ୍ରାମର ଜଣେ ବୃଦ୍ଧା ଜଙ୍ଗଲକୁ ମହୁଲ ଫଳ ଗୋଟେଇବାକୁ ଯାଇ ଦନ୍ତାହାତୀ ଆକ୍ରମଣରେ ଗୁରୁତର ହୋଇଛନ୍ତି । ତାଙ୍କ ନାମ ସପୁରି ବାରିକ (୭୨) । ସବୁଦିନ ପରି ସେ ଗୁରୁବାର ଭୋର ସମୟରେ ଜଙ୍ଗଲକୁ ଯାଇଥିଲେ। ହଠାତ ତାଙ୍କୁ ଏକ ହାତୀ ଆକ୍ରମଣ କରିଥିଲା। ଏଥିରେ ସେ ଗୁରୁତର ହୋଇଥିଲେ । କୌଣସି ସୂତ୍ରରୁ ତେର୍ଲୋ ଗ୍ରାମବାସୀ ଏହି ଖବର ପାଇ ନର୍ଲା ବନ ବିଭାଗ ରେଞ୍ଜରଙ୍କୁ ଜଣାଇଥିଲେ। ରେଞ୍ଜର ନୃତ୍ୟରାଜ ମାଝି, ଫରେଷ୍ଟର ମଧୁକର ପୁଟେଲ, କମର୍ଣ୍ଣୀ ବନପାଳ ନବୀନ କୁମାର ମାଝି, ବନରକ୍ଷୀ ମାନସ ସାହୁ ପ୍ରମୁଖ ସେଠାରେ ପହଞ୍ଚି ବୃଦ୍ଧାଙ୍କୁ ନର୍ଲା ସରକାରୀ ଡାକ୍ତରଖାନାରେ ଭର୍ତ୍ତି କରିଥିଲେ। ପରେ ତାଙ୍କୁ ଭବାନୀପାଟଣା ଜିଲା ମୁଖ୍ୟ ଚିକିତ୍ସାଳୟକୁ ସ୍ଥାନାନ୍ତର କରାଯାଇଛି। ଏ ନେଇ ନର୍ଲା ବନବିଭାଗ ରେଞ୍ଜର ମାଝି କହିଛନ୍ତି ଆହତଙ୍କ ସମସ୍ତ ଚିକିତ୍ସା ଖର୍ଚ୍ଚ ସରକାର ବହନ କରିବେ। ଅନୁକମ୍ପା ରାଶି ତାଙ୍କୁ ପ୍ରଦାନ କରାଯିବ।

■ବୋଡାସମ୍ବରର ପ୍ରମୁଖ ତୀର୍ଥକ୍ଷେତ୍ର ଦେବଦର୍ହା

# ପଥର ଫିଙ୍ଗିଲେ ପୂରଣ ହୁଏ ମନସ୍କାମନା

**ବଡ ଶତପଥୀ**
**ପାଇକମାଲ,୩୦।୫**

ବରଗଡ଼ ଜିଲାର ପ୍ରମୁଖ ତୀର୍ଥକ୍ଷେତ୍ର ମଧ୍ୟରେ ନୃସିଂହନାଥ ଓ ଦେବଦର୍ହା ଅନ୍ୟତମ। ପାଇକମାଲ ବ୍ଲକ ଚର୍ଦାପାଲି ପଞ୍ଚାୟତର ଚଙ୍ଗରିଆ (ଗସ୍ତିଡିହି) ଗ୍ରାମରେ ଦେବଦର୍ହା ଶିବ ମନ୍ଦିର ଅବସ୍ଥିତ । ବୋଡାସମ୍ବର ଅଞ୍ଚଳର ଏହା ହେଉଛି ପ୍ରସିଦ୍ଧ ଶୈବପୀଠ। ପଦ୍ମପୁର ସଦର ମହକୁମାଠାରୁ ଉତ୍ତର ଦିଗରେ ପ୍ରାୟ ୧୭ କିମି ଗଲେ ପଡେ ଦେବଦର୍ହା (ଦେବ-ଦେବତା, ଦର୍ହା-ହ୍ରଦଖଣ୍ଡ) ।

ଝାଞ୍ଜପାହାଡର ବୁକୁ ଚିରି ବହି ଆସିଛି ସୁରଙ୍ଗୀ ନଦୀ। ଏହି ନଦୀ ଛତିଶଗଡ ରାଜ୍ୟ ସଲଡିହି ଗ୍ରାମରୁ ଉତ୍ପତ୍ତି ହୋଇଛି। ଏହି ନଦୀ ଛତିଶଗଡ ସୀମା ପାର ହୋଇ ଓଡିଶା ସୀମାରେ ଏକ ପ୍ରପାତ ସୃଷ୍ଟି କରିଛି। ସେହି ସ୍ଥାନରେ ଏକ ଅଗଭୀର ହ୍ରଦ ରହିଛି । ତାକୁ ଦେବଦର୍ହା ବୋଲି କୁହନ୍ତି । ଦେବଦର୍ହାର ଉଭୟ ପାର୍ଶ୍ୱରେ ସବୁଜ ବନାନୀ ଓ ପାହାଡ ଜଙ୍ଗଲ ରହିଛି। ଦେବଦର୍ହା ହ୍ରଦ ଦୁଇଟି ପାହାଡର ମଝିରେ ଅବସ୍ଥିତ। ଏଠାରେ ଦେବତାମାନେ ସ୍ନାନ କରୁଥିବାରୁ ଏହାକୁ ଦେବଦର୍ହା ବୋଲି ମଧ୍ୟ କୁହାଯାଏ । ଏଠାରେ ଅନେକ ପଶୁପକ୍ଷୀ ରୁହନ୍ତି । ମୁଖ୍ୟତଃ ମୟୂର ବହୁ ସଂଖ୍ୟାରେ ଦେଖିବାକୁ ମିଳେ । ବର୍ଷାଋତୁ ଆସିଲେ ପ୍ରଥମ ବର୍ଷାରେ ମୟୂରମାନଙ୍କ କୁହୁତାନ ଓ ନାଚ ତୀର୍ଥଯାତ୍ରୀଙ୍କ ମନ ମୁଗ୍ଧ କରିଥାଏ । ସୁରଙ୍ଗୀ ନଦୀ ପୂଝାରୀପାଲିଠାରେ ଅଙ୍ଗ ନଦୀ ସହ ମିଶି ଯାଇଥିବାରୁ ଏଠାକାର ପ୍ରାକୃତିକ ଦୃଶ୍ୟ ମଧ ବେଶ୍ ମନୋହର । ଏଠାରେ ନିର୍ମିତ ଶିବ ମନ୍ଦିରରେ ପଞ୍ଚମୁଖୀ ମହାଦେବ ଧବଳେଶ୍ୱର ପୂଜା ପାଉଛନ୍ତି। ଝାଞ୍ଜ ପାହାଡ ଶିଖରରେ ମନ୍ଦିର ନିର୍ମାଣର ଏକ କିମ୍ବଦନ୍ତୀ ରହିଛି । ଏକଦା ପଦ୍ମପୁର ଜମିଦାର ଲାଲ ରାଜେନ୍ଦ୍ର ସିଂଙ୍କ ସ୍ୱାସ୍ଥ୍ୟ ଭଲ ନ ଥିଲା। ଏହି ସମୟରେ ସେ ରାଣୀ ଫୁଲମତୀ ଓ ପାରିଷଦବର୍ଗଙ୍କ ସହ ମୃଗୟା ନିମନ୍ତେ ଝାଞ୍ଜପାହାଡକୁ ଯାଇଥିଲେ । ସେଠାରେ ଦେବଦର୍ହାର ବନପାହାଡଭରା ପ୍ରାକୃତିକ ଦୃଶ୍ୟ ଦେଖି ରାଣୀ ମୁଗ୍ଧ ହୋଇ ଭଗବାନ ମହାଦେବଙ୍କୁ ଧ୍ୟାନ କଲେ ଏବଂ ସ୍ୱାମୀଙ୍କ ସ୍ୱାସ୍ଥ୍ୟ ଭଲ ହୋଇଗଲେ ଗୋଟିଏ ଶିବ ମନ୍ଦିର ନିର୍ମାଣ କରିବା ପାଇଁ ସଂକଳ୍ପ କଲେ। ଏହାପରେ ଧୀରେ ଧୀରେ ଲାଲ୍ ରାଜେନ୍ଦ୍ର ସିଂଙ୍କ ସ୍ୱାସ୍ଥ୍ୟ ଭଲ ହୋଇଯାଇଥିଲା । ୧୯୨୯ ମସିହାରେ ଦେବଦର୍ହାଠାରେ ଜମିଦାର ଏକ ଶିବ ମନ୍ଦିର ନିର୍ମାଣ ଆରମ୍ଭ କରି ୧୯୩୨ ମସିହାରେ ପ୍ରତିଷ୍ଠା କରାଇଥିଲେ। ଶୀତଳଷଷ୍ଠୀ ତିଥିରେ ଏହି ଶିବ ମନ୍ଦିର ପ୍ରତିଷ୍ଠା ହୋଇଥିବାରୁ ଏହି ପବିତ୍ର ତିଥିରେ ଏଠାରେ ପ୍ରତିବର୍ଷ ଉତ୍ସବ ପାଳନ କରାଯାଇଥାଏ। ଅଞ୍ଚଳବାସୀ ପ୍ରତିଦିନ ଏଠାକୁ ଭଗବାନ ପଞ୍ଚମୁଖୀ ମହାଦେବ ଧବଳେଶ୍ୱରଙ୍କୁ ଦର୍ଶନ ପାଇଁ ଆସିଥାନ୍ତି । ଶୀତଳଷଷ୍ଠୀ ତିଥିରେ ଯେଉଁ ଭକ୍ତମାନେ ଏଠାକୁ ଆସି ନଦୀରେ ସ୍ନାନ କରି ଭଗବାନ ପଞ୍ଚମୁଖୀ ମହାଦେବଙ୍କୁ ପୂଜାପାଠ କରନ୍ତି, ସେମାନଙ୍କ ମନସ୍କାମନା ପୂରଣ ହୋଇଥାଏ ବୋଲି କୁହାଯାଏ। ଭକ୍ତମାନେ ଏଠାକୁ ଆସି ଅଗଭୀର ହ୍ରଦ ଦର୍ଶନ କରନ୍ତି । କଥାରେ ଅଛି, ଯେଉଁମାନେ ପଥର ଫିଙ୍ଗି ହ୍ରଦର ଏପଟରୁ ସେପଟକୁ ପାର କରିଦିଅନ୍ତି ସେମାନଙ୍କ ମନସ୍କାମନା ପୂରଣ ହୋଇଥାଏ ।


ଦେବଦର୍ହା ଶିବ ମନ୍ଦିର ।

■ନାବାଳିକା ଅପହରଣ ମାମଲା

# ସରଗାଡ ସମିତି ସଭ୍ୟ ଗିରଫ

**ବଲାଙ୍ଗୀର ଅଫିସ, ୩୦।୫**


ଅଭିଯୁକ୍ତ ସମିତି ସଭ୍ୟ ରାଜେଶ ବାରଲେଣ୍ଡିଆ ।

ନାବାଳିକା ଅପହରଣ ମାମଲାରେ ଜଣେ ସମିତି ସଭ୍ୟ ଗୁରୁବାର ଗିରଫ ହୋଇ ଜେଲ ଯିବା ଘଟଣା ଚର୍ଚ୍ଚାର ବିଷୟ ହୋଇଛି । ବଲାଙ୍ଗୀର ସଦର ଥାନା ଅନ୍ତର୍ଗତ ସରଗାଡ ଗ୍ରାମପଞ୍ଚାୟତର ସମିତି ସଭ୍ୟ ରାଜେଶ ବାରଲେଣ୍ଡିଆ (୨୨) ଗତ ନଭେମ୍ବର ମାସରେ ଜଣେ ନାବାଳିକାଙ୍କୁ ଅପହରଣ କରିନେଇ ଫେରାର ହୋଇଯାଇଥିଲେ। ଏ ନେଇ ଗତ ୨୦୧୮ ନଭେମ୍ବର ୨୨ ତାରିଖ ଦିନ ଅପହୃତା ନାବାଳିକାଙ୍କ ବାପା ବଲାଙ୍ଗୀର ସଦର ଥାନାରେ ଅଭିଯୋଗ କରିଥିଲେ । ଅଭିଯୋଗ ପାଇବା ପରେ ଥାନାରେ ଏକ ମାମଲା (ନଂ.୨୨୫/୧୮) ରୁଜୁ କରି ପୋଲିସ ତଦନ୍ତ ଆରମ୍ଭ କରିଥିଲା । ଏହି ଅପହରଣ ଘଟଣାର ପ୍ରାୟ ୬ ମାସ ପରେ ବିଶ୍ୱସ୍ତ ସୂତ୍ରରୁ ଖବର ପାଇ ବଲାଙ୍ଗୀର ସଦର ଥାନା ପୋଲିସ ଟିମ୍ ସମ୍ବଲପୁର ଥାନା ଅଞ୍ଚଳରୁ ଅପହରଣକାରୀ ସମିତି ସଭ୍ୟ ବାରଲେଣ୍ଡିଆଙ୍କୁ ଗିରଫ କରିବା ସହ ନାବାଳିକାଙ୍କୁ ଉଦ୍ଧାର କରିଛି । ଅଭିଯୁକ୍ତ ସମିତି ସଭ୍ୟଙ୍କୁ ଗିରଫ କରାଯିବା ପରେ ଗୁରୁବାର କୋର୍ଟଚାଲାଣ କରାଯାଇଥିଲା। କୋର୍ଟରେ ଜାମିନ ନାମଞ୍ଜୁର ହେବାରୁ ତାଙ୍କୁ ଜେଲ ହାଜତ୍‌କୁ ପଠାଯାଇଛି । ଅଭିଯୁକ୍ତଙ୍କ ବିରୋଧରେ ନାବାଳିକା ଅପହରଣ, ବଳାତ୍କାର ଓ ପୋକ୍‌ସୋ ଆକ୍ଟରେ ମାମଲା ରୁଜୁ ହୋଇଥିବା ସଦର ଥାନା ଅଧିକାରୀ ଯୋଗେଶ୍ୱର ପଣ୍ଡା ସୂଚନା ଦେଇଛନ୍ତି।

# ରାଜ୍ୟବ୍ୟାପୀ ଅଗ୍ନି ନିରାପତ୍ତା ଯାଞ୍ଚ ନିର୍ଦ୍ଦେଶ ଦେଲା ଗୃହ ବିଭାଗ

**ଭୁବନେଶ୍ୱର, ୩୦।୫(ବ୍ୟୁରୋ)**

■କୋଚିଂ ସେଣ୍ଟର, ବଡ଼ ଅଟ୍ଟାଳିକା, ପେଟ୍ରୋଲ ପମ୍ପରେ ଚଢ଼ାଉ ନିର୍ଦ୍ଦେଶ
■ପୂର୍ବରୁ କଟକ, ଭୁବନେଶ୍ୱରରେ ୨୧ କୋଚିଂ ସେଣ୍ଟର ଯାଞ୍ଚ ହୋଇଥିଲା

ଗୁଜରାଟର ସୁରଟରେ କୋଚିଂ ସେଣ୍ଟର ଅଗ୍ନିକାଣ୍ଡ ପରେ ଓଡ଼ିଶାରେ ଏନେଇ ଛନକା ପଶିଛି। ଶୋଇଯାଇଥିବା ରାଜ୍ୟ ଅଗ୍ନିଶମ ବିଭାଗ ତା'ର ପୁରୁଣା ଢ଼ଙ୍ଗରେ ପୁଣି ତତ୍ପର ହୋଇଉଠିଛି। ଏପରିସ୍ଥଳେ ଗୁରୁବାର ଗୃହ ବିଭାଗ ପକ୍ଷରୁ ରାଜ୍ୟରେ ଅଗ୍ନି ନିରାପତ୍ତା ବ୍ୟବସ୍ଥା ଯାଞ୍ଚ ପାଇଁ ନିର୍ଦ୍ଦେଶ ଦିଆଯାଇଛି। ଅଗ୍ନିଶମ ଡିଜି ବି.କେ. ଶର୍ମାଙ୍କ ନିକଟକୁ ଆସିଥିବା ଏକ ଚିଠିରେ ଉଲ୍ଲେଖ କରାଯାଇଛି ଯେ, ରାଜ୍ୟରେ ଥିବା କୋଚିଂ ସେଣ୍ଟରଗୁଡ଼ିକରେ ଚଢ଼ାଉ କରି ଯାଞ୍ଚ ସହ ଆବଶ୍ୟକ ପଦକ୍ଷେପ ନିଆଯାଉ। ଏହାସହ ବଡ଼ ବଡ଼ ଅଟ୍ଟାଳିକା ଓ ପେଟ୍ରୋଲ ପମ୍ପରେ ଅଗ୍ନିଶମ ନିରାପତ୍ତା ଯାଞ୍ଚ କରିବା ପାଇଁ ମଧ୍ୟ କୁହାଯାଇଛି।

ସୂଚନାଯୋଗ୍ୟ, ଏହା ପୂର୍ବରୁ ସୋମବାର ଓ ମଙ୍ଗଳବାର ଅଗ୍ନିଶମ ବିଭାଗ ପକ୍ଷରୁ ଟ୍ୱିନ୍‌ସିଟି କଟକ ଓ ଭୁବନେଶ୍ୱରରେ ଥିବା ୨୪ କୋଚିଂ ସେଣ୍ଟରରେ ଚଢ଼ାଉ କରାଯାଇଥିଲା। ଭୁବନେଶ୍ୱରରେ ୧୫ ଓ କଟକରେ ୯ଟି କୋଚିଂ ସେଣ୍ଟରରେ ୨୧ଟି ଟିମ୍ ଯାଞ୍ଚ କରୁଥିଲା। ହେଲେ ଅଧିକାଂଶ କୋଚିଂ ସେଣ୍ଟରରେ ଅଗ୍ନି ନିରାପତ୍ତା ବ୍ୟବସ୍ଥା ନ ଥିବା ଦେଖିବାକୁ ମିଳିଥିଲା। ଏପରିକି କୋଚିଂ ସେଣ୍ଟର ଭିତର ଓ ଛାତ ଉପରେ ଦହନଶୀଳ ପ୍ରଦାର୍ଥ ରଖାଯାଇଥିଲା। କୌଣସି ସମୟରେ ବି ବିପଦ ଆସିବାର ସମ୍ଭାବନା ଥିବାରୁ ତୁରନ୍ତ ତାହାକୁ ହଟାଇବାକୁ କୋଚିଂ ସେଣ୍ଟର କର୍ତ୍ତୃପକ୍ଷଙ୍କୁ ନିର୍ଦ୍ଦେଶ ଦିଆଯାଇଥିଲା। ସେହିଭଳି କେତେକ କୋଚିଂ ସେଣ୍ଟରରେ ଫାୟାର ଏକ୍ସଟିଂଗୁଇସର ଥିଲେ ମଧ୍ୟ ତାହାର ବ୍ୟବହାର କେହି ଜାଣି ନ ଥିବା ଜଣାପଡିଥିଲା। ତେଣୁ କିଭଳି ଏହାକୁ ବ୍ୟବହାର କରାଯିବ, ନିଆଁ ଲାଗିବା ପରେ ତତ୍କ୍ଷଣାତ୍ କ'ଣ କରିବା ଆବଶ୍ୟକ ସେନେଇ ଅଗ୍ନିଶମ କର୍ମଚାରୀମାନେ ପିଲାମାନଙ୍କୁ ସଚେତନ କରିଥିଲେ। ଏଥିସହ ଅଗ୍ନିଶମ ଅଧିକାରୀ ଓ କର୍ମଚାରୀମାନେ କୋଚିଂ ମାଲିକଙ୍କୁ ଡାକି ବୁଝାଇବା ସହ ତୁରନ୍ତ ଅଗ୍ନି ନିରାପତ୍ତା ବ୍ୟବସ୍ଥା କରିବାକୁ ନିର୍ଦ୍ଦେଶ ଦେଇଥିଲେ। ଏଥିପାଇଁ ଅଗ୍ନିଶମ ବିଭାଗ ପକ୍ଷରୁ ମଧ୍ୟ ୩ ସପ୍ତାହ ସମୟ ଦିଆଯାଇଛି। ଏହି ସମୟ ମଧ୍ୟରେ ଯଦି କୌଣସି ପଦକ୍ଷେ ନ ନିଅନ୍ତି ତେବେ ବାଧହୋଇ ଉକ୍ତ କୋଚିଂ ସେଣ୍ଟରକୁ ସିଲ୍ କରିବ ବୋଲି ମଧ୍ୟ ଅଗ୍ନିଶମ ବିଭାଗ ପକ୍ଷରୁ ଚେତାବନୀ ଦିଆଯାଇଛି। ତେବେ ଗୃହ ବିଭାଗର ନିର୍ଦ୍ଦେଶ ପରେ ଆଗକୁ ରାଜ୍ୟବ୍ୟାପୀ ଚଢ଼ାଉ ସହ ପଦକ୍ଷେପକୁ ଜୋର୍‌ଦାର କରାଯିବ ଅଗ୍ନିଶମ ବିଭାଗ ପକ୍ଷରୁ ବୋଲି କୁହାଯାଉଛି। କିନ୍ତୁ ପୂର୍ବର ବିଭିନ୍ନ ଘଟଣାକ୍ରମକୁ ଦେଖିଲେ ଅଗ୍ନିଶମ ବିଭାଗର ଏପରି ତତ୍ପରତା କିଛିଦିନ ପରେ ଆଉ ରହିବ ନାହିଁ ବୋଲି ଲୋକଙ୍କ ମଧ୍ୟରେ ଆଲୋଚନା ହେଉଛି।

■ ପୁଣି ୫ବର୍ଷ ପରେ ବାଲେଶ୍ୱରକୁ ମିଳିଲା କେନ୍ଦ୍ରମନ୍ତ୍ରୀ ପଦ

# ମୋଦିଙ୍କ ଟିମ୍‌ରେ ପ୍ରତାପ

**ଉତ୍ସବ ପାଳନ କଲେ କର୍ମୀ, ନେତା**

**ବାଲେଶ୍ୱର ଅଫିସ, ୩୦।୫**

ବାଲେଶ୍ୱରର ନବନିର୍ବାଚିତ ଏମ୍‌ପି ପ୍ରତାପ ଚନ୍ଦ୍ର ଷଡ଼ଙ୍ଗୀ କେନ୍ଦ୍ର ମନ୍ତ୍ରିମଣ୍ଡଳରେ ସ୍ଥାନ ପାଇଛନ୍ତି। ଫଳରେ ୫ବର୍ଷ ପରେ ବାଲେଶ୍ୱରକୁ ପୁଣି ଥରେ କେନ୍ଦ୍ରମନ୍ତ୍ରୀ ପଦ ମିଳିଛି । ଏହାପୂର୍ବରୁ ଶ୍ରୀକାନ୍ତ ଜେନା କେନ୍ଦ୍ରମନ୍ତ୍ରୀ ହୋଇଥିଲେ। ଏହାକୁ ନେଇ ବାଲେଶ୍ୱରବାସୀଙ୍କ ମନରେ ଉତ୍ସାହ ଦେଖାଦେଇଛି। ପ୍ରଥମଥର ପାଇଁ ଏମ୍‌ପି ଭାବେ ନିର୍ବାଚିତ ହୋଇଥିବା ଷଡଙ୍ଗୀଙ୍କୁ କେନ୍ଦ୍ରମନ୍ତ୍ରୀ କରାଯାଇଥିବାରୁ ତାଙ୍କ ସମର୍ଥକ, ଭାଜପା କର୍ମୀମାନେ ମିଠା ବାଣ୍ଟି, ବାଣ ଫୁଟାଇ ଖୁସି ଜାହିର କରିଛନ୍ତି । ଓଡ଼ିଶାର କୃଷି ଓ କୃଷିଭିତ୍ତିକ ଶିଳ୍ପ ଉପରେ ପ୍ରତାପ ଗୁରୁତ୍ୱ ଆରୋପ କରି ଆସୁଥିଲେ। ତାଙ୍କୁ ମନ୍ତ୍ରୀପଦ ମିଳିଥିବାରୁ ବାଲେଶ୍ୱର ସହ ଓଡ଼ିଶାବାସୀଙ୍କ ନାନା ସମସ୍ୟାର ସମାଧାନ ହେବ ବୋଲି ଏଠାରେ ମତ ପ୍ରକାଶ ପାଇଛି।

ପ୍ରତାପଙ୍କ ଜନ୍ମ ନୀଳଗିରିର ଏକ ସାଧାରଣ ପରିବାରରେ। ସେ ଛାତ୍ରଜୀବନରୁ ଆର୍‌ଏସ୍‌ଏସ୍ ଏବଂ ବିଶ୍ୱ ହିନ୍ଦୁ ପରିଷଦର ବିଭିନ୍ନ ଦାୟିତ୍ୱ ନିର୍ଭୀକ ଭାବେ ତୁଲାଇଥିଲେ। ନୀଳଗିରି କଲେଜରେ କିରାଣି ଚାକିରି କରି ଉପାର୍ଜନ ଅର୍ଥରେ ନିଜର ଆବଶ୍ୟକତା ପୂରଣ ସହ ଘରେ ଥିବା ବୃଦ୍ଧା ମା' ଏବଂ ଭଉଣୀଙ୍କ ଭରଣପୋଷଣ କରୁଥିଲେ। ପାରିବାରିକ ଜଞ୍ଜାଳରୁ ମୁକ୍ତ ରହି ସାରାଜୀବନ ମାନବ ସେବା କରିବା ଆକାଂକ୍ଷା ନେଇ ରାଜନୀତିକୁ ଆସିଥିଲେ। ୨୦୦୪ ମସିହାରେ ପ୍ରଥମଥର ପାଇଁ ସେ ଭାଜପା ବିଧାୟକ ପ୍ରାର୍ଥୀ ଭାବେ ନୀଳଗିରି ନିର୍ବାଚନମଣ୍ଡଳୀରେ ପ୍ରତିଦ୍ୱନ୍ଦ୍ୱିତା କରି ବିଜୟୀ ହୋଇଥିଲେ। ତାଙ୍କ ଜନସେବା ଓ କର୍ତ୍ତବ୍ୟ ନିଷ୍ଠାକୁ ଆଖି ଆଗରେ ରଖି ଭାଜପା ତାଙ୍କୁ ୨୦୦୯ ମସିହା ସାଧାରଣ ନିର୍ବାଚନରେ ପୁଣିଥରେ ପ୍ରତିଦ୍ୱନ୍ଦ୍ୱିତା କରିବା ପାଇଁ ଟିକେଟ୍ ଦେଇଥିଲା । ହେଲେ ଦଳୀୟ ଟିକେଟକୁ ଚକ୍ରାନ୍ତପୂର୍ବକ ତାଙ୍କଠାରୁ ଚୋରାଇ ନିଆଯାଇଥିବାରୁ ସେ ସ୍ୱାଧୀନ ପ୍ରାର୍ଥୀ ଭାବେ ପ୍ରତିଦ୍ୱନ୍ଦ୍ୱିତା କରି ଦ୍ୱିତୀୟ ଥର ପାଇଁ ବିଜୟୀ ହୋଇଥିଲେ। ୨୦୧୪ ସାଧାରଣ ନିର୍ବାଚନରେ ବାଲେଶ୍ୱରରୁ ତାଙ୍କୁ ଭାଜପା ଏମ୍‌ପି ପ୍ରାର୍ଥୀ ଭାବେ ପ୍ରତିଦ୍ୱନ୍ଦ୍ୱିତା କରିବାକୁ ସୁଯୋଗ ମିଳିଥିଲା । ହେଲେ ବିଜେଡି ପ୍ରାର୍ଥୀ ରବୀନ୍ଦ୍ର ଜେନାଙ୍କଠାରୁ ସେ ପରାଜିତ ହୋଇଥିଲେ। ତେବେ ଚଳିତ ୨୦୧୯ ନିର୍ବାଚନରେ ସେ ୨ ହେଭିୱେଟ ପ୍ରାର୍ଥୀ ତଥା ବିଜେଡିର ରବୀନ୍ଦ୍ର ଜେନା ଓ କଂଗ୍ରେସର ନବଜ୍ୟୋତି ପଟ୍ଟନାୟକଙ୍କୁ ହରାଇ ବିଜୟ ଲାଭ କରିଥିଲେ। ତାଙ୍କ ସାଙ୍ଗଠନିକ ଦକ୍ଷତା, ସାଧୁତା ଏବଂ ନିଷ୍ଠାପର କାର୍ଯ୍ୟ ପାଇଁ ତାଙ୍କୁ କେନ୍ଦ୍ର ମନ୍ତ୍ରିମଣ୍ଡଳରେ ସାମିଲ୍ କରାଯାଇଛି।

ନୀଳଗିରି ଭାଜପା ବିଧାୟକ ଇଂ. ସୁକାନ୍ତ ନାୟକ କହିଛନ୍ତି, ନୀଳଗିରିର ଜଣେ ସୁପୁତ୍ର ପ୍ରଥମଥର ପାଇଁ କେନ୍ଦ୍ର ମନ୍ତ୍ରିମଣ୍ଡଳରେ ସାମିଲ ହୋଇଥିବାରୁ ସେ ବହୁତ ଖୁସି। ଏଥିପାଇଁ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କୁ ସେ ଅଭିନନ୍ଦନ ଜଣାଇଛନ୍ତି। କୃଷି ଭିତ୍ତିକ ସମସ୍ୟାର ସମାଧାନ, ପର୍ଯ୍ୟଟନ ଶିଳ୍ପକୁ ତ୍ୱରାନ୍ୱିତ କରିବା ସହ ନୀଳଗିରିରେ ଥିବା ବିଭିନ୍ନ ସମସ୍ୟାର ସମାଧାନ କରିବା ଦିଗରେ ସହାୟ ହୋଇପାରିବ। ବାଲେଶ୍ୱର ସଦର ବିଧାୟକ ମଦନ ମୋହନ ଦତ୍ତ କହିଛନ୍ତି, ବାଲେଶ୍ୱରର ବିକାଶ ସହିତ କେନ୍ଦ୍ରମନ୍ତ୍ରୀ ଷଡ଼ଙ୍ଗୀଙ୍କ ଭଳି ଜଣେ ନିର୍ମଳ ବ୍ୟକ୍ତିତ୍ୱ ଏବଂ ପରୋପକାରୀ, ସାମାଜିକ କର୍ମୀଙ୍କୁ ଉପଯୁକ୍ତ ସ୍ଥାନ ମିଳିଛି। ବହୁଦିନ ପରେ ବାଲେଶ୍ୱରର ଜଣେ ଯୋଗ୍ୟ ବ୍ୟକ୍ତି କେନ୍ଦ୍ର ମନ୍ତ୍ରିମଣ୍ଡଳରେ ସ୍ଥାନ ପାଇଛନ୍ତି। କଂଗ୍ରେସ ପ୍ରାର୍ଥୀ ନବଜ୍ୟୋତି ପଟ୍ଟନାୟକ ପ୍ରତାପ ଷଡଙ୍ଗୀ ଓ ଧର୍ମେନ୍ଦ୍ର ପ୍ରଧାନଙ୍କୁ ଶୁଭେଚ୍ଛା ଜଣାଇବା ସହ ଓଡ଼ିଶାର ବିକାଶକୁ ଆଗେଇ ନେବାକୁ ଅନୁରୋଧ କରିଛନ୍ତି। ବାଲେଶ୍ୱର ବାସିନ୍ଦା ସଲମନ୍ ସାହୁ କୁହନ୍ତି, ବାଲେଶ୍ୱର ଜିଲାରୁ କେନ୍ଦ୍ର ସରକାରରେ ପ୍ରତାପ ଚନ୍ଦ୍ର ଷଡ଼ଙ୍ଗୀ ସାମିଲ ହୋଇଥିବାରୁ ସେ ବହୁତ ଖୁସି। ଜିଲାର ସର୍ବାଙ୍ଗୀନ ଉନ୍ନତି ସହ ଦୁର୍ନୀତିକୁ ମୂଳପୋଛ କରିବା ନେଇ ଆଶାପୋଷଣ କରିଛନ୍ତି।

# ନର୍ସିଂହୋମ ୩ ମହଲାରୁ ଖସି ସୁଇପରଙ୍କ ମୃତ୍ୟୁ

**ହତ୍ୟା ଅଭିଯୋଗ ଆଣିଲେ ପରିବାର**

**ଭଦ୍ରକ ଅଫିସ, ୩୦।୫**

ଭଦ୍ରକ ଟାଉନ ଥାନା ଅଧୀନ ଗାନ୍ଧୀପଡ଼ିଆରେ ଥିବା ଏକ ନର୍ସିଂହୋମରେ ଗୁରୁବାର ଭୋରୁ ୩ ମହଲାରୁ ଖସି ପଡ଼ି ଜଣେ ସୁଇପରଙ୍କର ମୃତ୍ୟୁ ଘଟିଛି। ମୃତକ ହେଲେ ବାଲେଶ୍ୱର ଜିଲା କୁପାରୀ ଏକାଦୋଳି ଅଞ୍ଚଳର ମହେଶ୍ୱର ଦାସ। ଏ ନେଇ ଟାଉନ ଥାନାରେ ଏକ ଅପମୃତ୍ୟୁ ମାମଲା(ନଂ.୬୦/୧୯) ରୁଜୁକରାଯାଇ ମୃତଦେହ ବ୍ୟବଚ୍ଛେଦ ପାଇଁ ପଠାଯାଇଛି। ଅନ୍ୟପକ୍ଷେ ମହେଶ୍ୱରଙ୍କ ପରିବାର ଲୋକେ ହତ୍ୟା ଅଭିଯୋଗ ଆଣିଛନ୍ତି। ପୋଲିସ ଘଟଣାର ତଦନ୍ତ ଚଳାଇଛି।

ଅଭିଯୋଗରେ ଦର୍ଶାଯାଇଛି ଯେ, ମହେଶ୍ୱର ଦୀର୍ଘଦିନ ଧରି ଉକ୍ତ ନର୍ସିଂହୋମରେ ସୁଇପର ଭାବେ କାର୍ଯ୍ୟ କରିଆସୁଥିଲେ। ଗତ କିଛିଦିନ ଧରି ସେ ଏଠାରେ କାମ କରିବାକୁ ଅନିଚ୍ଛା ପ୍ରକାଶ କରି ଗାଁକୁ ପଳାଇଯାଇଥିଲେ। ୫ ଦିନ ତଳେ ନର୍ସିଂହୋମର ମ୍ୟାନେଜର ତାଙ୍କୁ ଡାକି ପୁଣି କାମରେ ନିୟୋଜିତ କରାଇଥିଲେ। କାମରେ କିଛି ଅସୁବିଧା ହେବ ନାହିଁ ବୋଲି ମ୍ୟାନେଜର ପ୍ରତିଶ୍ରୁତି ଦେବା ପରେ ସେ କାମ କରିଥିଲେ। ଗୁରୁବାର ଭୋର ସମୟରେ ତାଙ୍କୁ ୩ୟ ମହଲାରୁ ଠେଲିଦିଆଯାଇଛି। ଏ ନେଇ ମହେଶ୍ୱରଙ୍କ ପରିବାର ପକ୍ଷରୁ ଟାଉନ ଥାନାରେ ଏତଲା ଦିଆଯାଇଛି। ଘଟଣାର ତଦନ୍ତ ଚାଲିଛି। ବ୍ୟବଚ୍ଛେଦ ରିପୋର୍ଟ ଆସିବା ପରେ ସତ୍ୟାସତ୍ୟ ଜଣାପଡ଼ିବ ବୋଲି ଥାନାଧିକାରୀ ସରୋଜିନୀ ସିଂ କହିଛନ୍ତି।







Printed and Published by Tathagata Satpathy on behalf of Navajat Printers & Media Pvt. Ltd.& Printed at Navajat Printers, B/4, Bareipali, Sambalpur, Editor - Tathagata Satpathy ସମ୍ପାଦକ–ତଥାଗତ ସତପଥୀ



କୌଣସି ମହତ ବ୍ୟକ୍ତି ଅଭାବ ଓ ସୁଯୋଗ ନିମନ୍ତେ ଅଭିଯୋଗ କରେନାହିଁ।
- ଆର. ଡବ୍ଲ୍ୟୁ. ଇମରସନ



## ସଂକ୍ଷେପରେ

### ବାଇକ୍ ଧକ୍କାରେ ଯୁବକ ଗୁରୁତର

**ଦେଓଗାଁ,୩୦।୫(ଡି.ଏନ.ଏ.):** ଦେଓଗାଁ ଏଟିଏମ ଛକରେ ଗୁରୁବାର ସନ୍ଧ୍ୟାରେ ବାଇକ ଧକ୍କାରେ ଜଣେ ଯୁବକ ଗୁରୁତର ହୋଇଛନ୍ତି। ଅପରପକ୍ଷରେ ଆରୋହୀ ବି ଆହତ ହୋଇଛନ୍ତି। ଆହତଦ୍ୱୟ ହେଲେ ପର୍ଣ୍ଣୁପାଲିର କୁନୁ ଚନ୍ଦନ ଓ ଦେଓଗାଁର ଲକ୍ଷ୍ମଣ ଦଲାଇ । ସ୍ଥାନୀୟ ଅଗ୍ନିଶମ କେନ୍ଦ୍ର ଅଧିକାରୀ ଏଲୋଇସ ବାର୍ଲା ଆହତ କୁନୁଙ୍କୁ ବଲାଙ୍ଗୀର ଭୀମଭୋଇ ଡାକ୍ତରଖାନାକୁ ପଠାଇଛନ୍ତି। ଦେଓଗାଁ ପୋଲିସ ଦୁର୍ଘଟଣାଗ୍ରସ୍ତ ବାଇକକୁ ଜବତ କରିଛି। କୁଡୁର୍ଲା ପର୍ଣ୍ଣୁପାଲିର କୁନୁ ବାଇକ (ନଂ ଓଆର୦୩ସି୧୮୬୬)ଯୋଗେ ଦେଓଗାଁ ଆସୁଥିବା ବେଳେ ଏଟିଏମ ଛକଦେଇ ଦେଓଗାଁର ଲକ୍ଷ୍ମଣ ଦଲାଇ ଜାତୀୟ ରାଜପଥ ପାରହୋଇ କନ୍ଧପାଲିକୁ ଯାଉଥିଲେ। ବାଇକ ଆରୋହୀ ଲକ୍ଷ୍ମଣଙ୍କୁ ଧକ୍କା ଦେଇଥିଲେ।

### ନାମଯଜ୍ଞ ଉପଲକ୍ଷେ ମହିଳାଙ୍କ କଳସ ଶୋଭାଯାତ୍ରା

**ଟିକ୍ରାପଡା, ୩୦।୫(ଡି.ଏନ.ଏ.):** ମୁରିବାହାଲ ବ୍ଲକ ଇଚ୍ଛାପଡା ପଞ୍ଚାୟତ ଅଧିନ ଅନ୍ତର୍ଲା ଗ୍ରାମରେ ଚବିଶି ପ୍ରହର ନାମଯଜ୍ଞ ଉପଲକ୍ଷେ ମହିଳାଙ୍କ କଳସ ଶୋଭାଯାତ୍ରା ଗୁରୁବାର ଅନୁଷ୍ଠିତ ହୋଇଯାଇଛି। ମହିଳାମାନେ ନିକଟସ୍ଥ ଜଳାଶୟରୁ କଳସରେ ଜଳ ଆଣି ପୂଜା ମଣ୍ଡପରେ ସ୍ଥାପନ କରିଥିଲେ।

ଉଠାଇ ହେଉନି ଜମାଟଙ୍କା

# ବ୍ୟାଙ୍କ ସମ୍ମୁଖରେ ଚାଷୀଙ୍କ ବିକ୍ଷୋଭ

**ବିନିକା, ୩୦।୫(ଡି.ଏନ୍.ଏ.)**

ଜମା ଟଙ୍କା ଉଠାଇବାରେ ସମସ୍ୟା ହେଉଛି। ବାରମ୍ବାର ବ୍ୟାଙ୍କକୁ ଯାଇ ନିରାଶ ହୋଇ ଫେରିବାକୁ ହେଉଛି। ବ୍ୟାଙ୍କରେ ଟଙ୍କା ନ ଥିବା କୁହାଯାଇ ସେମାନଙ୍କୁ ଗତ ତିନିଦିନ ହେଲାଣି ଫେରାଇ ଦିଆଯାଉଛି। ଏହିଭଳି ଅଭିଯୋଗ କରି ଗୁରୁବାର ଶତାଧିକ ଚାଷୀ ବଲାଙ୍ଗୀର ଜିଲା କେନ୍ଦ୍ର ସମବାୟ ବ୍ୟାଙ୍କ ଅଧୀନ ବିନିକା ଶାଖା ସମ୍ମୁଖରେ ବିକ୍ଷୋଭ ପ୍ରଦର୍ଶନ କରିଛନ୍ତି। ଉପସ୍ଥିତ ଚାଷୀ ନେତାମାନେ ଅଭିଯୋଗ କରିଥିଲେ ଯେ, ଗତବର୍ଷ ବ୍ୟାଙ୍କରୁ ଏକାଥରକେ ୪୯ହଜାର ଟଙ୍କା ଯାଏ ଉଠାଣ କରି ହେଉଥିଲା । ଚାଷୀମାନେ ନିଜ ଜମାଖାତାରୁ ୨/୩କିସ୍ତିରେ ଟଙ୍କା ଉଠାଇଥିଲେ । ଚଳିତ ବର୍ଷ ସୋନପୁର ଷ୍ଟେଟ୍ ବ୍ୟାଙ୍କକୁ ବିନିକା ସମବାୟ ବ୍ୟାଙ୍କ ଶାଖାକୁ ଟଙ୍କା ଯୋଗାଇ ଦେବାର ବ୍ୟବସ୍ଥା କରାଯାଇଛି । ହେଲେ ଅବସ୍ଥାରେ ସୁଧାର ଆସିବା ପରିବର୍ତ୍ତେ ଅଧିକ ସମସ୍ୟା ସୃଷ୍ଟି ହେଉଛି ବୋଲି ମୂରଲୀ ମେଶ୍ରୁଆ, ନବୀନ ନାୟକ, ପ୍ରଦୀପ ଦଣ୍ଡସେନା, ବାସୁଦେବ ମିଶ୍ର, ସୁରଥ ଡାଙ୍ଗ, ପଦ୍ମନାଭ ମହାକୁର, ସଦଶିବ ପଣ୍ଡା, ପରଦେଶୀ ନାଏକ, ନିରାକାର କର୍ଣ୍ଣ ପ୍ରମୁଖ ଚାଷୀ ଅଭିଯୋଗ କରିଛନ୍ତି।



ଚାଷୀମାନେ ବିନିକା ସମବାୟ ବ୍ୟାଙ୍କ୍ ଶାଖା ସମ୍ମୁଖରେ ବିକ୍ଷୋଭ ପ୍ରଦର୍ଶନ କରୁଛନ୍ତି।

ପରେ ବିନିକା ସମବାୟ ବ୍ୟାଙ୍କ୍ ଶାଖା ପରିଚାଳକ ପ୍ରଶାନ୍ତ ପଣ୍ଡା ଚାଷୀମାନଙ୍କ ସହ ଆଲୋଚନା କରି କହିଥିଲେ ଯେ, ଏହି ଶାଖାରେ ୬ହଜାରରୁ ଉର୍ଦ୍ଧ୍ୱ ଜମାକାରୀ ରହିଛନ୍ତି। ବର୍ତ୍ତମାନ ବିନିକା ଅଞ୍ଚଳର ପ୍ରାୟ ସମସ୍ତ ପ୍ୟାକ୍ସରେ ଚାଷୀଙ୍କ ଧାନକ୍ରୟ କାମ

### ସମାଧାନ ପ୍ରତିଶ୍ରୁତି ଦେଲେ ଶାଖା ପରିଚାଳକ

ଚାଲିଛି । ଧାନବିକ୍ରୀ ଟଙ୍କା ଚାଷୀଙ୍କ ବ୍ୟାଙ୍କ ଖାତାରେ ଦୈନିକ ଜମା ହେଉଛି । ଗତବର୍ଷ ଆମ ବ୍ୟାଙ୍କରୁ ଚାଷୀ ଦୈନିକ ନିଜ ଜମାଖାତାରୁ ୪୯ହଜାର ଟଙ୍କା ଉଠାଇ ପାରୁଥିଲେ। ପୂର୍ବରୁ ବଲାଙ୍ଗୀର ବିଡିସିସି ଶାଖାରୁ ଏକ୍ସିସ ବ୍ୟାଙ୍କ ନିୟୋଜିତ ଯାନରେ ବିନିକା ସମବାୟ ବ୍ୟାଙ୍କ୍ ଶାଖାକୁ ଆବଶ୍ୟକ ଟଙ୍କା ପହଞ୍ଚୁଥିଲା । ମାତ୍ର ବର୍ତ୍ତମାନର ବ୍ୟବସ୍ଥାରେ କ'ଣ ଅସୁବିଧା ହେଉଛି ତାହାର ପର୍ଯ୍ୟାଲୋଚନା ପରେ ସମସ୍ୟାର ସମାଧାନ କରାଯିବ ବୋଲି କହିଥିଲେ । ଏହା ପରେ ଚାଷୀମାନେ ବିକ୍ଷୋଭ ଆନ୍ଦୋଳନରୁ ଓହରିଥିଲେ।

# ଉଲୁଣ୍ଡାରେ ମୃତଦେହ ପୋତା ହୋଇଥିବା ନେଇ ଗୁଜବ

**ଉଲୁଣ୍ଡା, ୩୦।୫(ଡି.ଏନ.ଏ.)**

ସୁବର୍ଣ୍ଣପୁର ଜିଲା ଉଲୁଣ୍ଡା ଅଞ୍ଚଳରେ ବୁଧବାର ହତ୍ୟାପରେ ମାଟି ତଳେ ଏକ ମୃତଦେହ ପୋତା ହୋଇଥିବା ନେଇ ଗୁଜବ ପ୍ରକାଶ ପାଇଥିଲା। ଗୁରୁବାର ଏ ନେଇ କୁତମେଣ୍ଡା ଗ୍ରାମବାସୀ ଉଲୁଣ୍ଡା ଥାନାରେ ଅଭିଯୋଗ କରିଥିଲେ ଯେ, ସୋନପୁର-ସମ୍ବଲପୁର ମୁଖ୍ୟରାସ୍ତାର କୁତମେଣ୍ଡା ଛକ ସମଲେଇ ମନ୍ଦିର ନିକଟରେ ଏକ ମୃତଦେହ ପୋତା ଯାଇଛି। ଅଭିଯୋଗ ଆଧାରରେ ଆଇଆଇସି ବିଧୁଭୂଷଣ ପୁଟା, ମାଜିଷ୍ଟ୍ରେଟ ତଥା ଅତିରିକ୍ତ ତହସିଲଦାର ଘଟଣାସ୍ଥଳରେ ପହଞ୍ଚିବା ପରେ ଏକ ଜେସିବି ସାହାଯ୍ୟରେ ମାଟିକୁ ଖୋଳାଯାଇଥିଲା। ମାତ୍ର ଉକ୍ତ ସ୍ଥାନରେ କିଛି ନ ଥିବାରୁ ମୃତଦେହ ପୋତା ହେବା ନେଇ ଗୁଜବ ବୋଲି ପ୍ରମାଣିତ ହୋଇଥିଲା।

## ଅନ୍ତର୍ଡା କ୍ରିକେଟ୍ ପ୍ରିମିୟର ଲିଗ୍: ଏସ୍‌ଜେ ଦଳ ବିଜୟୀ

**ବିନିକା,୩୦।୫(ଡି.ଏନ୍.ଏ.)**

ସୁବର୍ଣ୍ଣପୁର ଜିଲା ବିନିକା ବ୍ଲକ ଅନ୍ତର୍ଡା ଖେଳ ପଡିଆରେ ଚାଲିଥିବା ଅନ୍ତର୍ଡା କ୍ରିକେଟ୍ ପ୍ରିମିୟର ଲିଗ୍‌ର ୧୦ମ ଲିଗ୍ ମ୍ୟାଚ୍ ଗୁରୁବାର ଖେଳା ଯାଇଥିଲା। ଟସ୍ ଜିଣି ଏସ୍.ଜେ ଦଳ ପ୍ରଥମେ ବ୍ୟାଟିଂ କରି ୧୦ ଓଭରରେ ୬ ଉଇକେଟ୍ ହରାଇ ୧୦୬ରନ୍ ସଂଗ୍ରହ କରିଥିଲା। ୧୦୬ରନ୍‌ର ପିଛା କରି ଅନ୍ତର୍ଡା ଦଳ ୧୦ ଓଭରରେ ୭୯ରନ୍ ସଂଗ୍ରହ କରି ପରାଜିତ ହୋଇଥିଲା। ଫଳରେ ଏସ୍.ଜେ ଦଳ ୨୭ରନ୍‌ରେ ବିଜୟୀ ହୋଇ ସେମି ଫାଇନାଲକୁ ଉତୀର୍ଣ୍ଣ ହୋଇଛି । ଶୁକ୍ରବାର ବିଡିଆର୍ ବନାମ ଏସ୍.ଜେ ମଧ୍ୟରେ ପ୍ରଥମ ସେମିଫାଇନାଲ୍ ମ୍ୟାଚ୍ ଅନୁଷ୍ଠିତ ହେବ ।



ବିଜୟୀ ଏସଜେ ଦଳର ଖେଳାଳିମାନେ।

## କୋଟସମଲାଇ ପ୍ରିମିୟର ଲିଗ୍ କ୍ରିକେଟ
## ହରିଣାପାଲି, ଉଲୁଣ୍ଡା ବିଜୟୀ

**ଅମରପାଲି, ୩୦।୫(ଡି.ଏନ.ଏ.)**

ସୁବର୍ଣ୍ଣପୁର ଜିଲା ଉଲୁଣ୍ଡା ବ୍ଲକ କୋଟସମଲାଇଠାରେ ଚାଲିଥିବା ଅଷ୍ଟମ କୋଟସମଲାଇ ପ୍ରିମିୟର ଲିଗ୍ କ୍ରିକେଟର ଚତୁର୍ଥ ଦିବସରେ ପାତରପାଲିକୁ ହରାଇ ହରିଣାପାଲି ଓ ବୈରାଗୀପାଲିକୁ ହରାଇ ଉଲୁଣ୍ଡା ବିଜୟୀ ହୋଇଛି। ପ୍ରଥମ ମ୍ୟାଚରେ ହରିଣାପାଲି ପ୍ରଥମେ ବ୍ୟାଟିଂ କରି ନିର୍ଦ୍ଧାରିତ ୧୦ ଓଭରରେ ୪ ଉଇକେଟ ହରାଇ ୭୭ ରନ କରିଥିଲା। ଦଳର ଦେବାଶିଷ ୩୩ ରନ ଓ ମଣ୍ଟୁ ୧୪ ରନ କରିଥିଲେ। ବିପକ୍ଷ ଦୂର ମନୋରଞ୍ଜନ ଓ ସୁରଥ ଗୋଟିଏ ଲେଖାଏ ଉଇକେଟ ନେଇଥିଲେ। ଜବାବରେ ପାତରପାଲି ଦଳ ନିର୍ଦ୍ଧାରିତ ୧୦ ଓଭରରେ ୯ ଉଇକେଟ ହରାଇ ୫୬ ରନ କରି ପରାସ୍ତ ହୋଇଥିଲା। ଦଳର ସନତ ୧୪ ଓ ତାପସ ୧୧ ରନ କରିଥିଲେ। ବିପକ୍ଷ ସାନ୍ତନୁ ୪ଟି ଓ ସରୋଜ ଗୋଟିଏ ଉଇକେଟ ନେଇଥିଲେ। ହରିଣାପାଲିର ଦେବାଶିଷଙ୍କୁ ମ୍ୟାନ ଅଫ୍ ଦି ମ୍ୟାଚ ଭାବେ ପୁରସ୍କୃତ କରାଯାଇଥିଲା। ଦ୍ୱିତୀୟ ମ୍ୟାଚରେ ବୈରାଗିପାଲି ପ୍ରଥମେ ବ୍ୟାଟିଂ କରି ନିର୍ଦ୍ଧାରିତ ୮ ଓଭରରେ ୮ ଉଇକେଟ ହରାଇ ୫୮ ରନ କରିଥିଲା। ଦଳର ବୁଲୁ ୨୦ ରନ ଓ ସତ୍ୟ ୧୨ ରନ କରିଥିଲେ। ବିପକ୍ଷ ମନୋଜ ଓ ଦଶରଥ ୨ଟି ଲେଖାଏଁ ଉଇକେଟ ନେଇଥିଲେ। ଜବାବରେ ଉଲୁଣ୍ଡା ଦଳ ଆବଶ୍ୟକ ୫୯ ରନକୁ ମନୋଜଙ୍କ ୨୭ ରନ ଓ ପିମାଙ୍କ ୧୦ ରନ ସହାୟତାରେ ୮ ଉଇକେଟ ହରାଇ ସଂଗ୍ରହ କରି ବିଜୟୀ ହୋଇଥିଲା। ବିପକ୍ଷ ଦଳର ବୁଲୁ ଓ ଗୌର ୨ଟି ଲେଖାଏଁ ଉଇକେଟ ନେଇଥିଲେ। ମନୋଜଙ୍କୁ ମ୍ୟାନ ଅଫ୍ ଦି ମ୍ୟାଚଭାବେ ପୁରସ୍କୃତ କରାଯାଇଥିଲା। ଖେଳଗୁଡିକୁ ବିଶ୍ୱନାଥ ବାରିକ ଓ ଦେବାଶିଷ ଦେହେରୀ ପରିଚାଳନା କରିଥିଲେ। ଗୋକୁଳାନନ୍ଦ ପ୍ରଧାନ ସ୍କୋରିଂ ଏବଂ ସୋମନାଥ ପୁରୋହିତ ଓ ଧ୍ରୁବ କୁମାର ସାହୁ ଧାରା ବିବରଣୀ ପ୍ରଦାନ କରିଥିଲେ।

# ମୁକୁଳା ପଡ଼ିଛି ଏଟିଏମ୍



ସୋନପୁର ସହରର ମେନ ରୋଡ, ଏସବିଆଇ ରୋଡ ଓ ଫକୀରପଟ୍ଟନାୟକ ଛକରେ ଥିବା ଏଟିଏମ୍ କାଉଣ୍ଟରରେ କେହି ସୁରକ୍ଷା କର୍ମୀ ନାହାନ୍ତି ।

**ସୋନପୁର,୩୦।୫(ନି.ପ୍ର)**

**ସୁବର୍ଣ୍ଣପୁର ଜିଲା**
- ନାହାନ୍ତି ସୁରକ୍ଷା କର୍ମୀ
- ରାତିରେ ଟଙ୍କା ଉଠାଇବାକୁ ଡର

ସବୁଠାରୁ ସୁବିଧାଜନକ ଏବଂ ଶୀଘ୍ର ଟଙ୍କା ଉଠାଇବାର ଏକମାତ୍ର ଉପାୟ ହେଲା ଏଟିଏମ୍। ମାତ୍ର ଏହି ଏଟିଏମ୍‌ଗୁଡିକ ଏବେ ସୁବର୍ଣ୍ଣପୁର ଜିଲାରେ ମୁକୁଳା ପଡିଛି। ଏଟିଏମ୍‌ଗୁଡିକର ସୁରକ୍ଷା ପ୍ରତି ବ୍ୟାଙ୍କ ଗୁଡିକ ଅଣଦେଖା କରୁଛନ୍ତି। ଏଠାରେ ଜଣେ ସୁରକ୍ଷା କର୍ମୀଙ୍କୁ ମଧ ନିୟୋଜିତ କରାଯାଉନାହିଁ। କାଁ ଭାଁ ହାତଗଣତି ଏଟିଏମ୍‌ରେ ଦିନବେଳେ ସୁରକ୍ଷା କର୍ମୀଙ୍କୁ ଦେଖିବାକୁ ମିଳୁଛି। ମାତ୍ର ରାତି ହେଲେ ଏଟିଏମ୍‌ରେ ସୁରକ୍ଷା କର୍ମୀ ରହୁ ନାହାନ୍ତି। ଫଳରେ ଏଟିଏମ୍ ଉପଭୋକ୍ତା ରାତିରେ ଟଙ୍କା ଉଠାଇବା ପାଇଁ ଭୟ କରୁଛନ୍ତି।

ଜିଲାର ବିଭିନ୍ନ ସ୍ଥାନରେ ବିଗତ ଦିନରେ ଏଟିଏମ୍ କାଉଣ୍ଟରଗୁଡିକରେ ଆକ୍ରମଣ ହୋଇଛି। ରାତିରେ ବହୁବାର ଏଟିଏମ୍ ଭାଙ୍ଗିବା ଉଦ୍ୟମ ହୋଇଛି। ଦୁର୍ବୃତ୍ତମାନେ ଏଟିଏମ୍ ଭଙ୍ଗା ରୁଜା କରି ଟଙ୍କା ଚୋରାଇବାକୁ ଉଦ୍ୟମ କରିଛନ୍ତି। ଏଭଳି ଘଟଣା ବୃଦ୍ଧି ପାଉଥିଲେ ମଧ୍ୟ ବ୍ୟାଙ୍କ କର୍ତ୍ତୃପକ୍ଷଙ୍କ ଚେତା ପଶୁନି। ସୁବର୍ଣ୍ଣପୁର ସହରରେ ପ୍ରାୟତଃ ସମସ୍ତ ରାଷ୍ଟ୍ରାୟତ୍ତ ବ୍ୟାଙ୍କ୍ ଓ ଘରୋଇ ବ୍ୟାଙ୍କଗୁଡିକର ଶାଖା ରହିଛି। ସମସ୍ତ ବ୍ୟାଙ୍କର ୨୫ରୁ ଉର୍ଦ୍ଧ୍ୱ ଏଟିଏମ୍ କାଉଣ୍ଟର ଏଠାରେ କାର୍ଯ୍ୟ କରୁଛି । ମାତ୍ର ଷ୍ଟେଟ୍ ବ୍ୟାଙ୍କ ଅଫ ଇଣ୍ଡିଆ(ଏସ୍‌ବିଆଇ)ର ବଡବଜାର ଓ ବ୍ଲକ ଛକ କାଉଣ୍ଟର ଏବଂ ଗୋଟିଏ ଦୁଇଟି ଘରୋଇ ବ୍ୟାଙ୍କ୍‌ର ଏଟିଏମ୍ ବ୍ୟତୀତ ଅନ୍ୟ କୌଣସି ଏଟିଏମ୍ କାଉଣ୍ଟରରେ ସୁରକ୍ଷା କର୍ମୀ ନାହାନ୍ତି । ଗ୍ରୀଡ୍‌କୋ କଲୋନିର ଦେବେନ୍ଦ୍ର ଦାଶ କୁହନ୍ତି ରାତିରେ ଟଙ୍କା ଉଠାଇବାକୁ ଡର ଲାଗୁଛି। କାରଣ କାଉଣ୍ଟର ବାହାରେ କେହି ସୁରକ୍ଷା କର୍ମୀ ଜଗୁନାହାନ୍ତି । ଟଙ୍କା ଉଠାଉଥିବା ବେଳେ ଅନ୍ୟମାନେ ଭିତରେ ଧସେଇ ପଶୁଛନ୍ତି। ଅନେକ ସମୟରେ ଏହାକୁ ନେଇ କାଉଣ୍ଟରରେ ଯୁକ୍ତିତର୍କ ହେଉଛି। ବିଶେଷ କରି ବିଳମ୍ବିତ ରାତିରେ ଅଜଣା ଲୋକଟିଏ ପାଖରେ ଥିଲା ବେଳେ ଟଙ୍କା ଉଠାଇବାକୁ ଭୟ ଲାଗୁଛି। ଟଙ୍କା ଉଠାଇବା ପରେ ବାଇକ୍ ପାଖରେ ସୁରକ୍ଷିତ ପହଞ୍ଚି ପାରିବୁ କି ନାହିଁ ସନ୍ଦେହ ରହୁଥିବା ଦାଶ କହିଛନ୍ତି। ଭଗବତୀପ୍ଲଟର ବିଶ୍ୱରଞ୍ଜନ ବେଦ୍‌ବାକ୍ କୁହନ୍ତି, ବ୍ୟାଙ୍କଗୁଡିକ ଆକାଉଣ୍ଟଧାରୀଙ୍କ ଜମା ଟଙ୍କାରୁ ଚଳୁଛି। ମାତ୍ର ସେମାନେ ସୁରକ୍ଷାକୁ ଗୁରୁତ୍ୱ ଦେଉନାହାନ୍ତି। ଏଟିଏମ୍ ସେବା ଆରମ୍ଭ ହେବାର ଅନେକ ବର୍ଷ ପରେ ମଧ୍ୟ କେତେକ ଲୋକ ଏହାର ବ୍ୟବହାର ଜାଣି ନାହାନ୍ତି।

ସୁରକ୍ଷା କର୍ମୀ ନିୟୋଜିତ ଥିଲେ ଆବଶ୍ୟକ ସହାୟତା ଯୋଗାଇ ପାରନ୍ତେ । ଅନ୍ୟପକ୍ଷରେ ଜଣେ ଅଜଣା ବ୍ୟକ୍ତିଙ୍କ ଠାରୁ ସହାୟତା ଲୋଡିବା ପାଇଁ ଉପଭୋକ୍ତା ନିଜକୁ ସୁରକ୍ଷିତ ମଣୁନାହାନ୍ତି। ଏଣୁ ପ୍ରତ୍ୟେକ ଏଟିଏମ୍‌ରେ ସୁରକ୍ଷା କର୍ମୀଙ୍କୁ ନିୟୋଜିତ କରିବା ଉଚିତ୍ ବୋଲି ବେଦ୍‌ବାକ କହିଛନ୍ତି। ବ୍ୟବସାୟୀ ଚମରୁଲାଲ ଅଗ୍ରୱାଲା କୁହନ୍ତି, ଜଣେ କାଉଣ୍ଟରରେ ଟଙ୍କା ଉଠାଉଥିବା ବେଳେ ଅନ୍ୟଜଣେ ଭିତରକୁ ପ୍ରବେଶ କରିବା ଅନୁଚିତ୍। ଜଣାଶୁଣା ବା ଅଜଣା ବ୍ୟକ୍ତିଙ୍କ ଉପସ୍ଥିତିରେ ଏଟିଏମ୍ ପିନ୍ ଇନପୁଟ୍ କରିବା ଆଦୌ ସୁରକ୍ଷିତ ନୁହଁ। ଏପରି କଲେ ଭବିଷ୍ୟତରେ ଟଙ୍କା ହଡପ ହେବାର ଆଶଙ୍କା ରହିଛି । ଭିତରେ ଜଣେ ଟଙ୍କା ଉଠାଉଥିବା ବେଳେ ଆଉ କାହାରିକୁ ନ ଛାଡିବା ପାଇଁ କାଉଣ୍ଟରରେ ଜଣେ ଜଣେ ସୁରକ୍ଷା କର୍ମୀ ରହିବା ଆବଶ୍ୟକ । ମାତ୍ର ସହରରେ ଅଧିକାଂଶ କାଉଣ୍ଟରରେ ସୁରକ୍ଷା କର୍ମୀ ରହୁ ନ ଥିବା ଯୋଗୁଁ ଟଙ୍କା ଉଠାଇବାକୁ ଭୟ ଲାଗୁଛି। ବ୍ୟାଙ୍କ୍‌ଗୁଡିକ ଉପଭୋକ୍ତାଙ୍କ ସୁରକ୍ଷା ପ୍ରତି ଗୁରୁତ୍ୱ ଦେବା ଆବଶ୍ୟକ ବୋଲି ଅଗ୍ରୱାଲା ଗୁରୁତ୍ୱାରୋପ କରିଛନ୍ତି ।


SBI ଭାରତୀୟ ଷ୍ଟେଟ୍ ବ୍ୟାଙ୍କ
ଚାପଗ୍ରସ୍ତ ସମ୍ପତ୍ତି ଆଦାୟ ଶାଖା
ପ୍ଲଟ୍ ନଂ.: ୭୭୮, ପ୍ରଥମ ମହଲା, ସହୀଦ ନଗର, ଭୁବନେଶ୍ୱର

**ଡିମାଣ୍ଡ ନୋଟିସ୍**

ସିକ୍ୟୁରିଟାଇଜେସନ୍ ଆଣ୍ଡ୍ ରିକନ୍‌ଷ୍ଟ୍ରକ୍ସନ୍ ଅଫ୍ ଫାଇନାନ୍‌ସିଆଲ୍ ଆସେଟ୍‌ସ୍ ଆଣ୍ଡ ଏନ୍‌ଫୋର୍ସମେଣ୍ଟ ଅଫ୍ ସିକ୍ୟୁରିଟୀ ଇଣ୍ଟରେଷ୍ଟ ଆକ୍ଟ ୨୦୦୨ର ଧାରା ୧୩(୨) ଅନୁଯାୟୀ ଡିମାଣ୍ଡ ନୋଟିସ୍ ।

ଏତଦ୍‌ଦ୍ୱାରା ନିମ୍ନଲିଖିତ ଋଣଗ୍ରହୀତାଙ୍କୁ ଏହି ନୋଟିସ୍ ମାଧ୍ୟମରେ ଜଣାଇଦିଆଯାଉଛି କି ସେ ବ୍ୟାଙ୍କରୁ ନେଇଥିବା ଋଣର ବକେୟା ମୂଳ ଏବଂ ସୁଧ ପରିଶୋଧ କରିବାରେ ବିଫଳ ହୋଇଥିବାରୁ ତାଙ୍କର ଋଣକୁ ଅଣ କାର୍ଯ୍ୟକାରୀ ସମ୍ପତ୍ତି(ଏନପିଏ) ଶ୍ରେଣୀଭୁକ୍ତ କରାଯାଇଛି। ସିକ୍ୟୁରିଟାଇଜେସନ ଆଣ୍ଡ୍ ରିକନଷ୍ଟ୍ରକସନ୍ ଅଫ୍ ଫାଇନାନ୍‌ସିଆଲ ଆସେଟ୍ସ ଆଣ୍ଡ୍ ଏନ୍‌ଫୋର୍ସମେଣ୍ଟ ଅଫ୍ ସିକ୍ୟୁରିଟି ଇଣ୍ଟରେଷ୍ଟ ଆକ୍ଟ ୨୦୦୨ର ଧାରା ୧୩(୨) ଅନୁଯାୟୀ ମେସର୍ସ ଶ୍ରୀ ଗାୟତ୍ରୀ ଷ୍ଟୋନ କଟିଙ୍ଗ ଆଣ୍ଡ ପଲିସିଙ୍ଗ ୟୁନିଟ୍, ସ୍ୱତ୍ତ୍ୱାଧିକାରୀ: ଟି ବିଶ୍ୱନାଥମ (ମୃତକ)ଙ୍କ ଆଇନଗତ ଉତ୍ତରାଧିକାରୀମାନଙ୍କୁ ସେମାନଙ୍କର ଶେଷ ଜ୍ଞାତ ଠିକଣାରେ ରେଜେଷ୍ଟ୍ରି ଡାକ ସହିତ ଏଡି ଯୋଗେ ନୋଟିସ୍ ଜାରି କରାଯାଇଥିଲା, କିନ୍ତୁ ଏହା ପ୍ରଦାନ କରାଯାଇ ପାରିନଥିଲା । ତେଣୁ ଉକ୍ତ ବିଷୟରେ ସର୍ବସାଧାରଣ ନୋଟିସ୍ ମାଧ୍ୟମରେ ଋଣଗ୍ରହୀତାଙ୍କୁ ଅବଗତ କରାଗଲା।

| ଆକାଉଣ୍ଟ ନଂ. / ଋଣଗ୍ରହୀତା/ଗ୍ୟାରେଣ୍ଟିଦାତାମାନଙ୍କ ନାମ ଏବଂ ଠିକଣା | ସୁରକ୍ଷିତ ସଂପତ୍ତିର ବିବରଣୀ | ନୋଟିସ୍ ଅନୁଯାୟୀ ନିର୍ଦ୍ଦିଷ୍ଟ ତାରିଖ ସୁଦ୍ଧା ବକେୟା ଦେୟ | ଡିମାଣ୍ଡ ନୋଟିସ୍ ତାରିଖ |
|---|---|---|---|
| **ସିସି ଆକାଉଣ୍ଟ ନଂ.: ୩୧୬୮୨୪୮୩୩୭୬ / ଋଣଗ୍ରହୀତା: ମେସର୍ସ ଶ୍ରୀ ଗାୟତ୍ରୀ ଷ୍ଟୋନ କଟିଙ୍ଗ ଆଣ୍ଡ ପଲିସିଙ୍ଗ ୟୁନିଟ୍, ସ୍ୱତ୍ତ୍ୱାଧିକାରୀ: ଟି ବିଶ୍ୱନାଥମ (ମୃତକ), ଟି ବିଶ୍ୱନାଥମ୍‌ଙ୍କର ଆଇନଗତ ଉତ୍ତରାଧିକାରୀମାନେ: ୧) ଶ୍ରୀମତୀ ଟି ସୁନ୍ଦରମା,** ସ୍ୱାମୀ: ୰ ଟି ବିଶ୍ୱନାଥମ, **୨) ଶ୍ରୀ ଟି ବିଘ୍ନେଶ୍ୱର ରାଓ,** ପିତା: ୰ ଟି ବିଶ୍ୱନାଥମ୍, **୩) ଶ୍ରୀମତୀ ବି ଗାୟତ୍ରୀ,** ପିତା: ୰ ଟି ବିଶ୍ୱନାଥମ୍, **କ୍ର.ନଂ ୧,୨,୩ର ଠିକଣା-** ସା/ପୋ.: ତାଟିପେଟି, ଭାୟା: ଗୁରାଣ୍ଡି, ଜିଲ୍ଲା: ଗଜପତି-୭୬୧୨୧୦, **୪) ଶ୍ରୀମତୀ ବି କନ୍ୟା କୁମାରୀ,** ସ୍ୱାମୀ: ବି ଫାଲଗୁନ ରାଓ, ଗୀତା ଷ୍ଟ୍ରିଟ୍, ତାଟିପେଟି, ଭାୟା: ଗୁରାଣ୍ଡି, ଗଜପତି / **ଗ୍ୟାରେଣ୍ଟିଦାତାମାନେ: ୧) ଶ୍ରୀମତୀ ଟି ସୁନ୍ଦରମା,** ସ୍ୱାମୀ: ୰ ଟି ବିଶ୍ୱନାଥମ, **୨) ଶ୍ରୀ ଟି ବିଘ୍ନେଶ୍ୱର ରାଓ,** ପିତା: ୰ ଟି ବିଶ୍ୱନାଥମ | ୧) ୟୁନିଟ୍‌ର ଷ୍ଟକ୍, ଷ୍ଟୋର ଏବଂ ସ୍ପୋୟାର୍ସ, ବ୍ୟବହାର କରାଯାଉଥିବା ଦ୍ରବ୍ୟ, ପ୍ରାପ୍ୟ, ସମସ୍ତ ଚଳନ୍ତି ସମ୍ପତ୍ତି, ୨) ୟୁନିଟ୍‌ର କଳକବ୍ଜା ଏବଂ ଯନ୍ତ୍ରପାତି ସହିତ ସମସ୍ତ ସ୍ଥାୟୀ ସମ୍ପତ୍ତି, ୩) ୰ ଟି ତମାଦ ବିଶ୍ୱନାଥମ୍‌ଙ୍କ ନାମରେ ଥିବା ଜମି ଆଦି ସମ୍ପତ୍ତିର ସମସ୍ତ ଅଂଶବିଶେଷ ଯାହାର ମୌଜା: ତାଟିପେଟ, ଗ୍ରାମ: ତାଟିପେଟି, ତହସିଲ: ପାରଳାଖେମୁଣ୍ଡି, ଜିଲ୍ଲା: ଗଜପତି, ଖାତା ନଂ.: ୪୩୮/୩୮୫, ପ୍ଲଟ୍ ନ.: ୫୨୫, ୫୨୬, ୫୨୨, ୫୨୦, ୫୨୭, ୫୨୧, ୫୨୪, ୫୨୧୯/୧୬୦୩, କ୍ଷେତ୍ର: ଏକର୧.୨୪୯ଡିସିମିଲି, କିସମ: ପଥର ପଲିସିଂ କାରଖାନା (ଘରବାରୀ), **୪) ୰ ଟି ତାମାଦ ବିଶ୍ୱନାଥମ୍‌ଙ୍କ** ନାମରେ ଥିବା ଜମି ଆଦି ସମ୍ପତ୍ତିର ସମସ୍ତ ଅଂଶବିଶେଷ ଯାହାର କ୍ଷେତ୍ର: ୦.୦୫୫ ଏକର, ମୌଜା: ତାଟିପେଟ, ଗ୍ରାମ: ତାଟିପେଟି, ତହସିଲ: ପାରଳାଖେମୁଣ୍ଡି, ଜିଲ୍ଲା: ଗଜପତି, ଖାତା ନଂ.: ୨୬୪, ପ୍ଲଟ୍ ନ.: ୧୮୭, କ୍ଷେତ୍ର: ଏକର୦.୦୫୬୩ଡିସିମିଲି, କିସମ: ଘରବାରୀ | **୨୬.୧୧.୨୦୧୮ ସୁଦ୍ଧା ଟ.୧୫,୮୦,୧୪୯/-** + ସେବାବଦ ସୁଧ ଏବଂ ଖର୍ଚ୍ଚ | **୨୭.୧୧.୨୦୧୮** |

ନୋଟିସ୍‌ର ବିକଳ୍ପ ସେବା ଭାବେ ପଦକ୍ଷେପମାନ ଗ୍ରହଣ କରାଯାଉଛି। ଋଣଗ୍ରହୀତାଙ୍କୁ ଜଣାଇଦିଆଯାଉଛି କି ସେ ଏହି ନୋଟିସ୍ ପ୍ରକାଶନର ୬୦ ଦିନ ମଧ୍ୟରେ ତାଙ୍କର ସମସ୍ତ ବକେୟା ଦେୟ ପରିଶୋଧ କରନ୍ତୁ ଅନ୍ୟଥା ବ୍ୟାଙ୍କ ଅନ୍ୟ କୌଣସି ଅଧିକାରକୁ ପ୍ରତିହତ ନକରି ସରଫେଶୀ ଆକ୍ଟ ୨୦୦୨ ଅନୁସାରେ ପରବର୍ତ୍ତୀ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ବାଧ୍ୟ ହେବ। ଏତଦ୍‌ଦ୍ୱାରା ବିଶେଷକରି ଋଣଗ୍ରହୀତା ଏବଂ ସର୍ବସାଧାରଣଙ୍କୁ ସତର୍କ କରାଇ ଦିଆଯାଉଛି କି ସେ ଉପରୋକ୍ତ ସମ୍ପତ୍ତି ସହିତ କୌଣସି କାରବାର କରିବେ ନାହିଁ, ଯଦି କୌଣସି କାରବାର କରନ୍ତି ତେବେ **ଭାରତୀୟ ଷ୍ଟେଟ୍ ବ୍ୟାଙ୍କ** ନିକଟରେ ଉପରଦର୍ଶିତ ରାଶି ନିମନ୍ତେ ଉତ୍ତରଦାୟୀ ରହିବେ।

**ସ୍ଥାନ: ଭୁବନେଶ୍ୱର**
**ତାରିଖ : ୩୦.୦୫.୨୦୧୯**
ସ୍ୱା/-କ୍ଷମତାପ୍ରାପ୍ତ ଅଧିକାରୀ
ଭାରତୀୟ ଷ୍ଟେଟ୍ ବ୍ୟାଙ୍କ



SBI ଭାରତୀୟ ଷ୍ଟେଟ୍ ବ୍ୟାଙ୍କ
ଚାପଗ୍ରସ୍ତ ସମ୍ପତ୍ତି ଆଦାୟ ଶାଖା, ପ୍ଲଟ୍ ନଂ.: ୭୭୮, ପ୍ରଥମ ମହଲା, ସହୀଦ ନଗର, ଭୁବନେଶ୍ୱର-୭୫୧୦୦୭

**ଦଖଲ ନୋଟିସ୍**
(ସ୍ଥାବର ସମ୍ପତ୍ତିଗୁଡିକ ନିମନ୍ତେ) [ରୁଲ୍- ୮ (୧)]

ନିମ୍ନ ସ୍ୱାକ୍ଷରକାରୀ **ଭାରତୀୟ ଷ୍ଟେଟ୍ ବ୍ୟାଙ୍କ, ଚାପଗ୍ରସ୍ତ ସମ୍ପତ୍ତି ଆଦାୟ ଶାଖା, ଭୁବନେଶ୍ୱର**ର କ୍ଷମତାପ୍ରାପ୍ତ ଅଧିକାରୀଙ୍କ ଦ୍ୱାରା ସିକ୍ୟୁରିଟାଇଜେସନ୍ ଆଣ୍ଡ୍ ରିକନଷ୍ଟ୍ରକ୍ସନ୍ ଅଫ୍ ଫାଇନାନ୍‌ସିଆଲ୍ ଆସେଟସ୍ ଆଣ୍ଡ ଏନ୍‌ଫୋର୍ସମେଣ୍ଟ ଅଫ୍ ସିକ୍ୟୁରିଟି ଇଣ୍ଟରେଷ୍ଟ ଆକ୍ଟ ୨୦୦୨ ଏବଂ ସିକ୍ୟୁରିଟି ଇଣ୍ଟରେଷ୍ଟ (ଏନ୍‌ଫୋର୍ସମେଣ୍ଟ) ରୁଲ୍ସ୨୦୦୨ର ରୁଲ୍ ୩ ସହିତ ଧାରା ୧୩(୧୨)ରେ ଦିଆଯାଇଥିବା କ୍ଷମତା ବଳରେ ନିମ୍ନଲିଖିତ ଋଣଗ୍ରହୀତା/ଗ୍ୟାରେଣ୍ଟିଦାତାମାନଙ୍କୁ କଥିତ ଆକ୍ଟର ଧାରା ୧୩(୨) ଅନୁସାରେ ଡିମାଣ୍ଡ ନୋଟିସ୍ ଜାରିକରି ନୋଟିସ୍ ମାଧ୍ୟମରେ ନିମ୍ନଲିଖିତ ନୋଟିସ୍ ଦର୍ଶିତ ରାଶି ଏବଂ ଭବିଷ୍ୟତ ସୁଧ, ଆଇନଗତ ଖର୍ଚ୍ଚ ଏବଂ ଆନୁସଙ୍ଗିକ ଦେୟ କଥିତ ନୋଟିସ୍ ପ୍ରାପ୍ତି ତାରିଖ ଠାରୁ **୬୦ ଦିନ** ମଧ୍ୟରେ ପଇଠ କରିବାକୁ କୁହାଯାଇଥିଲା । ଯେହେତୁ ଋଣଗ୍ରହୀତା/ଗ୍ୟାରେଣ୍ଟିଦାତାମାନେ ଋଣ ପଇଠ କରିବାରେ ବିଫଳ ହେଲେ, ତେଣୁ ଏହି ନୋଟିସ୍ ମାଧ୍ୟମରେ ଋଣଗ୍ରହୀତା/ଗ୍ୟାରେଣ୍ଟିଦାତା ଏବଂ ସର୍ବସାଧାରଣଙ୍କୁ ଜଣାଇଦିଆଯାଉଅଛି ଯେ କଥିତ ଆକ୍ଟର ଧାରା ୧୩(୪) ସହିତ କଥିତ ରୁଲ୍ସର ରୁଲ୍ ୮ ରେ ଦିଆଯାଇଥିବା ପ୍ରଦତ୍ତ କ୍ଷମତା ପ୍ରୟୋଗ କରି ନିମ୍ନ ସ୍ୱାକ୍ଷରକାରୀ ନିମ୍ନରେ ଦର୍ଶାଯାଇଥିବା ସମ୍ପତ୍ତିଗୁଡିକୁ ଦଖଲ ନେଇଛନ୍ତି । ତେଣୁ ବିଶେଷକରି ଋଣଗ୍ରହୀତା/ଗ୍ୟାରେଣ୍ଟିଦାତା ଏବଂ ସର୍ବସାଧାରଣଙ୍କୁ ସତର୍କ କରାଇ ଦିଆଯାଉଅଛି ଯେ, ନିମ୍ନଲିଖିତ ସମ୍ପତ୍ତିଗୁଡିକ ସହିତ କୌଣସି ପ୍ରକାର କାରବାର କରିବେ ନାହିଁ ଏବଂ ସମ୍ପତ୍ତିଗୁଡିକ ଉପରେ କୌଣସି ପ୍ରକାର କାରବାର ପାଇଁ ନୋଟିସ୍ ଦର୍ଶିତ ରାଶି ଏବଂ ତତ୍‌ପରବର୍ତ୍ତୀ ସୁଧ ଏବଂ ସେବାବଦ ଆଇନଗତ ଖର୍ଚ୍ଚ ଓ ଆନୁସଙ୍ଗିକ ଖର୍ଚ୍ଚ ନିମନ୍ତେ **ଭାରତୀୟ ଷ୍ଟେଟ୍ ବ୍ୟାଙ୍କ** ନିକଟରେ ଉତ୍ତରଦାୟୀ ରହିବେ ।

**ଏତଦ୍‌ଦ୍ୱାରା ଋଣଗ୍ରହୀତାଙ୍କ ଦୃଷ୍ଟି ଆକର୍ଷଣ କରାଯାଉଅଛି କି କଥିତ ଆକ୍ଟର ଧାରା ୧୩ର ଉପଧାରା (୮) ଅନୁଯାୟୀ ସୁରକ୍ଷିତ ବନ୍ଧକ ସମ୍ପତ୍ତିକୁ ସମୟ ଥିବା ପୂର୍ବରୁ ବନ୍ଧକମୁକ୍ତ କରନ୍ତୁ।**

| ଋଣଗ୍ରହୀତାମାନଙ୍କ ନାମ ଓ ଠିକଣା | ସ୍ଥାବର ସମ୍ପତ୍ତିଗୁଡିକର ବିବରଣୀ | ଧାର୍ଯ୍ୟ ତାରିଖ ସୁଦ୍ଧା ବକେୟା ଦେୟ | ଡିମାଣ୍ଡ ନୋଟିସ୍ ତାରିଖ/ଦଖଲ ନୋଟିସ୍ ତାରିଖ |
|---|---|---|---|
| **ଋଣଗ୍ରହୀତାମାନେ: ଶ୍ରୀ ସଞ୍ଜୟ କୁମାର ଅଗ୍ରୱାଲ ଏବଂ ଶ୍ରୀମତୀ ମଞ୍ଜରୀ ଅଗ୍ରୱାଲ,** ଉଭୟଙ୍କ ବାସସ୍ଥାନ ଠିକଣା- ଅକ୍ଷୟ ପାତ୍ର ଫାଉଣ୍ଡେସନ୍ ସମ୍ମୁଖ, ଗ୍ରାଣ୍ଡ୍ ରୋଡ୍, ପୁରୀ, ଥାନା: କୁମ୍ଭାରପଡା, ଜିଲ୍ଲା: ପୁରୀ, ପିନ୍-୭୫୨୦୦୧ | **ଶ୍ରୀ ସଞ୍ଜୟ କୁମାର ଅଗ୍ରୱାଲ,** ପିତା: ଶ୍ୟାମ ସୁନ୍ଦର ଅଗ୍ରୱାଲଙ୍କ ନାମରେ ଥିବା ଫ୍ଲାଟ୍ ନଂ.: ୪୦୧, ୪ର୍ଥ ମହଲା, ଫ୍ରେମ ଷ୍ଟ୍ରକଚର ସହିତ ସାଧାରଣ ଫ୍ଲୋରିଙ୍ଗ: ୬୦୮ ବର୍ଗଫୁଟ, ମୋଟ୍ କ୍ଷେତ୍ର: ଏକର୦.୦୮୭.୫ଡିସିମିଲିରୁ ଅବିଭକ୍ତ ଜମି ଅଂଶର ବିକ୍ରି ଫ୍ଲାଟ୍ କ୍ଷେତ୍ର: ଏକର୦.୦୦୫.୮୩ଡିସିମିଲି ଯାହାକି ୨୫୪ ବର୍ଗଫୁଟ ଯାହାର ଜିଲ୍ଲା: ପୁରୀ, ଡିଷ୍ଟ୍ରିକ୍ଟ ସବ୍-ରେଜିଷ୍ଟ୍ରାର କାର୍ଯ୍ୟାଳୟ: ପୁରୀ, ଥାନା: ପୁରୀ ଟାଉନ୍, ୟୁନିଟ୍ ନଂ.: ୨୫, ତହସିଲ: ପୁରୀ ସଦର ନଂ.: ୬୬୫, ମୌଜା: ଗାନ୍ଧୀଘାଟ, ଖାତା ନଂ.: ୬୧, ପ୍ଲଟ୍ ନଂ.: ୧୦, କିସମ: ଘରବାରୀ-୧, କ୍ଷେତ୍ର: ଏକର୦.୩୦୦ଡିସିମିଲିରୁ ଏକର୦.୮୭.୫ଡିସିମିଲି, ଅନୁରୂପ ସାବିକ ମୌଜା: ବାଲୁଖଣ୍ଡ-୧୦୮, ଖାସମାହାଲ, ସାବିକ ଜମାବନ୍ଦି ନଂ.: ୮୦, ସାବିକ ପ୍ଲଟ୍ ନଂ.: ୬୦୩, କ୍ଷେତ୍ର: ଏକର୦.୦୩୦୮ଡିସିମିଲି(ଅଂଶ) | **ତା.୧୫.୦୩.୨୦୧୯** ପର୍ଯ୍ୟନ୍ତ ସୁଧ ଏବଂ ଖର୍ଚ୍ଚ ସହିତ **ଟ.୧୮,୪୦,୫୮୪/-** + ସେବାବଦ ସୁଧ ଏବଂ ଖର୍ଚ୍ଚ | **୨୫.୦୩.୨୦୧୯ / ୨୮.୦୫.୨୦୧୯** |
| **ଋଣଗ୍ରହୀତା: ଶ୍ରୀ ନିଶାଥ ରଞ୍ଜନ ଷଡଙ୍ଗୀ,** ପିତା: ପିତାମ୍ବର ଷଡଙ୍ଗୀ, ତଳୁଛ ସାହି, ହରଚଣ୍ଡି ସାହି ନିକଟ, ପୁରୀ | **ଶ୍ରୀ ନିଶାଥ ରଞ୍ଜନ ଷଡଙ୍ଗୀ**ଙ୍କ ନାମରେ ଥିବା ଫ୍ଲାଟ୍ ନଂ.: ୨୦୧, ୨ୟ ମହଲା, ଫ୍ରେମ ଷ୍ଟ୍ରକଚର ସହିତ ସାଧାରଣ ଫ୍ଲୋରିଙ୍ଗ: ୭୬୫ ବର୍ଗଫୁଟ, ମୋଟ୍ କ୍ଷେତ୍ର: ଏକର୦.୦୮୭.୫ଡିସିମିଲିରୁ ଅବିଭକ୍ତ ଜମି ଅଂଶର ବିକ୍ରି ଫ୍ଲାଟ୍ କ୍ଷେତ୍ର: ଏକର୦.୦୦୫.୮୩ଡିସିମିଲି ଯାହାକି ୨୫୪ ବର୍ଗଫୁଟ ଯାହାର ଜିଲ୍ଲା: ପୁରୀ, ଡିଷ୍ଟ୍ରିକ୍ଟ ସବ୍-ରେଜିଷ୍ଟ୍ରାର କାର୍ଯ୍ୟାଳୟ: ପୁରୀ, ଥାନା: ପୁରୀ ଟାଉନ୍, ୟୁନିଟ୍ ନଂ.: ୨୫, ତହସିଲ: ପୁରୀ ସଦର ନଂ.: ୬୬୫, ମୌଜା: ଗାନ୍ଧୀଘାଟ, ଖାତା ନଂ.: ୬୧, ପ୍ଲଟ୍ ନଂ.: ୧୦, କିସମ: ଘରବାରୀ-୧, କ୍ଷେତ୍ର: ଏକର୦.୩୦୦ଡିସିମିଲିରୁ ଏକର୦.୮୭.୫ଡିସିମିଲି, ଅନୁରୂପ ସାବିକ ମୌଜା: ବାଲୁଖଣ୍ଡ-୧୦୮, ଖାସମାହାଲ, ସାବିକ ଜମାବନ୍ଦି ନଂ.: ୮୦, ସାବିକ ପ୍ଲଟ୍ ନଂ.: ୬୦୩, କ୍ଷେତ୍ର: ଏକର୦.୦୩୦୮ଡିସିମିଲି(ଅଂଶ) | **ତା.୦୯.୧୨.୨୦୧୮** ପର୍ଯ୍ୟନ୍ତ ସୁଧ ଏବଂ ଖର୍ଚ୍ଚ ସହିତ **ଟ.୧୬,୪୮,୦୦୬/-** + ସେବାବଦ ସୁଧ ଏବଂ ଖର୍ଚ୍ଚ | **୧୪.୧୨.୨୦୧୮ / ୨୮.୦୫.୨୦୧୯** |

**ସ୍ଥାନ: ଭୁବନେଶ୍ୱର**
**ତାରିଖ : ୩୦.୦୫.୨୦୧୯**
ସ୍ୱା/-କ୍ଷମତାପ୍ରାପ୍ତ ଅଧିକାରୀ
ଭାରତୀୟ ଷ୍ଟେଟ୍ ବ୍ୟାଙ୍କ



**GRAM PANCHAYAT OFFICE, JARASINGHA**

**LETTER No.45** **Date: 30.05.2019**

Tender Call Notice No.01/jrsg/2019-20, dated 29.05.2019 vide letter No.31 dated 29.05.2019 of Jarasingha GP published in Odia daily, Dharitri is hereby cancelled due to technical errors.

Sd./- Sarapanch/Panchayat
**Executive Officer, Jarasingha GP**
**Thana-Tusura, Dist-Balangir**



## ମନେ ପଡ଼ନ୍ତି

**ଏକାଦଶାହ ଉପଲକ୍ଷେ**



**ସ୍ୱର୍ଗତା ସଙ୍ଗୀତା ସାହୁ**
ଆବିର୍ଭାବ: ୨୬।୦୪।୧୯୬୨
ତିରୋଧାନ: ୨୧।୦୫।୨୦୧୯
ତୁମର ଅମର ଆତ୍ମାର ସଦ୍‌ଗତି ନିମନ୍ତେ ପ୍ରଭୁ ଶ୍ରୀଜଗନ୍ନାଥଙ୍କ ଚରଣାରବିନ୍ଦରେ ଭକ୍ତିପୂତ ଶ୍ରଦ୍ଧାଞ୍ଜଳି ଅର୍ପଣ କରୁଅଛୁ।
**ଶୋକସନ୍ତପ୍ତ**
**ସ୍ୱା- ବିପିନ ବିହାରୀ, ଝିଅ, ଜ୍ୱାଇଁ, ନାତି, ନାତୁଣୀ ଓ ପରିବାରବର୍ଗ**
ଧ-୧୨୭୨୪

**ପ୍ରଥମ ଶ୍ରାଦ୍ଧବାର୍ଷିକ ଉପଲକ୍ଷେ**



**ସ୍ୱର୍ଗତା ନଳିନୀପ୍ରଭା ହୋତା**
ଆବିର୍ଭାବ: ୦୮।୦୬।୧୯୬୨
ତିରୋଧାନ: ୧୨।୦୫।୨୦୧୮
(ଜ୍ୟେଷ୍ଠ କୃଷ୍ଣପକ୍ଷ ଦ୍ୱାଦଶୀ ତିଥି)
ଆକାଶକୁ ଚାହିଁ ଗୁଲୁ ଖୋଜୁଥାଇ, ଆଇ ତୁମେ ଗଲ କାହିଁ। କଣ୍ଠେ ଲୁହ ଭରି କାଳିଆ କାନ୍ଦଇ, କାନ୍ଦଇ ତୁମ ବଳିଆ। ଝିଅ ତ ତୁମର ସଦା ଆଶା କରେ ତାକୁ କେ ଦେବ ସାନ୍ତ୍ୱନା। ଆସ ଫେରି ଥରେ ଦେଖ ତୁମ ଘର ଏତିକି ଆମ୍ଭ ପ୍ରାର୍ଥନା। ଆପଣଙ୍କ ଆତ୍ମାର ସଦ୍‌ଗତି ନିମନ୍ତେ ପ୍ରଭୁ ଶ୍ରୀଜଗନ୍ନାଥଙ୍କ ନିକଟରେ ବିନମ୍ର ପ୍ରାର୍ଥନା ଓ ଶ୍ରଦ୍ଧାଞ୍ଜଳି।
ଧ-୧୨୭୩୪

**ଅଷ୍ଟାଦଶ ଶ୍ରାଦ୍ଧବାର୍ଷିକୀ ଉପଲକ୍ଷେ**



**ସ୍ୱର୍ଗତ ବିଭୂତି ଭୂଷଣ ସାହୁ**
**(ଜ୍ୟେଷ୍ଠ କୃଷ୍ଣ ଦ୍ୱାଦଶୀ)**
ଆବିର୍ଭାବ: ୧୮।୦୬।୧୯୪୬
ତିରୋଧାନ: ୨୦।୦୫।୨୦୦୧
ଆପଣଙ୍କ ସ୍ନେହ, ଶ୍ରଦ୍ଧା, ଆଦର୍ଶ, ବ୍ୟକ୍ତିତ୍ୱ ଆମ ସମସ୍ତଙ୍କ ପାଇଁ ପ୍ରେରଣାର ଉତ୍ସହେଉ। ଆପଣଙ୍କ ପବିତ୍ର ଆତ୍ମାର ସଦ୍‌ଗତି ନିମନ୍ତେ ପ୍ରଭୁ ଶ୍ରୀଜଗନ୍ନାଥଙ୍କ ନିକଟରେ ପ୍ରାର୍ଥନା ଆପଣଙ୍କ ଅଷ୍ଟାଦଶ ଶ୍ରାଦ୍ଧବାର୍ଷିକୀରେ ଭକ୍ତିପୂର୍ଣ୍ଣ ଶ୍ରଦ୍ଧାଞ୍ଜଳି।
**ଶୋକସନ୍ତପ୍ତ: ପରିବାରବର୍ଗ**
ଧ-୧୨୬୦୭

**15th Death Anniversary**



**Late Durga Charan Nayak**
ଜ୍ୟେଷ୍ଠ କୃଷ୍ଣ ଦ୍ୱାଦଶୀ
DCN,
When the heart bleeds
nobody sees,
If the mind mourns
none can hear
sweet memories with
you
painful to bear.
Kuni
D-12717



"ସତ୍ୟବାଦୀ ମନୁଷ୍ୟ ମା' ଭଳି ବିଶ୍ୱସନୀୟ, ଜନତାଙ୍କ ଗୁରୁ ଭଳି ପୂଜ୍ୟ ଏବଂ ସଜ୍ଜନ ବ୍ୟକ୍ତି ଭଳି ସମସ୍ତଙ୍କ ପ୍ରିୟ ହୋଇଥାନ୍ତି।

- ଗୌତମ ବୁଦ୍ଧ

# ଜିଲା ଆଦିସ୍କନ୍ଦ ସମାଜ ବୈଠକ

**ଭବାନୀପାଟଣା, ୩୦।୫ (ଡି.ଏନ.ଏ.)**

ମିଲକିପ୍ରଗଣା ଗ୍ରାମ ତୁର୍କେଲଠାରେ ଜିଲା ଆଦିସ୍କନ୍ଦ ସମାଜ କଳାହାଣ୍ଡିର ଏକ ଜରୁରୀକାଳିନ ବୈଠକ ବୁଧବାର ଅନୁଷ୍ଠିତ ହୋଇଯାଇଛି। ସଭାପତି ମିନଧର ମାଝି ଓ ଜିଲା ଆଦିସ୍କନ୍ଦ ସମାଜ କଳାହାଣ୍ଡିର ସମ୍ପାଦକ ଶୁକଦେବ ମାଝିଙ୍କ ତତ୍ୱାବଧାନରେ ବୈଠକ ଅନୁଷ୍ଠିତ ହୋଇଥିଲା । ବୈଠକରେ ଆସନ୍ତା ଜୁନ ୨ ତାରିଖରେ କେତେକ ଅସାଧୁ ବ୍ୟକ୍ତି ନୂତନ କମିଟି ଗଠନକୁ ନେଇ ତୀବ୍ର ଅସନ୍ତୋଷ୍ଟ ପ୍ରକାଶ କରାଯାଇଥିଲା । ରାନିପଟା ଗ୍ରାମର ଲଳିତା ମାଝିଙ୍କ ଅଭିଯୋଗକୁ ନେଇ ମତାମତ ପ୍ରଦାନ ଓ ସମାଧାନର ସୁବ୍ୟବସ୍ଥା କରିବା ପାଇଁ ମତପ୍ରକାଶ କରିଥିଲେ । ଉକ୍ତ ସଭାରେ ସଭ୍ୟସଭ୍ୟା ବୃନ୍ଦ ଯଥା ରାମଚନ୍ଦ୍ର ମାଝି, ସୁରେଶ କୁମାର ଭୋଇ, କାର୍ତ୍ତିକ ଯାନୀ, ଦେବଦତ୍ତ ମାଝି, ଜଳନ୍ଦର ଯାନୀ, ମିଲକିପ୍ରଗଣା ସମ୍ପାଦକ ତରଣୀସେନ ମାଝି, ଜିଲା ଆଦିସ୍କନ୍ଦ ସମାଜ ସହସମ୍ପାଦକ ରାଜେନ୍ଦ୍ର କୁମାର ମାଝି, ଭଜରାଜ ଭୋଇ ଶତ୍ରୁଘନ ଭୋଇ, ଭଜରାମ ମାଝି ଓ ପ୍ରତେକ ବ୍ଲକରୁ ଆସିଥିବା କର୍ମକର୍ତ୍ତା ବ୍ୟକ୍ତିମାନେ ଉପସ୍ଥିତ ଥିଲେ ।

## ଢଗଢମାଳି



(କ୍ରମେ ଲୋକମୁଖରୁ ଓ ଜନମାନସରୁ ବିସ୍ମୃତ ହେଉଥିବା ଢଗଢମାଳିକୁ ପାଠିକା-ପାଠକଙ୍କ ନିକଟରେ ପହଞ୍ଚାଇବା ସକାଶେ ଧରିତ୍ରୀର ପ୍ରୟାସ)

**ହଳଦୀବଟା ବୁକୁଫଟା**
**ପାଣି ଅଣା ବଡ଼ ସୁଖ**
**ଏଣେ ଯିବୁ ତେଣେ ଯିବୁ**
**ଦେଖିବୁ ଜନ ମୁଖ ।**

ହଳଦୀକୁ ଶିଳରେ ବାଟିବାରେ ଅନେକ ଶାରୀରିକ ପରିଶ୍ରମ ଲୋଡ଼ା ହୋଇଥାଏ, ଛାତି କାନ୍ଧ ଘୋଳାବିନ୍ଧା କରିଥାଏ। ଯେତେବେଳେ କି ପାଣି ବୋହିବାରେ ସେତେକଷ୍ଟ ଲାଗି ନ ଥାଏ। ସାଧାରଣତଃ ଝିଅବୋହୂମାନେ ପାଣି ବୋହିଲାବେଳେ ପରସ୍ପର ମଧ୍ୟରେ ସୁଖଦୁଃଖ ବାଣ୍ଟି ବାଟ ଚାଲିଥାନ୍ତି। ଏପରି ମନର ଭାବ ଆଦାନପ୍ରଦାନ ଭିତରେ ପାଣି ବୋହିବାର ଶ୍ରମ କିଛିଟା ଲାଘବ ହୋଇଯାଇଥାଏ। ତେଣୁ ହଳଦୀ ବାଟିବାଠାରୁ ପାଣିବୋହିବା ସୁଖକର ବୋଲି ଏଠାରେ ବର୍ଣ୍ଣନା କରାଯାଇଛି।

**ହାତରେ ନ ଥାଇ ଧନ**
**ପୁଅ ବାହାକରି ମନ ।**

ସାଧାରଣତଃ ବାହାଘର କଲେ ଭୋଜିଭାତ ଦେବା ନେଇ ଅନେକ ଖର୍ଚ୍ଚ କରିବାକୁ ପଡ଼ିଥାଏ। ଏପରିସ୍ଥଳେ ହାତରେ ଧନ ନ ଥିବା ବ୍ୟକ୍ତି ଏଥିପ୍ରତି ମନ ବଳେଇବା ଉଚିତ ହୋଇ ନ ଥାଏ। ହାତରେ ପଇସା ନ ଥାଇ ବଡ଼ ବଡ଼ କଥା କରିବା ପାଇଁ ଚିନ୍ତା କରିବା ବା ବହୁ ଖର୍ଚ୍ଚ କରିବା ଲାଗି ଅଗ୍ରସର ହେବା ମୂର୍ଖାମି ଅର୍ଥରେ ଏଭଳି ଉକ୍ତି ପ୍ରକାଶ କରାଯାଇଛି।

ଓଡ଼ିଆ ଢଗଢ଼ମାଳି ଓ ଲୋକଗୀତ
-ଫ୍ରେଣ୍ଡସ୍ ପବ୍ଲିଶର୍ସ

ପ୍ରାକୃତିକ ବିପର୍ଯ୍ୟୟ ମୁକାବିଲା ପ୍ରସ୍ତୁତି ବୈଠକ

# ଜୁନ୍ ପହିଲାରୁ ଜିଲାରେ ଖୋଲିବ କଣ୍ଟ୍ରୋଲ ରୁମ୍

**ବୌଦ୍ଧ,୩୦।୫(ସ୍ୱ.ପ୍ର)**

## ବିପର୍ଯ୍ୟୟ ସମୟରେ ପାନୀୟ ଜଳ ଯୋଗାଣକୁ ନେଇ ଗୁରୁତ୍ୱ



ପ୍ରାକୃତିକ ବିପର୍ଯ୍ୟୟ ମୁକାବିଲା ପ୍ରସ୍ତୁତି ବୈଠକରେ ଉପସ୍ଥିତ ବିଭାଗୀୟ ଅଧିକାରୀ ।

ବୌଦ୍ଧ ଜିଲାରେ ପ୍ରାକୃତିକ ବିପର୍ଯ୍ୟୟ ସମୟରେ ସମ୍ଭାବ୍ୟ ପରିସ୍ଥିତିର ମୁକାବିଲା ପାଇଁ ଏକ ପ୍ରସ୍ତୁତି ବୈଠକ ଗୁରୁବାର ଜିଲାପାଳ ସୀତାଂଶୁ କୁମାର ରାଉତଙ୍କ ଅଧ୍ୟକ୍ଷତାରେ ଜିଲା ପ୍ରକଳ୍ପ ନିର୍ଦ୍ଦେଶକଙ୍କ ସମ୍ମିଳନୀ କକ୍ଷରେ ଅନୁଷ୍ଠିତ ହୋଇଯାଇଛି। ପ୍ରାକୃତିକ ବିପର୍ଯ୍ୟୟକୁ ଆଖି ଆଗରେ ରଖି ଆସନ୍ତା ଜୁନ ପହିଲାରୁ ସବୁ ବର୍ଷ ପରି ଏବର୍ଷ ମଧ୍ୟ କଣ୍ଟ୍ରୋଲ ରୁମ୍ ଖୋଲାଯିବାକୁ ବୈଠକରେ ନିଷ୍ପତ୍ତି ଗ୍ରହଣ କରାଯାଇଛି। ଜିଲାରେ ପ୍ରବାହିତ ହେଉଥିବା ମହାନଦୀ ଓ ତେଲ ନଦୀ ଭଳି ଚିରସ୍ରୋତା ନଦୀ ବର୍ଷା ସମୟରେ ଜିଲାର ଶାଖା ନଦୀ ଓ ପାହାଡର ପାଣି ଯୋଗୁ ବନ୍ୟା ବିଭୀଷିକା ସୃଷ୍ଟି କରିଥାଏ। ତେଣୁ ସମ୍ଭାବ୍ୟ ବନ୍ୟା ପରିସ୍ଥିତିର ମୁକାବିଲା ପାଇଁ ଜିଲାପାଳ ବିଭିନ୍ନ ବିଭାଗ ପକ୍ଷରୁ ହୋଇଥିବା ପ୍ରସ୍ତୁତି ସମ୍ପର୍କରେ ସମୀକ୍ଷା କରିବା ସହ ସମସ୍ତ ବିଭାଗକୁ ସତର୍କ ରହିବାକୁ ପରାମର୍ଶ ଦେଇଥିଲେ । ବିଶେଷ କରି ନଦୀକୂଳ, ଆଡିବନ୍ଧ ଓ କେନାଲ ଗୁଡିକର ସୁରକ୍ଷା ଉପରେ ଆଲୋଚନା କରାଯିବା ସହିତ ବର୍ଷା ପରିମାଣ ଓ ନଦୀପାଣିର ଗତି ରେକର୍ଡ କରାଯିବା ଉପରେ ଗୁରୁତ୍ୱ ପ୍ରଦାନ କରାଯାଇଥିଲା। ବନ୍ୟା ସମୟରେ ଯୋଗାଯୋଗକୁ ଗୁରୁତ୍ୱ ଦିଆଯିବା ସହିତ ସଠିକ୍ ରୋଡମ୍ୟାପ୍ ତିଆରି କରିବା, ବନ୍ୟାଞ୍ଚଳ ଗୁଡିକୁ ଚିହ୍ନଟ କରିବା, ପାଣିପାଗ ସମ୍ପର୍କରେ ଆଗୁଆ ସୂଚନା ସଂଗ୍ରହ କରିବା, ବନ୍ୟା ଚିହ୍ନଟ ଗ୍ରାମ ନିକଟରେ ଉଦ୍ଧାର ଏବଂ ରିଲିଫ କାର୍ଯ୍ୟ ପାଇଁ ପାୱାର ବୋଟ୍ ଓ ଦେଶୀଡଙ୍ଗା ବ୍ୟବସ୍ଥା କରାଯିବା, ଯୋଗାଯୋଗ ପାଇଁ ପୋଲିସ ପକ୍ଷରୁ ଓ୍ୱାରଲେସ ସେବା ସୁବିଧା ଉପଲବ୍ଧ କରାଇବା, ବନ୍ୟା ଆଶ୍ରୟସ୍ଥଳୀ ଗୁଡିକରେ ଆଗୁଆ ଶୁଖିଲା ଖାଦ୍ୟ, ଚାଉଳ, ଡାଲି, କିରୋସିନ ଆଦି ମହଜୁଦ ରଖାଯିବା, ସ୍ୱାସ୍ଥ୍ୟ ବିଭାଗ ପକ୍ଷରୁ ମୋବାଇଲ ହେଲ୍‌ଥ ଟିମ୍ ସହିତ ସମସ୍ତ ଚିକିତ୍ସାଳୟରେ ଆବଶ୍ୟକୀୟ ଜରୁରୀ ଔଷଧ ମହଜୁଦ ରଖାଯିବା ଏବଂ ଗୃହପାଳିତ ପ୍ରାଣୀମାନଙ୍କ ପାଇଁ ଖାଦ୍ୟ ଓ ଔଷଧ ଆଦି ମହଜୁଦ ରଖିବା ନେଇ ଆଲୋଚନା କରାଯାଇଥିଲା । ବର୍ଷା ଦିନରେ ମର୍ଯ୍ୟାକୁଦ ବାସୀଙ୍କ ପାଇଁ ଏକ ବୋଟ୍ ବ୍ୟବସ୍ଥା କରିବା ସହ ମହାନଦୀ କୂଳରେ ଥିବା ବନ୍ୟା ଆଶ୍ରୟସ୍ଥଳକୁ ସଜାଗ ରଖିବାକୁ ବିଭାଗୀୟ କର୍ତ୍ତୃପକ୍ଷଙ୍କୁ ନିର୍ଦ୍ଦେଶ ଦିଆଯାଇଥିଲା । ସହରର ଡ୍ରେନେଜ ବ୍ୟବସ୍ଥା ପ୍ରତି ପୌର କର୍ତ୍ତୃପକ୍ଷ ପଦକ୍ଷେପ ନେବାକୁ କୁହାଯାଇଥିଲା। ଏହାସହ ଏହି ସମୟରେ ଯେପରି ଜନସାଧାରଣ ବିଶୁଦ୍ଧ ପାନୀୟ ଜଳ ପାଇ ପାରିବେ ସେଥିପାଇଁ ନଳକୂପ ଗୁଡ଼ିକୁ କାର୍ଯ୍ୟକ୍ଷମ କରିବାକୁ ପାନୀୟ ଜଳ ଯୋଗାଣ ବିଭାଗକୁ କୁହାଯାଇଥିଲା। ପ୍ରାକୃତିକ ବିପର୍ଯ୍ୟୟ ସମୟରେ ଚାଷୀ କିପରି କ୍ଷତିପୂରଣ ପାଇପାରିବେ ଓ ଚାଷ କ୍ଷତି ନ ହେବ ସେଥିପ୍ରତି ଦୃଷ୍ଟି ଦେବାକୁ ପରାମର୍ଶ ଦିଆଯାଇଥିଲା। ସେହିପରି ପ୍ରାକୃତିକ ବିପର୍ଯ୍ୟୟ ସମୟରେ ଯେକୌଣସି ପରିସ୍ଥିତିର ମୁକାବିଲା କରିବା ପାଇଁ ସବୁବେଳେ ପ୍ରସ୍ତୁତ ରହିବାକୁ ଅଗ୍ନିଶମ ବିଭାଗକୁ ନିର୍ଦ୍ଦେଶ ଦିଆଯାଇଥିଲା। ବୈଠକରେ ଜିଲା ପରିଷଦ ଅଧ୍ୟକ୍ଷା ଜ୍ୟୋତ୍ସ୍ନା ଭୋଇ, ଗ୍ରାମ୍ୟ ଉନ୍ନୟନ ସଂସ୍ଥାର ପ୍ରକଳ୍ପ ନିର୍ଦ୍ଦେଶକ ସୂର୍ଯ୍ୟନାରାୟଣ ଦାସ, ଉପଜିଲାପାଳ ଏନସି ଜ୍ୟୋତିରଞ୍ଜନ ନାଏକ, ଜିଲା ମୁଖ୍ୟ ଚିକିତ୍ସାଧିକାରୀ ଡ. ବିଜନ କୁମାର ମହାନ୍ତି, ହରଭଙ୍ଗା ବ୍ଲକ ଅଧ୍ୟକ୍ଷ ବିଶ୍ୱଜିତ ମିଶ୍ରଙ୍କ ସମେତ ତିନି ବ୍ଲକର ବିଡିଓ, ତହସିଲଦାର ଓ ସମସ୍ତ ଜିଲାସ୍ତରୀୟ ଅଧିକାରୀମାନେ ଯୋଗ ଦେଇଥିଲେ ।

# ସରକାରୀ ବସ୍‌ଷ୍ଟାଣ୍ଡ ପରିମଳ ବ୍ୟବସ୍ଥା ବିପର୍ଯ୍ୟସ୍ତ

**ବରଗଡ଼ ଅଫିସ୍,୩୦।୫**

ବରଗଡ଼ ସରକାରୀ ବସ୍‌ଷ୍ଟାଣ୍ଡ ପରିସରରେ ପରିମଳ ବ୍ୟବସ୍ଥା ଭୁଷୁଡ଼ି ପଡ଼ିଛି । ଏଠାରେ ତ୍ରୁଟିପୂର୍ଣ୍ଣ ଡ୍ରେନେଜ ବ୍ୟବସ୍ଥା ଯୋଗୁ ଖରାଦିନେ ମଧ୍ୟ ପାଣି ଜମି ରହୁଛି। ସହର ମଧ୍ୟରେ ରହିଥିବା ବସଷ୍ଟାଣ୍ଡର ଏଭଳି ଅବ୍ୟବସ୍ଥିତ ପରିମଳ ବ୍ୟବସ୍ଥା ପ୍ରତି ସ୍ଥାନୀୟ ପୌର ପରିଷଦ ଆଖି ବୁଜି ଦେଇଛି । ଅନ୍ୟପଟେ ଦୀର୍ଘଦିନ ଧରି ସେଠାରେ ପାଣି ଜମି ରହୁଥିବା ଯୋଗୁ ସଂକ୍ରାମକ ରୋଗର ବାହକ ତଥା ବିଭିନ୍ନ ରୋଗ ଜୀବାଣୁ ଉପଦ୍ରବ ଆଶଙ୍କା ବଢ଼ିବାରେ ଲାଗିଛି । ଏହି ବସଷ୍ଟାଣ୍ଡ ପରିସରରେ ଏକ ନଳକୂଅ ରହିଛି । ସେହି ନଳକୂଅ କେବେ ଚାଲୁଛି ତ ଆଉ କେତେବେଳେ ଅଚଳ ହୋଇ ପଡ଼ି ରହୁଛି । ତେବେ ନଳକୂଅଟି ସେଭଳି ଦୂଷିତ ପାଣି ଘେରରେ ରହିଥିବା ଯୋଗୁ ତାହା କାର୍ଯ୍ୟକ୍ଷମ ଥିଲେ ସୁଦ୍ଧା ସେଠାକାର ପାଣି ବ୍ୟବହାର କରିବା ପାଇଁ ମଧ୍ୟ ଲୋକଙ୍କ ସାହାସ ଜୁଟୁ ନାହିଁ । ବର୍ଷ ବର୍ଷ ଧରି ସରକାରୀ ବସ୍‌ଷ୍ଟାଣ୍ଡରେ ଏହି ସମସ୍ୟା ଅସମାହିତ ହୋଇ ପଡ଼ିବା ସ୍ଥାନୀୟ ଲୋକଙ୍କ ପାଇଁ ବିଡ଼ମ୍ବନାର ବିଷୟ ପାଲଟିଛି ।



ବସଷ୍ଟାଣ୍ଡ ପରିସର ନଳକୂଅ ପାର୍ଶ୍ୱରେ ଜମି ରହିଥିବା ପାଣି ।


# CLASSIFIED DISPLAY

ALL EDITION - B/W (Everyday)

for Booking Contact: 0674-2580385, 7894447148, 7894447131, 9337021532, 7894447167, 7894447165

TARIFF — MORE SPACE • SAME PRICE — GST 5%

| For Single Day | | For 7 Days | | For 15 Days | | For 30 days | |
|---|---|---|---|---|---|---|---|
| 6 x 4 | 12 x 4 | 6 x 4 | 12 x 4 | 6 x 4 | 12 x 4 | 6 x 4 | 12 x 4 |
| 1,500.00 | 2,000.00 | 6,000.00 | 12,000.00 | 12,000.00 | 25,000.00 | 20,000.00 | 40,000.00 |

ASTROLOGY

ଅଲ୍ ଇଣ୍ଡିଆ ଖୋଲା ଚ୍ୟାଲେଞ୍ଜ
2 ଘଣ୍ଟାରେ 100% ଗ୍ୟାରେଣ୍ଟିଡ୍ ସମାଧାନ
ତାନ୍ତ୍ରିକ ମାଷ୍ଟର କିଙ୍ଗ୍ ଖାନ୍‌ଙ୍କ ଖୋଲା ଘୋଷଣା
ବ୍ୟବସାୟ, ପ୍ରେମରେ ସମସ୍ୟା ଓ ଶତ୍ରୁ ମୁକ୍ତି, ଗୃହକ୍ଲେଶ ଓ ସ୍ୱାମୀ-ସ୍ତ୍ରୀଙ୍କ ଝଗଡ଼ା, ପ୍ରେମବିବାହ, ପ୍ରପର୍ଟି, କୋର୍ଟ କେସ୍, ଗୁପ୍ତରୋଗରେ ଔଷଧ କାମ ନ କରିବା, ପୁରୁଣା ପୀଡ଼ାରେ ଔଷଧ କାମ ନ କରିବା, ଯାଦୁ-ଟୋନା, ବଶୀକରଣ, ଗୁଣିଗାରେଡ଼ି, ବିବାହରେ ବାଧା, ମନପସନ୍ଦ ପ୍ରେମ।
A to Z ସମସ୍ୟାର ସମାଧାନ ଘରେ ବସି।
ସ୍ପେଶାଲିଷ୍ଟ ବଶୀକରଣ, ମୁଠକରଣୀ ଏବଂ କଳା ଯାଦୁ
ଆମେ କରିଥିବା କାମକୁ ଯଦି କୌଣସି ଜ୍ୟୋତିଷ, ପଣ୍ଡିତ କିମ୍ବା ମୌଲବୀ କାଟିଦିଅନ୍ତି ତେବେ ତାଙ୍କୁ ଦାବି ମୁତାବକ ପୁରସ୍କାର।
ବାବା ଆମିଲ ସୁଫି
9540938429
9903852257
ରାମ ମନ୍ଦିର, ସତ୍ୟନଗର, ଭୁବନେଶ୍ୱର

ମାତାଙ୍କ ଅସୀମ କୃପା ସର୍ବ ମନୋକାମନାପୂର୍ଣ୍ଣ ଚମତ୍କାରୀ ସିଦ୍ଧ ମୁଦ୍ରିକା
ଏହି ମୁଦିକୁ ପିନ୍ଧିଲେ ସ୍ତ୍ରୀ-ପୁରୁଷ ଯେତେ କଠୋରମନା ହୋଇଥାଆନ୍ତୁ ନା କାହିଁକି, ଆପଣଙ୍କ ଇଚ୍ଛା ଅନୁସାରେ କାମ କରିବେ । ପରୀକ୍ଷାରେ ପ୍ରଥମ ଶ୍ରେଣୀ, ମକଦ୍ଦମାରେ ବିଜୟ, ବିଦେଶ ଯାତ୍ରା, ପ୍ରେମ ବିବାହ, ଜୁଆ-ଲଟେରି, ଶେୟାର୍‌ରେ ସଫଳତା, ବ୍ୟବସାୟରେ ଅଭୂତପୂର୍ବ ଅଭିବୃଦ୍ଧି, ମାଟିରେ କେଉଁଠି ପୋତା ଧନ ଅଛି ତାହା ସ୍ୱପ୍ନରେ ଦେଖାଯିବ, ଘରେ ସୁଖ ଶାନ୍ତି, ରୋଗରୁ ମୁକ୍ତି, ଋଣରୁ ମୁକ୍ତି, ଚାରିଆଡ଼େ ଖୁସି ହିଁ ଖୁସି, ଯେଉଁ କାମରେ ହାତ ମାରିବେ ଆପଣଙ୍କୁ ସଫଳତା ହିଁ ସଫଳତା ପ୍ରାପ୍ତ ହେବ।
ସର୍ବ ମନୋକାମନାପୂର୍ଣ୍ଣ ଚମତ୍କାରୀ ସିଦ୍ଧ ମୁଦି ସହିତ ନଜରଦୋଷ କବଚ ମାଗଣା।
ସାଧାରଣ ମୁଦି - 1100/-
ସ୍ପେଶାଲ ମୁଦି - 1575/-
କାମ ନ ହେଲେ ପଇସା ଫେରସ୍ତ
ଇଚ୍ଛୁକ ବ୍ୟକ୍ତି ଆଶ୍ରମ ସହ ଯୋଗାଯୋଗ କରନ୍ତୁ
7564962303
9354145347

BUSINESS

SMS JOBS DHAMAKA (PART/FULL TIME)
GOLD MEDALIST COMPANY
ଘରେ ବସି ଶିକ୍ଷିତ ବେରୋଜଗାର ଯୁବକ, ଯୁବତୀ, ମହିଳା PART / FULL TIME କରି ମାସକୁ ୧୫୦୦୦/- ରୁ ୪୫୦୦୦/- ପର୍ଯ୍ୟନ୍ତ ରୋଜଗାର କରନ୍ତୁ
FREE କମ୍ପାନୀ ଦ୍ୱାରା Mobile + Laptop + Bike + 20000/- ର ଉପହାର
ନିଜ ନାମ ଠିକଣା ଓ ଯୋଗ୍ୟତା SMS/Call କରନ୍ତୁ
Ph- 7739216167, 9973805993

BUSINESS
ଖାଲିଥିବା ଜମି ଓ ଛାତ ଉପରେ ବଂଶଲ ଗ୍ରୁପର ଡିଜିଟାଲ ଉପକରଣ ବସାଇ ଅଗ୍ରୀମ 70,000,00/- ପାଆନ୍ତୁ ଓ ମାସକୁ ଭଡ଼ା 45,000/- ଟଙ୍କା ପାଆନ୍ତୁ । ଜଣକୁ ଚାକିରି ମିଳିବ । ଆଜି ହିଁ ସଂମ୍ପର୍କ କରନ୍ତୁ
Plot No - 114/617, Devaraja Mohalla, Bangalore, Karnataka 570001
Call / SMS Now 9996602452

GOLD CASH
SELL GOLD / SETTLE YOUR GOLD LOAN AT 100% MARKET VALUE
ନିଜ ବନ୍ଧକ ସୁନାକୁ ମୁକୁଳେଇବା ପାଇଁ ଆମକୁ ଯୋଗାଯୋଗ କରନ୍ତୁ ଏବଂ GOLD CASH ଆପଣଙ୍କ ବନ୍ଧକ ସୁନାକୁ ଉଚିତ୍ ମୂଲ୍ୟରେ ନେବ।
ବିକ୍ରି କରନ୍ତୁ ଆପଣଙ୍କ ସୁନା ଗହଣା ଆମ ପାଖରେ ଏବଂ ପାଆନ୍ତୁ ୧୦୦% ମାର୍କେଟ ମୂଲ୍ୟରେ।
Toll Free -1800-120-3430
90 90 90 2555, 90 90 90 3555
www.GoldCash.co
Visit the Nearest Gold Cash Branch in your City

WISE INVESTMENT
Value Your Money Safely
A Bhubaneswar Based company is looking forward for good investors (MORE THAN ONE CRORE) to invest on land properties within the territory of Odisha.
SSP PVT. LTD.
A/88, Sahid Nagar, Bhubaneswar
6372858860
Email : landbank.19@gmail.com

ବ୍ୟବସାୟ
(ସରକାରୀ ଅନୁମୋଦିତ)
ଗୋଲ୍ଡ ମେଡାଲିଷ୍ଟ କମ୍ପାନୀ ଦ୍ୱାରା
ନିଜର ଖାଲି ଜମି ଛାତ, ପ୍ଲଟ୍, କ୍ଷେତରେ ୪ଜି ଡିଜିଟାଲ ଟାୱାର ଲଗାନ୍ତୁ
- ପାଆନ୍ତୁ -
୯୦ ଲକ୍ଷ ଅଗ୍ରିମ + ୯୦ ହଜାର ଭଡ଼ା
୨ ଜଣଙ୍କ ପାଇଁ ୨୫୦୦୦/-ର ସୁବିଧା
ବାଇକ୍ + ବୀମା + ମୋବାଇଲ (ଇଣ୍ଟରନେଟ୍ ଫ୍ରି) + ହାଇସ୍ପିଡ୍ ନେଟ୍
ଇଣ୍ଡସ୍ ଟାୱାର
ହେଲ୍ପଲାଇନ୍ ନମ୍ବର 18001205460
H. No. # 412, Subhash Nagar, Jind, Haryana

FINANCE

FINANCE
ସ୍ୱୀକୃତୀପ୍ରାପ୍ତ ରାମ ଫାଇନାନ୍ସ ଦ୍ୱାରା ମାର୍କସିଟ, କୃଷି, ଶିକ୍ଷା, ଆଧାରକାର୍ଡ, ସମ୍ପତି, BPL, ଗୃହ ଓ ବ୍ୟକ୍ତିଗତ ଋଣ ଘରେ ବସି ପାଆନ୍ତୁ।
ବାର୍ଷିକ 1% ସୁଧ ଏବଂ 50% ଛାଡ
2th floor, Krishna Reddy Layout, Amarjyoti Layout, Domlur, Bengaluru, Karnataka 560071
7088207357
9758645827

FINANCE
MAHENDRA FINANCE COMPANY
ଘରେବସି ପାଆନ୍ତୁ ସମସ୍ତ Bank ଦ୍ୱାରା ମାର୍କସିଟ, ବ୍ୟକ୍ତିଗତ, ବ୍ୟବସାୟ, କୃଷି-ସମ୍ପତି, ପଶୁପାଳନ, ମୁଦ୍ରା, ହୋମଲୋନ ଆଦି ପାଆନ୍ତୁ ମାତ୍ର 18 ଘଣ୍ଟାରେ ବିନା କୌଣସୀ ଗ୍ୟାରେଣ୍ଟର ରେ।
ବାର୍ଷିକ 2% ସୁଧ 50% ଛାଡ
Email. Id - document.mfc@gmail.com
Madhya Marg, SEC 9, Main Road, Panchkhula, Chandigarh
07404715486
09485827609

ଲୋନ! ଲୋନ! ଲୋନ
BFC FINANCE
୧ ରୁ୫୦ ଲକ୍ଷ୍ୟ ଲୋନ
ଗୃହଋଣ, ମାର୍କସିଟ ପର୍ସନାଲ୍, ବିଜନେସ୍, କୃଷି, ବ୍ୟବସାୟ, ସମ୍ପତି, କୁକୁଡାପାଳନ, ଇଟାଭାଟି, ଆଧାର କାର୍ଡ, ରାସନ କାର୍ଡ, ଆଦି ସମସ୍ତ ଋଣ
ବେରୋଜଗାର ଓ ମହିଳାଙ୍କୁ ବିଶେଷ ଛାଡ
୧% ସୁଧ ୫୦% ରିହାତି
85058-11813
85058-50178
bharatloanonline@gmail.com
A-25 8th Floor Ambadeep Building Connaught Place, New Delhi - 110001

ଖର୍ଚ୍ଚ ଋଣ ମଞ୍ଜୁର ହେବା ପରେ
CAPITAL FINANCE LTD.
(Registration No. - U6519TN198PLC008555)
ମାର୍କଶିଟ୍, ପର୍ସନାଲ, ପ୍ରପର୍ଟି ଏବଂ ସମସ୍ତ ଋଣ ୩ରୁ ୪ ଦିନରେ ଘରେ ବସି ପାଆନ୍ତୁ ୨% ସୁଧ, ୪୦% ରିହାତି (ଠକାମିର ଶିକାର ବ୍ୟକ୍ତି ଥରେ ନିଶ୍ଚୟ କଲ୍ କରନ୍ତୁ)।
- Helpline Number -
8859690149
PETUMALI, JHARMUNDA, PETUPALI, BARGARH, ODISHA- 768034

BASUDHA FINANCE
BASUDHA FINANCE ଦ୍ୱାରା ମାର୍କସିଟ୍, ପର୍ସନାଲ ବିଜ୍‌ନେସ୍, ଗୃହ, କୃଷି, ବ୍ୟବସାୟ, ସମ୍ପତ୍ତି ଓ କୁକୁଡା ପାଳନ ସମସ୍ତ ପ୍ରକାର LOAN 1% ସୁଧରେ ମିଳେ।
Mo- 8114631815, 7749967517
Jain Market South Part-4, Vigyan Nagar, Delhi-110051, Mundagohira, Gohira Dyam site, Raimal, Debagarh-768121

ଭାରତର ନଂ.1 କମ୍ପାନୀ
1988 ଠାରୁ ଆପଣଙ୍କ ସେବାରେ
MAHALAXMI FINANCE PVT. LTD.
ସବୁ ବ୍ୟାଙ୍କ ଦ୍ୱାରା ଆଧାରକାର୍ଡ, ଏଗ୍ରିକଲ୍ଚର, ମାର୍କଶିଟ୍, ପର୍ସନାଲ, ପ୍ରପର୍ଟି, BPL, ଋଣ ମାତ୍ର 24 ଘଣ୍ଟାରେ
2% ସୁଧ 40% ଛାଡ଼
ଠକାମିର ଶିକାର ବ୍ୟକ୍ତି ଥରେ ନିଶ୍ଚୟ କଲ୍ କରନ୍ତୁ
ମହିଳା ଓ ବିଦ୍ୟାର୍ଥୀଙ୍କ ପାଇଁ ରିହାତି
କାମ ଆମର, ବିଶ୍ୱାସ ଆପଣଙ୍କର
7894704743
B-36/7, A-Block Vijay Enclave Burari, New Delhi-74

LOAN
ଟଙ୍କା ନେଉନ୍ତୁ - ଧୋକା ଦେଉନ୍ତୁ
ଆଗେ କାମ - ପରେ ଦାମ୍
ଗଣପତି ଫାଇନାନ୍ସ
ମାର୍କଶିଟ୍, ପ୍ରପର୍ଟି ବ୍ୟବସାୟ, ରାଶନକାର୍ଡ ପର୍ସନାଲ,ଆଧାର କାର୍ଡ
ସବୁ ପ୍ରକାର ଋଣ 24 ଘଣ୍ଟାରେ ଘରେ ବସି ପାଆନ୍ତୁ
2% - ସୁଧ - 40% ରିହାତି
ଠକମାନଙ୍କ ପ୍ରତି ସାବଧାନ
8395864708, 8929606415
SCO- 106, Second Floor, Vishal Tower, Cannaught Place, Delhi.

ଟଙ୍କା ନେଉନ୍ତୁ - ଧୋକା ଦେଉନ୍ତୁ
KUMAR FINANCE Regd. Co.
ମାର୍କଶିଟ୍ - ପ୍ରପର୍ଟି
ପର୍ସନାଲ - ବିଜ୍‌ନେସ୍
ଆଧାରକାର୍ଡ - ମୁଦ୍ରା ଋଣ
12 ଘଣ୍ଟାରେ ଘରେ ବସି ପାଆନ୍ତୁ
2% ସୁଧ - 40% ରିହାତି
ସରକାରୀ କର୍ମଚାରୀଙ୍କ ପାଇଁ ବିଶେଷ ରିହାତି
ଠକମାନଙ୍କ ପ୍ରତି ସାବଧାନ
7084824686
7347856284
H. No. 2, Ram Nagar, Narnol, Haryana

ହିନ୍ଦୁସ୍ତାନ ଫାଇନାନ୍ସ
(ପଞ୍ଜୀକୃତ କମ୍ପାନୀ)
ଥରେ ସେବାର ସୁଯୋଗ ଦିଅନ୍ତୁ
୫୫ ଲକ୍ଷ ସନ୍ତୁଷ୍ଟ ଗ୍ରାହକ
ମାର୍କଶିଟ୍ - ବ୍ୟବସାୟ - ପର୍ସନାଲ
ଆଧାରକାର୍ଡ - ପ୍ରପର୍ଟି - ଏଗ୍ରିକଲ୍ଚର
ସମସ୍ତ ଋଣ ମାତ୍ର 12-24 ଘଣ୍ଟାରେ
ବିଶ୍ୱାସ ଆପଣଙ୍କର - କାମ ଆମର
କମ୍ ସମୟ ଓ ସହଜ କିସ୍ତି
2% ସୁଧ - 40% ରିହାତି
ମହିଳା/ଚାଷୀଙ୍କୁ ବିଶେଷ ରିହାତି
9548438832, 7055960410
908, Ward Backside Anand market, Dhiman Line, Yamuna Nagar, Haryana

GTL Telecom Network Company
ଖାଲି ଜମି, କୃଷି ଜମି, ଛାତ ଭଳି ସବୁ ସ୍ଥାନରେ ଡିଜିଟାଲ ନେଟ୍‌ୱର୍କ ସ୍ଥାପନ କରନ୍ତୁ । ଅଗ୍ରିମ - 90 ଲକ୍ଷ, ଭଡ଼ା - 50 ହଜାର/- ମାତ୍ର 72 ଘଣ୍ଟାରେ ଜମି ଯାଞ୍ଚ ଓ ଡିଜିଟାଲ୍ ନେଟ୍‌ୱର୍କ ସ୍ଥାପନ + ମାଗଣା ମୋବାଇଲ + ବାଇକ୍। 30,000ର ଅନ୍ୟାନ୍ୟ ସୁବିଧା । ମହିଳାଙ୍କ ପାଇଁ ବିଶେଷ ରିହାତି ।
Address:- Head Office G-79 Aadrsh Nagar Karol Bagh
8676907143, 9348274623

See Color Display Classified on every Tuesday & Friday

# COLOR DISPLAY CLASSIFIED

| SIZE | 15 days | 8 days | 4 days | Single day | GST 5% will be added extra |
|---|---|---|---|---|---|
| 6 X 8 | 40,000 | 20,000 | 11,000 | 2,800 | |

on every Tuesday & Friday


## ପାଠକଙ୍କ ପାଇଁ ସୂଚନା:

ଏହି ପୃଷ୍ଠାରେ ପ୍ରକାଶିତ କେତେକ ବିଜ୍ଞାପନକୁ ଭିତ୍ତିକରି କିଛି ପାଠକ ଠକାମିର ଶିକାର ହେଉଥିବା ଆମର ଦୃଷ୍ଟିଗୋଚର ହେଉଛି। ବିଜ୍ଞାପନ ଦେଇଥିବା ସଂସ୍ଥାମାନଙ୍କ ସହ କାରବାର କରିବା ପୂର୍ବରୁ ସବିଶେଷ ତଥ୍ୟ ଓ ନିଜର ବିବେକ ଖଟାଇ କାରବାର କରନ୍ତୁ। ଏଥିପାଇଁ ଧରିତ୍ରୀ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ।



ସତ୍ୟ ହିଁ ବ୍ରହ୍ମ, ସତ୍ୟ ହିଁ ତପସ୍ୟା, ସତ୍ୟ ହିଁ ପ୍ରାଣୀମାନଙ୍କୁ ସୃଜନ କରେ, ସତ୍ୟ ଦ୍ୱାରା ହିଁ ସମସ୍ତ ଲୋକ ଧୃତ ହୋଇଥାଏ ଏବଂ ସତ୍ୟ ଦ୍ୱାରା ହିଁ ଶେଷରେ ମନୁଷ୍ୟ ସ୍ୱର୍ଗ ଲୋକ ପାଇଥାଏ। -ସ୍ୱାମୀ ଶିବାନନ୍ଦ



## ସଂକ୍ଷେପରେ

### ଭାଗବତ ମନ୍ଦିର ପ୍ରତିଷ୍ଠା ସମ୍ପନ୍ନ

ମନମୁଣ୍ଡା, ୩୦।୫ (ଡି.ଏନ.ଏ) ଗୁଡଭେଲିପଦରରେ ଗୁରୁବାର ଶ୍ରୀ ଭାଗବତ ମନ୍ଦିର ପ୍ରତିଷ୍ଠା ହୋଇଛି । ଏହି ଉପଲକ୍ଷେ ସକାଳେ ଶତାଧିକ ମହିଳା ମେହେରୁଣୀ ନଦୀରୁ ଜଳପୂର୍ଣ୍ଣ କଳସ ଶୋଭାଯାତ୍ରାରେ ଆଣି ଯଜ୍ଞ ମଣ୍ଡପରେ ସ୍ଥାପନ କରିଥିଲେ । ପୂର୍ବାହ୍ନ ୧୦ଟାରେ ପୂଜା ସହ ଭଜନ, କୀର୍ତ୍ତନ ଓ ଭାଗବତ ପଠନ ହୋଇଥିଲା । ଭାଗବତ ପ୍ରେମୀ ଶଶିଧର ଗଙ୍ଗାସାଗର ଓ ତାଙ୍କ ସ୍ତ୍ରୀ ମଥୁରା ଗଙ୍ଗାସାଗର କର୍ତ୍ତା ଦାୟିତ୍ୱ ନିର୍ବାହ କରିଥିଲେ ।

### ୧୬ ପ୍ରହର ନାମଯଜ୍ଞ ଉଦ୍‌ଯାପିତ

ସୋହେଲା,୩୦।୫(ଡି.ଏନ.ଏ) ସୋହେଲା ନିକଟସ୍ଥ ବଞ୍ଜାରୀ ଗ୍ରାମର ଉପରପଡା ନାମଯଜ୍ଞ କମିଟି ପକ୍ଷରୁ ଗାଁ ଜଗନ୍ନାଥ ମନ୍ଦିର ନିକଟରେ ୧୬ ପ୍ରହର ନାମଯଜ୍ଞ ତିନି ଦିନ ଧରି ଅନୁଷ୍ଠିତ ହୋଇଥିଲା । ଏହି ଅବସରରେ ଗ୍ରାମର ନୂଆବନ୍ଧରୁ ମହିଳାମାନେ ସୋମବାର ଏକ ଶୋଭାଯାତ୍ରାରେ କଳସ ଆଣି ନାମଯଜ୍ଞ ସ୍ଥଳରେ ସ୍ଥାପନ କରିଥିଲେ । ବୁଧବାର ସନ୍ଧ୍ୟାରେ ପୂର୍ଣ୍ଣାହୂତି ପଡିଥିଲା। ଏଥିରେ ବିଜୟ ଭୋଇ ଓ ତାଙ୍କ ସ୍ତ୍ରୀ ମହିମା ଭୋଇ କର୍ତ୍ତା ଏବଂ ସରୋଜ ଦେବତା, ସାଗର ମହାପାତ୍ର ଓ କୁନୁ ପଣ୍ଡା ପୁରୋହିତ ଦାୟିତ୍ୱ ସମ୍ପାଦନ କରିଥିଲେ। କରାଲମାଲ, କନ୍ଧମୁଣ୍ଡା, ଅଏଲପୁର, ଭାଲୁପାଲି, ସରକଣ୍ଡା, ବିଶାଲପାଲି, ବଡଧରା, କେନ୍ଦମୁଣ୍ଡି, କଠାରପାଲି ଓ ବିର୍ଜୁପାଲି ଗ୍ରାମର ସଂକୀର୍ତ୍ତନ ଦଳ ନାମଜପ କରିଥିଲେ । ଯୁବନେତା ସୁବ୍ରତ ସିଂହ ଅତିଥି ଭାବେ ଯୋଗ ଦେଇଥିଲେ । ବିଜୟ ଭୁଏ, ପ୍ରଫୁଲ ମଲିକ, କୌଶିକ ମଲିକ, ସନ୍ତୋଷ ଥପା, ଅନୀ ଥପା ପ୍ରମୁଖ ନାମଯଜ୍ଞ ପରିଚାଳନା କରିଥିଲେ ।

■ ବରଗଡ଼ ଜିଲା ମୁଖ୍ୟ ଡାକ୍ତରଖାନା

# ତାତିରେ ରୋଗୀ ଛଟପଟ

ପ୍ରେମାନନ୍ଦ ଖମାରୀ
ବରଗଡ଼ ଅଫିସ୍,୩୦।୫

ବରଗଡ଼ ଜିଲା ମୁଖ୍ୟ ଡାକ୍ତରଖାନା ଉପରେ ବରଗଡ଼ ସମେତ ପଡ଼ୋଶୀ ଛତିଶଗଡ଼ ରାଜ୍ୟ ଓ ବଲାଙ୍ଗୀର ଓ ସୋନପୁର ଜିଲାରକେତେକ ଅଞ୍ଚଳବାସୀ ନିର୍ଭର କରନ୍ତି । ୯୧ ଶଯ୍ୟା ବିଶିଷ୍ଟ ଏହି ଡାକ୍ତରଖାନାକୁ ଦୈନିକ ପ୍ରାୟ ୫୦୦ରୁ ଅଧିକ ରୋଗୀ ଆସୁଥିବାବେଳେ ସେମାନଙ୍କ ମଧ୍ୟରୁ ୫୦ରୁ ଶହେ ଜଣ ଭର୍ତ୍ତି ହେଉଛନ୍ତି ।

ବରଗଡ଼ ଡାକ୍ତରଖାନାରେ ଉତ୍ତମ ସ୍ୱାସ୍ଥ୍ୟସେବା ପାଇବା ଆଶାରେ ରୋଗୀମାନେ ଏଠାକୁ ଆସୁଛନ୍ତି। ସ୍ୱାସ୍ଥ୍ୟସେବା ମିଳୁଥିଲେ ମଧ୍ୟ ପାନୀୟଜଳ, ବିଦ୍ୟୁତ୍ ଭଳି ମୌଳିକ ସେବାରୁ ରୋଗୀ ଏବଂ ସେମାନଙ୍କ ସମ୍ପର୍କୀୟଙ୍କୁ ହଟହଟା ହେବାକୁ ପଡୁଛି। ଆବଶ୍ୟକ ପରିମାଣର ପାନୀୟଜଳ ମିଳୁ ନ ଥିବା ଯୋଗୁ ଅନେକ ସମୟରେ ସେମାନଙ୍କୁ ବାହାରକୁ ଯାଇ ପାଣି ସଂଗ୍ରହ କରିବାକୁ ପଡୁଛି। ସେହିପରି ଡାକ୍ତରଖାନାର ବିଭିନ୍ନ କୋଠରୀରେ ଲାଗିଥିବା କେତେକ ପଙ୍ଖା ଠିକ୍ ଭାବେ ଚାଲୁନାହିଁ। ଫଳରେ ଏଠାକୁ ଆସିଥିବା ଲୋକେ ରାତ୍ରିବେଳା ଡାକ୍ତରଖାନା ବାହାରେ ଆଶ୍ରୟ ନେଉଥିବା ଦେଖିବାକୁ ମିଳୁଛି। ସେହିପରି ଦିନବେଳା ମଧ୍ୟ ଡାକ୍ତଖାନା ପରିସରରେ ଥିବା ଗଛମୂଳେ ଲୋକେ ଆଶ୍ରୟ ନେଉଛନ୍ତି। ଶଯ୍ୟାଭାବ ଯୋଗୁ ଡାକ୍ତରଖାନା ଚଟାଣରେ ରୋଗୀଙ୍କ ଚିକିତ୍ସା ଚାଲିଛି ।



ଜିଲା ମୁଖ୍ୟ ଡାକ୍ତରଖାନା ବାହାରେ ଲୋକେ ଆଶ୍ରୟ ନେଇଛନ୍ତି ।

- ବଢୁଛି ପାନୀୟଜଳ ସଙ୍କଟ
- ବିଦ୍ୟୁତ୍ ବିଭ୍ରାଟରୁ ଅତିଷ୍ଠ
- ଚଟାଣରେ ଚାଲିଛି ଚିକିତ୍ସା
- ରାତିରେ ବାହାରେ ଆଶ୍ରୟ

ପରିମଳ ବ୍ୟବସ୍ଥାର ମଧ୍ୟ ଅନୁରୂପ ସ୍ଥିତି । ଡାକ୍ତରଖାନା ପରିସରରେ ଏକ ସୁଲଭ ଶୌଚାଳୟ ରହିଛି । ମାତ୍ର କେତେବେଳେ ତାହା ଖୋଲା ରହୁଛି ତ ଆଉ କେବେ ବନ୍ଦ। ଡାକ୍ତରଖାନାର ବିଭିନ୍ନ ୱାର୍ଡ଼ରେ ପାଇଖାନା ରହିଛି, ମାତ୍ର ସେଥିରୁ କେତେକ ବନ୍ଦ ରହୁଛି । ଏଥିପାଇଁ ଉଭୟ ରୋଗୀ ଏବଂ ସେମାନଙ୍କ ସମ୍ପର୍କୀୟଙ୍କୁ ଅସୁବିଧାର ସମ୍ମୁଖୀନ ହେବାକୁ ପଡୁଛି । ଏ ସମ୍ପର୍କରେ ଜିଲା ମୁଖ୍ୟ ଚିକିତ୍ସାଧିକାରୀ ଡା. ଏନ. କେ ପାଢ଼ୀଙ୍କୁ ପଚାରିବାରୁ ସେ କହିଥିଲେ, ଡାକ୍ତରଖାନାକୁ ପାନୀୟଜଳ ଯୋଗାଣ ହେଉଛି । ମ୍ୟୁନିସିପାଲିଟି ପକ୍ଷରୁ ମଧ୍ୟ ପାଣି ଯୋଗାଇ ଦିଆଯାଉଛି । ତଥାପି ଯେଉଁ ସମସ୍ୟା ସବୁ ରହିଛି, ତାର ତ୍ୱରିତ ସମାଧାନ ଦିଗରେ ପଦକ୍ଷେପ ନିଆଯିବ ।

### ସେମାନେ ଯାହା କୁହନ୍ତି...



“ଚିକିତ୍ସା ପାଇଁ ଏହି ଡାକ୍ତରଖାନାକୁ ଆସିଛୁ । ଚିକିତ୍ସା ଚାଲିଛି। ହେଲେ ପାନୀୟଜଳ ପାଇଁ ବହୁତ ଗୁଲଗୁଲା ହେବାକୁ ପଡୁଛି। ଏଠାକୁ ଯାହା ଯୋଗାଯାଉଛି, ସେତକ ପାଣି ପର୍ଯ୍ୟାପ୍ତ ହେଉନାହିଁ । ଫଳରେ ଅନେକ ସମୟରେ ପାଣି ପାଇଁ ବାହାରକୁ ଯିବାକୁ ପଡୁଛି।
**-ସୂର୍ଯ୍ୟଭାନୁ ସାହୁ**, ଟେମରେନ



“ନାମଟି କେବଳ ଜିଲା ମୁଖ୍ୟ ଡାକ୍ତରଖାନା । ହେଲେ ଏଠାକାର ସମସ୍ୟା କେବେ ସୁଧୁରୁନାହିଁ । ଡାକ୍ତର ଅଭାବ ସବୁଦିନ ଲାଗି ରହିଛି । ଖରାଦିନେ ଏଠାରେ ପାନୀୟଜଳ ଅଭାବ, ପଙ୍ଖା ନ ଚାଲିବା ଯୋଗୁ ରୋଗୀଙ୍କୁ ହଇରାଣ ହେବାକୁ ପଡୁଛି । ଏହାର ତୁରନ୍ତ ପ୍ରତିକାର ଦରକାର ।
**-ଶିବାନନ୍ଦ ମଟାରୀ**, ସାମାଜିକ କର୍ମୀ



“ଦେହ ଭଲ ନ ଥିବାରୁ ଏଠାରେ ଭର୍ତ୍ତି ହୋଇଛି । ଏବେ ଖରାଦିନେ ପାଣି ପାଇଁ ଯେଭଳି ହଟହଟା ହେବାକୁ ପଡୁଛି, ବିଦ୍ୟୁତ କାଟ୍ ହେଲେ ଆହୁରି ଅସୁବିଧା ଭୋଗିବାକୁ ପଡୁଛି । ଦିନବେଳା କଷ୍ଟେମଷ୍ଟେ ରହିଲେ ବି ରାତିବେଳା ବାହାରେ ରହିବାକୁ ପଡୁଛି । **-ହୃଷୀକେଶ ରଣା**, ସରକଣ୍ଡା

# ଇଭିଏମ ଗୋଦାମ ଗୃହ ଉଦ୍‌ଘାଟିତ

ବରଗଡ଼ ଅଫିସ୍,୩୦।୫

ବରଗଡ଼ ଜିଲାପାଳ ଅଫିସ ସମ୍ମୁଖରେ ଗୁରୁବାର ଇଭିଏମ, ଭିଭିପିଏଟିର ନୂତନ ଗୋଦାମ ଗୃହ ଉଦ୍‌ଘାଟିତ ହୋଇଛି । ଜିଲାପାଳ ଇନ୍ଦ୍ରମଣି ତ୍ରିପାଠୀ ଏହାକୁ ଉଦଘାଟନ କରିଥିଲେ । ଉଦଘାଟନ ବେଳେ ଅନ୍ୟମାନଙ୍କ ମଧ୍ୟରେ ଅତିରିକ୍ତ ଜିଲାପାଳ ତପିରାମ ମାଝି, ଉପଜିଲାପାଳ ଦେବେନ୍ଦ୍ର କୁମାର ନନ୍ଦ, ପୂର୍ତ୍ତ ବିଭାଗର କାର୍ଯ୍ୟନିର୍ବାହୀ ଅଧିକାରୀ ଚକ୍ରଧର ପ୍ରସାଦ ଗନ୍ତାୟତ, ଜିଲା ସୂଚନା ଓ ଲୋକସମ୍ପର୍କ ଅଧିକାରୀ କଲ୍ୟାଣୀ ଦାଶ, ଡେପୁଟି କଲେକ୍ଟର (ନିର୍ବାଚନ) ସଞ୍ଜୀବ ମେହେରଙ୍କ ସମେତ ଜିଲାସ୍ତରୀୟ ଅଧିକାରୀମାନେ ଉପସ୍ଥିତ ଥିଲେ । ଉଲ୍ଲେଖନୀୟ, ୩କୋଟି ୫୩ଲକ୍ଷ ୫୨ହଜାର ଟଙ୍କାରେ ନିର୍ମିତ ଏହି ଗୋଦାମ ଗୃହ ୨୯ହଜାର ୪୯୦ ବର୍ଗଫୁଟ୍‌ର ହୋଇଥିବାବେଳେ ୨୪ଟି ହଲ୍ ରହିଛି । ଏହା ସହିତ ୧୬୦ ଫୁଟ୍‌ର କରିଡ଼ର ରହିଛି । ନିର୍ବାଚନ ସମ୍ବନ୍ଧୀୟ କାର୍ଯ୍ୟ ସହିତ ଇଭିଏମ, ଭିଭିପିଏଟି ମେଶିନ ଗୁଡ଼ିକ ଏଠାରେ ସୁରକ୍ଷିତ ଭାବେ ରହିବା ସହିତ ନିର୍ବାଚନ କାର୍ଯ୍ୟ ସୁଚାରୁ ଭାବେ ପରିଚାଳନା କରାଯାଇ ପାରିବ ।




ଇଭିଏମ, ଭିଭିପିଏଟି ଗୋଦାମ ଗୃହକୁ ବରଗଡ଼ ଜିଲାପାଳ ଉଦଘାଟନ କରୁଛନ୍ତି ।

କନ୍ଧମାଳ ରେଞ୍ଜ ବନୀକରଣରେ ଅନିୟମିତତା ଅଭିଯୋଗ

# କାର୍ଯ୍ୟାନୁଷ୍ଠାନ ପାଇଁ ଡିଏଫ୍‌ଓଙ୍କୁ ଦାବି

ମନମୁଣ୍ଡା, ୩୦।୫ (ଡି.ଏନ.ଏ)

କନ୍ଧମାଳ ରେଞ୍ଜରେ ବନୀକରଣରେ ବ୍ୟାପକ ଅନିୟମିତତା ହୋଇଥିବା ଅଭିଯୋଗ ହୋଇଛି । ଏହାର ତଦନ୍ତ କରି ଦୋଷୀଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବା ପାଇଁ ଗୁଡଭେଲିପଦରର ଜଣେ ପରିବେଶବିତ୍ ସୁମନ୍ତ ମିଶ୍ର ବୌଦ୍ଧ ଡିଏଫଓଙ୍କ ନିକଟରେ ଦାବି କରିଛନ୍ତି ।

ସୂଚନା ମୁତାବକ, ଉକ୍ତ ରେଞ୍ଜ୍‌ର ନାରାୟଣପ୍ରସାଦ ସେକ୍ସନ ଅନ୍ତର୍ଗତ ଭଙ୍ଗାଗୋରା-ନାରାୟଣପ୍ରସାଦ-ଖେମୁଣ୍ଡିଗଡ ୨୫ କିମି ରାସ୍ତା ପାର୍ଶ୍ୱ ବନୀକରଣ ପାଇଁ ୨୩ ଲକ୍ଷ ଟଙ୍କା ଖର୍ଚ୍ଚ ହୋଇଥିଲା । ତେବେ ତାକୁ ଓଲଟା ଭାବେ ଖେମୁଣ୍ଡିଗଡରୁ ନାରାୟଣପ୍ରସାଦ ୨୫ କିମି ଦର୍ଶାଇ ପୁନର୍ବାର ୨୪ ଲକ୍ଷ ଟଙ୍କା ବିଲ୍ ହୋଇଥିଲା । ଏ ନେଇ ବିଭିନ୍ନ ଗଣମାଧ୍ୟମରେ ଖବର ପ୍ରକାଶିତ ହେବା ପରେ ଡିଏଫ୍‌ଓ ଏକ ସ୍ୱତନ୍ତ୍ର ଟିମ୍ ଗଠନ କରି ତହିଁର ତଦନ୍ତ କରାଯାଉଥିବା ପ୍ରକାଶ କରିଥିଲେ । ଦୁର୍ନୀତି ପ୍ରମାଣିତ ହେଲେ ଦୋଷୀଙ୍କ ବିରୁଦ୍ଧରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି ମଧ୍ୟ ଡିଏଫଓ କହିଥିଲେ । କିନ୍ତୁ ପରବର୍ତ୍ତୀ ସମୟରେ ସେପରି କିଛି କରାଯାଇ ନ ଥିଲା । ଫଳରେ ଦୁର୍ନୀତିକୁ ଚପାଇ ଦିଆଯାଇଥିବା ସାଧାରଣରେ ଚର୍ଚ୍ଚା ହୋଇଥିଲା । ତେବେ ଗଣମାଧ୍ୟମରେ ଖବର ପ୍ରକାଶିତ ହେବା ପରେ ମଧ୍ୟ କୌଣସି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଇ ନ ଥିବାରୁ ଗୁଡଭେଲିପଦରର ଉକ୍ତ ପରିବେଶବିତ୍ ଜଣକ ବୁଧବାର ଡିଏଫଓଙ୍କୁ ଭେଟି ଦୋଷୀଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ଦାବି କରଛନ୍ତି । ଏ ନେଇ ଡିଏଫଓ ଯଶୋବନ୍ତ ସେଠୀଙ୍କୁ ପଚାରିବାରୁ ଅଭିଯୋଗ ମିଳିଛି ଓ ତଦନ୍ତ ପୁନଃ ଆରମ୍ଭ କରାଯାଉଛି । ତଦନ୍ତ ପରେ ଯାହାକିଛି ପଦକ୍ଷେପ ନିଆଯିବ ବୋଲି କହିଥିଲେ ।

# ନଲ୍‌ଟୁଆଁ ଅଭାବୁ ଦୂଷିତ ପାଏନ୍ ପିଉଛନ୍ ଗାଁବାସୀ

ଜାମଟିକ୍ରା, ୩୦।୫ (ଡି.ଏନ.ଏ)

ଏହେଦେ ମୁଡ଼ଫଟା ଖରା ତାତିରେ ପଶ୍ଚିମ ଓଡ଼ିଶା ଜଳୁଛେ। ସବୁ ସହରର ତାପ୍‌ମାନ ୪୨ ଡିଗ୍ରୀ ଉପରେ ରହିଛେ। ଗାଁଗଁଲିରେ ବଁଧିକଟା ଶୁଖିଗଲାନ, ନଲ୍‌ଟୁଆଁମାନକେ ଦରକାର ହିସାବେ ପାଏନ୍ ନାଇଁ ବାହାରବାର। ଇଆଡ଼େ ବିଦ୍ୟୁତ୍ କାଟ ଅଂଚଲବାସୀକୁ ଅଥାଥାଲି କରିପକଉଛେ। ଖରାର ମାଡ଼େ ସଖାଲର ୧୦ ବାଜଲେ କର୍ଫ୍ୟୁ ଜାରି ହେଲା ଲେଖେଁ ରାସ୍‌ତାଘାଟ ଖାଲି ହେଇଯାଉଛେ। ଏନ୍‌ତାଥି ପଶ୍ଚିମ ଓଡ଼ିଶାର ଅନେକ ଗାଁଗାଁଡ଼ାରେ ଲୋକ୍ ପିଇଲା ପାଏନ୍ ସମସିଆରେ ଯୁଝୁଛନ୍। ଏନ୍‌ତା ପିଇଲା ପାଏନ୍‌ର ବଡ଼ଭାରି ସମସିଆ ଦେଖିବାକେ ମିଳିଛେ ବରଗଡ଼ ଜିଲା ଅତାବିରା ବ୍ଲକ ବୁଗବୁଗା ପଁଚେତ୍‌ରେ।

ସୂଚନା ହିସାବେ ବୁଗବୁଗା ପଁଚେତ୍‌ର ପତ୍ରାପାଲି ପାସର କଣ୍ଟାତଳ ଗାଁରେ ପାଖାପାଖି ୩ଶହ ଆଦିବାସୀ ସମାଜର ଲୋକ୍ ବାସ କରୁଛନ୍। ହେଲେ ଇଠାନେ ଲୁକ୍‌କର ପିଇଲା ପାଏନ୍ ଲାଗି କିଛି ବି ସୁବିଧା ନାଁଇଁନ। ଏନ୍‌ତା କି ଗାଁବାସୀକର ବେଭାର ଲାଗି ନଲ୍‌ଟୁଆଁଟେର ବେବସ୍‌ତା ନାଁଇଁନ। ଗାଁବାସୀ ଉପେ ଶୂଇନ୍ ହେଇ ଗାଁରେ ଥିବାର ଖୁଲା ଟୁଆଁ ଆର ଗାଁ ପାସର ବାବୁରକଟା ଦୂଷିତ୍ ପାଏନ୍‌କେ ଖାଏବା ପିଇବାରେ ବେଭାର କରୁଛନ୍। ଏନ୍‌ତା ପରିସ୍ଥିତିରେ ଗାଁବାସୀ ଗାଁରେ ଗୁଟେ ନଲ୍‌ଟୁଆଁ କୁଡ଼ବାର ଲାଗି ବାର ବାର ପରଶାସନକେ ଗୁହାରି କରି ନିରାଶ ହେଇଛନ୍। ଇ ବାବ୍‌ଦେ ଥାନୀୟ ସରପଁଚ୍ ପୁଷ୍ପକାନ୍ତି ସେଠଙ୍କୁଁ ପଚରାଲାରୁ ଇଥର କଣ୍ଟାତଳ ଗାଁରେ ଗୁଟେ ନଲ୍‌ଟୁଆଁ କୁଡ଼ବାର ବେବସ୍‌ତା କରାଯିବା ବଲି ସେ କହିଥିଲେ।

# ସୌରଶକ୍ତି ପ୍ରକଳ୍ପ ଉଦ୍‌ଘାଟିତ



ସୌରଶକ୍ତି ପ୍ରକଳ୍ପର ଉଦଘାଟନୀ ସମାରୋହରେ ବିକାଶ ଗ୍ରୁପ୍‌ର ସଦସ୍ୟବୃନ୍ଦ ।

ବରଗଡ଼ ଅଫିସ୍,୩୦।୫

ବରଗଡ଼ର ବିକାଶ ଶିକ୍ଷାନୁଷ୍ଠାନରେ ସୌରଶକ୍ତି ପ୍ରକଳ୍ପର ପ୍ରଥମ ପର୍ଯ୍ୟାୟ ଉଦ୍‌ଘାଟିତ ହୋଇଛି । ୫୦ କିଲୋୱାଟ୍ କ୍ଷମତା ସମ୍ପନ୍ନ ଅନ୍ ଗ୍ରୀଡ୍ ପାୱାର ପ୍ଲାଣ୍ଟ ଦ୍ୱାରା ସୌରଶକ୍ତିର ବ୍ୟବହାର କରାଯାଇ ବିଦ୍ୟୁତ ଶକ୍ତି ଉତ୍ପାଦନ କରାଯିବ । ଏହାଦ୍ୱାରା ବିକାଶ ଛାତ୍ରାବାସକୁ ୨୪ଘଣ୍ଟା ନିରବଚ୍ଛିନ୍ନ ବିଦ୍ୟୁତ ସେବା ମିଳିବ । ଖୁବଶୀଘ୍ର ସୌରଶକ୍ତି ପ୍ରକଳ୍ପର ଦ୍ୱିତୀୟ ଓ ତୃତୀୟ ପର୍ଯ୍ୟାୟ ଆରମ୍ଭ ହେବ ବୋଲି ବିକାଶ ଗ୍ରୁପର ଡାଇରେକ୍ଟର(ଆଡ଼ମିନିଷ୍ଟ୍ରେଶନ) ଡି. ନାଗେଶ୍ୱର ରାଓ ପ୍ରକାଶ କରିଛନ୍ତି । ଏହାପୂର୍ବରୁ ବିକାଶ ଇଞ୍ଜିନିୟରିଂ କଲେଜ, ଡିଗ୍ରୀ କଲେଜ ଏବଂ ସ୍କୁଲ ଅଫ୍ ବିଜିନେସ୍ ମ୍ୟାନେଜମେଣ୍ଟ କ୍ୟାମ୍ପସରେ ମଧ୍ୟ ସୌରଶକ୍ତି ଉପଯୋଗ କରାଯାଉଛି । ସେହିପରି ବଳକା ଖାଦ୍ୟ ଦ୍ୱାରା ଚାଳିତ ବାୟୋଉର୍ଜା ପ୍ଲାଣ୍ଟ ଦ୍ୱାରା ଉତ୍ପାଦିତ ରନ୍ଧନ ଗ୍ୟାସକୁ ବିକାଶରେ ବ୍ୟବହାର କରାଯାଉଛି । ଆଗାମୀ ଦିନରେ ଏଭଳି ଅକ୍ଷୟ ଶକ୍ତିର ଉପଯୋଗ ପାଇଁ ବିଭିନ୍ନ ପ୍ରକଳ୍ପ କରାଯିବ ବୋଲି ଅନୁଷ୍ଠାନର ଚେୟାରମ୍ୟାନ ଡି. ମୁରଳିକ୍ରୀଷ୍ଣା ମତପ୍ରକାଶ କରିଛନ୍ତି । ଉଦଘାଟନୀ ସମାରୋହରେ ଜୟପ୍ରକାଶ ଶତପଥି, ବିକାଶ ଶିକ୍ଷାନୁଷ୍ଠାନର ଡାଇରେକ୍ଟର ଡଃ ସମରେନ୍ଦ୍ର ନାଥ ପଣ୍ଡା, ବିକାଶ ଇନଷ୍ଟିଚ୍ୟୁଟ୍ ଅଫ ଟେକ୍ନୋଲୋଜିର ସତୀଶ ସିଂ, ଶୈଲ୍ୟ ପଟେଲ, କିଶୋର ମହାନନ୍ଦ, ପଲିଟେକ୍‌ନିକ୍ ଓ ଇଞ୍ଜିନିୟରିଂ ଛାତ୍ରୀଛାତ୍ର ପ୍ରମୁଖ ଉପସ୍ଥିତ ଥିଲେ ।

# ଜୁନ୍ ୧୫ ସୁଦ୍ଧା ମିଳିବ ଖରିଫ ବୀମା

ପଦ୍ମପୁର, ୩୦।୫ (ଡି.ଏନ.ଏ)

ବରଗଡ ଜିଲାରେ ୨୦୧୮-୧୯ରେ ମରୁଡି ଯୋଗୁ ଧାନ ଫସଲ କ୍ଷୟକ୍ଷତି ହୋଇଥିଲା । ଏହାକୁ ନେଇ ବୀମା କମ୍ପାନୀ, ରାଜସ୍ୱ ବିଭାଗ ଅଧିକାରୀ ଏବଂ ପରିସଂଖ୍ୟାନ ବିଭାଗର କର୍ମଚାରୀ ମିଳିତ ତଦାରଖ କରିବା ପରେ କମ୍ପାନୀକୁ ରିପୋର୍ଟ ପ୍ରଦାନ କରିଥିଲେ । ଏହା ସତ୍ତ୍ୱେ ବୀମା କମ୍ପାନୀ ଚାଷୀଙ୍କ ଅର୍ଥ ଦେଉ ନାହାନ୍ତି । ଏହାକୁ ନେଇ ଗୁରୁବାର ପଦ୍ମପୁର ବ୍ଲକର ବିଭିନ୍ନ ପ୍ୟାକ୍ସ ସଭାପତି, କୃଷକ ସଙ୍ଗଠନର ସଦସ୍ୟମାନେ ଭୁବନେଶ୍ୱର ସ୍ଥିତ ଓରିଏଣ୍ଟାଲ ଇନସ୍ୟୁରାନ୍ସର ମୁଖ୍ୟ ପ୍ରବନ୍ଧକଙ୍କ ସହ ଆଲୋଚନା କରିଥିଲେ। କମ୍ପାନୀର କହିବା ଅନୁଯାୟୀ ବିଭିନ୍ନ ବିଭାଗର ରିପୋର୍ଟ ତର୍ଜମା ଚାଲିଛି । ଆସନ୍ତା ଜୁନ ୧୫ ତାରିଖ ସୁଦ୍ଧା ବୀମା ଅର୍ଥ ଯୋଗାଇ ଦିଆଯିବ । ବୁଢେନ ପ୍ୟାକ୍ସ ସଭାପତି ଜୟନ୍ତ ପାଣିଗ୍ରାହୀ, ଦହିଗାଁ ସଭାପତି ସୁଦାମ ଚରଣ ଦାଶ, ପଦ୍ମପୁର ସଭାପତି ପ୍ରୀତମ ମେହେର, ରାଜବୋଡାସମ୍ବର କୃଷକ ସଙ୍ଗଠନର ସମ୍ପାଦକ ସୌକି ମେହେର, ବିଜେଡି କୃଷକ ସେଲ୍‌ର ସଦସ୍ୟ ସୁରେଶ କୁମାର ଚାନ୍ଦ ପ୍ରମୁଖ ଆଲୋଚନାରେ ଅଂଶଗ୍ରହଣ କରିଥିଲେ ।

# ଦୁର୍ଘଟଣାରେ ସହକାରୀ ଜିଲାପାଳ ଗୁରୁତର

ବୌଦ୍ଧ,୩୦।୫(ସ୍ୱ.ପ୍ର)

ବୌଦ୍ଧ ଜିଲା ଖୋର୍ଦ୍ଧା-ବଲାଙ୍ଗୀର ଜାତୀୟ ରାଜପଥର ଜହ୍ନାପଙ୍କ ନିକଟସ୍ଥ ପୁଡାବଲସଠାରେ କାର୍ ଦୁର୍ଘଟଣାରେ ବୌଦ୍ଧର ସହକାରୀ ଜିଲାପାଳ ଅବିନାଶ ପାଣ୍ଡିଆ ଗୁରୁତର ଆହତ ହୋଇଛନ୍ତି । ସୂଚନା ମୁତାବକ, ସହକାରୀ ଜିଲାପାଳ ପାଣ୍ଡିଆ ଅଫିସ କାର୍ଯ୍ୟ ସାରି ନିଜ କାର୍ ( ନଂ.ଓଡି୧୬ଇ/୮୩୯୨) ଯୋଗେ ସୋନପୁର ଫେରୁଥିବା ବେଳେ ପୁଡାବଲସ ଠାରେ ତାଙ୍କ କାର୍‌ଟି ଭାରସାମ୍ୟ ହରାଇ ରାସ୍ତା କଡ ବିଲ ଭିତରକୁ ଖସି ପଡିଥିଲା । ଫଳରେ ତାଙ୍କ ମୁହଁ, ଗୋଡ ଓ ଛାତିରେ ଆଘାତ ଲାଗିଥିଲା । ତୁରନ୍ତ ତାଙ୍କୁ ବୌଦ୍ଧ ମେଡିକାଲରେ ଭର୍ତ୍ତି କରାଯାଇଛି। ଜିଲାପାଳ ସୀତାଂଶୁ କୁମାର ରାଉତ, ଉପଜିଲାପାଳ ଏନସି ଜ୍ୟୋତିରଞ୍ଜନ ନାଏକ ମେଡିକାଲରେ ପହଞ୍ଚି ଚିକିତ୍ସା ସମ୍ପର୍କରେ ଅନୁଧ୍ୟାନ କରିଛନ୍ତି ।




ଦୁର୍ଘଟଣାଗ୍ରସ୍ତ କାର୍ ।

■ ସରକାରଙ୍କର ସ୍ୱଚ୍ଛ ଭାରତ ଅଭିଯାନ ବାଟବନା

# ପାଇଖାନା ତିଆରି ନାଁରେ ଟଁକା ହଡ଼ପ

ଜାମଟିକ୍ରା, ୩୦।୫ (ଡି.ଏନ.ଏ):

ପରିବେଶକେ ସାଫ୍ ସୁତର ରଖିବାର ଲାଗି କେନ୍ଦ୍ର ସରକାର ସ୍ୱଚ୍ଛ ଭାରତ ଅଭିଯାନ କାଯ୍‌କାରୀ କରି କୋଟି କୋଟି ଟଁକା ସାରୁଛନ୍। ଇ ଯୋଜନାରେ ଗାଁଗଁଲିରୁ ସହରତକ୍ ଲୁକ୍‌କୁ ଘରେ ପାଇଖାନା ତିଆର କରବାର ଲାଗି ୧୨ ହଜାର ଟଁକା ଯୁଗେଇ ଦିଆଯାଉଛେ। ଆମର ରାଏଜେ ଇ ଯୋଜନାକେ ରାଜ୍ୟ ଜଳ ଯୋଗାଣ ଓ ପରିମଳ ବିଭାଗ ଜରିଆରେ କରାଯାଉଛେ। ହେଲେ ବିଭାଗୀୟ ଅଧିକାରୀମାନକର ଲାଁଚୁଆ ମନଭାବ ଲାଗି ଅନେକ ଜାଗାରେ ଯୋଜନା ବାଟବନା ହେଉଥିବାର ଦେଖିବାକେ ମିଳୁଛେ। ଏନ୍‌ତା ଉଦାହରନ୍ ଦେଖିବାକେ ମିଳିଛେ ବରଗଡ଼ ଜିଲା ଅତାବିରା ବ୍ଲକରେ।

ସୂଚନା ହିସାବେ ସ୍ୱଚ୍ଛ ଭାରତ ଅଭିଯାନରେ ଅତାବିରା ବ୍ଲକରେ ଅନେକ ଗାଁରେ ପାଇଖାନା ତିଆର କରାଯାଇଛେ। ହେଲେ ପାଇଖାନା ଏତେ ହଲକା କିସମର ହେଉଛେ ଯେ, ପାଖାପାଖି ୯୦ ଭାଗ ପାଇଖାନା ବେଭାର କଲା ଅବସ୍‌ତାରେ ନାଁଇଁନ। ଇତାର ଗୁଟେ ଫଟିକ ଉଦାହରନ୍ ଦେଖିବାକେ ମିଳିଛେ ଅତାବିରା ବ୍ଲକର ବୁଗବୁଗା ପଁଚେତ୍ ଖଲିଆପାଲି କୁଡ଼ାପଡ଼ାରେ। ଇଠାନେ ତିଆର ହେଇଥିବାର ପାଇଖାନାମାନ ହିତାଧିକାରୀମାନେ ବେଭାର କରି ନାଇଁପାରୁଥିବାର ଅଭିଯୋଗ କରିଛନ୍। ଅନେକ୍ ହିତାଧିକାରୀ ତିଆରି ହେଇଥିବାର ନୂତନ ପାଇଖାନା ଘରେ କାଠ୍‌ଖୁଁଟ, ଘରର ସାମାନ, କୁକ୍‌ରା ରଖୁଥିବାର ଦେଖିବାକେ ମିଳୁଛେ। ଥାନୀୟ ଠିକାଦାର ଆର ବିଭାଗୀୟ ଅଧିକାରୀମାନେ ମିଶିଗୁଲି ନାନା ଉପେ କରି ଯୋଜନାରୁ ଟଁକା ଖାଉଥିବାର ଅଭିଯୋଗ ହେଉଛେ। ଏନ୍‌ତା କି ବିନା ପାଇଖାନା ତିଆରିରେ ବୁଗବୁଗା ପଁଚେତ୍ ଜାମଟିକ୍ରା ଗାଁର ସୁରେନ୍ଦ୍ର କଠାରକଁର ପାଇଖାନା ବାବ୍‌ଦେ ଥାନୀୟ ଠିକାଦାର ଆର ବିଭାଗୀୟ କନିଷ୍ଠଯନ୍ତ୍ରୀ ଟଁକା ଖାଇ ଦେଇଥିଲେ। ଇ ବାବ୍‌ଦେ ଧରିତ୍ରୀ ସମ୍ବଲପୁର ସଂସ୍କରଣରେ ଖବର ବାହାରଲାରୁ ଅଂଚଲର ଦାଇତିଅରେ ଥିବାର ବିଭାଗୀୟ ଜେଇ ସୁରେନ୍ଦ୍ରକୁଁ ଡକେଇ ୧୨ ହଜାର ଟଁକା ଫିରେଇଥିବାର ଜନାଯାଇଛେ। ଅଂଚଲରେ ସୁରେନ୍ଦ୍ରକଁର ଲେଖେଁ ଆହୁରି ଅନେକ ଲୁକ୍‌କର ନାଁରେ ଫରଜି କରି ଟଁକା ହଡ଼ପ କରାଯାଇଥିବାର ଅଂଚଲବାସୀ ସଁଧେ କରୁଛନ୍। ସରକାର ପାଇଖାନା ତିଆର ଲାଗି ହିତାଧିକାରୀକୁଁ ୧୨ ହଜାର ଟଁକା ଦେଉଥିଲାବେଲେ ସେଥିରୁ ଠିକାଦାର ଆର ଜେଇ ଅଂଘେ ୩ ହଜାର ଟଁକା ଖାଇଯାଉଥିବାର କେତେ ହିତାଧିକାରୀ କହିଛନ୍। ବାକି ୯ ହଜାର ଟଁକାରେ କେନ୍ କିସମର ପାଇଖାନା ତିଆର ହେଉଥିବାର ଇଥିରୁ ଫଟିକ୍ ବୁଝାପଡୁଛେ। ଇ ବାବ୍‌ଦେ ଖଲିଆପାଲି କୁଡ଼ାପଡ଼ାର ଝନେ ହିତାଧିକାରୀ ଅଜିତ ରଣାକୁଁ ପଚରାଲାରୁ ବିଭାଗ ତରଫୁ ମୋର ଘରେ ପାଇଖାନା ତିଆର କରାଯାଇଛେ। ହେଲେ ସେଟା ଏତେ ହଲକା କିସମର କାମ ହେଇଛେ ଯେ ବେଭାର କରି ନାଇଁ ହେବାର। ସେଥିରଲାଗି ମୁଇଁ ଘରର ଜିନିଷପାତି ରଖାସଂଗା କରୁଛେଁ। ଆମର ଅଂଚଲରେ ପାଇଖାନା ତିଆରିରେ ବଡ଼ଭାରି ଜାଲିଆତି, ଦୁରନୀତି ହେଇଛେ, ଭିଜିଲାନ୍ସ ବିଭାଗ ଇତାର ତଦଁତ୍ ଭାର ଦେବାର କଥା ବଲି ସେ ଦାବି କରିଛନ୍। ସେନ୍‌ତା ଅନେକ ହିତାଧିକାରୀ ଇ ଦିଗେ ବିଭାଗୀୟ ଉଚ କର୍ତ୍ତୃପକ୍ଷ ଆର ଜିଲାପାଳ ଦୃଷ୍ଟି ଦେଇ କଡ଼ା ପଦକ୍ଷେପ ନେବାକେ ଦାବି କରିଛନ୍।



ନୂତନ ପାଇଖାନାରେ ଘରର ସାଜୋସାମାନ।



ଅହଂକାରୀ ଲୋକ କେବେହେଲେ କୃତଜ୍ଞ ହୁଏ ନାହିଁ, କାରଣ ସିଏ ଯେତିକି ପାଇବା ପାଇଁ ହକ୍‌ଦାର ତା'ଠାରୁ ଅଧିକ ପାଇଲାଣି ବୋଲି ଆଦୌ ବିଚାର କରେ ନାହିଁ।

- ସାମୁଏଲ୍ ଜନ୍‌ସନ



## ସଂକ୍ଷେପରେ

### ଶ୍ରମିକଙ୍କୁ ହତ୍ୟା ମାମଲା ଜଣଙ୍କୁ କୋର୍ଟ ଚାଲାଣ

**ଭବାନୀପାଟଣା,୩୦।୫ (ଡି.ଏନ.ଏ.)-** ମୋଟାଗୁଡା ଜଙ୍ଗଲରେ ଜଣେ ଶ୍ରମିକଙ୍କୁ ବାଡିରେ ପିଟି ହତ୍ୟା କରିବା ମାମଲାରେ ପୋଲିସ ଅଭିଯୁକ୍ତ କାଠବେପାରୀଙ୍କୁ ଗତ ବୁଧବାର ଗିରଫ କରି କୋର୍ଟ ଚାଲାଣ କରିଛି। ଗିରଫ ଅଭିଯୁକ୍ତ ଜଣକ ହେଉଛି ଭରତ ବିଶ୍ୱାଳ। ଜାମିନ୍ ଆବେଦନ ନାମଞ୍ଜୁର ହେବାରୁ ଅଭିଯୁକ୍ତ ହତ୍ୟାକାରୀ ଭରତଙ୍କୁ ଜେଲ ହାଜତକୁ ପଠାଇ ଦିଆଯାଇଛି। କଳାହାଣ୍ଡି ଜିଲା ଭବାନୀପାଟଣା ସଦର ଥାନା ଅନ୍ତର୍ଗତ ମୋଟାଗୁଡା ଜଙ୍ଗଲରେ ଶ୍ରମିକ ଦେବେନ୍ଦ୍ର ବେହେରାଙ୍କୁ ଗତ ୨୨ ତାରିଖରେ ହତ୍ୟା କରାଯାଇଥିବା ନେଇ ଥାନାରେ ଅଭିଯୋଗ ହୋଇଥିଲା। ପୋଲିସ ଏକ ମାମଲା ରୁଜୁ କରି ଏହାର ତଦନ୍ତ ଆରମ୍ଭ କରିଥିଲା। ଭରତଙ୍କୁ ଗତ ବୁଧବାର ଗିରଫ କରିଥିଲା। ସୂଚନାଯୋଗ୍ୟ, ଗତ ୨୨ ତାରିଖରେ ପୁରୁନାପଡାର ୭ ଜଣ ଲୋକ କାଠ କାଟିବା ପାଇଁ ନେହେଲା ମୋଟାଗୁଡା ଜଙ୍ଗଲକୁ ଯାଇଥିଲା। ୨୪ ତାରିଖରେ ନେହେଲା ଗାଁରେ ଏହି ଶ୍ରମିକମାନେ ରୋଷେଇ କରୁଥିବାବେଳେ ଶ୍ରମିକ ଦେବେନ୍ଦ୍ର ବେହେରା ମଦ ପିଇବା ପାଇଁ ଚୋରାକାଠ ବେପାରୀ ଭରତ ବିଶ୍ୱାଳକୁ ଟଙ୍କା ମାଗିଥିଲା। ଏଥିରେ ଉତ୍ତ୍ୟକ୍ତ ହୋଇ ଭରତ ଏକ ବାଡିରେ ଦେବେନ୍ଦ୍ରଙ୍କୁ ମାଡ ମାରିଥିଲା। ଫଳରେ ଦେବେନ୍ଦ୍ରଙ୍କ ଘଟଣାସ୍ଥଳରେ ମୃତ୍ୟୁ ଘଟିଥିଲା। ଏ ସମ୍ପର୍କରେ ନେହେଲା ଗ୍ରାମବାସୀ ୨୫ ତାରିଖରେ ଭବାନୀପାଟଣା ସଦର ଥାନାରେ ଅଭିଯୋଗ କରିଥିଲେ। ଏହି ଘଟଣାରେ ସଦର ପୋଲିସ ମାମଲା ରୁଜୁ କରି ତଦନ୍ତ ଆରମ୍ଭ କରିଥିଲାବେଳେ ୭ ଜଣଙ୍କୁ ଥାନାରେ ଅଟକ ରଖି ପଚରାଉଚରା ଚଳାଇଥିଲା। ଗତ ମଙ୍ଗଳବାର ସ୍ଥାନୀୟ ଏସଡିଜେଏମ୍ କୋର୍ଟରେ ୭ ଜଣଙ୍କ ୧୬୪ ଧାରାରେ ବୟାନ ରେକର୍ଡ କରାଯାଇଥିଲା। ଏହା ପରେ ପୋଲିସ ଭରତଙ୍କୁ ଗିରଫ କରି ବୁଧବାର କୋର୍ଟଚାଲାଣ କରିଛି।

■ ସରକାରୀ ଦୃଷ୍ଟି ଆଢୁଆଳରେ ନ୍ୟାଶନାଲ କଲେଜ

# ସରକାରୀ ସହାୟତାରୁ ବଞ୍ଚିତ

**ଘନଶ୍ୟାମ ଭୋଇ, ନୂଆପଡା ଅଫିସ,୩୦।୫**

**ନାକ୍ ମାନ୍ୟତା ଅପେକ୍ଷାରେ ରହିଛି**



ନୂଆପଡ଼ାରେ ଥିବା ନ୍ୟାଶନାଲ କଲେଜ।

ରାଜ୍ୟର ଉପାନ୍ତ ତଥା ଶିକ୍ଷା, ସ୍ୱାସ୍ଥ୍ୟ, ଗମନାଗମନ ଭଳି ମୌଳିକ ସମସ୍ୟାରେ ରହିଥିବା ନୂଆପଡା ଭଳି ଜିଲାର ପ୍ରଗତି ସକାଶେ ସରକାର ବାର୍ଷିକ କୋଟି କୋଟି ଟଙ୍କାର ବିଭିନ୍ନ ଯୋଜନା କରୁଛନ୍ତି । ହେଲେ ଏଠାରେ ଉଚ୍ଚଶିକ୍ଷା ଅଭିଷପ୍ତ ହୋଇ ରହିଛି । ଜିଲା ଗଠନର ପଚିଶ ବର୍ଷ ପରେ ମଧ୍ୟ ଏଠାରେ ଉଚ୍ଚଶିକ୍ଷା ପାଇଁ ସରକାରୀ ଡିଗ୍ରୀ କଲେଜଟିଏ ନାହିଁ । ଏଠାରେ ଥିବା ଅଶୀ ଦଶକର ନ୍ୟାଶନାଲ କଲେଜ ଭଳି ପୁରୁଣା କଲେଜ ପ୍ରତି ସରକାରୀ ସହାୟତା ନ ମିଳିବା ସମସ୍ୟାକୁ ଦ୍ୱିଗୁଣିତ କରୁଛି। ଧୀରେ ଧୀରେ ଏହା ଜନଅସନ୍ତୋଷର କାରଣ ହେଉଛି । ଛତିଶଗଡ ସୀମାନ୍ତରେ ଥିବା ନୂଆପଡା ଜିଲା ସବୁବେଳେ ଓଡିଆ ଭାଷା ସାହିତ୍ୟ ଅବହେଳିତ ହୋଇ ରହିଥିବା ଦେଖାଯାଏ। ଏଠାରେ କେତେଗୋଟି ଏଡେଡ ହାଇସ୍କୁଲ, କଲେଜକୁ ଛାଡି ଦେଲେ କୌଣସି ସରକାରୀ ଅନୁଦାନପ୍ରାପ୍ତ ବ୍ୟବସ୍ଥା ନାହିଁ । ଏଭଳି ସ୍ଥିତିରେ ଏଠିକାର କେତେକ ଉଦ୍ୟୋକ୍ତାଙ୍କ ପ୍ରୟାସକ୍ରମେ ୧୯୭୮ରେ ନ୍ୟାଶନାଲ କଲେଜ ଆରମ୍ଭ ହୋଇଥିଲା। ଏକଦା ମାତ୍ର ୧୧୦ ଜଣ ଛାତ୍ରୀଛାତ୍ରଙ୍କୁ ନେଇ ଆରମ୍ଭ ହୋଇଥିବା କଲେଜ ବର୍ତ୍ତମାନ ୧୭୦୦ ପିଲା ବିଭିନ୍ନ ବିଭାଗରେ ଅଧ୍ୟୟନ କରୁଛନ୍ତି । ଦୀର୍ଘ ଦିନ ଧରି ଯୁକ୍ତ ଦୁଇ, କଳା ସମ୍ମାନ ଶ୍ରେଣୀ ପର୍ଯ୍ୟନ୍ତ ଥିବାବେଳେ ଗତ ୫ ବର୍ଷରେ ବାଣିଜ୍ୟ, ବିଜ୍ଞାନ ଶ୍ରେଣୀ ଖୋଲାଯିବା ସହ ସମ୍ମାନ ବିଭାଗରେ (ସେଲ୍ଫ ଫାଇନାନ୍ସିଂ) ପାଠପଢା ହୋଇପାରୁଛି । ତଥାପି ସରକାରୀ ମାନ୍ୟତା ପାଇ ନ ଥିବାରୁ ପିଲାଙ୍କୁ କଡା ଫି' ଦେଇ ପାଠ ପଢିବାକୁ ପଡୁଛି । ସରକାରୀ ସହାୟତା ଅଭାବରୁ ଏଠାରେ ପରିମଳ ବ୍ୟବସ୍ଥା, ଶ୍ରେଣୀ କୋଠରୀ, ରାସ୍ତା ନିର୍ମାଣ ହୋଇପାରୁ ନ ଥିଲା ।

ବର୍ତ୍ତମାନ କର୍ତ୍ତୃପକ୍ଷ ଧାର ଉଧାର କରି ସ୍ଥାନୀୟ ଜନପ୍ରତିନିଧିଙ୍କ ଅନୁକମ୍ପାରୁ ଯତକିନଚିତ ନିର୍ମାଣ କରିଥିବା ଦେଖିବାକୁ ମିଳିଛି । ସୂଚନାଯୋଗ୍ୟ ଯେ, ଆଜକୁ ଦଶ ବର୍ଷ ତଳେ ଏହି କଲେଜ ନାକ ମାନ୍ୟତାପ୍ରାପ୍ତ ଥିଲା। ହେଲେ ପରବର୍ତ୍ତି ସମୟରେ କର୍ତ୍ତୃପକ୍ଷଙ୍କ ଅବହେଳା ହେଉ କି ସ୍ଥାନୀୟ ନେତୃବର୍ଗଙ୍କ ଉଦାସୀନତା ଯୋଗୁ ଏଥିରୁ ବାଦ ପଡିଯାଇଛି । ଫଳରେ ଅନୁଦାନ ପାଇବାରୁ ବଞ୍ଚିତ ରହୁଥିବା କୁହାଯାଉଛି । ନିକଟରେ ରାଜ୍ୟ ସରକାର ୧୧ଟି ଜିଲାର କଲେଜଗୁଡିକୁ ସରକାରୀ ମାନ୍ୟତା ଦେଇ ଅନୁଦାନ ପ୍ରଦାନ କରିଥିଲେ ହେଁ ନୂଆପଡା ପ୍ରତି ଆଖି ବୁଜି ଦେଇଥିଲେ। ଏହାକୁ ନେଇ ସ୍ଥାନୀୟ ଲୋକେ ଜାତୀୟ ରାଜପଥ ଅବରୋଧ କରି ତୀବ୍ର ଆନ୍ଦୋଳନ କରିଥିଲେ। ତଥାପି ରାଜ୍ୟ ସରକାର ଦୃଷ୍ଟି ଦେଉ ନ ଥିବାରୁ ଛାତ୍ର, ଅଭିଭାବକ ସହ ଜିଲାବାସୀଙ୍କ ମଧ୍ୟରେ ଜନଆନ୍ଦୋଳନ ସକାଶେ ଦାନା ବାନ୍ଧୁଛି। କଲେଜ ଅଧ୍ୟକ୍ଷ ଡ. ଅଶୋକ କୁମାର ପଟ୍ଟନାୟକଙ୍କୁ ଯୋଗାଯୋଗ କରିବାରୁ ଆମେ ବିଭିନ୍ନ ସମୟରେ ବିଧାୟକ, ଏମ୍‌ପି ପାଣ୍ଠି ଆଦିରୁ ସହାୟତା ନେଇ ପରିମଳ, ରାସ୍ତା ନିର୍ମାଣ କରିଛୁ । ପିଲାଙ୍କ ସହାଶେ ହଷ୍ଟେଲ, ପାଣି ବ୍ୟବସ୍ଥା ଆଦି କରିପାରିଛୁ । କଲେଜ କ୍ୟାମ୍ପସକୁ ସିସିଟିଭି ଦ୍ୱାରା ଆବଦ୍ଧ ରଖି ଶୃଙ୍ଖଳିତ କରିଛୁ । ହେଲେ ଜିଲା ହେଡକ୍ୱାର୍ଟରର ଏଭଳି ଏକ ଗୁରୁତ୍ୱପୂର୍ଣ୍ଣ କଲେଜ ପ୍ରତି ରାଜ୍ୟ ସରକାର ଆହୁରି ଦୃଷ୍ଟି ଦେଲେ ଏହାର ବହୁବିଧ ପ୍ରଗତି ହୋଇପାରନ୍ତା ବୋଲି କହିଛନ୍ତି । ନାକ ପାଇଁ ପ୍ରଥମ ପର୍ଯ୍ୟାୟ ମାନ୍ୟତା ହାସଲ କରି ସାରିଛି। ଆଗକୁ ମଧ୍ୟ ମାନ୍ୟତା ହାସଲ କରିବାକୁ ପ୍ରୟାସ ରଖିଛି ବୋଲି କହିଛନ୍ତି ।

# ଉଦନ୍ତୀ ମହୋତ୍ସବର ୨ୟ ସନ୍ଧ୍ୟା: ଢୋଲ, ନିଶାନରେ ଦୁଲୁକିଲା ମଞ୍ଚ

**ସିନାପାଲି,୩୦।୫ (ଡି.ଏନ.ଏ.)**

ନୂଆପଡା ଜିଲା ସିନାପାଲି ଅଞ୍ଚଳର ଲୋକକଳା, ସଂସ୍କୃତି ଓ ପରମ୍ପରାର ମହାନପର୍ବ ଉଦନ୍ତୀ ମହୋତ୍ସବ-୨୦୧୯ର ଗୁରୁବାର ଥିଲା ୨ୟ ଦିବସ। ଏହି ଅବସରରେ ଢୋଲ, ନିଶାନର ତାଳେ ମଞ୍ଚ ଦୁଲକି ଉଠିଥିଲା। ଦ୍ୱିତୀୟ ଦିବସ ସନ୍ଧ୍ୟା ସଭାରେ ମହୋତ୍ସବ ପାଳନ କମିଟି ସାଧାରଣ ସମ୍ପାଦକ ତୁଳସୀରାମ ମେହେରଙ୍କ ସଭାପତିତ୍ୱରେ ମୁଖ୍ୟଅତିଥି ଭାବେ ସିନାପାଲି ବ୍ଲକ ଅଧ୍ୟକ୍ଷା ତପସ୍ୱିନୀ ମାଝି, ସିନାପାଲି ବ୍ଲକ ଉପାଧ୍ୟକ୍ଷ ସୁବାଷ ଅଗ୍ରୱାଲ, ସିନାପାଲି ବ୍ଲକ ସରପଞ୍ଚ ସଂଘ ସଭାପତି ରାସେଶ୍ୱର ପାଣିଗ୍ରାହୀ, ଶଶୀଭୂଷଣ ମାଝି, ସିନାପାଲି ଥାନା ଅଧିକାରୀ ଜ୍ୟୋତିରଞ୍ଜନ ଗୌଡ, ସିନାପାଲି ବିଡିଓ ସୁରେନ୍ଦ୍ର ମେହେର ପ୍ରମୁଖ ମଞ୍ଚାସୀନ ଥିଲେ। ଅଞ୍ଚଳର ବିଲୁପ୍ତ ଲୋକକଳାର ପୁନରୁଦ୍ଧାର ସାଙ୍ଗକୁ ସମସ୍ତଙ୍କ ସହଯୋଗରେ ଅଞ୍ଚଳର ସାମଗ୍ରୀକ ବିକାଶ ହେବ ବୋଲି ଅତିଥିମାନେ କହିଥିଲେ। କମିଟି କୋଷାଧ୍ୟକ୍ଷ ରୁପେଶ ଚନ୍ଦ୍ର ମେହେର ଅତିଥିମାନଙ୍କ ପରିଚୟ ପ୍ରଦାନ କରିଥିଲେ। ଲଳିତ ସୁନାରୀ ସ୍ୱାଗତ ଭାଷଣ ପ୍ରଦାନ କରିଥିଲେ। ସିନାପାଲି ସ୍ୱର ସଙ୍ଗମ କଳା ପରିଷଦ ଦ୍ୱାରା ପ୍ରାରମ୍ଭିକ ସଙ୍ଗୀତ ଗାନ କରାଯାଇଥିବା ବେଳେ ମାଷ୍ଟର ତ୍ରିନାଥ ମେହେର ପରିଚାଳନା କରିଥିଲେ। କଳାଜୀଜୀ ସାଂସ୍କୃତିକ ଅନୁଷ୍ଠାନ ବରଗଡ, ରିଦିମ ସ୍କିଲ ଡ୍ୟାନ୍ସ ଗ୍ରୁପ ଜୟପାଟଣା, ପଏଁରି ଅନୁଷ୍ଠାନ ସୋନପୁର, ନୃତ୍ୟଗୀତ ଗବେଷଣା ପରିଷଦ ବଲାଙ୍ଗୀର, ଘୁଙ୍ଗୁର କଳା ପରିଷଦ ପାଟଣାଗଡ, ନଟରାଜ ସାଂସ୍କୃତିକ କଳା ପରିଷଦ ଭବାନୀପାଟଣା, ଲିଟିଲ ଷ୍ଟାର ପବ୍ଲିକ ସ୍କୁଲ ଖଡିଆଳ ଦ୍ୱାରା ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରିଥିଲେ।

## ଢଗଢମାଳି

(କ୍ରମେ ଲୋକମୁଖରୁ ଓ ଜନମାନସରୁ ବିସ୍ମୃତ ହେଉଥିବା ଢଗଢମାଳିକୁ ପାଠିକା-ପାଠକଙ୍କ ନିକଟରେ ପହଞ୍ଚାଇବା ସକାଶେ ଧରିତ୍ରୀର ପ୍ରୟାସ)

**ହଳଦୀବଟା ବୁକୁଫଟା**
**ପାଣି ଅଣା ବଡ଼ ସୁଖ**
**ଏଣେ ଯିବୁ ତେଣେ ଯିବୁ**
**ଦେଖିବୁ ଜନ ମୁଖ ।**

ହଳଦୀକୁ ଶିଳରେ ବାଟିବାରେ ଅନେକ ଶାରୀରିକ ପରିଶ୍ରମ ଲୋଡ଼ା ହୋଇଥାଏ, ଛାତି କାନ୍ଧ ଘୋଳାବିନ୍ଧା କରିଥାଏ। ଯେତେବେଳେ କି ପାଣି ବୋହିବାରେ ସେତେକଷ୍ଟ ଲାଗି ନ ଥାଏ। ସାଧାରଣତଃ ଝିଅବୋହୂମାନେ ପାଣି ବୋହିଲାବେଳେ ପରସ୍ପର ମଧ୍ୟରେ ସୁଖଦୁଃଖ ବାଣ୍ଟି ବାଟ ଚାଲିଥାନ୍ତି। ଏପରି ମନର ଭାବ ଆଦାନପ୍ରଦାନ ଭିତରେ ପାଣି ବୋହିବାର ଶ୍ରମ କିଛିଟା ଲାଘବ ହୋଇଯାଇଥାଏ। ତେଣୁ ହଳଦୀ ବାଟିବାଠାରୁ ପାଣିବୋହିବା ସୁଖକର ବୋଲି ଏଠାରେ ବର୍ଣ୍ଣନା କରାଯାଇଛି।

**ହାତରେ ନ ଥାଇ ଧନ**
**ପୁଅ ବାହାକରି ମନ ।**

ସାଧାରଣତଃ ବାହାଘର କଲେ ଭୋଜିଭାତ ଦେବା ନେଇ ଅନେକ ଖର୍ଚ୍ଚ କରିବାକୁ ପଡ଼ିଥାଏ। ଏପରିସ୍ଥଳେ ହାତରେ ଧନ ନ ଥିବା ବ୍ୟକ୍ତି ଏଥିପ୍ରତି ମନ ବଳେଇବା ଉଚିତ ହୋଇ ନ ଥାଏ। ହାତରେ ପଇସା ନ ଥାଇ ବଡ଼ ବଡ଼ କଥା କରିବା ପାଇଁ ଚିନ୍ତା କରିବା ବା ବହୁ ଖର୍ଚ୍ଚ କରିବା ଲାଗି ଅଗ୍ରସର ହେବା ମୂର୍ଖାମି ଅର୍ଥରେ ଏଭଳି ଉକ୍ତି ପ୍ରକାଶ କରାଯାଇଛି।

ଓଡ଼ିଆ ଢଗଢ଼ମାଳି ଓ ଲୋକଗୀତ
-ଫ୍ରେଣ୍ଡସ୍ ପବ୍ଲିଶର୍ସ

# ଲିଟିଲ ଫ୍ଲାୱାର ସ୍କୁଲ ଛାତ୍ରଙ୍କ କୃତିତ୍ୱ

**ବଲାଙ୍ଗୀର ଅଫିସ, ୩୦।୫**



ଶିକ୍ଷୟିତ୍ରୀ ଗହଣରେ କୃତୀ ଛାତ୍ର ସୌମେଶ।

ବଲାଙ୍ଗୀର ଲିଟିଲ ଫ୍ଲାୱାର ସ୍କୁଲର ଛାତ୍ର ସୌମେଶ ଶୁଭମ ଷଡଙ୍ଗୀ ୨୦୧୮-୧୯ ଶିକ୍ଷାବର୍ଷ ଆଇସିଏସ୍‌ସି ବୋର୍ଡ ପରୀକ୍ଷାରେ ୯୮ ପ୍ରତିଶତ ମାର୍କ ରଖି ସର୍ବଭାରତୀୟ ସ୍ତରରେ ଦଶମ ସ୍ଥାନରେ ରହିଥିବା ଜଣାପଡିଛି । ବଲାଙ୍ଗୀର ବ୍ରାହ୍ମଣପଡାର ନିବାସୀ ସଞ୍ଜୀବ କୁମାର ଷଡଙ୍ଗୀ ଓ ସ୍ନିଗ୍ଧାରାଣୀ ରଥଙ୍କ ପୁଅ । ଏହି କୃତିତ୍ୱ ପାଇଁ ବିଦ୍ୟାଳୟ ଅଧ୍ୟକ୍ଷ, ଶିକ୍ଷକ, ଶିକ୍ଷୟିତ୍ରୀ ଓ ନିଜର ପିତାମାତାଙ୍କୁ ସୌମେଶ ସଫଳତାର ଶ୍ରେୟ ଦେଇଛନ୍ତି । ସୌମେଶ ଜାତୀୟସ୍ତରରେ ଅନୁଷ୍ଠିତ ଗଣିତ ବିଜ୍ଞାନ ଅଲମ୍ପିଆଡ ଓ ଟେଲେଣ୍ଟ ସର୍ଚ୍ଚରେ ଅନେକ ଥର ଭାଗ ନେଇ ପ୍ରଥମ ସ୍ଥାନ ଅଧିକାର କରିବା ସହ ଜିଲାସ୍ତରୀୟ ପ୍ରବନ୍ଧ ଓ କୁଇଜ ପ୍ରତିଯୋଗିତାରେ ବହୁବାର ପ୍ରଥମ ସ୍ଥାନ ଅଧିକାର କରିଥିବା ସୂଚନା ଦିଆଯାଇଛି।


# CLASSIFIED DISPLAY

TARIFF — MORE SPACE • SAME PRICE — GST 5%

| For Single Day | | For 7 Days | | For 15 Days | | For 30 days | |
|---|---|---|---|---|---|---|---|
| 6 x 4 | 12 x 4 | 6 x 4 | 12 x 4 | 6 x 4 | 12 x 4 | 6 x 4 | 12 x 4 |
| 1,500.00 | 2,000.00 | 6,000.00 | 12,000.00 | 12,000.00 | 25,000.00 | 20,000.00 | 40,000.00 |

ALL EDITION - B/W (Everyday)
for Booking Contact:
0674-2580385, 7894447148, 7894447131, 9337021532, 7894447167, 7894447165

ASTROLOGY ASTROLOGY

ଅଲ୍ ଇଣ୍ଡିଆ ଖୋଲା ଚ୍ୟାଲେଞ୍ଜ
2 ଘଣ୍ଟାରେ 100% ଗ୍ୟାରେଣ୍ଟିଡ୍ ସମାଧାନ
ତାନ୍ତ୍ରିକ ମାଷ୍ଟର କିଙ୍ଗ୍ ଖାନ୍‌ଙ୍କ ଖୋଲା ଘୋଷଣା
ବ୍ୟବସାୟ, ପ୍ରେମରେ ସମସ୍ୟା ଓ ଶତ୍ରୁ ମୁକ୍ତି, ଗୃହକ୍ଳେଶ ଓ ସ୍ୱାମୀ-ସ୍ତ୍ରୀଙ୍କ ଝଗଡ଼ା, ପ୍ରେମବିବାହ, ପ୍ରପର୍ଟି, କୋର୍ଟ କେସ୍, ଗୁପ୍ତରୋଗରେ ଔଷଧ କାମ ନ କରିବା, ପୁରୁଣା ପୀଡ଼ାରେ ଔଷଧ କାମ ନ କରିବା, ଯାଦୁ-ଟୋନା, ବଶୀକରଣ, ଗୁଣିଗାରେଡ଼ି, ବିବାହରେ ବାଧା, ମନପସନ୍ଦ ପ୍ରେମ।
A to Z ସମସ୍ୟାର ସମାଧାନ ଘରେ ବସି।
ସ୍ପେଶାଲିଷ୍ଟ ବଶୀକରଣ, ମୁଠକରଣୀ ଏବଂ କଳା ଯାଦୁ
ଆମେ କରିଥିବା କାମକୁ ଯଦି କୌଣସି ଜ୍ୟୋତିଷ, ପଣ୍ଡିତ କିମ୍ବା ମୌଲବୀ କାଟିଦିଅନ୍ତି ତେବେ ତାଙ୍କୁ ଦାବି ମୁତାବକ ପୁରସ୍କାର।
ବାବା ଆମିଲ ସୁଫି
9540938429 9903852257
ରାମ ମନ୍ଦିର, ସତ୍ୟନଗର, ଭୁବନେଶ୍ୱର

ମାତାଙ୍କ ଅସୀମ କୃପା ସର୍ବ ମନୋକାମନାପୂର୍ଣ୍ଣ ଚମତ୍କାରୀ ସିଦ୍ଧ ମୁଦ୍ରିକା
ଏହି ମୁଦିକୁ ପିନ୍ଧିଲେ ସ୍ତ୍ରୀ-ପୁରୁଷ ଯେତେ କଠୋରମନା ହୋଇଥାଆନ୍ତୁ ନା କାହିଁକି, ଆପଣଙ୍କ ଇଚ୍ଛା ଅନୁସାରେ କାମ କରିବେ । ପରୀକ୍ଷାରେ ପ୍ରଥମ ଶ୍ରେଣୀ, ମକଦ୍ଦମାରେ ବିଜୟ, ବିଦେଶ ଯାତ୍ରା, ପ୍ରେମ ବିବାହ, ଜୁଆ-ଲଟେରି, ଶେୟାର୍‌ରେ ସଫଳତା, ବ୍ୟବସାୟରେ ଅଭୂତପୂର୍ବ ଅଭିବୃଦ୍ଧି, ମାଟିରେ କେଉଁଠି ପୋତା ଧନ ଅଛି ତାହା ସ୍ୱପ୍ନରେ ଦେଖାଯିବ, ଘରେ ସୁଖ ଶାନ୍ତି, ରୋଗରୁ ମୁକ୍ତି, ଋଣରୁ ମୁକ୍ତି, ଚାରିଆଡ଼େ ଖୁସି ହିଁ ଖୁସି, ଯେଉଁ କାମରେ ହାତ ମାରିବେ ଆପଣଙ୍କୁ ସଫଳତା ହିଁ ସଫଳତା ପ୍ରାପ୍ତ ହେବ।
ସର୍ବ ମନୋକାମନାପୂର୍ଣ୍ଣ ଚମତ୍କାରୀ ସିଦ୍ଧ ମୁଦି ସହିତ ନଜରଦୋଷ କବଚ ମାଗଣା।
ସାଧାରଣ ମୁଦି - 1100/-
ସ୍ପେଶାଲ ମୁଦି - 1575/-
କାମ ନ ହେଲେ ପଇସା ଫେରସ୍ତ
ଇଚ୍ଛୁକ ବ୍ୟକ୍ତି ଆଶ୍ରମ ସହ ଯୋଗାଯୋଗ କରନ୍ତୁ
7564962303 9354145347

BUSINESS BUSINESS

SMS JOBS DHAMAKA (PART/FULL TIME)
GOLD MEDALIST COMPANY
ଘରେ ବସି ଶିକ୍ଷିତ ବେରୋଜଗାର ଯୁବକ, ଯୁବତୀ, ମହିଳା PART / FULL TIME କରି ମାସକୁ ୧୫୦୦୦/- ରୁ ୪୫୦୦୦/- ପର୍ଯ୍ୟନ୍ତ ରୋଜଗାର କରନ୍ତୁ
FREE କମ୍ପାନୀ ଦ୍ୱାରା Mobile + Laptop + Bike + 20000/- ର ଉପହାର
ନିଜ ନାମ ଠିକଣା ଓ ଯୋଗ୍ୟତା SMS/Call କରନ୍ତୁ
Ph- 7739216167 9973805993

BUSINESS
ଖାଲିଥିବା ଜମି ଓ ଛାତ ଉପରେ ବଂଶଲ ଗ୍ରୁପର ଡିଜିଟାଲ ଉପକରଣ ବସାଇ ଅଗ୍ରୀମ 70,000,00/- ପାଆନ୍ତୁ ଓ ମାସକୁ ଭଡା 45,000/- ଟଙ୍କା ପାଆନ୍ତୁ । ଜଣକୁ ଚାକିରି ମିଳିବ । ଆଜି ହିଁ ସଂମ୍ପର୍କ କରନ୍ତୁ
Plot No - 114/617, Devaraja Mohalla, Bangalore, Karnataka 570001
Call / SMS Now
9996602452

GOLD CASH
SELL GOLD / SETTLE YOUR GOLD LOAN AT 100% MARKET VALUE
ନିଜ ବନ୍ଧକ ସୁନାକୁ ମୁକୁଳେଇବା ପାଇଁ ଆମକୁ ଯୋଗାଯୋଗ କରନ୍ତୁ ଏବଂ GOLD CASH ଆପଣଙ୍କ ବନ୍ଧକ ସୁନାକୁ ଉଚିତ୍ ମୂଲ୍ୟରେ ନେବ।
ବିକ୍ରି କରନ୍ତୁ ଆପଣଙ୍କ ସୁନା ଗହଣା ଆମ ପାଖରେ ଏବଂ ପାଆନ୍ତୁ ୧୦୦% ମାର୍କେଟ ମୂଲ୍ୟରେ।
Toll Free -1800-120-3430
90 90 90 2555, 90 90 90 3555
www.GoldCash.co
Visit the Nearest Gold Cash Branch in your City

See Color Display Classified on every Tuesday & Friday

WISE INVESTMENT
Value Your Money Safely
A Bhubaneswar Based company is looking forward for good investors (MORE THAN ONE CRORE) to invest on land properties within the territory of Odisha.
SSP PVT. LTD.
A/88, Sahid Nagar, Bhubaneswar
6372858860
Email : landbank.19@gmail.com

ବ୍ୟବସାୟ
(ସରକାରୀ ଅନୁମୋଦିତ)
ଗୋଲ୍ଡ ମେଡାଲିଷ୍ଟ କମ୍ପାନୀ ଦ୍ୱାରା
ନିଜର ଖାଲି ଜମି ଛାତ, ପ୍ଲଟ୍, କ୍ଷେତରେ ୪ଜି ଡିଜିଟାଲ ଟାୱାର ଲଗାନ୍ତୁ
- ପାଆନ୍ତୁ -
୯୦ ଲକ୍ଷ ଅଗ୍ରିମ + ୯୦ ହଜାର ଭଡ଼ା
୨ ଜଣଙ୍କ ପାଇଁ ୨୫୦୦୦/-ର ସୁବିଧା
ବାଇକ୍ + ବୀମା + ମୋବାଇଲ
(ଇଣ୍ଟରନେଟ୍ ଫ୍ରି) + ହାଇସ୍ପିଡ୍ ନେଟ୍
ଇଣ୍ଡସ୍ ଟାୱାର
ହେଲ୍‌ପଲାଇନ୍ ନମ୍ବର
18001205460
H. No. # 412, Subhash Nagar, Jind, Haryana

FINANCE FINANCE

FINANCE
ସ୍ୱୀକୃତୀପ୍ରାପ୍ତ ରାମ ଫାଇନାସ ଦ୍ୱାରା ମାର୍କସିଟ, କୃଷି, ଶିକ୍ଷା, ଆଧାରକାର୍ଡ, ସମ୍ପତି, BPL, ଗୃହ ଓ ବ୍ୟକ୍ତିଗତ ଋଣ ଘରେ ବସି ପାଆନ୍ତୁ।
ବାର୍ଷିକ 1% ସୁଧ ଏବଂ 50% ଛାଡ
2th floor, Krishna Reddy Layout, Amarjyoti Layout, Domlur, Bengaluru, Karnataka 560071
7088207357 9758645827

FINANCE
MAHENDRA FINANCE COMPANY
ଘରେବସି ପାଆନ୍ତୁ ସମସ୍ତ Bank ଦ୍ୱାରା ମାର୍କସିଟ, ବ୍ୟକ୍ତିଗତ, ବ୍ୟବସାୟ, କୃଷି-ସମ୍ପତି, ପଶୁପାଳନ, ମୁଦ୍ରା, ହୋମଲୋନ ଆଦି ପାଆନ୍ତୁ ମାତ୍ର 18 ଘଣ୍ଟାରେ ବିନା କୌଣସୀ ଗ୍ୟାରେଣ୍ଟର ରେ।
ବାର୍ଷିକ 2% ସୁଧ 50% ଛାଡ
Email. Id – document.mfc@gmail.com
Madhya Marg, SEC 9, Main Road, Panchkhula, Chandigarh
07404715486 09485827609

ଲୋନ! ଲୋନ! ଲୋନ
BFC FINANCE
୧ ରୁ ୫୦ ଲକ୍ଷ୍ୟ ଲୋନ
ଗୃହଋଣ, ମାର୍କସିଟ ପର୍ସନାଲ୍, ବିଜନେସ୍, କୃଷି, ବ୍ୟବସାୟ, ସମ୍ପତି, କୁକୁଡାପାଳନ, ଇଟାଭାଟି, ଆଧାର କାର୍ଡ, ରାସନ କାର୍ଡ, ଆଦି ସମସ୍ତ ଋଣ
ବେରୋଜଗାର ଓ ମହିଳାଙ୍କୁ ବିଶେଷ ଛାଡ
୧% ସୁଧ ୫୦% ରିହାତି
85058-11813 85058-50178
bharatloanonline@gmail.com
A-25 8th Floor Ambadeep Building Connaught Place, New Delhi - 110001

ଖର୍ଚ୍ଚ ଋଣ ମଞ୍ଜୁର ହେବା ପରେ
CAPITAL FINANCE LTD.
(Registration No. - U6519TN198PLC008555)
ମାର୍କଶିଟ୍, ପର୍ସନାଲ, ପ୍ରପର୍ଟି ଏବଂ ସମସ୍ତ ଋଣ ୩ରୁ ୪ ଦିନରେ ଘରେ ବସି ପାଆନ୍ତୁ ୨% ସୁଧ, ୪୦% ରିହାତି (ଠକାମିର ଶିକାର ବ୍ୟକ୍ତି ଥରେ ନିଶ୍ଚୟ କଲ୍ କରନ୍ତୁ)।
- Helpline Number -
8859690149
PETUMALI, JHARMUNDA, PETUPALI, BARGARH, ODISHA- 768034

BASUDHA FINANCE
BASUDHA FINANCE ଦ୍ୱାରା ମାର୍କସିଟ୍, ପର୍ସନାଲ ବିଜ୍‌ନେସ୍, ଗୃହ, କୃଷି, ବ୍ୟବସାୟ, ସମ୍ପତ୍ତି ଓ କୁକୁଡା ପାଳନ ସମସ୍ତ ପ୍ରକାର LOAN 1% ସୁଧରେ ମିଳେ।
Mo- 8114631815 7749967517
Jain Market South Part-4, Vigyan Nagar, Delhi-110051, Mundagohira, Gohira Dyam site, Raimal, Debagarh-768121

ଭାରତର ନଂ.1 କମ୍ପାନୀ
1988 ଠାରୁ ଆପଣଙ୍କ ସେବାରେ
MAHALAXMI FINANCE PVT. LTD.
ସବୁ ବ୍ୟାଙ୍କ ଦ୍ୱାରା ଆଧାରକାର୍ଡ, ଏଗ୍ରିକଲ୍ଚର, ମାର୍କଶିଟ୍, ପର୍ସନାଲ, ପ୍ରପର୍ଟି, BPL, ଋଣ ମାତ୍ର 24 ଘଣ୍ଟାରେ
2% ସୁଧ 40% ଛାଡ଼
ଠକାମିର ଶିକାର ବ୍ୟକ୍ତି ଥରେ ନିଶ୍ଚୟ କଲ କରନ୍ତୁ ମହିଳା ଓ ବିଦ୍ୟାର୍ଥୀଙ୍କ ପାଇଁ ରିହାତି କାମ ଆମର, ବିଶ୍ୱାସ ଆପଣଙ୍କର
7894704743
B-36/7, A-Block Vijay Enclave Burari, New Delhi-74

LOAN
ଟଙ୍କା ନେଉନ୍ତୁ - ଧୋକା ଦେଉନ୍ତୁ
ଆଗେ କାମ - ପରେ ଦାମ୍
ଗଣପତି ଫାଇନାନ୍ସ
ମାର୍କଶିଟ୍, ପ୍ରପର୍ଟି ବ୍ୟବସାୟ, ରାଶନକାର୍ଡ ପର୍ସନାଲ,ଆଧାର କାର୍ଡ
ସବୁ ପ୍ରକାର ଋଣ 24 ଘଣ୍ଟାରେ ଘରେ ବସି ପାଆନ୍ତୁ
2% - ସୁଧ - 40% ରିହାତି
ଠକମାନଙ୍କ ପ୍ରତି ସାବଧାନ
8395864708, 8929606415
SCO- 106, Second Floor, Vishal Tower, Cannaught Place, Delhi.

ଟଙ୍କା ନେଉନ୍ତୁ - ଧୋକା ଦେଉନ୍ତୁ
KUMAR FINANCE Regd. Co.
ମାର୍କଶିଟ୍ - ପ୍ରପର୍ଟି
ପର୍ସନାଲ - ବିଜ୍‌ନେସ୍
ଆଧାରକାର୍ଡ - ମୁଦ୍ରା ଋଣ
12 ଘଣ୍ଟାରେ ଘରେ ବସି ପାଆନ୍ତୁ
2% ସୁଧ - 40% ରିହାତି
ସରକାରୀ କର୍ମଚାରୀଙ୍କ ପାଇଁ ବିଶେଷ ରିହାତି
ଠକମାନଙ୍କ ପ୍ରତି ସାବଧାନ
7084824686 7347856284
H. No. 2, Ram Nagar, Narnol, Haryana

ହିନ୍ଦୁସ୍ତାନ ଫାଇନାନ୍ସ
(ପଞ୍ଜୀକୃତ କମ୍ପାନୀ)
ଥରେ ସେବାର ସୁଯୋଗ ଦିଅନ୍ତୁ
୫୫ ଲକ୍ଷ ସନ୍ତୁଷ୍ଟ ଗ୍ରାହକ
ମାର୍କଶିଟ୍ - ବ୍ୟବସାୟ - ପର୍ସନାଲ
ଆଧାରକାର୍ଡ - ପ୍ରପର୍ଟି - ଏଗ୍ରିକଲ୍ଚର
ସମସ୍ତ ଋଣ ମାତ୍ର 12-24 ଘଣ୍ଟାରେ
ବିଶ୍ୱାସ ଆପଣଙ୍କର - କାମ ଆମର
କମ୍ ସମୟ ଓ ସହଜ କିସ୍ତି
2% ସୁଧ - 40% ରିହାତି
ମହିଳା/ଚାଷୀଙ୍କୁ ବିଶେଷ ରିହାତି
9548438832, 7055960410
908, Ward Backside Anand market, Dhiman Line, Yamuna Nagar, Haryana

GTL Telecom Network Company
ଖାଲି ଜମି, କୃଷି ଜମି, ଛାତ ଭଳି ସବୁ ସ୍ଥାନରେ ଡିଜିଟାଲ ନେଟ୍‌ୱର୍କ ସ୍ଥାପନ କରନ୍ତୁ । ଅଗ୍ରିମ - 90 ଲକ୍ଷ, ଭଡ଼ା - 50 ହଜାର/- ମାତ୍ର 72 ଘଣ୍ଟାରେ ଜମି ଯାଞ୍ଚ ଓ ଡିଜିଟାଲ୍ ନେଟ୍‌ୱର୍କ ସ୍ଥାପନ + ମାଗଣା ମୋବାଇଲ + ବାଇକ୍। 30,000ର ଅନ୍ୟାନ୍ୟ ସୁବିଧା । ମହିଳାଙ୍କ ପାଇଁ ବିଶେଷ ରିହାତି ।
Address:- Head Office G-79 Aadrsh Nagar Karol Bagh
8676907143, 9348274623

COLOR DISPLAY CLASSIFIED — on every Tuesday & Friday

| SIZE | 15 days | 8 days | 4 days | Single day | |
|---|---|---|---|---|---|
| 6 X 8 | 40,000 | 20,000 | 11,000 | 2,800 | GST 5% will be added extra |


## ପାଠକଙ୍କ ପାଇଁ ସୂଚନା:

ଏହି ପୃଷ୍ଠାରେ ପ୍ରକାଶିତ କେତେକ ବିଜ୍ଞାପନକୁ ଭିତ୍ତିକରି କିଛି ପାଠକ ଠକାମିର ଶିକାର ହେଉଥିବା ଆମର ଦୃଷ୍ଟିଗୋଚର ହେଉଛି। ବିଜ୍ଞାପନ ଦେଉଥିବା ସଂସ୍ଥାମାନଙ୍କ ସହ କାରବାର କରିବା ପୂର୍ବରୁ ସବିଶେଷ ତଥ୍ୟ ଓ ନିଜର ବିବେକ ଖଟାଇ କାରବାର କରନ୍ତୁ। ଏଥିପାଇଁ ଧରିତ୍ରୀ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ।



ଯେଉଁଠାରେ ଦୁଃଖର ରାଜୁତି, ଆଶ୍ଚର୍ଯ୍ୟର କଥା
ସେଇଠାରେ ହିଁ ମହତ ଲୋକର ଜନ୍ମ ହୋଇଛି।
- ଲର୍ଡ କର୍ଜନ



## ସଂକ୍ଷେପରେ

### କିଶୋରୀ ବାଳିକା ଦକ୍ଷତା ତାଲିମ ଶିବିର

**ଲାଠୋର, ୩୦।୫(ଡି.ଏନ.ଏ.):** ଖପ୍ରାଖୋଲ ବ୍ଲକ ଲାଠୋର ଗୋଷ୍ଠୀ କେନ୍ଦ୍ରରେ ଗୁରୁବାର ମମତା ଏଚଆଇଏମସି ନୂଆଦିଲୀ ଆନୁକୂଲ୍ୟରେ ଅଞ୍ଚଳର ୧୪ରୁ ୧୯ ବର୍ଷର କିଶୋରି ବାଳିକାମାନଙ୍କୁ ନେଇ ଦୁଇଦିନିଆ କିଶୋରି ବାଳିକା ଦକ୍ଷତା ତାଲିମ ଶିବିର ଆରମ୍ଭ ହୋଇଛି। ଉକ୍ତ ଶିବିରରେ ଟଙ୍କପାଣି, କରୁଆଁଝର, ସାହାଜପାଣି, ବେନ୍ଦେର, ମାଲପଡା ଏବଂ ଲାଠୋର ପଞ୍ଚାୟତର ୩୦ରୁ ଊର୍ଦ୍ଧ୍ୱ ଗ୍ରାମର କିଶୋରି ବାଳିକାମାନଙ୍କୁ ନେଇ ତାଲିମ ପ୍ରଦାନ କରାଯାଉଛି। ପ୍ରଥମ ଦିନ ଖପ୍ରାଖୋଲ ମହିଳା ଓ ଶିଶୁ ବିକାଶ ବିଭାଗ ଲାଠୋର କ୍ଷେତ୍ର ପରିଦର୍ଶିକା ବିଦ୍ୟୁତପ୍ରଭା ନାଗ ଏବଂ ସାନଗୁର୍ଜିଭଟା ଅଙ୍ଗନୱାଡି କର୍ମୀ ସନ୍ଧ୍ୟାରାଣୀ ଗିରି ଯୋଗଦେଇ ତାଲିମ ପ୍ରଦାନ କରିଥିଲେ। କିଶୋର କିଶୋରୀମାନଙ୍କ ପ୍ରତି ହିଂସା, ଲିଙ୍ଗ ଆଧାରିତ ହିଂସା, ମାନସିକ ସ୍ୱାସ୍ଥ୍ୟର ଦେଖାଶୁଣା, ବାଲ୍ୟ ବିବାହ, କିଶୋରମାନଙ୍କଠାରେ ଯୌନ ସଞ୍ଚାରିତ ରୋଗ ପ୍ରଜନନ ସମ୍ବନ୍ଧିତ ରୋଗ ଏବଂ ଏଚଆଇଭି ଉପରେ ତାଲିମ ପ୍ରଦାନ କରାଯାଉଛି। ବ୍ଲକ ସୁପରଭାଇଜର ଚକ୍ରଧର ଦାଶ ଏବଂ ଖିରମୋହନ ସଗରିଆ ସକ୍ରିୟ ଅଂଶଗ୍ରହଣ କରୁଛନ୍ତି।

### ବାଇକ୍ ଧକ୍କାରେ ଯୁବକ ଗୁରୁତର

**ଦେଓଗାଁ,୩୦।୫(ଡି.ଏନ.ଏ.):** ଦେଓଗାଁ ଏଟିଏମ ଛକରେ ଗୁରୁବାର ସନ୍ଧ୍ୟାରେ ବାଇକ ଧକ୍କାରେ ଜଣେ ଯୁବକ ଗୁରୁତର ହୋଇଛନ୍ତି। ଅପରପକ୍ଷରେ ଆରୋହୀ ବି ଆହତ ହୋଇଛନ୍ତି। ଆହତଦ୍ୱୟ ହେଲେ ପର୍ଶୁପାଲିର କୁନୁ ଚନ୍ଦନ ଓ ଦେଓଗାଁର ଲକ୍ଷ୍ମଣ ଦଲାଇ । ସ୍ଥାନୀୟ ଅଗ୍ନିଶମ କେନ୍ଦ୍ର ଅଧିକାରୀ ଏଲୋଇସ ବାର୍ଲା ଆହତ କୁନୁଙ୍କୁ ବଲାଙ୍ଗୀର ଭୀମଭୋଇ ଡାକ୍ତରଖାନାକୁ ପଠାଇଛନ୍ତି। ଦେଓଗାଁ ପୋଲିସ ଦୁର୍ଘଟଣାଗ୍ରସ୍ତ ବାଇକକୁ ଜବତ କରିଛି। କୁତୁର୍ଲା ପର୍ଶୁପାଲିର କୁନୁ ବାଇକ (ନଂ ଓଆର୦୩ସି୧୮୬୬)ଯୋଗେ ଦେଓଗାଁ ଆସୁଥିବା ବେଳେ ଏଟିଏମ ଛକଦେଇ ଦେଓଗାଁର ଲକ୍ଷ୍ମଣ ଦଲାଇ ଜାତୀୟ ରାଜପଥ ପାରହୋଇ କନ୍ଧପାଲିକୁ ଯାଉଥିଲେ। ବାଇକ ଆରୋହୀ ଲକ୍ଷ୍ମଣଙ୍କୁ ଧକ୍କା ଦେଇଥିଲେ।

### ନାମଯଜ୍ଞ ଉପଲକ୍ଷେ ମହିଳାଙ୍କ କଳସ ଶୋଭାଯାତ୍ରା

**ଟିକ୍ରାପଡା, ୩୦।୫(ଡି.ଏନ.ଏ.):** ବଲାଙ୍ଗୀର ଜିଲା ମୁରିବାହାଲ ବ୍ଲକ ଇଚ୍ଛାପଡା ପଞ୍ଚାୟତ ଅଧିନ ଅନ୍ତର୍ଲା ଗ୍ରାମରେ ଚବିଶି ପ୍ରହର ନାମଯଜ୍ଞ ଉପଲକ୍ଷେ ମହିଳାଙ୍କ କଳସ ଶୋଭାଯାତ୍ରା ଗୁରୁବାର ଅନୁଷ୍ଠିତ ହୋଇଯାଇଛି । ମହିଳାମାନେ ନିକଟସ୍ଥ ଜଳାଶୟରୁ କଳସରେ ଜଳ ଆଣି ପୂଜା ମଣ୍ଡପରେ ସ୍ଥାପନ କରିଥିଲେ। ଏହି ଅବସରରେ ମିନା ବଜାର ସହ ପ୍ରତି ସନ୍ଧ୍ୟାରେ ଦଣ୍ଡନୃତ୍ୟ, ସଞ୍ଚାର, କଂସ ଦରବାର ପ୍ରଭୃତି ବିଭିନ୍ନ ସାଂସ୍କୃତିକ କାର୍ଯ୍ୟକ୍ରମ ଅନୁଷ୍ଠିତ ହେବ ବୋଲି ଆୟୋଜକ କମିଟି ସୂତ୍ରରୁ ପ୍ରକାଶ । ଗୁରୁବାରି ଭାଟି, ପୁରୁଷୋତ୍ତମ ଭାଟି, କୁନ୍ତି ଭାଟି, ବିରଞ୍ଚି ଭାଟି କର୍ତ୍ତା ରହିଛନ୍ତି। ଡିଙ୍ଗରପ୍ରସାଦ ପାଢୀ, ନନ୍ଦକିଶୋର ପାଢୀ, ଜନ୍ମେଜୟ ଖମାରୀ ପୂଜାକାର୍ଯ୍ୟ ତୁଲାଉଛନ୍ତି।

ପିଇଲା ପାଏନ୍ ଲାଗି ଡହକ୍‌ବିକଳ

# ଅଂଚଲବାସୀଙ୍କୁ ନିଅଁଟ ଟ୍ୟାଙ୍କର ପାଏନ୍

**ସଇଁତଲା, ୩୦।୫(ଡି.ଏନ.ଏ.)**

ବଲାଙ୍ଗୀର ଜିଲା ସଇଁତାଲା ବ୍ଲକଛକ୍ ଅଂଚଲର ଗୁଟେ ମୁଖିଆ ଜାଗା। ଇଠାନେ ବ୍ଲକସ୍ତରୀୟ ଅନେକ ସରକାରୀ ଅଫିସ, ସ୍କୁଲ ରହିଛେ। ସବୁ ଅଫିସର କରମଚାରୀ ସମେତ ଇଠାନ୍‌କେ ଭିନେ ଭିନେ କାମ୍‌ରେ ଫିଁଦିନ୍ ଶହ ଶହ ଲୋକ୍ ଯିବାର ଆଏବାର କରୁଛନ୍। ଇତାର ବାହାରେ ସରକାରୀ ଅଧିକାରୀ, କରମଚାରୀମାନେ ସରକାରୀ କୁଠାମାନକେ ରହୁଥିଲାବେଲେ ବ୍ଲକଛକ୍ ପାସେ ପାଖାପାଖି ୫୦ଟା ପରିବାର ରହୁଛନ୍। ହେଲେ ଇଠାନେ ଲୁକ୍‌କର ପିଇଲା ପାଏନ୍ ଲାଗି ହେନ୍‌ତା କିଛି ଖାସ୍ ବେବସ୍‌ତା ନାଇଁନ। ଅଂଲରେ ଅନେକ ନଲ୍‌ଟୁଆଁ ରହିଛେ ସତ୍, ହେଲେ କେତେ ନଲ୍‌ଟୁଆଁ ଅଚଲ ହେଇ ପଡ଼ିଥିଲାବେଲେ ବଡ଼ଭାଗି ନଲ୍‌ଟୁଆଁରୁ ଫ୍ଲୋରାଇଡ୍ ମିଶା ପାଏନ୍ ବାହାରୁଛେ। ଯେନ୍‌କେତେଟା ନଲ୍‌ଟୁଆଁରୁ ଭଲ୍ ପାଏନ୍ ବାହାରୁଛେ ସେଠାନେ ଘଁଟା ଘଁଟା ଧରି ଲୁକ୍‌କର ଲମ୍‌ବା ଲାଇନ୍ ଲାଗୁଛେ। ଏନ୍‌ତାଥି ବ୍ଲକ ଅଂଚଲବାସୀ ବଛରକୁତା ପିଇଲା ପାଏନ୍ ସମସିଅରେ ଯୁଝୁଛନ୍। ଖରାଦିନେ ଅଂଚଲବାସୀକର ଇ ସମସିଆଟା ଦୁଇଗୁନା ହେଇଯାଉଛେ। ସଖାଲ ପାଏଲେ ଲୁକ୍‌କର ପିଇଲା ପାଏନ୍ ଚିନ୍‌ତା। ଫିଁଦିନ୍ ଅଂଚଲବାସୀ ୩ କି.ମି. ଦୂରିଆ ଲାନ୍ଥନଦୀରୁ ପିଇଲା ପାଏନ୍ ଆନୁଥିବାର ଦେଖିବାକେ ମିଲୁଛେ। ଅବସ୍‌ତା ଏନ୍‌ତା ଯେ, ଲୋକ୍ ଉପେ ଶୁଇନ୍ ହେଇ ଲୋକ୍ ନଲ୍‌ଟୁଆଁର ଫ୍ଲୋରାଇଡ୍ ମିଶା ପାଏନ୍, ବଁଧକଟାର ଗୁଲିଆ ପାଏନ୍ ବେଭାର କରୁଛନ୍। ପିଇଲା ପାଏନ୍ ସମିଆକେ ଦେଖି ସଇଁତଲା ପଁଚେତ୍ ତରଫୁ ଅଂଚଲବାସୀଙ୍କୁ ଗୁଟେ ଟ୍ୟାଙ୍କରରେ ପାଏନ୍ ଯୁଗେଇ ଦିଆଯାଉଛେ। ହେଲେ ସେଟା ବି କେନ୍‌ଦିନ ଆଏଲେ କେନ୍‌ଦିନ ନାଇଁ। ଯେନ୍‌ଦିନ ଟ୍ୟାଙ୍କର ଆସୁଛେ ପାଏନ୍ ନେବାର ଲାଗି ଲୁକ୍‌କର ଭିଡ଼ ଜମୁଛେ। ଇ ବାବ୍‌ଦେ ଜଳ ଯୋଗାଣ ବିଭାଗର ଯନ୍ତ୍ରୀ ପ୍ରଭାତ ସେଠୀଙ୍କୁ ପଚରାଲାରୁ ବ୍ଲକଛକକେ ନଦୀ ପାଏନ୍ ପାଇପ୍‌ରେ ଯୁଗାବାର ବେବସ୍‌ତା ନାଇଁହେଇ। ନୂଆଁ ପ୍ରକଳ୍ପ ଲାଗି ବି ହେନ୍‌ତା କିଛି ଯୋଜନା ନାଇଁନ ବଲି ସେ କହିଥିଲେ।



ଟ୍ୟାଙ୍କରରୁ ପାଏନ୍ ନେବାର ଲାଗି ଲୁକ୍‌କର ଭିଡ଼।

- ଫିଁଦିନ୍ ପାଏନ୍ ଯୁଗେଇ ଦେବାକେ ଦାବିକଲେ ଅଂଚଲବାସୀ
- ୩ କି.ମି. ଦୂରିଆ ଲାନ୍ଥନଦୀରୁ ଲୋକ୍ ପିଇଲା ପାଏନ୍ ଆନୁଛନ୍।

**ଇମାନେ ଯାହା କହିଛନ୍...**



“ବ୍ଲକଛକ୍ ଅଂଚଲର ଗୁଟେ ମୁଖିଆ ଜାଗା ଆଏ। ହେଲେ ଅଂଚଲକେ ପାଇପ୍ ପାଏନ୍ ଯୁଗେଇ ଦେବାର ଦିଗେ କାହାରି ଆଁତରିକତା ନାଇଁନ।

-ସତ୍ୟନାରାୟଣ ଗୁପ୍ତା, ବ୍ୟବସାୟୀ



“ମୁଇଁ ପିଇଲା ପାଏନ୍ ଆନବାର ଲାଗି ଫିଁଦିନ୍ ୩ କି.ମି. ଦୂର ସଇଁତଲାକେ ଯାଉଛେଁ। ଇ ଅଂଚଲକେ ପାଇପ୍‌ରେ ପାଏନ୍ ଯୁଗେଇ ଦେବାର ବେବସ୍‌ତା କଲେ ବହୁତ୍ ଲୋକ୍ ଉପକାର ପାଏତେ।

- ଭରତ କର୍ମୀ, ଚାଷୀ



“ବଡ଼ଭାଗି ନଲ୍‌ଟୁଆଁରୁ ଫ୍ଲୋରାଇଡ୍ ମିଶା ପାଏନ୍ ବାହାରୁଛେ। ପିଇଲା ପାଏନ୍ ଲାଗି ଫିଁଦିନ ସଇଁତଲା ଯିବାକେ ପଡୁଛେ। ଇ ଦିଗେ ପରଶାସନ ଧିଆନ୍ ଦେଇ ପାଇପ୍ ପାଏନ୍ ଯୁଗେଇ ଦେବାର ବେବସ୍‌ତା କରବାର କଥା।

-କିଶୋର ବାଗ, ଅଂଚଲବାସୀ



“ପପିଇଲା ପାଏନ୍ ସମସିଆ ବାବ୍‌ଦେ ଜନପରତିନିଧି, ପରଶାସନକେ ଲିଖିତ ଅଭିଯୋଗ କରାଯାଇଛେ। ହେଲେ ସମସିଆର ସମାଧାନ ଦିଗେ ପଦକ୍ଷେପ ନାଇଁ ନେବାର ଲାଗି ଆଏଜ୍ ଏନ୍‌ତା ସମସିଆ ଦେଖାଦେଇଛେ।

-ହିମାଂଶୁ ଶେଖର ଦାସ, ଆଇନଜୀବୀ

### ମିଠା ବାଣ୍ଟି ଖୁସି ମନାଇଲେ ଟୁକୁନି ସାହୁଙ୍କ ସମର୍ଥକ

**ଟିକ୍ରାପଡା ୩୦।୫(ଡି.ଏନ.ଏ.)**

ରାଜ୍ୟ ମନ୍ତ୍ରୀ ମଣ୍ଡଳରେ ଟିଟିଲାଗଡ ବିଧାୟିକା ଟୁକୁନି ସାହୁଙ୍କୁ କ୍ୟାବିନେଟ ପାହ୍ୟା ମନ୍ତ୍ରୀ ପଦ ମିଳିବା ପରେ ସଇଁତଲା ବ୍ଲକ ଟିକ୍ରାପଡାଠାରେ ତାଙ୍କ ସମର୍ଥକଙ୍କ ମହଲରେ ଖୁସିର ଲହରୀ ଖେଳିଯାଇଛି । ସମର୍ଥକମାନେ ବାଣ ଫୁଟାଇ ମିଷ୍ଟାନ୍ନ ବଣ୍ଟନ କରିଥିଲେ । ଏହି କାର୍ଯ୍ୟକ୍ରମରେ ଟୁନୁ ରାଜପଲିଆ, ବାଳମୁକୁନ୍ଦ ପୁଟେଲ, ବିଶ୍ୱନାଥ ସୁଆର, ପ୍ରକାଶ ମିଶ୍ର, ପ୍ରମୋଦ ପସାୟତ, ପ୍ରେମ କଠାର, ସନ୍ତୋଷ ପୁରୋହିତ, ପ୍ରଦୀପ ପାଣିଗ୍ରାହୀ, ଗଣେଶ ବୁଡେକ, ସୁଶାନ୍ତ ବେହେରା, ସୁରଜ କାଲସାଏ ପ୍ରମୁଖ ଉପସ୍ଥିତ ଥିଲେ । ସୂଚନାଯୋଗ୍ୟ ଯେ, ୨୦୧୩ ମସିହାରେ ବିଜେଡିର ଟାଣୁଆ ଯୁବନେତା ଅଭିମନ୍ୟୁ ସାହୁଙ୍କ ହତ୍ୟା ପରେ ୨୦୧୪ ସାଧାରଣ ନିର୍ବାଚନରେ ତାଙ୍କ ସ୍ତ୍ରୀ ଟୁକୁନି ସାହୁ ପ୍ରଥମ କରି ବିଧାୟିକା ଭାବେ ନିର୍ବାଚିତ ହୋଇଥିଲେ । ଚଳିତ ନିର୍ବାଚନରେ ପୁନର୍ବାର ବିଜେଡିରୁ ଲଢି ୧୯ ହଜାରରୁ ଅଧିକ ଭୋଟ ବ୍ୟବଧାନରେ ଟୁକୁନି ବିଜୟୀ ହେବା ପରେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ତାଙ୍କୁ ମହିଳା ଓ ଶିଶୁ ବିକାଶ ଏବଂ ମିଶନ ଶକ୍ତି ବିଭାଗର ମନ୍ତ୍ରୀଭାବେ ଚୟନ କରିଛନ୍ତି।

ଜଳ ଯୋଗାଣ ଦାବି

## ବ୍ଲକ କାର୍ଯ୍ୟାଳୟ ଆଗରେ ଧାରଣା

**ଲୋଇସିଂହା,୩୦।୫(ଡି.ଏନ.ଏ.)**

ଲୋଇସିଂହା ସହରକୁ ଜଳଯୋଗାଣ ସପ୍ତାହେରୁ ଅଧିକ ସମୟ ହେଲା ବନ୍ଦ ପଡିଛି। ଏହାକୁ ନେଇ ସାଧାରଣରେ ପ୍ରତିକ୍ରିୟା ପ୍ରକାଶ ପାଇଛି। ଗୁରବାର ବ୍ଲକ ଅଫିସ ଆଗରେ ବ୍ଲକ ଅଞ୍ଚଳର କେତେକ ଲୋକେ ଧାରଣା ଦେଇଥିଲେ। ପରେ ବିଡିଓ ରାମଚନ୍ଦ୍ର ଖେଡିଆଙ୍କୁ ସାକ୍ଷାତ କରି ପାଣି ଯୋଗାଣ ଶୀଘ୍ର କରିବାକୁ ସେମାନେ ଦାବି କରିଥିଲେ। ସୂଚନାମତେ, ଲୋଇସିଂହା ସହରରେ ୪୦ଡିଗ୍ରୀରୁ ତାପମାତ୍ରା ଲାଗି ରହିଛି। ଏଭଳି ପରିସ୍ଥିତିରେ ଲୋଇସିଂହା ସହରକୁ ଜଳଯୋଗାଣ କରାଯାଉଥିବା ପକଳ୍ପର ମୋଟର ଅଚଳ ହୋଇ ପଡିଛି। ଫଳରେ ସପ୍ତାହେରୁ ଅଧିକ ସମୟ ହେଲା ସହରକୁ ପାଇପ ଜଳ ଯୋଗଣ ବନ୍ଦ ରହିଛି । ଅପରପକ୍ଷେ ଗୋଟିଏ ମାତ୍ର ଟ୍ୟାଙ୍କରରେ ଜଳ ଯୋଗାଣ ହେଉଛି। ତାହା ପର୍ଯ୍ୟାପ୍ତ ହେଉନାହିଁ । ପୁନଶ୍ଚ ସବୁଅଞ୍ଚଳକୁ ଟ୍ୟାଙ୍କର ଜଳ ଯୋଗାଣ ହୋଇ ପାରୁ ନ ଥିବାରୁ ଅସନ୍ତୋଷ ପ୍ରକାଶ ପାଉଛି। ଏହି ସମସ୍ୟାର ସମାଧାନ ପାଇଁ ଭିଲେର୍ଜସ ଇଣ୍ଡିଆ ପାର୍ଟିର ଅଧ୍ୟକ୍ଷ ଡ଼,ବିପିନ କୁଶୁଲିଆ, ମକରଧ୍ୱଜ ଧରୁଆ, ରଘୁନାଥ ପଧାନ, ମୋତିଲାଲ ସାଇ ପଟେଲ, ଜଗଦୀଶ ବିଭାର ପ୍ରମୁଖ ବ୍ଲକ ଅଫିସ ଆଗରେ ଧାରଣା ଦେଇଥିଲେ । ଏତଦ୍ ବ୍ୟତୀତ ରବୀନ୍ଦ୍ର ନାୟକ, ଟିକୁ ପାଣ୍ଡିଆ, ଶିବ ମେହେର, ମନୋଜ ଭୂଆଁ ପ୍ରମୁଖ ବିଡିଓଙ୍କୁ ସାକ୍ଷାତ କରି ଟ୍ୟାଙ୍କର ପାଣି ଯୋଗାଣ ଅନିୟମିତତ ନେଇ ଅସନ୍ତୋଷ ଜାହିର କରିଥିଲେ। ଶୁକ୍ରବାରରୁ ପ୍ରକଳ୍ପ ଚାଲୁ ରହିବ ବୋଲି ବିଡିଓ ପ୍ରତିଶ୍ରୁତି ଦେଇଛନ୍ତି।



ଜଳ ଯୋଗାଣ ପାଇଁ ବ୍ଲକ ଅଫିସ ଆଗରେ ଧାରଣା ଦିଆଯାଇଛି।

ନାଗରିକ କମିଟି ସଦସ୍ୟଙ୍କ ଭୀମ ଭୋଇ ମେଡିକାଲ କଲେଜ ହସ୍ପିଟାଲ ପରିଦର୍ଶନ

## ବିପର୍ଯ୍ୟସ୍ତ ସ୍ୱାସ୍ଥ୍ୟସେବାକୁ ନେଇ ଉଦ୍‌ବେଗ

**ବଲାଙ୍ଗୀର ଅଫିସ, ୩୦।୫**

ବଲାଙ୍ଗୀର ନାଗରିକ କମିଟି ସଦସ୍ୟଙ୍କ ଏକ ପ୍ରତିନିଧି ଦଳ ସ୍ଥାନୀୟ ଭୀମଭୋଇ ମେଡିକାଲ କଲେଜ ହସପିଟାଲ ପରିଦର୍ଶନ କରିଥିଲେ। ନାଗରିକ କମିଟି ସଭାପତି ବିକ୍ରମାନନ୍ଦ ବହିଦାର, ସାଧାରଣ ସମ୍ପାଦକ ବିଷ୍ଣୁପ୍ରସାଦ କେଡିଆ, ଉପସଭାପତି ନିତ୍ୟାନନ୍ଦ ମିଶ୍ର, କୋଷାଧ୍ୟକ୍ଷ ବୃନ୍ଦାବନ ବରାଳ, କାର୍ଯ୍ୟକାରୀ କମିଟି ସଭ୍ୟ ମନୋରଞ୍ଜନ ପୁରୋହିତ, ମନୋରଞ୍ଜନ ସାହୁ, ପର୍ଶୁରାମ ନାୟକ, ଗୋପବନ୍ଧୁ ପୁରୋହିତ ଏବଂ ସଭ୍ୟ ଚକ୍ରପାଣି ଦାଶ, ଗୋପାଳଜୀ ପାଣିଗ୍ରାହୀଙ୍କୁ ନେଇ ଗଠିତ ୧୦ଜଣିଆ ପ୍ରତିନିଧି ମଣ୍ଡଳୀ ହସପିଟାଲ ପରିଦର୍ଶନ କରିଥିଲେ। ବିପର୍ଯ୍ୟସ୍ତ ସ୍ୱାସ୍ଥ୍ୟସେବାକୁ ନେଇ କମିଟି ସଦସ୍ୟମାନେ ଗଭୀର ଉଦ୍‌ବେଗ ପ୍ରକାଶ କରିଛନ୍ତି। ବଲାଙ୍ଗୀରରେ ମେଡିକାଲ କଲେଜ ହସପିଟାଲ ପ୍ରତିଷ୍ଠା ପରେ ସ୍ୱାସ୍ଥ୍ୟସେବାରେ ଉନ୍ନତି ଘଟିବ ବୋଲି ଆଶା କରାଯାଉଥିଲା । ମାତ୍ର ଏହି ମେଡିକାଲ କଲେଜ ହସପିଟାଲରେ ଏବେ ସ୍ୱାସ୍ଥ୍ୟସେବା ବିପର୍ଯ୍ୟସ୍ତ ହୋଇପଡିଛି। ଏଠାରେ ରୋଗୀସେବା ପାଇଁ ଲାଞ୍ଚ କାରବାର ଚାଲିଥିବାବେଳେ ଖୋଦ୍ ହସପିଟାଲ ସୁପରିଣ୍ଟେଣ୍ଡେଣ୍ଟ ମନଇଚ୍ଛା ଛୁଟିରେ ଯାଇ ଅବହେଳା ପ୍ରଦର୍ଶନ କରୁଥିବା ଅଭିଯୋଗ ହେଉଛି । ନାଗରିକ କମିଟି ପ୍ରତିନିଧି ଦଳ ମେଡିକାଲ ସୁପରିଣ୍ଟେଣ୍ଡେଣ୍ଟ ଡା ନାରାୟଣ ଆଚାର୍ଯ୍ୟଙ୍କ ସହ ଆଲୋଚନା କରିଥିଲେ । ଏଠାରେ ହସ୍‌ପିଟାଲ ମ୍ୟାନେଜର ସୁଦୀପ ଦତ୍ତ ଉପସ୍ଥିତ ଥିଲେ । ଖାଲି ପଡିଥିବା ଡାକ୍ତର, ଅନ୍ୟାନ୍ୟ ପଦବୀ ଏବଂ କର୍ମଚାରୀ ପଦବୀ ପୂରଣ ଉପରେ ଆଲୋଚନା ହୋଇଥିଲା । ଖାଲି ପଦପଦବୀ ତାଲିକା ମଗାଯାଇ ଏଦିଗରେ ନବନିଯୁକ୍ତ ସ୍ୱାସ୍ଥ୍ୟ ଏବଂ ପରିବାର କଲ୍ୟାଣ ମନ୍ତ୍ରୀ ନବକିଶୋର ଦାସଙ୍କ ଦୃଷ୍ଟି ଆକର୍ଷଣ କରାଯିବ ବୋଲି ପ୍ରତନିଧିମାନେ କହିଥିଲେ । ବିଭିନ୍ନ ସମୟରେ ମେଡିକାଲ ସୁପରିଣ୍ଟେଣ୍ଡେଣ୍ଟ ଅନୁପସ୍ଥିତ ରହୁଥିବାରୁ ହସପିଟାଲରେ ବିଶୃଙ୍ଖଳା ପରିସ୍ଥିତି ସୃଷ୍ଟି ହେଉଥିବା ଅଭିଯୋଗ କରିଥିଲେ । ଏହା ସହିତ ଲାଞ୍ଚ କାରବାର ତଥା ରୋଗୀମାନଙ୍କୁ ଉପଯୁକ୍ତ ସେବା ଯୋଗାଇବାରେ ବିଫଳ ହେଉଥିବା ନେଇ ଲୋକେ ଅଭିଯୋଗ କରୁଥିବା ଦୃଷ୍ଟି ଆକର୍ଷଣ କରିଥିଲେ । ହସପିଟାଲ ସଫେଇ, ବିଶେଷ କରି ଶୌଚାଳୟ ଅବସ୍ଥା ସାଂଘାତିକ ହୋଇପଡିଥିବାରୁ ରୋଗୀମାନେ ଏଠାରେ କିପରି ରହିବେ ବୋଲି ପ୍ରଶ୍ନ କରିଥିଲେ । ହସପିଟାଲର ଆଇସିୟୁରେ ଏସି କାମ କରୁ ନ ଥିବା ନେଇ ଆଲୋଚନା ହୋଇଥିଲା। ବିଭିନ୍ନ ସଂସ୍ଥା ତରଫରୁ ଚାଲୁଥିବା ଆମ୍ବୁଲାନ୍ସ ସେବାର ଯୋଗାଯୋଗ ନମ୍ବର ମେଡିକାଲରେ ଲିପିବଦ୍ଧ କରିବା ପାଇଁ ନାଗରିକ କମିଟି ତରଫରୁ ଦାବି କରାଯାଇଥିଲା । ଆଗାମୀ ୧୫ଦିନ ଭିତରେ ଆଉଥରେ ନାଗରିକ କମିଟି ପ୍ରତିନିଧି ଦଳ ଏଦିଗରେ ସମୀକ୍ଷା କରିବେ ବୋଲି କହିଥିଲେ । ଏସବୁ ଅବହେଳା, ତ୍ରୁଟିର ଶୀଘ୍ର ସମାଧାନ ନହେଲେ ଆନ୍ଦୋଳନାତ୍ମକ ପନ୍ଥା ଗ୍ରହଣ କରାଯିବ ବୋଲି କମିଟି ତରଫରୁ କୁହାଯାଇଛି। ତାଙ୍କ ବିରୋଧରେ ଆସିଥିବା ଅଭିଯୋଗ ସମ୍ପର୍କରେ ମେଡିକାଲ ସୁପରିଣ୍ଟେଣ୍ଡେଣ୍ଟ ଡା ନାରାୟଣ ଆଚାର୍ଯ୍ୟଙ୍କୁ ପଚାରିବାରୁ ବର୍ତ୍ତମାନ ଏ ସମ୍ପର୍କରେ କିଛି କହି ପାରିବ ନାହିଁ ବୋଲି କହିଛନ୍ତି।



ଭୀମ ଭୋଇ ମେଡିକାଲ କଲେଜ ସୁପରିଣ୍ଟେଣ୍ଡେଣ୍ଟଙ୍କ ସହ ନାଗରିକ କମିଟି ପ୍ରତିନିଧି ଆଲୋଚନା କରୁଛନ୍ତି ।

## ଟ୍ରାନ୍ସଫର୍ମର ମରାମତି ଦାବି

**ବଲାଙ୍ଗୀର ଅଫିସ, ୩୦।୫**

ବଲାଙ୍ଗୀର ସହର ତାଲପାଲିପଡା ବିଜୟଲକ୍ଷ୍ମୀ ମହାରଣାଙ୍କ ଘର ସମ୍ମୁଖ ବିଦ୍ୟୁତ୍ ଖୁଣ୍ଟରେ ଲାଗିଥିବା ଟ୍ରାନ୍ସଫର୍ମର ଦୁଇବର୍ଷ ହେଲା ପୋଡିଯାଇଛି । ଉପଭୋକ୍ତାମାନେ ବିଭାଗୀୟ ଅଧିକାରୀଙ୍କଠାରେ ଅଭିଯୋଗ କଲେ ମଧ କେହି ଶୁଣୁନାହାନ୍ତି । ଅତିଷ୍ଠ ଉପଭୋକ୍ତା ଗୁରୁବାର ଜିଲାପାଳଙ୍କୁ ଭେଟି ସମସ୍ୟା ସମାଧାନ ପାଇଁ ପଦକ୍ଷେପ ଗ୍ରହଣ କରିବାକୁ ଦାବି ଜଣାଇଛନ୍ତି । ତାଲପାଲିପଡାର ସସ୍ମିତା ରାଉତ୍, ବିଜୟଲକ୍ଷ୍ମୀ ମହାରଣା, ସୁରେଖା ପୁଟେଲ, ସୁମତି ଚନ୍ଦନ ପ୍ରମୁଖ ଜିଲାପାଳ କାର୍ଯ୍ୟାଳୟ ଆସି ବିଦ୍ୟୁତ୍ ସମସ୍ୟାର ସମାଧାନ ପାଇଁ ଜଣାଇଥିଲେ । ନୂଆ ଟ୍ରାନ୍ସଫର୍ମର ନିଆ ନ ଯାଇ ବିଭାଗୀୟ କର୍ମଚାରୀ ସିଧାସଳଖ ବିଦ୍ୟୁତ୍ ଖୁଣ୍ଟରୁ ଘରମାନଙ୍କୁ ହୁକ୍ କରି ବିଜୁଳି ଦେଇଥିବା ଅଭିଯୋଗ କରିଛନ୍ତି । ଏଠାରେ ଲୋଭୋଲଟେଜ ରହିବା ସହ ଅନେକ ସମୟରେ ସ୍ପାର୍କିଂ ହେଉଥିବା ଅଭିଯୋଗ କରିଛନ୍ତି । ବିଭାଗୀୟ ଅବହେଳା କାରଣରୁ ଏଠାରେ ବଡଧରଣର ଦୁର୍ଘଟଣା ଘଟିବା ଆଶଙ୍କାକୁ ଏଡାଇ ହେଉନାହିଁ ବୋଲି ଉପଭୋକ୍ତାମାନେ ଅଭିଯୋଗ କରିଥିଲେ । ଜିଲାପାଳ ପଦକ୍ଷେପ ଗ୍ରହଣ କରିବେ ବୋଲି ପ୍ରତିଶ୍ରୁତି ଦେଇଥିବା ଜଣାପଡିଛି ।



ତାଲପାଲିପଡାର ମହିଳାମାନେ ଜିଲାପାଳ ଅଫିସକୁ ଅଭିଯୋଗ କରିବାକୁ ଆସିଛନ୍ତି ।

ଶୀତଳଷଷ୍ଠୀ ପୂଜା ପରିଚାଳନା ପ୍ରସ୍ତୁତି ବୈଠକ

## ଅଶ୍ଳୀଳ ନୃତ୍ୟ ମନା, ଟ୍ରାଫିକ୍ ପରିଚାଳନାକୁ ଗୁରୁତ୍ୱ

**ବଲାଙ୍ଗୀର ଅଫିସ, ୩୦।୫**

ଜୁନ୍ ୬ରୁ ୯ ତାରିଖ ପର୍ଯ୍ୟନ୍ତ ବଲାଙ୍ଗୀରରେ ଶୀତଳଷଷ୍ଠୀ ଯାତ୍ରା ଅନୁଷ୍ଠିତ ହେବ । ଏନେଇ ସହରର ବିଭିନ୍ନ ଶୀତଳଷଷ୍ଠୀ ପୂଜା କମିଟି ପ୍ରସ୍ତୁତିରେ ଲାଗିଛନ୍ତି । ଚଳିତବର୍ଷର ଶୀତଳଷଷ୍ଠୀ ପୂଜାକୁ ସୁରୁଖୁରୁରେ ପରିଚାଳନା କରିବା ପାଇଁ ସ୍ଥାନୀୟ ସର୍କିଟ ହାଉସଠାରେ ପ୍ରଶାସନ ଓ ଶୀତଳଷଷ୍ଠୀ ପୂଜା କମିଟି ମାନଙ୍କ ମଧ୍ୟରେ ଆଲୋଚନା ହୋଇଥିଲା। ଜିଲାପାଳ ଅରିନ୍ଦମ ଡାକୁଆଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ବୈଠକରେ ଅତିରିକ୍ତ ଜିଲାପାଳ ପରୀକ୍ଷିତ ସେଠୀ, ଉପଜିଲାପାଳ ଭୈରବ ସିଂ ପଟେଲ, ଜିଲା ଜରୁରୀକାଳୀନ ଅଧିକାରୀ ଶଙ୍କର୍ଷଣ ପ୍ରଧାନ, ଅତିରିକ୍ତ ଆରକ୍ଷୀ ଅଧିକ୍ଷକ ସୁବାସ ଜମାଦାର, ସଦର ଏସଡିପିଓ ଶ୍ରୀମନ୍ତ ବାରିକ, ଟାଉନ୍ ଥାନା ଆଇଆଇସି ତୋଫାନ୍ ବାଗ, ୱେସ୍କୋ ଅଧିକ୍ଷଣ ଯନ୍ତ୍ରୀ ଆଶିଷ ପଟ୍ଟଯୋଷୀ, ଜନସ୍ୱାସ୍ଥ୍ୟ ବିଭାଗ ଏସଡିଓ ସୁବୋଧ ନାଏକ, ସୁଦ୍‌ପଡା, ଗାନ୍ଧୀନଗର, ଏବିଏସ୍‌ଏସ୍, ବିବିଏସ୍‌ଏସ୍ ଓ ଅନ୍ୟ ଶୀତଳଷଷ୍ଠୀ ପୂଜା କମିଟି ସଦସ୍ୟମାନେ ଉପସ୍ଥିତ ଥିଲେ । କୌଣସି ପରିସ୍ଥିତିରେ ନୃତ୍ୟ ନାଁରେ ରାସ୍ତାରେ ଅଶ୍ଳୀଳତାକୁ ବରଦାସ୍ତ କରାଯିବ ନାହିଁ ବୋଲି ଜିଲାପାଳ ଡାକୁଆ କହିଥିଲେ । ଏଦିଗରେ ପୂଜା କମିଟି ସଦସ୍ୟମାନେ ନିଜ ଦାୟିତ୍ୱ ନିର୍ବାହ କରିବେ ବୋଲି କହିଥିଲେ । ପୂଜାର ଆଧ୍ୟାତ୍ମିକ ଦିଗକୁ ବିଶେଷ ଗୁରୁତ୍ୱ ଦେବାକୁ ଜିଲାପାଳ କହିଥିଲେ । ଏଦିଗରେ ସମସ୍ତ ପ୍ରକାର ସହଯୋଗ କରିବେ ବୋଲି ପୂଜା କମିଟି ସଦସ୍ୟମାନେ ପ୍ରତିଶ୍ରୁତି ଦେଇଥିଲେ ।

୬ ତାରିଖରୁ ଆରମ୍ଭ ହେବାକୁ ଥିବା ଶୀତଳଷଷ୍ଠୀ ପୂଜା ଅବସରରେ ସହରରେ ସଫେଇ କାର୍ଯ୍ୟ ସହ ଟ୍ରାଫିକ୍ ପରିଚାଳନା ଉପରେ ବିଶେଷ ଗୁରୁତ୍ୱ ଦିଆଯାଇଥିଲା । ସହରରେ ବାଇପାସ୍ ରାସ୍ତା ନଥିବାରୁ ରାତି ୧୨ଟାରୁ ସକାଳ ୬ଟା ମଧ୍ୟରେ ସହର ମଧ୍ୟଦେଇ ଭାରୀଯାନ ଚଳାଚଳ କରୁଛି। ଆସନ୍ତା ୭ ତାରିଖ ଶିବ-ପାର୍ବତୀଙ୍କ ବିବାହୋତ୍ସବ ଅନୁଷ୍ଠିତ ହେବ । ସେଦିନ ରାତିରେ ବରଯାତ୍ରୀ ଦଳଙ୍କ ଶୋଭାଯାତ୍ରା ଅନୁଷ୍ଠିତ ହେବ । ଫଳରେ ସହରରେ ଟ୍ରାଫିକ୍ ପରିଚାଳନା ଉପରେ ଗୁରୁତ୍ୱ ଦିଆଯିବାକୁ ଆଲୋଚନା ହୋଇଥିଲା । ଏହିଦିନ ରାତିରେ ଭାରୀଯାନ ଚଳାଚଳକୁ ସହର ମଧ୍ୟରେ ବନ୍ଦ କରାଯିବା ଉପରେ ଆଲୋଚନା ହୋଇଥିଲା । ପୋଲିସ ଟିମ୍ ଏନେଇ ସୁବନ୍ଦୋବସ୍ତ କରିବାକୁ ଜିଲାପାଳ ନିର୍ଦ୍ଦେଶ ଦେଇଥିଲେ । ଶୀତଳଷଷ୍ଠୀ ସମୟରେ ସହରର ଭିଡ ପରିଚାଳନା ଓ ଗାଡି ମଟର ପରିଚାଳନା ନିମନ୍ତେ ବିଭିନ୍ନ ଗଳିକୁ ୱାନ୍ ୱେ କରାଯିବା ଉପରେ ଆଲୋଚନା ହୋଇଥିଲା । ଏହାବାଦ୍ ସହରରେ ଲୋକଙ୍କ ଭିଡକୁ ଦୃଷ୍ଟିରେ ରଖି ପାନୀୟ ଜଳବ୍ୟବସ୍ଥା କରାଯିବା ଉପରେ ଆଲୋଚନା ହୋଇଥିଲା । ୯ ତାରିଖ ଦେବଦମ୍ପତି ପ୍ରତ୍ୟାବର୍ତ୍ତନ ଶୋଭାଯାତ୍ରା ଥିବାରୁ ଲୋକଙ୍କ ଭିଡକୁ ଦେଖି ସ୍ୱେଚ୍ଛାସେବୀ ଅନୁଷ୍ଠାନମାନେ ଯେଭଳି ଖରାକୁ ଦୃଷ୍ଟିରେ ରଖି ମାଗଣା ଦହିପାଣି, ସରବତ ବାଣ୍ଟିବେ ସେଦିଗରେ ଉତ୍ସାହିତ କରିବାକୁ ଆଲୋଚନା ହୋଇଥିଲା । ଜନସ୍ୱାସ୍ଥ୍ୟ ବିଭାଗ ତରଫରୁ ବିଭିନ୍ନ ଛକରେ ଟ୍ୟାଙ୍କର ଲଗାଯାଇ ପିଇବା ପାଣି ଯୋଗାଇବାକୁ ଜିଲାପାଳ ନିର୍ଦ୍ଦେଶ ଦେଇଥିଲେ । ସରକାରୀ ସ୍ତରରୁ ଶୀତଳଷଷ୍ଠୀ ପୂଜା କମିଟିମାନଙ୍କୁ ଅର୍ଥରାଶି ସହାୟତା ଯୋଗାଇବା ଉପରେ କମିଟି ସଦସ୍ୟମାନେ ଜିଲାପାଳଙ୍କୁ ଅନୁରୋଧ କରିଥିଲେ । ସମ୍ବଲପୁର ଓ ଅନ୍ୟ ସ୍ଥାନରେ ପୂଜା କମିଟି ମାନଙ୍କୁ ସରକାରୀ ସହାୟତା ମିଳିଥିବାବେଳେ ବଲାଙ୍ଗୀରରେ ମଧ ଯୋଗାଇ ଦେବାକୁ ଦାବି କରିଥିଲେ। ବୈଠରେ ମନୋଜ ସାହୁ, କିଶୋର ଦଣ୍ଡସେନା, ଜୟନାରାୟଣ ବହିଦାର, ସତ୍ୟନାରାୟଣ ମିଶ୍ର ଓ ଅନ୍ୟମାନେ ଉପସ୍ଥିତ ଥିଲେ ।



ସର୍କିଟ ହାଉସରେ ଅନୁଷ୍ଠିତ ଶୀତଳଷଷ୍ଠୀ ପୂଜା କମିଟି ପ୍ରସ୍ତୁତି ବୈଠକରେ ପ୍ରଶାସନିକ ଅଧିକାରୀ ଓ କମିଟି କର୍ମକର୍ତ୍ତା ।



ସୁଖ ସମୟରେ ଭଗବାନଙ୍କୁ ସ୍ମରଣ କଲେ, ଦୁଃଖ କେବେ ମନୁଷ୍ୟ ପାଖକୁ ଆସେ ନାହିଁ। ଯଦିବା ଆସେ ତେବେ ସୁଖ ଦୁଃଖର ତଫାତ୍ ତାକୁ ଜଣାପଡ଼େ ନାହିଁ।
-ସନ୍ଥ କବୀର ଦାସ



**ସଂକ୍ଷେପରେ**

## ଲୁହାଛଡ ଚୋରି ଅଭିଯୋଗ: ଦୁଇ ଧରାପଡ଼ିଲେ

**ହେମଗିର, ୩୦।୫ (ଡି.ଏନ.ଏ):** ସୁନ୍ଦରଗଡ଼ ଜିଲା ହେମଗିର ଥାନା ଅନ୍ତର୍ଗତ ଲଇକେରା ଗ୍ରାମର ଦୁଇଜଣ ଲୁହାଛଡ ଚୋରି ଅଭିଯୋଗରେ ପୋଲିସ ଦ୍ୱାରା ଧରାପଡ଼ିଛନ୍ତି। ସେମାନେ ହେଲେ ଲଇକେରା ଗ୍ରାମର ଜଣେ ଯୁବକ ସାବିନ ବାଗ (୧୯) ଓ ଜଣେ ନାବାଳକ(୧୭)। ୨୯ ତାରିଖ ପ୍ରାୟ ୧୦ଟାରେ ଉଭୟ ସାନଘୁମୁଡାଠାରେ ଥିବା ମ୍ୟାକନାଲି ଭାରତ କମ୍ପାନୀ ପରିସରରୁ ଲୁହାଛଡ ଚୋରି କରୁଥିଲେ। ଏହି ସମୟରେ କମ୍ପାନୀର ଲୋକେ ଦେଖି ସେମାନଙ୍କୁ କାବୁ କରିନେଇଥିଲେ। ଏନେଇ କମ୍ପାନୀର ସିନିୟର ମ୍ୟାନେଜର ମୁକ୍ତିକାନ୍ତ ପାତ୍ର ହେମଗିର ଥାନାରେ ଅଭିଯୋଗ କରିବା ପରେ ଏକ ମାମଲା (ନଂ. ୬୬/୧୯) ରୁଜୁ କରାଯାଇଛି। ପ୍ରକାଶ ଥାଉକି କମ୍ପାନୀର ଚୋରି ହୋଇଥିବା ଲୁହାଛଡ ମୂଲ୍ୟ ୧୦ ହଜାରରୁ ଊର୍ଦ୍ଧ୍ୱ ଟଙ୍କା ହେବ ବୋଲି ଦର୍ଶାଯାଇଛି।

## ବିଜୁଳିର ଲୁଚକାଳି ଖେଳ ନେଇ ଅସନ୍ତୋଷ

**ରାଉରକେଲା ଅଫିସ,୩୦।୫:** ପ୍ରବଳ ଗୁଳୁଗୁଳି ଓ ଗରମରେ ଲୋକେ ଆଉଟୁପାଉଟୁ ହେଉଥିବା ବେଳେ ବିଜୁଳିର ଲୁଚକାଳି ଖେଳ ଦକ୍ଷିଣ ରାଉରକେଲାବାସୀଙ୍କ ମଧ୍ୟରେ ଅସନ୍ତୋଷ ସୃଷ୍ଟି କରିଛି। ଦିନରେ ବାରମ୍ବାର ବିଜୁଳି ଚାଲିଯିବା କାରଣରୁ ବୃଦ୍ଧା, ବୃଦ୍ଧ ଓ ଶିଶୁଙ୍କ ଅବସ୍ଥା ନେଇ ବିରକ୍ତି ପ୍ରକାଶ କରୁଛନ୍ତି ଉପଭୋକ୍ତା। କିଛିଦିନ ହେବ ଏଭଳି ଅବସ୍ଥା ଜାରି ରହିଛି। ଦିନତମାମ ବାରମ୍ବାର ବିଜୁଳି କାଟ କରାଯାଉଥିବାରୁ ଲୋକେ ଅତିଷ୍ଠ ହୋଇ ପଡୁଛନ୍ତି। ଅଭିଯୋଗ କଲେ ଗୋଟିଏ ଉତ୍ତର ମିଳୁଛି, ମରାମତି ଚାଲିଛି। ଏମିତି ଆଉ କେତେଦିନ ମରାମତି ଚାଲିବ ସେ ନେଇ ମଧ୍ୟ କେହି ଉତ୍ତର ଦେବା ଅବସ୍ଥାରେ ନାହାନ୍ତି। ଏ ଦିଗରେ ଉପରିସ୍ଥ ଅଧିକାରୀ ଦୃଷ୍ଟି ଦେବାକୁ ଉପଭୋକ୍ତା ସଂଘ ପକ୍ଷରୁ ଦାବି କରାଯାଇଛି।

■ ନବବିବାହିତାଙ୍କ ଆତ୍ମହତ୍ୟା ନେଇ ତାତିଲେ ପରିବାର ଲୋକେ

# ନ୍ୟାୟ ଦାବିରେ ୨ଘଣ୍ଟା ରାସ୍ତାରୋକୋ

**ରାଉରକେଲା ଅଫିସ,୩୦।୫**

ଜଳଦା ଫାଣ୍ଡି ଅନ୍ତର୍ଗତ ବାଲିଝୁଡ଼ି ଗ୍ରାମର ଜଣେ ନବବିବାହିତା ରେଳ ଧାରଣାରେ ଆତ୍ମହତ୍ୟା କରିବା ଘଟଣା ନେଇ ଗୁରୁବାର ସନ୍ଧ୍ୟାରେ ଉତ୍ତେଜନା ପ୍ରକାଶ ପାଇଥିଲା। ଲୋକେ ବାଲିଝୁଡ଼ି ମୁଖ୍ୟ ରାସ୍ତାରେ ମୃତଦେହ ରଖି ଦୁଇଘଣ୍ଟା ରାସ୍ତାରୋକୋ କରିଥିଲେ। ପୋଲିସ ଘଟଣାସ୍ଥଳରେ ପହଞ୍ଚି ବୁଝାଶୁଝା କରିବାରୁ ରାସ୍ତାରୋକୋ ହଟିଥିଲା। ସୂଚନାନୁସାରେ, ଉପର ବାଲିଝୁଡ଼ିର ଭଗବାନ ସାହୁଙ୍କ ଝିଅ ମୋନାଲିସା (୨୭)ଙ୍କୁ ତଳ ବାଲିଝୁଡ଼ିର ଦୀନବନ୍ଧୁ ସାହୁଙ୍କ ପୁଅ ରାଜେଶ (୨୯) ଗତ ଫେବୃୟାରୀ ୨୪ରେ ବୈଦିକ ରୀତିରେ ବିବାହ କରିଥିଲେ। ପରିବାର ପକ୍ଷରୁ ସାଧ୍ୟ ମତେ ଯୌତୁକ ପ୍ରଦାନ କରାଯାଇଥିଲା ବୋଲି ମୋନାଲିସାଙ୍କ ପରିବାର ଲୋକେ କହିଛନ୍ତି। ତେବେ ବିବାହର ମାସ କେଇଟା ମଧ୍ୟରେ ମୋନାଲିସା ଆତ୍ମହତ୍ୟା କରିବା ଘଟଣା ସନ୍ଦେହ ସୃଷ୍ଟି କରିଛି। ମେ' ୨୭ ରାତିରେ ତାଙ୍କ ମୃତଦେହ ବାସନ୍ତୀ କଲୋନୀ ପାଖ କୁମ୍ଭାରପଡ଼ା ରେଳ ଧାରଣରୁ ଉଦ୍ଧାର କରାଯାଇଥିଲା।



ନବବିବାହିତାଙ୍କ ଆତ୍ମହତ୍ୟା ନେଇ ରାସ୍ତାରୋକୋ।

ମୃତଦେହ ଚିହ୍ନଟ ହୋଇ ନ ପାରିବାରୁ ରେଲୱେ ପୋଲିସ ରାଉରକେଲା ସରକାରୀ ଡାକ୍ତରଖାନା (ଆର୍‌ଜିଏଚ୍) ମର୍ଗ ହାଉସରେ ରଖିଥିଲା। ୨୭ ତାରିଖ ରାତି ୧୦ଟାରେ ପରିବାର ପକ୍ଷରୁ ଜଳଦା ଫାଣ୍ଡିରେ ଏକ ନିଖୋଜ ମାମଲା ଦିଆଯାଇଥିଲା। ପୋଲିସ ୨୮ ତାରିଖରେ ପରିବାର ଲୋକଙ୍କୁ ଡାକିଥିବା ବେଳେ କେହି ଥାନାକୁ ଆସି ନ ଥିଲେ। ରେଳ ଧାରଣାରୁ ଜଣେ ମହିଳାଙ୍କ ମୃତଦେହ ମିଳିଥିବା ଖବର ପାଇ ପରିବାର ଲୋକେ ୨୯ ତାରିଖରେ ରେଲୱେ ଥାନାକୁ ଆସି ମୋନାଲିସାଙ୍କ ଫଟୋ ଦେଖାଇଥିଲେ। ରଘୁନାଥପାଲି ଥାନାରେ ଏତଲା ଦେଇଥିଲେ। ଗୁରୁବାର ଉଭୟ ପରିବାର ଲୋକେ ଆର୍‌ଜିଏଚ୍ ଆସି ମର୍ଗ ହାଉସରେ ମୃତଦେହ ଚିହ୍ନଟ କରିଥିଲେ। ଏହା ମୋନାଲିସାଙ୍କ ମୃତଦେହ ବୋଲି ଜଣାପଡ଼ିବା ପରେ ସ୍ଥାନୀୟ ଲୋକେ ଉତ୍ତ୍ୟକ୍ତ ହୋଇ ପଡ଼ିଥିଲେ। ସାହିପଡ଼ିଶା ଓ ସମ୍ପର୍କୀୟଙ୍କ ନିଷ୍ପତ୍ତି କ୍ରମେ ମୃତଦେହ ରଖି ରାସ୍ତାରୋକୋ କରିଥିଲେ। ଏନେଇ ପରିବାର ପକ୍ଷରୁ ବିଧିବଦ୍ଧ ଏତଲା ପରେ ତଦନ୍ତ କରାଯିବ ବୋଲି କହିଛନ୍ତି ଜଳଦା ଫାଣ୍ଡି ଅଧିକାରୀ।

■ କାଳବୈଶାଖୀ ପ୍ରଭାବରେ ଝଡ଼ତୋଫାନ

## ତାପମାତ୍ରାରେ ସାମାନ୍ୟ ହ୍ରାସ, ଲୋକେ ଆଶ୍ୱସ୍ତ

**କୁଆଁରମୁଣ୍ଡା,୩୦।୫(ଡି.ଏନ.ଏ)**

ସୁନ୍ଦରଗଡ଼ ଜିଲା କୁଆଁରମୁଣ୍ଡା ବ୍ଲକ ଓ ବୀରମିତ୍ରପୁର ପୌରାଞ୍ଚଳରେ ଗୁରୁବାର ଅପରାହ୍ନରେ କାଳବୈଶାଖୀ ପ୍ରଭାବରେ ଝଡ଼ତୋଫାନ ହୋଇଯାଇଛି। ଏକ ଘଣ୍ଟା ଧରି ପ୍ରାୟ ୬୦ କି.ମିରୁ ଊର୍ଦ୍ଧ୍ୱ ବେଗରେ ପବନ ବହିବାରୁ ଧୂଳିର ଝଡ଼ ସୃଷ୍ଟି ହୋଇଥିଲା। ଏଥିରେ ଗଛର ଡାଳ ଭାଙ୍ଗିବା ସହ କିଛିସମୟ ପାଇଁ ବିଦ୍ୟୁତ୍ ସେବା ବ୍ୟାହତ ହୋଇଥିଲା। ସାମାନ୍ୟ ବର୍ଷା ହେବାରୁ ତାପମାତ୍ରାରେ ହ୍ରାସ ପରିଲକ୍ଷିତ ହୋଇଛି। ଲୋକେ ଆଶ୍ୱସ୍ତ ହୋଇଛନ୍ତି। ହେଲେ ପ୍ରବଳ ବେଗରେ ପବନ ବହିବା ସମୟରେ ଧୂଳି ଝଡ଼ରେ ରାଜପଥ ସମେତ ଅନ୍ୟାନ୍ୟ ରାସ୍ତାରେ ବାଇକ୍ ଓ ସାଇକେଲ ଆରୋହୀମାନେ ବହୁ ଅସୁବିଧାର ସମ୍ମୁଖୀନ ହୋଇଛନ୍ତି। ପ୍ରବଳ ବେଗରେ ପବନ ଯୋଗୁ ଆମ୍ବ ଗଛରୁ ଅନେକ କଞ୍ଚା ଆମ୍ବ ଝଡିଯିବା ଯୋଗୁ ଆମ୍ବଚାଷୀଙ୍କ ପାଇଁ ଏହା କ୍ଷତିର କାରଣ ପାଲଟିଛି।

## ହିନ୍ଦ୍ ମଜଦୁର ସଭା ପକ୍ଷରୁ ମନ୍ତ୍ରୀଙ୍କୁ ସ୍ୱାଗତ

**ରାଉରକେଲା ଅଫିସ,୩୦।୫**

ଓଡ଼ିଶା ରାଜ୍ୟ ହିନ୍ଦ୍ ମଜଦୁର ସଭା କାର୍ଯ୍ୟକାରୀ ସଭାପତି ରଣେନ୍ଦ୍ର ପ୍ରତାପ ସ୍ୱାଇଁ ଓ ପୂର୍ବ କର୍ମକର୍ତ୍ତା ପ୍ରଫୁଲ୍ଲ ମଲ୍ଲିକ ରାଜ୍ୟ ମନ୍ତ୍ରୀ ପରିଷଦରେ ସ୍ଥାନ ପାଇଥିବାରୁ ସେମାନଙ୍କୁ ସୁନ୍ଦରଗଡ଼ ଜିଲା ସଂଗଠନ ପକ୍ଷରୁ ଶୁଭେଚ୍ଛା ଓ ଅଭିନନ୍ଦନ ଜ୍ଞାପନ କରାଯାଇଛି। ଏକ ବିବୃତିରେ ହିନ୍ଦ୍ ମଜଦୁର ସଭା ସଭାପତି ପ୍ରଭାକର ଚମ୍ପତିରାୟ, କାର୍ଯ୍ୟକାରୀ ସଭାପତି ଡି.ଏନ୍. ଆଚାର୍ଯ୍ୟ, ସାଧାରଣ ସମ୍ପାଦକ ଶଶଧର ନାୟକ, ଉପସାଧାରଣ ସମ୍ପାଦକ ଖଗେନ୍ଦ୍ର ବେହେରା, ଠିକା ଶ୍ରମିକ ନେତା ଆଦିକନ୍ଦ ଭୋଳ, ଆଇଡିଏଲ୍ ମଜଦୁର ସଭା ସଭାପତି ଆନନ୍ଦ ମହାନ୍ତି, ଏନ୍‌ଏସ୍‌ପିସିଏଲ୍ ନେତା ହରେକୃଷ୍ଣ ପାଢ଼ୀ, ସାଧାରଣ ସମ୍ପାଦକ କେଦାର ଦାସ, ଅଣସଂଗଠିତ ଶ୍ରମିକ ସଂଘ ସଭାପତି ଶିବଚରଣ ବୋଇତି, ସିମେଣ୍ଟ ମଜଦୁର ସଭା ସମ୍ପାଦକ ରାମଚନ୍ଦ୍ର ବେହେରା, ରାଉରକେଲା ମଜଦୁର ସଭା ଉପସଭାପତି ଅକ୍ଷୟ ନାୟକ, ସମ୍ପାଦକ ପ୍ରମୋଦ ଦାସ, କାର୍ଯ୍ୟକାରିଣୀ ସଦସ୍ୟ ଅରୁଣ ପରିଡ଼ା ଓ ଦିଗମ୍ବର ମହାନ୍ତି ପ୍ରମୁଖ କହିଛନ୍ତି, ହିନ୍ଦ ମଜଦୁର ସଭା ପାଇଁ ଏହା ଏକ ଗୌରବର ବିଷୟ। ଆଗାମୀ ଦିନରେ ଦୁଇ ମନ୍ତ୍ରୀ ରାଜ୍ୟବାସୀଙ୍କ ଆଶା ଆକାଂକ୍ଷା ପୂରଣ ଦିଗରେ ନିଶ୍ଚିତ କାର୍ଯ୍ୟ କରିବେ ବୋଲି ଆଶା ବ୍ୟକ୍ତ କରିଛନ୍ତି ସଂଗଠନ କର୍ମକର୍ତ୍ତା।

## ମୁଖ୍ୟମନ୍ତ୍ରୀ, ନବଗଠିତ ମନ୍ତ୍ରିମଣ୍ଡଳ ସଦସ୍ୟଙ୍କୁ ଜିଲା ବିଜୁ ଜନତାଦଳ ତରଫରୁ ସ୍ୱାଗତ

**ସୁନ୍ଦରଗଡ଼, ୩୦।୫ (ଡି.ଏନ୍.ଏ)**

ପଞ୍ଚମ ଥର ପାଇଁ ନବୀନ ପଟ୍ଟନାୟକ ଓଡିଶାର ମୁଖ୍ୟମନ୍ତ୍ରୀ ଭାବେ ଶପଥ ନେଇଥିବାରୁ ସୁନ୍ଦରଗଡ ଜିଲା ବିଜୁ ଜନତା ଦଳ ପକ୍ଷରୁ ସ୍ୱାଗତ କରାଯାଇଛି। ତାଙ୍କ ନେତୃତ୍ୱରେ ନବଗଠିତ ମନ୍ତ୍ରୀମଣ୍ଡଳର ସମସ୍ତ ସଦସ୍ୟଙ୍କୁ ମଧ୍ୟ ସ୍ୱାଗତ କରାଯାଇଛି। ରାଜ୍ୟବାସୀ ନବୀନବାବୁଙ୍କ ସ୍ୱଚ୍ଛ ଶାସନ ଓ ବିକାଶମୂଳକ ଯୋଜନା ଉପରେ ଆସ୍ଥା ରଖି ତାଙ୍କ ସରକାରଙ୍କୁ ବିପୁଳ ଭୋଟରେ ବିଜୟୀ କରିଥିବାରୁ ଆଗାମୀ ଦିନରେ ପୁଣି ଓଡିଶାର ବିକାଶ ଧାରା ବଜାୟ ରହିବ ବୋଲି ଜିଲା ବିଜୁ ଜନତାଦଳ ପକ୍ଷରୁ ଆଶା ପ୍ରକାଶ କରାଯାଇଛି । ପଶ୍ଚିମ ଓଡିଶାର ଝାରସୁଗୁଡାର ବିଧାୟକ ନବକିଶୋର ଦାସଙ୍କୁ ମୁଖ୍ୟମନ୍ତ୍ରୀ ତାଙ୍କ ମନ୍ତ୍ରୀମଣ୍ଡଳରେ ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ବିଭାଗ ଦାୟିତ୍ୱ ଦେଇଥିବାରୁ ସୁନ୍ଦରଗଡ ସମେତ ରାଜ୍ୟରେ ସ୍ୱାସ୍ଥ୍ୟ ସେବାର ଉନ୍ନତି ହେବ ବୋଲି ବରିଷ୍ଠ ବିଜେଡି ନେତା ଜନ୍ମେଜୟ ମହାପାତ୍ର, ପୂର୍ବତନ ବିଧାୟକ ଯୋଗେଶ କୁମାର ସିଂ, ଜୟନାରାୟଣ ତ୍ରିପାଠୀ, ପୂର୍ବତନ ନଗରପାଳ ବେଣୁଧର ତାଣ୍ଡିଆ, ସଦର ବ୍ଲକ ଉପାଧ୍ୟକ୍ଷ ଅଶ୍ୱିନୀ ନାଏକ, ନିର୍ମଳ ବୋଷ, ଅଜିତ ଦାଶ, ଅନୀଲ ମହାପାତ୍ର, ପ୍ରଦୀପ ବିଶ୍ୱକର୍ମା, କାର୍ତ୍ତିକ ରକ୍ସା, ସରୋଜ ପଟ୍ଟନାୟକ, ଶାହାବାଜ ହୁସେନ୍, ବୀରେନ୍ଦ୍ର ପଟେଲ, ସୁରେନ୍ଦ୍ର ଭିତ୍ରିଆ, ସଦର ବ୍ଲକ ପୂର୍ବତନ ଅଧ୍ୟକ୍ଷା ଯଶୋବନ୍ତୀ ସା, ସନ୍ତୋଷ ଆଚାର୍ଯ୍ୟ, ଧର୍ମେଶ ପଟେଲ ପ୍ରମୁଖ ମୁଖ୍ୟମନ୍ତ୍ରୀ, ସ୍ୱାସ୍ଥ୍ୟ ମନ୍ତ୍ରୀ ଓ ମନ୍ତ୍ରୀମଣ୍ଡଳର ସଦସ୍ୟଙ୍କୁ ଅଭିନନ୍ଦନ ଜଣାଇଛନ୍ତି।

## ଟ୍ରାନ୍ସଫର୍ମର ମରାମତିରେ ବିଳମ୍ବ

**ବଲାଙ୍ଗୀର ଅଫିସ, ୩୦।୫**

ବଲାଙ୍ଗୀର ସହର ତାଲପାଲିପଡା ବିଜୟଲକ୍ଷ୍ମୀ ମହାରଣାଙ୍କ ଘର ସମ୍ମୁଖ ବିଦ୍ୟୁତ୍ ଖୁଣ୍ଟରେ ଲାଗିଥିବା ଟ୍ରାନ୍ସଫର୍ମର ପ୍ରାୟ ଦୁଇବର୍ଷ ହେଲା ପୋଡିଯାଇଛି। ଏ ନେଇ ଉପଭୋକ୍ତମାନେ ବିଭାଗୀୟ ଅଧିକାରୀଙ୍କଠାରେ ବାରମ୍ବାର ଅଭିଯୋଗ କଲେ ମଧ୍ୟ କେହି ଶୁଣୁନାହାନ୍ତି । ଉପଭୋକ୍ତାମାନେ ଶେଷରେ ଗୁରୁବାର ଜିଲାପାଳଙ୍କୁ ଭେଟି ସମସ୍ୟା ସମାଧାନ ପାଇଁ ପଦକ୍ଷେପ ଗ୍ରହଣ କରିବାକୁ ଦାବି ଜଣାଇଛନ୍ତି । ତାଲପାଲିପଡାର ସସ୍ମିତା ରାଉତ୍, ବିଜୟଲକ୍ଷ୍ମୀ ମହାରଣା, ସୁରେଖା ଫୁଟେଲ, ସୁମତି ଚନ୍ଦନ, ଓ ଅନ୍ୟମାନେ ଜିଲାପାଳ କାର୍ଯ୍ୟାଳୟ ଆସି ବିଦ୍ୟୁତ୍ ସମସ୍ୟାର ସମାଧାନ ପାଇଁ ଜଣାଇଥିଲେ। ନୂଆ ଟ୍ରାନ୍ସଫରମର ନିଆ ନ ଯାଇ ବିଜୁଳି ବିଭାଗ କର୍ମଚାରୀମାନେ ସିଧାସଳଖ ବିଦ୍ୟୁତ୍ ଖୁଣ୍ଟରୁ ଘରମାନଙ୍କୁ ହୁକ୍ କରି ବିଜୁଳି ଦେଇଥିବା ଅଭିଯୋଗ କରିଛନ୍ତି।

# ଓଡ଼ିଶା ବନାଞ୍ଚଳ ଉନ୍ନୟନ ପ୍ରକଳ୍ପର ବାର୍ଷିକ କାର୍ଯ୍ୟ ଯୋଜନା ଅନୁମୋଦନ

**ବାଲିଶଙ୍କରା, ୩୦।୫ (ଡି.ଏନ.ଏ)**

ଓଡିଶା ବନାଞ୍ଚଳ ଉନ୍ନୟନ ପ୍ରକଳ୍ପର ଦ୍ୱିତୀୟ ପର୍ଯ୍ୟାୟରେ ସୁନ୍ଦରଗଡ ବନଖଣ୍ଡ ଅଧିନରେ ଥିବା ଉଜ୍ଜଳପୁର ବନାଞ୍ଚଳର ୩୦ଟି ବନ ସୁରକ୍ଷା ସମିତିରେ ବିଭିନ୍ନ କାର୍ଯ୍ୟକ୍ରମ ଚାଲୁଛି । ୩୦ଟି ବନ ସୁରକ୍ଷା ସମିତିରେ ସହଭାଗିତା ମୂଳକ ଅଣୁଯୋଜନା ତଥା ବାର୍ଷିକ କାର୍ଯ୍ୟ ଯୋଜନା ପ୍ରସ୍ତୁତ କରାଯାଇ ଉଜୁଡା ଜଙ୍ଗଲର ପୁନରୁଦ୍ଧାର, ଜଙ୍ଗଲ ସୁରକ୍ଷା, ଜଙ୍ଗଲ ଉପରେ ନିର୍ଭର କରୁଥିବା ପରିବାରମାନଙ୍କ ଜୀବନ ଜୀବିକାର ଉନ୍ନତି ଆଣିବା ନିମନ୍ତେ ଯୋଜନା କରାଯାଇଛି । ଏହି ପରିପ୍ରେକ୍ଷୀରେ ଗୁରୁବାର ତିଲଡେଗା ଗ୍ରାମ ପଞ୍ଚାୟତର ସରପଞ୍ଚ ତରଣୀ ଭୋଏଙ୍କ ତଥା ଦେଓଭୁବନପୁର ସରପଞ୍ଚ ପାର୍ବତୀ ବାର୍ଲାଙ୍କ ଅଧକ୍ଷତାରେ ଯଥାକ୍ରମେ ତିଲଡେଗା ଓ ଦେଓଭୁବନପୁର ଗ୍ରାମ ପଞ୍ଚାୟତ କାର୍ଯ୍ୟାଳୟଠାରେ ଗୋଟିଏ ଲେଖାଏଁ ସ୍ୱତନ୍ତ୍ର ବୈଠକର ଆୟୋଜନ କରାଯାଇଥିଲା। ଏହି ବୈଠକରେ ବ୍ରାହ୍ମଣମରା, କେନ୍ଦୁଡିହି, ତିଲଡେଗା, ଦେଓଭୁବନପୁର, ଟାଙ୍ଗରଜୋର ଓ କୁର୍ଲା



ବନ ସୁରକ୍ଷା ସମିତିର ବୈଠକରେ ଉପସ୍ଥିତ ଜନସାଧାରଣ, ଅଧିକାରୀ।

ଟୁଙ୍ଗରୀ ବନସୁରକ୍ଷା ସମିତିର କର୍ମକର୍ତ୍ତା, ପଞ୍ଚାୟତ ନିର୍ବାହୀ ଅଧିକାରୀ, ଗ୍ରାମ ରୋଜଗାର ସେବକ ତଥା ସମସ୍ତ ୱାର୍ଡ ସଭ୍ୟାସଭ୍ୟ ଯୋଗଦାନ କରିଥିଲେ। କିଞ୍ଜିରକେଲା ବନପାଳ ଅଶ୍ୱିନୀ କୁମାର ପଟେଲ ବୃକ୍ଷ ରୋପଣର ଆବଶ୍ୟକତା, ଜଙ୍ଗଲ ଓ ପରିବେଶ ସୁରକ୍ଷା ଉପରେ ବିସ୍ତୃତ ଆଲୋଚନା କରିଥିଲେ। ଉଜ୍ଜଳପୁର ବନାଞ୍ଚଳର ଟିମ ଲିଡର ଦିଗାମ୍ବର ଉପାଧ୍ୟାୟ ପ୍ରତ୍ୟେକ ବନ ସୁରକ୍ଷା ସମିତିର ବାର୍ଷିକ କାର୍ଯ୍ୟ ଯୋଜନା ୨୦୧୮-୧୯ ଓ ୨୦୧୯-୨୦କୁ ଉପସ୍ଥାପନା କରିଥିଲେ । ପ୍ରତ୍ୟେକ ଯୋଜନା ଉପରେ ବିସ୍ତୃତ ଆଲୋଚନା କଲାପରେ ସମସ୍ତ ବାର୍ଷିକ ଯୋଜନାକୁ ସର୍ବସମ୍ମତିକ୍ରମେ ଅନୁମୋଦନ କରାଯାଇଛି। ସେବକର ହରିପ୍ରିୟା ନାଏକ ଓ ଭିଏସଏସର ଏନିମେଟରମାନେ କାର୍ଯ୍ୟକ୍ରମକୁ ପରିଚାଳନା କରିଥିଲେ। ଦେଓଭୁବନପୁର ବନସୁରକ୍ଷା ସମିତିର ସଞ୍ଜୀବ ବାର୍ଲା ଧନ୍ୟବାଦ ଅର୍ପଣ କରିଥିଲେ ।

■ ନାଗରିକ କମିଟି ସଦସ୍ୟଙ୍କ ଭୀମ ଭୋଇ ମେଡିକାଲ କଲେଜ ହସ୍ପିଟାଲ ପରିଦର୍ଶନ

# ବିପର୍ଯ୍ୟସ୍ତ ସ୍ୱାସ୍ଥ୍ୟସେବାକୁ ନେଇ ଉଦ୍‌ବେଗ

**ବଲାଙ୍ଗୀର ଅଫିସ, ୩୦।୫**

ବଲାଙ୍ଗୀର ନାଗରିକ କମିଟି ସଦସ୍ୟଙ୍କ ଏକ ପ୍ରତିନିଧି ଦଳ ସ୍ଥାନୀୟ ଭୀମଭୋଇ ମେଡିକାଲ କଲେଜ ହସପିଟାଲ ପରିଦର୍ଶନ କରିଥିଲେ। ନାଗରିକ କମିଟି ସଭାପତି ବିକ୍ରମାନନ୍ଦ ବହିଦାର, ସାଧାରଣ ସମ୍ପାଦକ ବିଷ୍ଣୁପ୍ରସାଦ କେଡିଆ, ଉପସଭାପତି ନିତ୍ୟାନନ୍ଦ ମିଶ୍ର, କୋଷାଧକ୍ଷ ବୃନ୍ଦାବନ ବରାଳ, କାର୍ଯ୍ୟକାରୀ କମିଟି ସଭ୍ୟ ମନୋରଞ୍ଜନ ପୁରୋହିତ, ମନୋରଞ୍ଜନ ସାହୁ, ପର୍ଶୁରାମ ନାୟକ, ଗୋପବନ୍ଧୁ ପୁରୋହିତ ଏବଂ ସଭ୍ୟ ଚକ୍ରପାଣି ଦାଶ, ଗୋପାଳଜୀ ପାଣିଗ୍ରାହୀଙ୍କୁ ନେଇ ଗଠିତ ୧୦ଜଣିଆ ପ୍ରତିନିଧି ମଣ୍ଡଳୀ ହସପିଟାଲ ପରିଦର୍ଶନ କରିଥିଲେ। ବିପର୍ଯ୍ୟସ୍ତ ସ୍ୱାସ୍ଥ୍ୟସେବାକୁ ନେଇ କମିଟି ସଦସ୍ୟମାନେ ଗଭୀର ଉଦ୍‌ବେଗ ପ୍ରକାଶ କରିଛନ୍ତି। ବଲାଙ୍ଗୀରରେ ମେଡିକାଲ କଲେଜ ହସପିଟାଲ ପ୍ରତିଷ୍ଠା ପରେ ସ୍ୱାସ୍ଥ୍ୟସେବାରେ ଉନ୍ନତି ଘଟିବ ବୋଲି ଆଶା କରାଯାଉଥିଲା। ମାତ୍ର ଏହି ମେଡିକାଲ କଲେଜ ହସପିଟାଲରେ ଏବେ ସ୍ୱାସ୍ଥ୍ୟସେବା ବିପର୍ଯ୍ୟସ୍ତ ହୋଇପଡିଛି। ଏଠାରେ ରୋଗୀସେବା ପାଇଁ ଲାଞ୍ଚ କାରବାର ଚାଲିଥିବାବେଳେ ଖୋଦ୍ ହସପିଟାଲ ସୁପରିଣ୍ଟେଣ୍ଡେଣ୍ଟ ମନଇଚ୍ଛା ଛୁଟିରେ ଯାଇ ଅବହେଳା ପ୍ରଦର୍ଶନ କରୁଥିବା ଅଭିଯୋଗ ହେଉଛି । ନାଗରିକ କମିଟି ପ୍ରତିନିଧି ଦଳ ମେଡିକାଲ ସୁପରିଣ୍ଟେଣ୍ଡେଣ୍ଟ ଡା ନାରାୟଣ ଆଚାର୍ଯ୍ୟଙ୍କ ସହ ଆଲୋଚନା କରିଥିଲେ।ଏଠାରେ ହସ୍‌ପିଟାଲ ମ୍ୟାନେଜର ସୁଦୀପ ଦତ୍ତ ଉପସ୍ଥିତ ଥିଲେ। ଖାଲି ପଡିଥିବା ଡାକ୍ତର, ଅନ୍ୟାନ୍ୟ ପଦବୀ ଏବଂ କର୍ମଚାରୀ ପଦବୀ ପୂରଣ ଉପରେ ଆଲୋଚନା ହୋଇଥିଲା। ଖାଲି ପଦପଦବୀ ତାଲିକା ମଗାଯାଇ ଏଦିଗରେ ନବନିଯୁକ୍ତ ସ୍ୱାସ୍ଥ୍ୟ ଏବଂ ପରିବାର କଲ୍ୟାଣ ମନ୍ତ୍ରୀ ନବକିଶୋର ଦାସଙ୍କ ଦୃଷ୍ଟି ଆକର୍ଷଣ କରାଯିବ ବୋଲି ପ୍ରତିନିଧିମାନେ କହିଥିଲେ । ବିଭିନ୍ନ ସମୟରେ ମେଡିକାଲ ସୁପରିଣ୍ଟେଣ୍ଡେଣ୍ଟ ଅନୁପସ୍ଥିତ ରହୁଥିବାରୁ ହସପିଟାଲରେ ବିଶୃଙ୍ଖଳା ପରିସ୍ଥିତି ସୃଷ୍ଟି ହେଉଥିବା ଅଭିଯୋଗ କରିଥିଲେ। ଏହା ସହିତ ଲାଞ୍ଚ କାରବାର ତଥା ରୋଗୀମାନଙ୍କୁ ଉପଯୁକ୍ତ ସେବା ଯୋଗାଇବାରେ ବିଫଳ ହେଉଥିବା ନେଇ ଲୋକେ ଅଭିଯୋଗ କରୁଥିବା ଦୃଷ୍ଟି ଆକର୍ଷଣ କରିଥିଲେ । ହସପିଟାଲ ସଫେଇ, ବିଶେଷ କରି ଶୌଚାଳୟ ଅବସ୍ଥା ସାଂଘାତିକ ହୋଇପଡିଥିବାରୁ ରୋଗୀମାନେ ଏଠାରେ କିପରି ରହିବେ ବୋଲି ପ୍ରଶ୍ନ କରିଥିଲେ । ହସପିଟାଲର ଆଇସିୟୁରେ ଏସି କାମ କରୁ ନ ଥିବା ନେଇ ଆଲୋଚନା ହୋଇଥିଲା।

## ଜିଲା ଖାଉଟି ସୁରକ୍ଷା ପରିଷଦ ପକ୍ଷରୁ ଦୁଇ ମନ୍ତ୍ରୀଙ୍କୁ ଅଭିନନ୍ଦନ

**ସୁନ୍ଦରଗଡ, ୩୦।୫ (ଡି.ଏନ୍.ଏ)**

ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ମନ୍ତ୍ରୀମଣ୍ଡଳରେ ସ୍ଥାନ ପାଇଥିବା ଖାଦ୍ୟ ଓ ଯୋଗାଣ ବିଭାଗ କ୍ୟାବିନେଟ ପାହ୍ୟାମନ୍ତ୍ରୀ ରଣେନ୍ଦ୍ର ପ୍ରତାପ ସ୍ୱାଇଁ ଏବଂ ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ମନ୍ତ୍ରୀ ନବକିଶୋର ଦାସଙ୍କୁ ସୁନ୍ଦରଗଡ ଜିଲା ଖାଉଟି ସୁରକ୍ଷା ପରିଷଦ ପକ୍ଷରୁ ସ୍ୱାଗତ କରାଯାଇଛି । ସଂଗ୍ରାମୀ ଲଢୁଆ ଓ ଅନୁଭବୀ ଅଭିଜ୍ଞ ବ୍ୟକ୍ତିତ୍ୱଙ୍କୁ ଗୁରୁତ୍ୱପୂର୍ଣ୍ଣ ବିଭାଗର ମନ୍ତ୍ରୀ ଭାବେ ନିଯୁକ୍ତ କରିଥିବାରୁ ମୁଖ୍ୟମନ୍ତ୍ରୀଙ୍କ ଠାରେ ସୁନ୍ଦରଗଡ ଜିଲା ଖାଉଟି ସୁରକ୍ଷା ପରିଷଦର ଅଧ୍ୟକ୍ଷ, ଓଡିଶା ମେଡିକାଲ କର୍ମଚାରୀ ସଂଘ ସୁନ୍ଦରଗଡ ଜିଲା ଉପାଦେଷ୍ଟା ଅଶୋକା ସୂତାକଳ କର୍ମଚାରୀ ସଂଘର ଶ୍ୟାମସୁନ୍ଦର ମିଶ୍ର କୃତଜ୍ଞତା ଜଣାଇଁଛନ୍ତି।

## ପାଇପ୍ ଲାଇନ୍ ଗାତରେ ପଡ଼ି ଆହତ ହେଉଛନ୍ତି ଲୋକେ

**ରାଉରକେଲା ଅଫିସ,୩୦।୫**

ମହାନଗର ନିଗମ ଅନ୍ତର୍ଗତ ନବକୃଷ୍ଣନଗର ଅଞ୍ଚଳରେ ପାଇପ୍ ଲାଇନ୍ ବିଛାଯିବା ନିମନ୍ତେ ଖୋଳାଯାଇଥିବା ଗାତରେ ପଡ଼ି ଲୋକେ ଖଣ୍ଡିଆଖାବରା ହେଉଥିବା ଅଭିଯୋଗ ହୋଇଛି। ବୁଧବାର ମିଲନ କର୍ମକାର ନାମକ ଜଣେ ବ୍ୟବସାୟୀ ଘରକୁ ଫେରିବା ବାଟରେ ଏଭଳି ଦୁର୍ଘଟଣାର ସମ୍ମୁଖୀନ ହୋଇଛନ୍ତି। ତାଙ୍କ ଘର ନିକଟରେ ଖୋଳାଯାଇଥିବା ଗାତ ଭିତରକୁ ବାଇକ୍ ଖସି ପଡ଼ିଥିଲା। ସୂଚନାନୁସାରେ ଏହି ଅଞ୍ଚଳରେ ପାଇପ୍ ଜଳ ଯୋଗାଣ ପାଇଁ ଦୀର୍ଘଦିନ ହେବ ପାଇପ୍ ବିଛା କାମ ଶେଷ ହୋଇଛି। ଜଳ ଯୋଗାଣ ପାଇଁ ପଦକ୍ଷେପ ନିଆଯାଇଛି। ତଥାପି କେତେକ ସ୍ଥାନରେ ଚାବି ଲଗାଯିବା ନେଇ ଉଦ୍ଦିଷ୍ଟ ଗାତ ଖୋଲା ପଡ଼ିଛି। ଏହାକୁ ପୋତାଯାଉନି। କଲୋନୀ ସାରା ଏଭଳି ଏକାଧିକ ସ୍ଥାନରେ ଚାବି ଖୋଲାଯିବା ପାଇଁ ପଏଣ୍ଟ ଛଡ଼ାଯାଇଛି। ଏ ସବୁ ସ୍ଥାନରେ ମାଟି ଖୋଳାଯାଇ ଖୋଲା ଛାଡ଼ି ଦିଆଯାଇଛି। ଫଳରେ



ନବକୃଷ୍ଣନଗରରେ ପାଇପ୍ ଲାଇନ୍ ବିଛାଇବା ପାଇଁ ଖୋଳାଯାଇଥିବା ଗାତ।

ଏଥିରେ କେତେବେଳେ ବୁଲା ଗୋରୁ ପଡ଼ି ଆହତ ହେଉଛନ୍ତି ତ ଆଉ କେତେବେଳେ ଲୋକେ ଗାତକୁ ଖସି ଖଣ୍ଡିଆ ଖାବରା ହେଉଛନ୍ତି। ଏ ନେଇ ଅଞ୍ଚଳବାସୀଙ୍କ ମଧ୍ୟରେ ଅସନ୍ତୋଷ ଲାଗି ରହିଛି। ତୁରନ୍ତ ଏ ଦିଗରେ ପଦକ୍ଷେପ ନେବାକୁ ଦାବି ହେଉଛି।

# ଶାସ୍ତ୍ରୀୟ, ହିନ୍ଦୁସ୍ଥାନୀ ସଙ୍ଗୀତ ସାଧିକା ଅର୍ଚ୍ଚନା

**ରାଉରକେଲା ଅଫିସ,୩୦।୫**

ବେଦବ୍ୟାସ ମନ୍ଦିର ରୋଡ୍ ବାସିନ୍ଦା ହେଉଛନ୍ତି ଅର୍ଚ୍ଚନା ପଣ୍ଡା (୨୦)। ବାପା ବୈକୁଣ୍ଠ ନାରାୟଣ ପଣ୍ଡା ଘରୋଇ କାରଖାନା କର୍ମଚାରୀ। ମା' ବାସନ୍ତୀ ଜଣେ ଗୃହିଣୀ। କଳାରେ ସ୍ନାତକ କରିଥିବା ଅର୍ଚ୍ଚନା ଶାସ୍ତ୍ରୀୟ ଓ ଓଡ଼ିଶୀ ସଙ୍ଗୀତରେ ବିଶାରଦ ପାସ୍ କରିଛନ୍ତି। ଏହାବ୍ୟତୀତ ଜଣେ ଚିତ୍ରକର ଭାବେ ମଧ୍ୟ ସ୍ଥାନୀୟ ଅଞ୍ଚଳରେ ବେଶ୍ ଜଣାଶୁଣା। ତାଙ୍କୁ ଯେତେବେଳେ ମାତ୍ର ୩ ବର୍ଷ ବୟସ ସେତେବେଳୁ ଅର୍ଚ୍ଚନାଙ୍କ ସଙ୍ଗୀତ ରୁଚି ମା' ବାପାଙ୍କ ଦୃଷ୍ଟି ଆକର୍ଷଣ କରିଥିଲା। ପ୍ରୋତ୍ସାହିତ କରିଥିଲେ ଝିଅକୁ ସଙ୍ଗୀତ ସାଧନାରେ ବ୍ରତୀ ହେବାକୁ। ସେବେଠାରୁ ଆଉ ପଛକୁ ଫେରି ଚାହିଁନାହାନ୍ତି ଅର୍ଚ୍ଚନା। ଇତିମଧ୍ୟରେ ସେ ସୁନ୍ଦରଗଡ଼ ଜିଲା ସମେତ ରାଜ୍ୟର ବିଭିନ୍ନ ଅନୁଷ୍ଠାନ ପକ୍ଷରୁ ପୁରସ୍କାର ହାସଲ କରିବା ସହ ପ୍ରଶଂସିତ ହୋଇଛନ୍ତି। ରାଜ୍ୟସ୍ତରୀୟ ଶିଶୁ ମହୋତ୍ସବରୁ ତାଙ୍କ ସଫଳତା ଯାତ୍ରା ଆରମ୍ଭ ହୋଇଥିବାବେଳେ ପରବର୍ତ୍ତୀ ସମୟରେ ସେ ଏକ ଘରୋଇ ଟିଭି ଚାନେଲର ଭଏସ୍ ଅଫ୍ ଓଡ଼ିଶା କାର୍ଯ୍ୟକ୍ରମ, ସ୍ୱର ଓଡ଼ିଶା କାର୍ଯ୍ୟକ୍ରମ, ଅଲ୍ ଇଣ୍ଡିଆ ମଲ୍ଟି ଲିଙ୍ଗୁଆଲ ଡ୍ରାମା ଓ ଡାନ୍ସ ଫେଷ୍ଟିଭାଲ, ପ୍ରତିଭା କଳାକେନ୍ଦ୍ର ରାଉରକେଲା, ସ୍ୱପ୍ନେଶ୍ୱର କଳା ନିକେତନ ରାଉରକେଲା, ସଂସ୍କୃତି ଜାଗରଣ ସଙ୍ଗଠନ ବେଦବ୍ୟାସ, ଚକ୍ରଧର ସ୍ମୃତି ସଂସଦ ଭଦ୍ରକ, ପ୍ରତିଭା ଉତ୍ସବ ସୁନ୍ଦରଗଡ଼, କଲ୍ୟାଣୀ କଳାକେନ୍ଦ୍ର ରାଉରକେଲା, ସ୍ୱପ୍ନେଶ୍ୱର କ୍ଲବ ଦକ୍ଷିଣ ରାଉରକେଲା, ମହର୍ଷି ବ୍ୟାସଦେବ ରିସର୍ଚ୍ଚ ଇନଷ୍ଟିଚ୍ୟୁଟ ବେଦବ୍ୟାସ ଓ ପୁରୀ ଭଳି ବିଭିନ୍ନ ସ୍ଥାନରେ ସଙ୍ଗୀତ ପରିବେଷଣ କରି ଅନେକ ପ୍ରଶଂସା ସାଉଁଟିଛନ୍ତି। ଗୁରୁ ନୀଳମଣି ଜେନା, ଶ୍ରୀଧର ସେଠୀ ଓ ନାରାୟଣ ରଣସିଂଙ୍କଠାରୁ ଶିକ୍ଷା ଲାଭ



ଅର୍ଚ୍ଚନା ପଣ୍ଡା।

କରିଥିବା ଅର୍ଚ୍ଚନା ଏବେ ଜଣେ ପ୍ରବୀଣ ସାଧିକା ଭାବେ ଆଗକୁ ବଢ଼ିବାରେ ଲାଗିଛନ୍ତି। ସକାଳ ହେଲେ ବେଦବ୍ୟାସ ମନ୍ଦିର ରୋଡ୍‌ର ଏହି ଛୋଟିଆ ବସ୍ତିରୁ ଶୁଣାଯାଏ ଅର୍ଚ୍ଚନାଙ୍କ କଣ୍ଠରୁ ସୁମଧୁର ଶାସ୍ତ୍ରୀୟ ଓ ହିନ୍ଦୁସ୍ଥାନୀ ସଙ୍ଗୀତ। ପଥଚାରୀ ବିଭୋର ହୁଅନ୍ତି ତାଙ୍କ କଣ୍ଠ ସଙ୍ଗୀତ ଶୁଣି। ପାଠ ସାଙ୍ଗକୁ ସଙ୍ଗୀତ ଓ ଚିତ୍ରକଳାରେ ନିପୁଣା ଅର୍ଚ୍ଚନାଙ୍କ ମନରେ ରହିଛି ଅନେକ ସ୍ୱପ୍ନ। ହଜାର ବର୍ଷର ଓଡ଼ିଶୀ ଓ ଶାସ୍ତ୍ରୀୟ ସଙ୍ଗୀତ ବଞ୍ଚି ରହିବା ଆବଶ୍ୟକ। ଏହା ଭାରତୀୟ ସଙ୍ଗୀତର ମୂଳ ଭିତ୍ତିଭୂମି, ଆମ ସଂସ୍କୃତିର ଗର୍ବ ଗୌରବ। ଆଜିର ଯୁବ ପିଢ଼ିଙ୍କ ମଧ୍ୟରୁ ନଗଣ୍ୟ ସଂଖ୍ୟକ ଆଗ୍ରହୀ ଏଥିରେ ରୁଚି ରଖୁଥିବା ବେଳେ ଏଭଳି ଚିନ୍ତାଧାରାରେ ପରିବର୍ତ୍ତନ ଆସିବା ଦରକାର। ଏ ନେଇ ମୁଁ ଆଗାମୀ ଦିନରେ ନିଷ୍ଠାର ସହ କାମ କରିବି। ପରବର୍ତ୍ତୀ ଜୀବନରେ ଯେଉଁଠି ବି ଥାଏ ସଙ୍ଗୀତର ମାଧୁର୍ଯ୍ୟକୁ ଯେପରି ଅନାଗ୍ରହୀ ଯୁବ ପିଢ଼ି ଗ୍ରହଣ କରିବେ ସେ ଦିଗରେ ଧ୍ୟାନ ଦେବି। ମୋର ଗୁରୁଙ୍କ ମାର୍ଗଦର୍ଶନ, ମା' ବାପାଙ୍କ ଆଶୀର୍ବାଦ ନେଇ ଏକ ସଙ୍ଗୀତ ଶିକ୍ଷାକେନ୍ଦ୍ର ପ୍ରତିଷ୍ଠା କରିବି। ଏତିକି ମୋ ଜୀବନର ଶେଷ ଲକ୍ଷ୍ୟ ବୋଲି କହନ୍ତି ସଙ୍ଗୀତ ପ୍ରତି ସମର୍ପିତା ଅର୍ଚ୍ଚନା।